କବିଗୁରୁ ରବୀନ୍ଦ୍ରନାଥଙ୍କ

ଚର୍ଚ୍ଚିତ ଚିଠାଉ



ଅନୁବାଦ :
ଭୂପେନ୍ ମହାପାତ୍ର
ଅମିୟ ବସୁ

Digitized by srujanika@gmail.com

ଏଥିରେ ଅଛି

୧୯୦୭-୧୯୩୭, ଦୀର୍ଘ ତିରିଶ ବର୍ଷ ଭିତରେ କବିଗୁରୁ ରବୀନ୍ଦ୍ରନାଥ ଏହି ବିରଳ ଚିଠି ଗୁଡିକ ତାଙ୍କ କନ୍ୟା ମୀରା ଦେବୀଙ୍କ ନିକଟକୁ ଲେଖିଥିଲେ ମଧ୍ୟ ଏଥିରେ କେବଳ ନିଜକ ପିତୃତ୍ୱର ପ୍ରତିଧ୍ୱନି ନାହିଁ। ଏଥିରେ ଅଛି ସେ ସମୟର ସାମାଜିକ ପ୍ରତିଛବି, ନୂତନ ସଭ୍ୟତାର ଉନ୍ମେଷ ଓ ଦାନା ବାନ୍ଧୁଥିବା ରାଜନୀତିର ଅଭିନବ ଉଭରଣ। ତା'ରି ଭିତରେ ବି ଅଛି ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରାକ୍‌କାଳ। ବିଶ୍ୱର ଏଇ ଘନ ଘଟା ଭିତରେ ମଧ୍ୟ ଗଢି ଉଠିଚି ତାଙ୍କର ସ୍ୱପ୍ନର ଶାନ୍ତି ନିକେତନ।

ବିଶ୍ୱକବିଙ୍କ ପ୍ରତ୍ୟେକ ଉଚ୍ଚାରଣ ଯେମିତି କବିତା। ପ୍ରତ୍ୟେକ କବିତା ସେମିତି ଅନନ୍ତ ଭାବାକାଶର ମାର୍ମିକ ଅଭିବ୍ୟକ୍ତି। ତାଙ୍କ ଚିଠି ଗୁଡିକ ସେଥିରୁ ବି ବାଦ୍ ପଡି ନାହାଁନ୍ତି।

ପ୍ରତ୍ୟେକଟି ଚିଠି ଲେଖା ଯାଇଛି ବିଭିନ୍ନ ସ୍ଥାନରୁ। କେତେବେଳେ ପଦ୍ମା ନଦୀର ବକ୍ଷ ସ୍ଥଳରୁତ କେତେବେଳେ ସମୁଦ୍ରର ଉରଳ ତରଙ୍ଗ ଉପରେ ଭାସୁଥିବା ଜାହାଜରୁ। କେତେବେଳେ ଇଂଲଣ୍ଡର ଗୋଟିଏ ଭଡାଘରୁତ ଆଉ କେତେବେଳେ ପୂର୍ବ ବଙ୍ଗରେ ଥିବା ନିଜ ଜମିଦାରୀର ନାଁ-ନଥିବା କେଉଁ ଏକ ଗାଁ' ରୁ। ପୁଣି କେତେବେଳେ ଆମେରିକାର କୌଣସି ଏକ ହୋଟେଲ୍‌ରୁ ତ ଆଉ କେତେବେଳେ ଜାପାନ୍‌ରୁ।

ରବୀନ୍ଦ୍ର ନାଥଙ୍କ କଲମରୁ ଯେମିତି କବିତା କେବେ ସରେ ନାହିଁ। ସେମିତି ତାଙ୍କ ଲେଖନୀରୁ ଚିଠି ବି କେବେ ସରେ ନାହିଁ। ଦୁହେଁ ଅବାରିତ ଭାବରେ ଛୁଟି ଥାଆନ୍ତି। ତାଙ୍କ ହୃଦୟରେ କବିତା ପାଇଁ ଯେତିକି ମମତା, ଆଦରର କନ୍ୟା ପାଇଁ ମମତା ମଧ୍ୟ ତା'ଠୁ କମ୍ ନୁହେଁ।

ଚିଠି ଗୁଡିକ ସେଇ ସମୟର, ସେଇ ସମାଜର ଏବଂ ଏ ସମସ୍ତଙ୍କର ମିଶାମିଶି ଗୋଟିଏ ଅନନ୍ୟ ଇତିହାସ।

-ପ୍ରକାଶକ

Digitized by srujanika@gmail.com

ଚର୍ଚ୍ଚିତ ଚିଟାଉ

ମୂଳ ବଙ୍ଗଳା : କବିଗୁରୁ ରବୀନ୍ଦ୍ରନାଥ

ଓଡ଼ିଆ ଅନୁବାଦ : ଅମିୟ ବସୁ

ଭୂପେନ୍ ମହାପାତ୍ର

ଅଗ୍ନି
ଭୁବନେଶ୍ୱର

Digitized by srujanika@gmail.com

ଚର୍ଚ୍ଚିତ ଚିଟାଉ (୧୯୦୬-୧୯୩୭)

ମୂଳ ବଙ୍ଗଳା		କବିଗୁରୁ ରବୀନ୍ଦ୍ରନାଥ
ଓଡ଼ିଆ ଅନୁବାଦ :	ଅମିୟ ବସୁ
ଭୂପେନ୍ ମହାପାତ୍ର

ପ୍ରକାଶକ : ଅଗ୍ନି, ଭୁବନେଶ୍ୱର
ପ୍ରଥମ ପ୍ରକାଶ : ନବବର୍ଷ, ୨୦୦୧
ମୁଦ୍ରଣ : ଅପୂର୍ବା ଅଫ୍‌ସେଟ, ଭୁବନେଶ୍ୱର
ପ୍ରଚ୍ଛଦ : ସୁଧୀର ଲେଙ୍କା
ମୂଲ୍ୟ : ପଚାଶ ଟଂକା

CHARCHITA CHITAU

Original Bengali By
KABIGURU RABINDRANATH

Translated By
AMIYA BASU & BHUPEN MAHAPATRA

© Publisher : **AGNI**, BBSR
Printed at : Apurba Off-Set,
BBSR, Ph- 426242
First Publication : New Year, 2001
Cover Design : Sudhir Lenka
Price : Rs.50 /-(Fifty Only)

Digitized by srujanika@gmail.com

ଅନୁବାଦକୀୟ ପ୍ରାକ୍‌ଭାଷ

ଓଡିଆ ଓ ବଙ୍ଗଳା କଥ୍ୟ ବାଗ୍‌ଧାରାରେ ଆପାତଃ ସାଦୃଶ୍ୟ ଦୃଷ୍ଟ ହେଲେ ମଧ ପ୍ରକୃତରେ ଏ ଦୁଇ ବାଗ୍ ଧାରା ଓ ବାକ୍ୟ ଗଠନ ରୀତିରେ ବହୁତ ପ୍ରଭେଦ ଅଛି ବିଶେଷକରି ସେ ଯଦି ହୁଏ ରାବୀନ୍ଦ୍ରିକ ଭାଷା, ବାଗ୍‌ଧାରା ଓ ବାକ୍ୟଗଠନର ରୀତି । ତା ଛଡା ଏ ଚିଠି ଗୁଡିକ ରାବୀନ୍ଦ୍ରିକ ବାଗ୍‌ଧାରା ହେବା ସତ୍ୱେ ମନେ ରଖିବାକୁ ହେବ ଏହା ପାଖାପାଖି ଶହେ ବର୍ଷ ତଳର କଥ୍ୟ ବଙ୍ଗଳା ଭାଷା ଏବଂ ବାଗ୍‌ଧାରା । ସାମ୍ପ୍ରତିକ ବଙ୍ଗଳା ଚିଠି ପତ୍ରରେ ତଥା ସାହିତ୍ୟରେ ଏ ଧରଣର ଭାଷା ବା ବାକ୍ୟର ପ୍ରୟୋଗ ରୀତିରେ ବ୍ୟବହାର ନାହିଁ ।

ପୁନଶ୍ଚ ସବୁ ଓଡ଼ିଆ ଶବ୍ଦର ଯେପରି ଯଥାଯଥ ବଙ୍ଗଳା ପ୍ରତିଶବ୍ଦ ନାହିଁ, ସେହିପରି ସବୁ ବଙ୍ଗଳା ଶବ୍ଦର ଯଥାଯଥ ଓଡ଼ିଆ ପ୍ରତିଶବ୍ଦ ବି ନାହିଁ ବିଶେଷତଃ କଥ୍ୟ ଭାଷାରେ । ତେଣୁ ଅନୁବାଦ କଲାବେଳେ ଅନେକ ବଙ୍ଗଳା ଶବ୍ଦର ଯଥାଯଥ ଓଡ଼ିଆ ଅନୁବାଦ ସମ୍ଭବ ହୋଇନାହିଁ ବୋଲି ଏହାର ମର୍ମାନୁବାଦ କରା ଯାଇଛି । ବାଗ୍‌ଧାରା ତଥା ବାକ୍ୟ ଗଠନରେ ମଧ ଏହି ପନ୍ଥା ଅବଲମ୍ବନ କରା ଯାଇଛି ।

❑

Digitized by srujanika@gmail.com

ଭୂମିକା

ମୀରାଦେବୀ (୧୮୯୪-୧୯୬୭) ତାଙ୍କ ସ୍ମୃତି କଥାରେ ଲେଖିଛନ୍ତି "ବାପାଙ୍କ ପାଖରୁ ଏତେ ସ୍ନେହ ପାଇଛି ଯେ ମାଆର ଅଭାବ କେବେ ଅନୁଭବ କରିନାହିଁ।" କନିଷ୍ଠା କନ୍ୟା ମୀରା, ମିରୁ, ମିରି ବା ଅତସୀ ଲତାଙ୍କୁ ଲିଖିତ ଏହି ଚିଠି ଗୁଡିକ ପଢ଼ିଲେ ସେ କଥାର ସତ୍ୟତା ଉପଲବ୍ଧି କରିହୁଏ । ବିଚିତ୍ର ତଥ୍ୟରେ ସମୃଦ୍ଧ ଏହି ପତ୍ରାବଳୀ ସ୍ନେହମୟ ପିତାଙ୍କ ଏକ ଉଜ୍ଜ୍ୱଳ ଆଲେଖ୍ୟ ।

ମାତ୍ର ଆଠ ବର୍ଷ ବୟସରେ ମୀରା ତାଙ୍କ ମାଆଙ୍କୁ ହରାଇଥିଲେ (୧୯୦୨) । ତାର କିଛି ଦିନ ପରେ ସେ ହରେଇଲେ ତାଙ୍କର ପ୍ରିୟ 'ରାନୀଦି'ଙ୍କୁ (୧୯୦୩) । ତା ପରେ ତାଙ୍କ ସାନ ଭାଇ ସମୀଙ୍କୁ (୧୯୦୭) ପୁଣି ତା ପରେ ତାଙ୍କ ସ୍ନେହମୟୀ ଦିଦି ମାଧୁରୀଲତାଙ୍କୁ (୧୯୧୮) । କିନ୍ତୁ ସେ ଏମିତି ପିତାଙ୍କୁ ପାଇଥିଲେ ଯେ କି ତାଙ୍କୁ ମୃତ୍ୟୁ କବଳରୁ ରକ୍ଷା କରିବା ପାଇଁ ସବୁବେଳେ ସ୍ନେହ ମମତା ଦେଇ ଘୋଡାଇ ରଖିଥିଲେ । ସବୁବେଳେ ମୀରା ପାଇଁ ଗୋଟିଏ ପ୍ରାର୍ଥନା ଥିଲା । "ଈଶ୍ୱର ତୋର ମଙ୍ଗଳ କରନ୍ତୁ।" ସେଇ ପିତାଙ୍କର ଅନ୍ୟ ଦୁଇଟି କନ୍ୟା ପୀଡିତ ମନ ନେଇ ଏ ପୃଥିବୀ ଛାଡି ଚାଲି ଯାଇଛନ୍ତି । ସେମାନଙ୍କର ବରାବର ଗୋଟାଏ ଧାରଣା ଥିଲା ଯେ ସମଗ୍ର ପୃଥିବୀ ଆରମ୍ଭରୁ ଶେଷ ଯାଏ ଅକାରଣରେ ସେମାନଙ୍କ ପ୍ରତି ବିମୁଖ ଥିଲା । ପିତାଙ୍କର ଅନେକ ଚେଷ୍ଟା ସତ୍ତ୍ୱେ ଜୀବନର ଶେଷଦିନ ଯାଏ ସେମାନେ ସଂସାରଟାକୁ ସହଜ ଭାବରେ ନେଇ ପାରି ନାହାନ୍ତି । ଏଥିରେ ନିଦାରୁଣ ଦୁଃଖ ପାଇଥିଲେ ରବୀନ୍ଦ୍ରନାଥ ।

ସୌଭାଗ୍ୟର କଥା ମୀରା ଦେବୀ ଥିଲେ ଦୀର୍ଘାୟୁ, ଯଦିଓ ପିତାଙ୍କ ପରି ତାଙ୍କୁ ମଧ ଅକାଳରେ ପୁତ୍ରକନ୍ୟାର ବିୟୋଗବ୍ୟଥା ସହିବାକୁ ହୋଇଥିଲା । ପିତାଙ୍କ ପରି ତାଙ୍କ ଦିନଗୁଡିକ କଟିଛି ବହୁ ବେଦନାରେ ।

ମୀରାଦେବୀଙ୍କୁ ଲେଖା ଏହି ଚିଠି ଗୁଡିକର ଆରମ୍ଭ ହେଇଥିଲା ୧୯୦୬ ମସିହାରେ ମୃଣାଳିନୀ ଦେବୀଙ୍କ ମୃତ୍ୟୁର ପ୍ରାୟ ଚାରିବର୍ଷ ପରେ । ବିବାହ ପୂର୍ବରୁ ମୀରାଦେବୀ ସେତେବେଳେ ତାଙ୍କ ବଡ ଭଉଣୀ (ଦିଦି) ମାଧୁରୀ ଲତାଙ୍କ ଘରେ ରହୁଥିଲେ । କେତେକାଂଶରେ ଆକସ୍ମିକ ଭାବରେ ତାଙ୍କର ନଗେନ୍ଦ୍ର ନାଥଙ୍କ ସହିତ ବିବାହ ହେଇଥିଲା ୧୯୦୭ ମସିହାରେ । କିଛିଦିନ ପରେ ହିଁ ନଗେନ୍ଦ୍ରନାଥ ଆମେରିକା ଚାଲିଗଲେ ରଥିନ୍ଦ୍ରନାଥଙ୍କ ପରି କୃଷି ବିଦ୍ୟା ଅଧ୍ୟୟନ କରିବା ଲାଗି । ଇଚ୍ଛାଥିଲେ ବି ପିତା ତାଙ୍କ କନ୍ୟାଙ୍କୁ ଜାମାତାଙ୍କ ସହିତ ବିଦେଶକୁ ପଠାଇ ପାରି ନଥିଲେ ।

ନଗେନ୍ଦ୍ରନାଥଙ୍କୁ ରବୀନ୍ଦ୍ରନାଥ ଥରେ ଲେଖିଥିଲେ, "ମୀରାକୁ ଆମେରିକା ପଠେଇବା ଲାଗି ମୋର ଖୁବ୍ ଇଚ୍ଛା ଥିଲା । କିନ୍ତୁ ଯେଉଁ ଟଙ୍କା ମୁଁ ସେଥିପାଇଁ ଠିକ୍ କରି ରଖିଥିଲି, ସେତକ ବୋଲପୁରରେ ହେବାକୁ ଥିବା ଡାଏରୀ ଫାର୍ମ ପାଇଁ ଆବଶ୍ୟକ ହେବାର ସମ୍ଭାବନା ଥିବାରୁ ତାଙ୍କୁ ପଠାଇବା ସମ୍ଭବ ହେଲା ନାହିଁ।"

Digitized by srujanika@gmail.com

ନିଜ ଜୀବନର ଅଭିଜ୍ଞତା କଥା ମନରେ ରଖି ରବୀନ୍ଦ୍ରନାଥ ଘରେ ହିଁ ପିଲାମାନଙ୍କର ଉପଯୁକ୍ତ ଶିକ୍ଷାର ବ୍ୟବସ୍ଥା କରିଥିଲେ । ଭଲ ଭଲ ଗୃହ ଶିକ୍ଷକ ସେ ଖୋଜି ଆଣୁଥିଲେ । ଦରକାର ହେଲେ ସେଥିପାଇଁ ସେ କୁମାରସ୍ୱାମୀଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଆଲୋଚନା ମଧ କରୁଥିଲେ । କାଳକ୍ରମେ ଗୃହ ବିଦ୍ୟାଳୟ ଶାନ୍ତି ନିକେତନ ବ୍ରହ୍ମ ଚର୍ଯ୍ୟାଶ୍ରମରେ ପରିଣତ ହେଲା । କିନ୍ତୁ ବ୍ୟକ୍ତିଗତ ଭାବରେ ମୀରାଦେବୀଙ୍କ ଶିକ୍ଷାପାଇଁ ରବୀନ୍ଦ୍ରନାଥ ସବୁବେଳେ ସତର୍କ ଦୃଷ୍ଟି ରଖୁଥିଲେ ।

"ତୋର ପଢ଼ାର ଯେମିତି ବ୍ୟବସ୍ଥା ହୋଇଛି, ବେଶ୍ ଭଲ ହୋଇଛି । ଥରେ ଇଂରାଜୀରେ କହି ଓ ଲେଖି ଶିଖିଲେ ଆଉ କଥା ନାହିଁ ।" ସେ ଦୂରରେ ଥିଲେ ବି କନ୍ୟାର ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଚିଠିରେ ଖବର ନେଉଥିଲେ ଏବଂ ପରାମର୍ଶ ମଧ ଦେଉଥିଲେ । କେଉଁ ବହି ମୀରା ପଢ଼ୁଛି, ବହିଟି ତାକୁ କେମିତି ଲାଗିଲା ଏବଂ ଏହା ପରେ କେଉଁ ବହି ପଢ଼ିବା ଦରକାର ଇତ୍ୟାଦି । ସେତିକି ନୁହେଁ, ବେଳେ ବେଳେ ସେ କନ୍ୟାର ଇଂରାଜୀ ଲେଖା ସଂଶୋଧନ କରି ଦେଉଥିଲେ । ପୁଣି ଯେତବେଳେ ସେ ଲେଖାର ଉନ୍ନତି ହେଉଛି ବୋଲି ଅନୁଭବ କରୁଥିଲେ ସେତେବେଳେ ସେ ତାକୁ ଉତ୍ସାହିତ ମଧ କରୁଥିଲେ । "ତୋର ଇଂରାଜୀ ଚିଠି ଆଗ ଅପେକ୍ଷା ବେଶ୍ ଭଲ ହେଲାଣି ।"

ମୀରା ତାଙ୍କ ସ୍ମୃତି କଥାରେ ଲେଖିଛନ୍ତି-"ବାପା ନିଜ ଲେଖା ଲେଖି ନେଇ ବ୍ୟସ୍ତ ଥିଲେ ବି ତାହାରି ଭିତରେ ପ୍ରତିଦିନ ସକାଳେ ମୋତେ ନେଇ ପଢ଼ାଇବାକୁ ବସୁଥିଲେ । ମୁଁ ଭଲ ମୁଖସ୍ଥ କରିପାରୁ ନଥିଲି । କିନ୍ତୁ ବାପା ସୁନ୍ଦର ଉପାୟରେ ମୁଖସ୍ଥ କରାଇ ଦେଉଥିଲେ । ଯେଉଁଠି ମୋର ମନେ ପଡୁ ନଥିଲା ସେଇଠି ସେ କବିତାର ଛବିଟା ମନେ ପକାଇ ଦେଉଥିଲେ । ଫଳରେ ମୋର ବେଶ୍ ମନେ ପଡି ଯାଉଥିଲା । ଯେଉଁ କବିତାଟି ସେ ମୋତେ ମୁଖସ୍ଥ କରାଇବାକୁ ଚାହୁଁଥିଲେ-ସେଇଟାକୁ ମୋତେ କେତେ ଥର ଲେଖିବାକୁ କହୁଥିଲେ । ଲେଖୁ ଲେଖୁ ଆପଣା ଛାଏଁ ସେଇଟା ମୁଖସ୍ଥ ହୋଇ ଯାଉଥିଲା ।"

କନ୍ୟାର ସ୍ୱାସ୍ଥ୍ୟ ପାଇଁ ପିତାର ଉଦ୍‌ବେଗ କମ୍ ନୁହେଁ । "ଦୁଇ ମହଲାରେ ଥିବା ମୋ କୋଠରିରେ ତୁମେମାନେ ଶୋଇବ । କିନ୍ତୁ ଖୋଲା ଝରକା ସାମନାରେ ଯେମିତି ତୋ ବିଛଣା ନ ପଡେ । ସେଥିରେ ଥଣ୍ଡା ଲାଗିବାର ଭୟ ଅଛି । ରାତିରେ ତୁ ଶୋଇଥିବୁ, ଅଥଚ ତୁ ବୁଝି ପାରିବୁ ନାହିଁ କେତେବେଳେ ତୋ ଦେହରେ ଥଣ୍ଡା ପବନ ଲାଗୁଥିବ ।"

ଆଉ ଗୋଟିଏ ଚିଠିରେ ଲେଖନ୍ତି, "ଖାଇବା ସମୟରେ ଗ୍ଲାସ ଗ୍ଲାସ ପାଣି ପିଇ ତୁ କେବେହେଲେ ଅଜୀର୍ଣ୍ଣ ରୋଗରୁ ରକ୍ଷା ପାଇବୁ ନାହିଁ ।" ବିସ୍ମିତ ହେବାକୁ ହୁଏ । ଯେତେବେଳେ ରବୀନ୍ଦ୍ରନାଥ ଲେଖନ୍ତି "ଗୋଟାଏ ବାକ୍ସ ବିଜୟା ସାବୁନ ପଠାଉଛି-ଜଗଦୀଶ କହନ୍ତି, ଏଇଟା ଖୁବ୍ ଭଲ । ଚର୍ମର ଯେମିତି କୌଣସି କ୍ଷତି ନ ହୁଏ, ସେଥିପ୍ରତି ଲକ୍ଷ୍ୟ ରଖି ଅନେକ ପରୀକ୍ଷା ପରେ ଏହି ସାବୁନ ତିଆରି ହେଉଛି । ସେଠାରେ ଶୀତ ଦିନେ ଦେହ ଫାଟେ ବୋଲି ଏଇ ସାବୁନ ପଠେଇଲି ।"

Digitized by srujanika@gmail.com

ସେଇ ଚିଠିରେ ପୁଣି ଲେଖୁଛନ୍ତି, "ତୋର ପଢ଼ାପଢ଼ି ଓ ସିଲେଇ କାମ ଦାମ କେମିତି ଚାଲିଛି ମୋତେ ଲେଖିବୁ ।"

ଅନ୍ୟାନ୍ୟ ଦିଗ ପ୍ରତି ମଧ ପିତାଙ୍କର ଲକ୍ଷ୍ୟ ଥିଲା । ମାତୃହରା କନ୍ୟାକୁ ସେ ମନେ ପକେଇ ଦିଅନ୍ତି ସ୍ୱାମୀକୁ ନିୟମିତ ଚିଠି ଲେଖିବାକୁ । ସେଥିରେ ଯେମିତି ଭୁଲ ନ ହୁଏ । ସେ କାମନା କରୁଥିଲେ-"ତୋ ସ୍ୱାମୀ ଜୀବନରେ ତୁ ଯେମିତି ଅଖଣ୍ଡ ଶକ୍ତି, ପ୍ରୀତି ଓ ପୁଣ୍ୟର ଅଧିଷ୍ଠାତ୍ରୀ ଲକ୍ଷ୍ମୀ ପରି ଅମାପ ସୌନ୍ଦର୍ଯ୍ୟର ଅଧିକାରୀ ହୋଇପାରୁ ।" ସେ ଚାହୁଁଛନ୍ତି, କନ୍ୟା ପାଇଁ ଗୋଟାଏ ସ୍ଥାୟୀ ବାସସ୍ଥାନର ବ୍ୟବସ୍ଥା କରିବାକୁ । କନ୍ୟାର ଦୁଃଖ ତାଙ୍କ ହୃଦୟକୁ ସବୁବେଳେ ଆବୋରି ରଖୁଥିଲା ।

ଜାମାତା ନଗେନ୍ଦ୍ରନାଥଙ୍କ ସମ୍ପର୍କରେ ତାଙ୍କର ଅନେକ ଉଚ୍ଚ ଆଶା ଥିଲା । "ନଗେନ୍ ଭିତରେ କୌଣସି ବୈଷୟିକତା ବା ସଂସାରିକତା ନାହିଁ ଦେଖି ମୁଁ ଖୁବ୍ ଆନନ୍ଦିତ । ଜୀବନର ସର୍ବୋଚ୍ଚ ଆଦର୍ଶକୁ ସେ ଟଂକା ପଇସା, ଧନ ମାନ ଇତ୍ୟାଦି ଠାରୁ ବଡ଼ କରି ଦେଖିଛି ।" ବନ୍ଧୁ ଜଗଦୀଶ ଚନ୍ଦ୍ର ବସୁଙ୍କ କଥାରେ ଆନନ୍ଦିତ ହୋଇ ସେ ମୀରାକୁ ଲେଖିଛନ୍ତି "ଶାନ୍ତି ନିକେତନ ବିଦ୍ୟାଳୟ ର ଦାୟିତ୍ୱ ଗ୍ରହଣ କରିବାର ଏକମାତ୍ର ଯୋଗ୍ୟ ସନ୍ତାନ ନଗେନ୍ ।"

ଅନ୍ୟାନ୍ୟ ବ୍ୟକ୍ତିମାନଙ୍କୁ ଲିଖିତ ପତ୍ର ସମୂହ ପରି ଏହି ପତ୍ର ଗୁଚ୍ଛରେ ମଧ ରହିଛି ରବୀନ୍ଦ୍ର ନାଥଙ୍କ ଜୀବନର ଦୈନନ୍ଦିନ ଅନେକ ସମ୍ବାଦ । ତା ଛଡ଼ା ସେହି ବିଦ୍ୟାଳୟ ପାଇଁ ଚିନ୍ତା ଓ ଭାବନା ପୂର୍ବ ଓ ପଶ୍ଚିମର ମିଳନ ଲାଗି ଏକ କବିର କଳ୍ପନା, ବିଶ୍ୱ ଭାରତୀ ପାଇଁ ଅର୍ଥ ସଂଗ୍ରହର ଚିରନ୍ତନ ପ୍ରୟାସ । ବିଦେଶରେ ବ୍ୟସ୍ତତାର ଚିତ୍ର, ସ୍ୱଦେଶ ବାସୀଙ୍କର ଅବହେଳା ଓ ଉପେକ୍ଷା ଜନିତ କବି ହୃଦୟର ବେଦନାର ପ୍ରକାଶ, ପତ୍ର ଲେଖକଙ୍କର ସ୍ୱାସ୍ଥ୍ୟର ସଂବାଦ, ହୋମିଓପାଥି ଚିକିତ୍ସାରେ ରବୀନ୍ଦ୍ର ନାଥଙ୍କ ଆଗ୍ରହ ଓ ଅଭିଜ୍ଞତା ଇତ୍ୟାଦି ଇତ୍ୟାଦି-ଏ ସବୁ ବିଷୟରେ ମଧ ତଥ୍ୟର ସନ୍ଧାନ ମିଳେ ଚିଠି ଗୁଡିକରେ । ହେଲେ ବସ୍ତୁତଃ ଗୋଟିଏ ପିତାର ହୃଦୟ ଏହି ପତ୍ରଗୁଚ୍ଛରେ ପ୍ରାୟ ପରିପୂର୍ଣ୍ଣ ଭାବରେ ବିକଶିତ ।

ସଂକଳକ ଓ ସମ୍ପାଦକ

ସନତ୍ କୁମାର ବାଗ୍‌ଚୀ

Digitized by srujanika@gmail.com

ନିଜ କଥା

ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କ କନ୍ୟା ମୀରା ଦେବୀଙ୍କୁ ଲେଖିଥିବା ଚିଠି ଗୁଡ଼ିକୁ ଅନୁବାଦ କରି ଓଡ଼ିଆ ପାଠକଙ୍କ ପାଖରେ ପହଞ୍ଚେଇବାର ଏକ ଅଦ୍ଭୁତ ଚିନ୍ତା ମୋତେ ଅନେକ ଦିନରୁ ଘାରିଥିଲା । ସେତେବେଳେ ମୁଁ ଥିଲି ଆସାମରେ । ହଠାତ୍ ମୁଁ ଥରେ ଓଡ଼ିଶାରୁ ଆସାମ ଯାଉଥିଲା ବେଳେ କାମରୂପ ଏକ୍ସପ୍ରେସ୍‌ରେ ଏମିତି କେତେକ ଚିଠି ଚଳନ୍ତା ଟ୍ରେନ୍‌ରେ ବିକ୍ରି ହେଉଥିବା ପୁରୁଣା 'ଦେଶ' ପତ୍ରିକାରୁ ଆବିଷ୍କାର କଲି । ଚିଠିଗୁଡ଼ିକ ମୋତେ ଆକୃଷ୍ଟ କଲା ଏଇଥିପାଇଁ ଯେ ସେଥିରେ ଥିବା ମାର୍ମିକ ଆବେଦନ, କବିଙ୍କ ବ୍ୟସ୍ତ ବେଦନାର ବିସ୍ତୃତ ଛବି, ସେ ସମୟର (ବିଂଶ ଶତାବ୍ଦୀର ପ୍ରାକ୍ କାଳ) ସମାଜ ଚିତ୍ର ଏବଂ ବିଶେଷ କରି ତାଙ୍କର ପିତୃତ୍ୱର ପ୍ରତିବେଦନ ସେ ଚିଠିଗୁଡ଼ିକୁ ଜୀବନ୍ତ କରି ତୋଳିଥିଲା । ମୁଁ ତା ପରେ କବିଙ୍କର ଅନ୍ୟାନ୍ୟ ଚିଠିଗୁଡ଼ିକୁ ଖୋଜିବାରେ ଲାଗିଲି । ସଫଳ ହେଲା ବେଳକୁ ମୋର ଆସାମରୁ ଓଡ଼ିଶାକୁ ବଦଳି ହୋଇଗଲା ।

ଭାରତର ଦୁଇଟି ମହାନ୍ ବ୍ୟକ୍ତିତ୍ୱ ପ୍ରାୟ ଏକା ସମୟରେ ସେମାନଙ୍କ ଆଦରର କନ୍ୟା ଠାକୁ ଚିଠି ଲେଖିଛନ୍ତି ଧାରାବାହିକ ଭାବେ । ଜଣେ ହେଲେ ବିଶ୍ୱକବି ରବୀନ୍ଦ୍ରନାଥ-ସେ ଲେଖିଛନ୍ତି ତାଙ୍କ କନ୍ୟା ମୀରାଦେବୀଙ୍କ ପାଖକୁ ଏବଂ ଅନ୍ୟ ଜଣେ ହେଲେ ପଣ୍ଡିତ ଜବାହାରଲାଲ ନେହେରୁ-ସେ ଲେଖିଛନ୍ତି ତାଙ୍କ ଏକମାତ୍ର କନ୍ୟା ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ଠାକୁ । ରବୀନ୍ଦ୍ରନାଥ ଏବଂ ନେହେରୁଙ୍କ ଭିତରେ ପାର୍ଥକ୍ୟ ଅନେକ ବେଶୀ । ଜଣେ କବି ତଥା ଚିନ୍ତା ନାୟକ ଏବଂ ଆଉ ଜଣେ ରାଜନୈତିକ ନେତା ତଥା ସ୍ୱାଧୀନତା ସଂଗ୍ରାମୀ । କିନ୍ତୁ ଚିଠି ଲେଖିଲାବେଳେ ଜଣେ ତାର କନ୍ୟା ପାଖରେ ପିତୃତ୍ୱର ସମସ୍ତ ମାୟା ମମତା ଅଜାଡ଼ି ଦେଇଥିଲା ବେଳେ, ଅନ୍ୟ ଜଣେ ସେ ମାନବିକ ପ୍ରେମଠାରୁ ବିଚ୍ୟୁତ ନ ହୋଇ ମଧ୍ୟ କନ୍ୟାକୁ ସମଗ୍ର ବିଶ୍ୱର ଯୁଗ ଯୁଗର ଗଣ ସଂଗ୍ରାମର ଇତିହାସ କଥା କହି ତାକୁ ସମାଜରେ ଏକ ସଂଗ୍ରାମୀ ମଣିଷ ହିସାବରେ ନିଜକୁ ତିଆରି କରିବାକୁ ଉପଦେଶ ଦେଇ ଆସିଛନ୍ତି । କବି ରବୀନ୍ଦ୍ରନାଥ ମୀରାଦେବୀଙ୍କୁ ବହୁ ଇଂରାଜୀ ସାହିତ୍ୟ ପଢ଼ିବାକୁ କହିଥିଲା ବେଳେ ନେହେରୁ ସମଗ୍ର ଇତିହାସକୁ ଅଧ୍ୟାୟ ପରେ ଅଧ୍ୟାୟ ନିଜ ଝିଅର ବୁଝିବା ଭାଷାରେ ଏବଂ ସେ ଇତିହାସ ସହିତ ନିଜ ମତକୁ ମିଶେଇ ଏପରି ପ୍ରତିବେଦନ କରିଛନ୍ତି ଯେପରି ସେ ସେଥିରେ ଅନୁପ୍ରାଣିତ ହେଇ ପାରିବ । ନେହେରୁ ଙ୍କ ଚିଠିରୁ ଜଣେ ବୁଝିବ ଯେ ସେ ଜୀବନରେ ସଂଗ୍ରାମର ପଥକୁ ଆଦରି ନେଇଥିଲେ । କବିର ସଂଗ୍ରାମ କିନ୍ତୁ ମାନସିକ ସ୍ତରରେ, ବୌଦ୍ଧିକ ସ୍ତରରେ । ଆଜୀବନ କବି ଦୁଃଖ, ଲାଞ୍ଛନା ଓ ଯନ୍ତ୍ରଣା ସହିତ ଅହରହ ସଂଗ୍ରାମ କରିଛନ୍ତି ଓ ସେ ସବୁକୁ ସେ ଅନ୍ୟ କାହାକୁ କହିନ ପାରି ନିଜର ଅଲିଅଳି ଝିଅ ପାଖରେ ସମର୍ପି ଦେଇ ନିଜକୁ ହାଲୁକା କରି ଦେଇଛନ୍ତି ।

ସବୁଠୁ ଆଶ୍ଚର୍ଯ୍ୟ ଲାଗେ କବି ନୋବେଲ ପୁରସ୍କାର ପାଇଲା ପରେ ଇଉରୋପ ଭ୍ରମଣରେ ଯାଇଛନ୍ତି । ସେତେବେଳେ ତାଙ୍କୁ ବିଭିନ୍ନ ସ୍ଥାନରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆ ଯାଇଛି । ସେଥିରେ ସେ ଅଭିଭୂତ ହୋଇ ପଡ଼ିଛନ୍ତି ସତ କିନ୍ତୁ ମୀରା ଦେବୀଙ୍କୁ ଗୋଟିଏ ଚିଠିରେ ଲେଖିଛନ୍ତି (ଚିଠି ନମ୍ବର ୬୪) ''ଲୋକମାନଙ୍କ ଠାରୁ ଏମିତି ସବୁ ଚିଠି ପାଏ ଯାହା ପଢ଼ି ନିଜର ଅଯୋଗ୍ୟତାର କଥା ହିଁ ମନକୁ ଆସେ । ଏତେବେଶୀ ସ୍ନେହ ସମ୍ମାନ ପାଇବାର ଅଧିକାର ମୋର ନାହିଁ ।''

ନେହେରୁ ତାଙ୍କ ନିଜ ବିଷୟ ରେ ତାଙ୍କ ନିଜ ଭାଷା ଏହାଠୁ କମ ନମ୍ର ନୁହେଁ । ସେ କୁହନ୍ତି,

Digitized by srujanika@gmail.com

am not a literary man, and I am not a historian; what, indeed, am I ? I find it difficult to answer that question. (The last letter Glimpses of the World History)

ମହତମାନେ ହିଁ ସବୁବେଳେ ଥାଆନ୍ତି ନମ୍ର କେବଳ ନିଜ ପାଖରେ ନୁହେଁ ସମସ୍ତଙ୍କ ପାଖରେ ।

ରବୀନ୍ଦ୍ରନାଥ ଯେଉଁ ଚିଠିଗୁଡ଼ିକ ମୀରାଦେବୀଙ୍କ ଠାକୁ ଲେଖିଛନ୍ତି ସେ ଗୁଡିକ ଶାନ୍ତି ନିକେତନ ସ୍ଥିତି ତାଙ୍କ ନିଜ ବାସଭବନରୁ, ପଦ୍ମା ନଦୀରେ ଥିବା ତାଙ୍କର ସୁସଜ୍ଜିତ ବୋଟ୍ ଉପରୁ ଯେଉଁଠି ଝଡ଼ ଓ ବର୍ଷାର ଅବର୍ଣ୍ଣନୀୟ ବର୍ଣ୍ଣନାରେ କବି ଶତମୁଖ ହେଇ ଉଠିଛନ୍ତି । ତା ଛଡା ମଧ ସେ ଲେଖିଛନ୍ତି ସୁଦୂର ଆମେରିକାରୁ,ଇଉରୋପରୁ, କୌଣସି ଏକ ତାରକିତ ହୋଟେଲରୁ କିମ୍ବା ବେଳେ ବେଳେ ବିଦେଶ ଯାତ୍ରା କାଳରେ କୌଣସି ଏକ ଜାହାଜରୁ ।

ନେହେରୁଙ୍କ ଭାଗ୍ୟରେ ସେ ସୁଯୋଗ ଘଟିନାହିଁ । ସେ ଅଧିକାଂଶ ଚିଠି ଲେଖିଛନ୍ତି ଜେଲରୁ କିମ୍ବା ସେହିପରି ଏକ ପରିବେଶରୁ । ନେହେରୁ ନାମଟିତ ଥାଏ ସବୁବେଳେ ପୁଲିସର Wanted ତାଲିକାରେ । ତା ସତ୍ତ୍ୱେ ସେ ଯେପରି ସବୁବେଳେ ବିପ୍ଳବର ଜୟଗାନ କରି ଆସିଛନ୍ତି, କବିଗୁରୁ ମଧ ସେହିପରି ସବୁବେଳେ ମଣିଷର ଜୟଗାନ କରିଛନ୍ତି । ଦୁଃଖ ଓ ଯନ୍ତ୍ରଣାର ଜୟଗାନ କରିଛନ୍ତି ।

ପ୍ରଥମେ ମୋର ଇଚ୍ଛାଥିଲା ନେହେରୁଙ୍କ କିଛି ଚିଠିର ଅନୁବାଦ ମଧ ଏହି ପୁସ୍ତକରେ ସନ୍ନିବେଶିତ କରିବା ପାଇଁ । ଫଳରେ ପାଠକ ମଣିଷପାଇଁ ଅହରହ କ୍ରନ୍ଦନରତ ଦୁଇଟି ଆତ୍ମାକୁ ଏକାଠି ଦେଖିପାରି ଥାଆନ୍ତା । କିନ୍ତୁ ଶେଷରେ ମୋତେ ତାକୁ ବାଦ୍ ଦେବାକୁ ପଡ଼ିଲା । ନଚେତ୍ ବହିର କଳେବର ଅନେକ ବଢ଼ି ଯାଇ ଥାଆନ୍ତା ।

ରବୀନ୍ଦ୍ରନାଥଙ୍କ ଚିଠିଗୁଡିକ ୧୯୦୬ରୁ ୧୯୩୭ ଭିତରେ ଲେଖା । ଅଥଚ ନେହେରୁଙ୍କ ଚିଠିଗୁଡିକ ୧୯୩୦ରୁ ୧୯୩୮ ଭିତରେ ଲେଖା । ୧୯୦୬ରୁ ୧୯୩୭ ଭିତରେ ପୃଥିବୀରେ ବହୁ ପରିବର୍ତ୍ତନ ଘଟିଯାଇଚି । ପ୍ରଥମ ବିଶ୍ୱଯୁଦ୍ଧର ପୂର୍ବର ଓ ପରର ଅନେକ ରୋମାଞ୍ଚକର କାହାଣୀ ସେ ସମୟରେ ଅଛି । ଅଥଚ ସେ ସବୁର ଚିତ୍ର ଜଣେ କବିର ସାଧାରଣ ତଥା ବ୍ୟକ୍ତିଗତ ଚିଠିରେ ସ୍ଥାନ ନ ପାଇବା ସ୍ୱାଭାବିକ । କିନ୍ତୁ ନେହେରୁଙ୍କ ଚିଠି ଗୁଡିକରେ ଅନେକଗୁଡିଏ ଏକାନ୍ତ ବ୍ୟକ୍ତିଗତ କଥା ଥିଲେ ମଧ ବିଶ୍ୱର ଯୁଗାନ୍ତକାରୀ ପରିବର୍ତ୍ତନ ଗୁଡିକୁ ସେ ଜଣେ ଦକ୍ଷ ଶିଳ୍ପୀ ଭାବରେ ତୋଳି ଧରିବାକୁ ଚେଷ୍ଟା କରିଛନ୍ତି । ତାହାହିଁ ତାଙ୍କୁ ଜଣେ ସଫଳ ଇତିହାସକାର ଭାବେ ପ୍ରମାଣିତ କରିଛି ।

ରବୀନ୍ଦ୍ରନାଥ କଅଣ ଖାଲି କବିତା ଲେଖୁଥିଲେ ? ସେ ଜଣେ ସୁଦକ୍ଷ ହୋମିଓପାଥିକ ଡାକ୍ତର ମଧ ଥିଲେ । ଚିଠି ଗୁଡିକରୁ ସେ ସମୟରେ ଆମ ଦେଶରେ ଚିକିତ୍ସାର ବ୍ୟବସ୍ଥା କଅଣ ଥିଲା ତାହା ବେଶ ଜଣାପଡେ ।

ଚିଠି ଗୁଡିକରେ ରବୀନ୍ଦନାଥଙ୍କ ସମୟର କଥିତ ତଥା ଲିଖିତ ଭାଷା ଓ ଶବ୍ଦଗୁଡିକ ମୋତେ ଅସୁବିଧାରେ ପକାଇଲା । ତେଣୁ ବିଶିଷ୍ଟ ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ମାନ ପ୍ରାପ୍ତ ସାହିତ୍ୟିକ ଶ୍ରୀ ଅମିୟ ବସୁଙ୍କ ସାହାଯ୍ୟ ମୋ ପକ୍ଷେ ଅନିବାର୍ଯ୍ୟ ହୋଇ ପଡ଼ିଲା । ତାଙ୍କ ବ୍ୟତିରେକେ ଏ ଅନୁବାଦ କଦାପି ସମ୍ଭବ ହୋଇ ପାରି ନ ଥାଆନ୍ତା । ବସ୍ତୁତଃ ଏହା ଏକ ଯୁଗ୍ମ କାର୍ଯ୍ୟ ।

ଭୂପେନ୍ଦ୍ର ମହାପାତ୍ର

❑

Digitized by srujanika@gmail.com

ଚିଠି ନଂ -୧

ଓଁ

ମୀଗି,

ଆଜି ତୋର ଚିଠି ପାଇ ଭାରି ଖୁସି ହେଲି । ହେଲେ ତୁ ତ ଗୁରୁବାର ସକାଳୁ ସକାଳୁ ଏ ଚିଠି ଲେଖିଛୁ । ଅଥଚ ମୁଁ ଆଜି ରବିବାର ସାଢ଼େ ଦଶଟାରେ ସେ ଚିଠି ପାଇଲି । ଚିଠିଟା ଯଦି ଆସିବାକୁ ଏତେ ଡେରି ହେଉଚି, ତୁ ବା ଏତେ ସକାଳୁ ସକାଳୁ କାହିଁକି ବସି ଯାଉଛୁ ? ତୁ ଗୋଟେ କାମ କର, ରବିବାର ତୋର ଛୁଟି ଦିନ । ସେହି ଦିନ ତୁ ମୋତେ ଚିଠି ଲେଖିବୁ । ତା ହେଲେ ତୋତେ ଏତେ ତରତର ହେବାକୁ ପଡ଼ିବନି । ତୁ ଭଲ ଅଛୁ । ପଢ଼ା ପଢ଼ି ଏବଂ କାମଦାମ ମଧ କରୁଛୁ ଶୁଣିଲେ ମୁଁ ଖୁସି ହେବି । ତୋ ଚିଠି ତୋ ଆଈକୁ ଶୁଣାଇଲି । କମଳକୁ ମଧ ଶୁଣାଇବି । ଦୁର୍ଗା ନିତି ଖରାବେଳେ ଏଠାକୁ ଆସେ । ତୋ ଆଈର ପାନ ଛେଞ୍ଚି ଦିଏ । ପିଉସୀ ମା ଉପରଓଳି ସେମାନଙ୍କ ମୁଣ୍ଡ ବାଳ କୁଣ୍ଡେଇ ବାନ୍ଧି ଦିଏ । କମଳ ପ୍ରତିଦିନ ଆସେନା । ସେ ମୋତେ ଗତ ପଅର ଦିନ 'ଭାଇ ଦୁତୀୟା' କରି ଯାଇଚି । ତୁ ଏ କଥା ଶୁଣିଥିବୁ । ସେଇ ଭାଇ ଦୁତୀୟାର ନିମନ୍ତ୍ରଣରେ ଖାଇ ଶମୀର ପେଟ ଖରାପ ହେଲା ଯେ ତାକୁ ପୁଣି ଦୁଇ ଦିନ ଉପବାସ ରହିବାକୁ ପଡିଲା । ସେ ଦିନ ଖୁବ୍ ଖିରି ଖାଇ ବାନ୍ତି ବାନ୍ତି ଲାଗିବାରୁ ଦି' ଦିନ କାଳ ବିଛଣାରେ ପଡି ରହିଲା । ଆଜି ଖିଆ ପିଆ କରିଚି ।

ଗତ ଗୁରୁବାର ତୋର ଭାଇମାନଙ୍କଠାକୁ (ଦାଦା) ଚିଠି ଆସିଛି । ଆଜି ପୁଣି ଶରତ ନାଁରେ ଆସିଛି । ଶରତ ତୁମମାନଙ୍କୁ ଶୁଣେଇବେ । ତାକୁ ପଠାଇ ଦେଉଛି । ତୋ ଭାଇମାନେ ଏବେ ରୀତିମତ ପଢ଼ାରେ ଲାଗି ଯାଇଛନ୍ତି । ଏବେ ସେମାନେ ଆଉ ବଡ଼ ବଡ଼ ଚିଠି ଲେଖି ପାରିବେନି । ତୁମେମାନେ ବି ସେ ଆଶା ରଖନା ।

କାଲି ରାତିରେ ଜଗନ୍ନାଥ ଆସିଛି । ସେ ତୋ ପାଇଁ ଛ ଯୋଡା ଲୁଗା ଆଣିଛି । ସେଥିରୁ ତିନି ଯୋଡା ଡନ୍ତର-ବେଶ ଭଲ ଓ ଦାମୀ ମଧ । ଆଉ ତିନି ଯୋଡା ମିଲ ଲୁଗା । ସେଥିରେ ଠିକ ଶାଢ଼ୀର ଧଡି ନାହିଁ । ହେଲେ ଘରେ ପିନ୍ଧିବା ପାଇଁ ବେଶ ଭଲ । ସତ୍ୟ ଲେଖିଚି ଏହା ଠାରୁ ଭଲ ଲୁଗା ଏଠି ମିଳିଲାନି । ପୂଜା ବଜାରରେ ସବୁ ବିକ୍ରି ହେଇ ଯାଇଛି । ସତ୍ୟ କାଶୀରୁ ତୋ ପାଇଁ ଭଲ ଏଗାରହାତି ଲୁଗା ପଠାଇ ଦେବେ । ତା ହେଲେ ତୋର ଆଉ ଲୁଗାର ଅଭାବ ରହିବନି । ତୁ ନିତି ସଫା ଲୁଗା ପିନ୍ଧି ପାରିବୁ । ଧଳା ଲୁଗାରେ ତୁମମାନଙ୍କୁ ଯେମିତି ଭଦ୍ର, ସୁନ୍ଦର ଓ ପରିଚ୍ଛନ୍ନ ଲାଗେ ସେମିତି ଆଉ ଅନ୍ୟ କେଉଁଥିରେ ଲାଗେନା । ସେଥିପାଇଁ ଯେତେ ପାରୁଛ ତୋ ପାଇଁ ଧଳା ଲୁଗା ଯୋଗାଡ କରୁଛି । କିନ୍ତୁ ତାକୁ ଚଟାପଟ ଚିରି ପକାଇବୁନି ଯେମିତି ।

ପିଉସୀ ମା' ବଗିଚା କାମରେ ଉଠିପଡି ଲାଗିଛନ୍ତି । ମୁଁ ତାଂକୁ ନୈନିତାଲ ଆଳୁ ଓ ଅନେକ ପ୍ରକାର ମଞ୍ଜି ଅଣେଇ ଦେଇଛି । କଲିକତାରୁ ଦି' ମହଣ ରେଡ଼ି ପିଡିଆ ସାର ଆସୁଛି ।

Digitized by srujanika@gmail.com

ଭାବୁଛି ତାଙ୍କୁ ଆଉେ ଜଣେ ଅଧିକା ମାଳୀ ଆଣିଦେବି । ଏ ସବୁ ନେଇ ସେ ବେଶ୍ ଖୁସିରେ ଅଛନ୍ତି । ଦିନେ ଦିନେ ଶମୀ ଠାକୁର୍ ତାଙ୍କୁ ମହାଭାରତ ପଢ଼ି ଶୁଣାଏ । ଯେତେବେଳେ ପାଉଛି ମହାଭାରତ ପଢ଼ୁଛି । ତୋର ସୁରେନ୍ ଭାଇର ମହାଭାରତ ତୁ ପଢ଼ି ପକା ।

ତୋର ପଢ଼ିବା ପାଇଁ ଗପ ବହି ଶେଷ ହେଇ ଆସିଲେ, କହିବୁ ମୁଁ ଆହୁରି ବହି ପଠେଇ ଦେବି । ତୋର ଇଂରାଜୀ ପାଠକୁ ବଙ୍ଗଳାରେ ତର୍ଜମା କରୁଛୁ ବୋଲି ଲେଖିଛୁ । କିନ୍ତୁ ବଡ ଧରଣର ଇଂରାଜୀ ବହିର ବିଶୁଦ୍ଧ ବଙ୍ଗଳା କରିବା କାଠିକର ପାଠ । ପ୍ରାୟ ଅସମ୍ଭବ । ସେଥିରେ ଏ କାମଟାକୁ ମୁଁ ଅନର୍ଥକ ମନେ କରେଁ । ତେଣୁ ମୋର ମନେ ହୁଏ ତୁ ଯଦି କେବଳ ଶବ୍ଦାର୍ଥ ଲେଖି ସେ ଗୁଡିକୁ ଆୟତ୍ତ କରି ପାରୁ, ତା ହେଲେ ଭଲ ହେବ । କେବଳ ଭାବାର୍ଥଟକ ଯଦି ବଂଗଳାରେ ଲେଖିବାକୁ ଚେଷ୍ଟା କରୁ ତେବେବି କ୍ଷତି ନାହିଁ । ହେଲେ ତର୍ଜମା କରିବା ବୃଥା ପରିଶ୍ରମ ।

ବିପିନ୍‌ର ଖବର କଅଣ ? ଝଗଡୁ ଗଞ୍ଜେଇର ମାତ୍ରା ଅତି ବେଶି କରି ଦେବାରୁ ତାକୁ ବିଦା କରି ପ୍ରାଣକୃଷ୍ଣର ଜଣେ ଆତ୍ମୀୟକୁ ଆଣି ରଖିଛି । ଏବେ ବେଶ୍ ଭଲ ଚାଲିଛି । ଉମାଚରଣର ଆଙ୍ଗୁଳିରେ ଗୋଟାଏ ବଥ ହେବାରୁ ସେ ଭାରି ଓଃ ଆଃ କରୁଛି । ବୋଧେ ଛୁରୀ ଲଗାଇବାକୁ ପଡିବ । ତେଣୁ ସେ ଭୟରେ ଅସ୍ଥିର । ତୁ କହୁ, ବାବା ଛାଡି ଛାଡି ଲେଖେ । ଏଇ କଅଣ ଛାଡି ଛାଡି ଲେଖା ? ଦେଖିଲୁ ତୋତେ କେତେବଡ ଚିଠିଟା ଲେଖିଲି । ଈଶ୍ୱର ତୋର ମଙ୍ଗଳ କରନ୍ତୁ, ଏଇଟା ହିଁ ପ୍ରାର୍ଥନା ।

। ଇତି ।

ବୋଲପୁର, ୨୧, ଅକ୍ଟୋବର, ୧୯୦୬ । ବାବା

□

- ଆଇ- ମୃଣାଳିନୀ ଦେବୀଙ୍କ ଦୂର ସମ୍ପର୍କୀୟ ପିଉସୀ ରାଜଲକ୍ଷ୍ମୀ ଦେବୀ । ରବୀନ୍ଦ୍ରନାଥ ଏହାଙ୍କୁ ପିଉସୀ ମା' ବୋଲି ଡାକୁଥିଲେ । ମୀରା ଦେବୀଙ୍କ ଆଇ ।
- କମଲ-ଦୀନେନ୍ଦ୍ରନାଥ ଠାକୁରଙ୍କ ପତ୍ନୀ କମଳା
- ଦୁର୍ଗା- ଶାନ୍ତି ନିକେତନ ବିଦ୍ୟାଳୟର ଶିକ୍ଷକ ଜଗଦାନନ୍ଦ ରାୟଙ୍କର (୧୮୬୯-୧୯୩୩) କନ୍ୟା ।
- ଦାଦାମାନଙ୍କର-ରବୀନ୍ଦ୍ରନାଥଙ୍କର ଜ୍ୟେଷ୍ଠପୁତ୍ର ରଥୀନ୍ଦ୍ରନାଥ ଏବଂ ରବୀନ୍ଦ୍ରଙ୍କ ସୁହୃଦ୍ ଶ୍ରୀଶଚନ୍ଦ୍ର ମଜୁମ ଦାରଙ୍କର ପୁତ୍ର ସନ୍ତୋଷ ଚନ୍ଦ୍ର ଆମେରିକାର ଇଲିନୟ ବିଶ୍ୱବିଦ୍ୟାଳୟରେ କୃଷିବିଦ୍ୟା ଶିକ୍ଷା କରିବାକୁ ଯାଇଥିଲେ ।
- ଶରତ୍-ଶରତ କୁମାର ଚକ୍ରବର୍ତ୍ତୀ (୧୮୭୦-୧୯୪୨) ରବୀନ୍ଦ୍ରନାଥଙ୍କ ଜ୍ୟେଷ୍ଠା କନ୍ୟା ମାଧୁରୀ ଲତା ଦେବୀଙ୍କ ସ୍ୱାମୀ ଏବଂ କବି ବିହାରୀ ଲାଲ ଚକ୍ରବର୍ତ୍ତୀଙ୍କ ପୁତ୍ର ।
- ଜଗନ୍ନାଥ- ପୁରୁଣା କର୍ମଚାରୀ ।

Digitized by srujanika@gmail.com

- ସତ୍ୟ-ସତ୍ୟପ୍ରସାଦ ଗଙ୍ଗୋପାଧ୍ୟାୟ । ରବୀନ୍ଦ୍ରନାଥ ଙ୍କ ଜ୍ୟେଷ୍ଠା ଭଗିନୀ ସୌଦାମିନୀ ଦେବୀ ଓ ସାରାଦା ପ୍ରସାଦ ଗଙ୍ଗୋପାଧ୍ୟାୟଙ୍କ ପୁତ୍ର ସତ୍ୟବାଦୀ ଯେ କେବଳ ଆମର ପ୍ରିୟ ଥିଲେ ତା ନୁହେଁ, ତାଙ୍କ ବିନା ଘରର ବୋହୂମାନଙ୍କର ମଧ୍ୟ କାମ ଚଳୁ ନଥିଲା । କୌଣସି ସୌଖୀନ ଜିନିଷ କିଣିବାକୁ ହେଲେ ସତ୍ୟ ଦ୍ୱାରା ସେ କାମ ହେଉଥିଲା । 'ମୀରାଦେବୀ ସ୍ମୃତି କଥା' (ବିଶ୍ୱଭାରତୀ-୧୯୭୫) ପୃଷ୍ଠା -୨୪ । ପରେ ଖାଲି 'ସ୍ମୃତି କଥା' ।
- ସୁରେନ ଭାଇଙ୍କ ମହାଭାରତ-ସୁରେନ୍ଦ୍ର ନାଥ ଠାକୁର ସଂକଳିତ ମହାଭାରତ/କଲିକତା ଆଦି ବ୍ରହ୍ମ ସମାଜ, ଶ୍ରୀ ରଣଗୋପାଳ ଚକ୍ରବର୍ତ୍ତୀ ଙ୍କ ଦ୍ୱାରା ମୁଦ୍ରିତ, ବଙ୍ଗ ସନ ୧୩୧୩ ।
- ବିପନ, ଝଗଡ଼ୁ ଓ ଉମାଚରଣ-ପରିଚାରକ ବୃନ୍ଦ ।

ବିବାହ ପୂର୍ବରୁ ମୀରାଦେବୀ ଏହି ସମୟରେ ମୁଜାଫରପୁରରେ ତାଙ୍କ ଦିଦି (ବଡ ଭଉଣୀ) ମାଧୁରୀଲତା ଦେବୀଙ୍କ ପାଖରେ ଅବସ୍ଥାନ କରୁଥିଲେ ।

❑

ଚିଠି ନଂ-୨

ଓଁ

ମୀରୁ, ବୋଲପୁର

ତୋର ଲୁଗା କିଣା ସରିଛି ହେଲେ ଏତେ ଦିନ ଯାଏ ପଠା ହୋଇନି ଜାଣି ନଥିଲି । ପିଉସୀ ମା ପାଖରେ ପଡି ରହିଥିଲା । କାଲି ତାଗିଦ କରି ପଠେଇ ଦେଇଛି । ଆଜି ତାର ରସିଦ ପଠାଗଲା ।

କାଲି ବେଲା ଚିଠି ପାଇଲି । ତୋ ପାଠ ପଢ଼ା ବେଶ ଚାଲିଚି ଜାଣି ଖୁସି ହେଲି । ବେଲା କୁହୁଥିଲା ତୋର କିଛିଟା ବଙ୍ଗଳା ଲେଖା ଓ ତାର ଚର୍ଚ୍ଚା ମଧ୍ୟ ଦରକାର । କାରଣ ତୋର ବନାନ ପ୍ରଭୃତି ବିଶୁଦ୍ଧ ହୋଇନି । ସେଥିପାଇଁ ତୁ ଯେଉଁଟା ଇଂରାଜୀରେ ପଢୁଚୁ ସେଇଟାର ଭାବାର୍ଥ ବଙ୍ଗଳାରେ ଲେଖିଲେ ତୋର ବଙ୍ଗଳା ଭାଷା ବେଶ ଅଭ୍ୟାସ ହୋଇଯିବ । Mrs Scraggsପାଖରେ ଇଂରାଜୀ କହିବା ଓ ଲେଖିବା ଶିଖିଲେ ହିଁ ତୋର ଶିକ୍ଷା ଅନେକଟା ବ୍ୟବହାର ଯୋଗ୍ୟ ହେଇଯିବ ।

ଶମୀ ତୋର ସୁରେନ୍ ଦାଦାଙ୍କର ମହାଭାରତଟା ଦିନରାତି ପଢ଼ି ଶେଷ କରି ପକାଇଛି । ତେଣୁ ବେଶ ଆନନ୍ଦରେ ଅଛି । ଆଜିକାଲି ସେ ରାଜସ୍ଥାନୀ ପଢିବାକୁ ଇଚ୍ଛୁକ । ତା ତଳ ଘରଟା ସଜାଡି ଦେଇଛି । ଟିକିଏ ଫୁରସତ ପାଇଲେ ସେ ସେଇଠି ବସି ବଙ୍ଗଳା ବହି ପଢ଼ାପଢ଼ି କରେ । ରାତିରେ ପିଉସୀମା ପାଖରେ ଥିବା ତୋ ଖଟରେ ଶୁଏ ।

Digitized by srujanika@gmail.com

ମୁଁ ସକାଳେ ମୋ ଘର ଉତ୍ତର ପଟର ବାରଣ୍ଡାରେ ଛୋଟ ଟେବୁଲ୍ ପକାଇ ଲେଖା ପଢ଼ା କରେ । ବେଳ ଦଶଟା ଯାଏ ଏମିତି କଟେ । ତା ପରେ ଗାଧୁଆ, ଜଳଖିଆ ଇତ୍ୟାଦି । ଦି' ପହରରେ ହେମଲତା ଘଣ୍ଟାଏ ପଢ଼ିବାକୁ ଆସନ୍ତି । ତାଙ୍କ ମାଷ୍ଟର ଆଦିତି ଛୁଟି ନେଇ ଦିଲ୍ଲୀ ବୁଲିବାକୁ ଯାଇଛି, ସଂଧ୍ୟାରେ ଫେର ମୋ ଘରଟିରେ ବସି ପଢାପଢି କରେ । ବର୍ତ୍ତମାନ ସକାଳେ ମୋ ବାରଣ୍ଡାରେ ବସି ତୋତେ ଲେଖୁଛି । ଶୀତର ଅଳ୍ପ ଅଳ୍ପ ଥଣ୍ଡା ପବନ ବହୁଛି । ଗୋଡ ପାଖରେ ଖରା ପଡିଛି । ଗୁଣ୍ଡୁଚି ମୂଷା ନିର୍ଭୟରେ ମୋ ସାମନାରେ ଲାଙ୍ଗୁଡ ଟେକି ଦୌଡୁଛି । ଭାତୁ ସାମନା ବଗିଚାରେ ମାଟି ଖୋଳି ଅଙ୍ଗୁର ଖେତ ତିଆରି କରୁଛି । ପିଉସୀମା ତା'ରି ତତ୍ତ୍ୱାବଧାନରେ ବ୍ୟସ୍ତ । ଶାସ୍ତ୍ରୀଙ୍କ ଘରେ ପିଲାମାନେ ସଂସ୍କୃତ ପଢୁଛନ୍ତି । ଏଠାରୁ ଶୁଣା ଯାଉଛି । ଗୁରୁବାର ହାଟ, ଲୋକ ରାସ୍ତାରେ କଳରବ କରି ଚାଲୁଛନ୍ତି ।

ମୀରି ! ମୁଁ ତୋ ପାଇଁ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛି, ତୁ ଲକ୍ଷ୍ମୀଟିଏ ହେଇ ସର୍ବଦା ସଂସାର ପ୍ରତି ସଦ୍‌ଭାବରେ ପ୍ରଫୁଲ୍ଲ ଓ ମଙ୍ଗଳ କର୍ମରେ ଆନନ୍ଦିତ ହେଇ ତୋ ଜୀବନକୁ ମଧୁର ଓ ଉଜ୍ଜ୍ୱଳ କରି ରଖ । ଈଶ୍ୱର ସୁଖରେ ଦୁଃଖରେ ତୋତେ କୋଳ କରି ନିଅନ୍ତୁ । ତୋ ହୃଦୟ ଓ ମନକୁ ପରିପୂର୍ଣ୍ଣ କରି ରଖନ୍ତୁ । । ଇତି ।

ବାବା

ପୁଣି-ଏଇକ୍ଷଣି ଜଗଦୀଶର ଟେଲିଗ୍ରାମ ପାଇଲି । ସିଏ ଆଜି ଆସୁଛନ୍ତି ।

❑

- ବେଲା-ରବୀନ୍ଦ୍ରନାଥଙ୍କ ଜ୍ୟେଷ୍ଠା କନ୍ୟା ମାଧୁରୀଲତା ଦେବୀ (୧୮୮୬-୧୯୧୮)
- Mrs Scraggs -ଗୃହଶିକ୍ଷିକା
- ହେମଲତା-ଦ୍ୱୀପେନ୍ଦ୍ରନାଥ ଠାକୁରଙ୍କ ଦ୍ୱିତୀୟା ପତ୍ନୀ
- ଅଦିତ-ଅଜିତ କୁମାର ଚକ୍ରବର୍ତ୍ତୀ (୧୮୮୬-୧୯୧୮) କୋଟାଲିପାଡା (ଫରିଦପୁର) ନିବାସୀ ଶ୍ରୀ ଚରଣ ଚକ୍ରବର୍ତ୍ତୀଙ୍କ ପୁତ୍ର-ମାତା ସୁଶୀଳା ଦେବୀ । ୧୯୦୪ ମସିହାରେ ଶିକ୍ଷକ ଭାବେ ଶାନ୍ତି ନିକେତନ ବିଦ୍ୟାଳୟରେ ଯୋଗ ଦେଇଥିଲେ । ରବୀନ୍ଦ୍ର ସାହିତ୍ୟର ଅନ୍ୟତମ ପ୍ରଧାନ ବ୍ୟାଖ୍ୟାକାର ।
- ଶାସ୍ତ୍ରୀ-ବିଧୁଶେଖର ଶାସ୍ତ୍ରୀ (୧୮୭୮-୧୯୫୭), ୧୯୦୫ରେ ଶାନ୍ତି ନିକେତନକୁ ଆସିଥିଲେ ଶିକ୍ଷକ ଭାବରେ ।
- ଜଗଦୀଶ- ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବସୁ (୧୮୫୯-୧୯୩୭)

Digitized by srujanika@gmail.com

ଚିଠି ନଂ -୩

ଓଁ

ମୀନୁ, ବୋଲପୁର

ଆଜିକାଲି ତୁମର ସବୁ କେମିତି ଚାଲିଛି, ଖବର ଦେବୁ । ବେଲା ଟିକିଏ ସୁସ୍ଥ ହେଲାଣିତ ? ତାକୁ ଯେଉଁ ଔଷଧଟା ଖାଇବାକୁ କହିଥିଲି ସେଇଟା ସେ ଖାଉଛିତ ?

ମଝିରେ ଏଠାରେ ପ୍ରଚୁର ବର୍ଷା ହେବା ପରେ ଆକାଶ ଏବେ ନିର୍ମଳ ହୋଇ ଯାଇଛି । ଅଳ୍ପ ଅଳ୍ପ ଥଣ୍ଡାବି ପଡିଲାଣି । ବର୍ତ୍ତମାନ ମୁଁ ତୋତେ ସେଇ ଦୁଇ ମହଲା କୋଠାର ଉତ୍ତର ବାରଣ୍ଡାରେ ବସି ଚିଠି ଲେଖୁଛି । ଅଳ୍ପ ଅଳ୍ପ ଉତ୍ତରା ପବନ ବହୁଛି । ପ୍ରଥମ ଶୀତର ଏଇ ଅବସ୍ଥାଟା ବେଶ ଭଲ ଲାଗେ । ଏବେ ଠାରୁ ଦିନସାରା ବୋଧେ ଏଇ ବାରଣ୍ଡାରେ ବସି ପଢାପଢି କରି ପାରିବି । ଘର ଭିତରେ ବସିବାକୁ ମୋତେ ଭଲ ଲାଗେନା ।

ତୋର ପାଠପଢ଼ା, ସିଲେଇ କାମ କେମିତି ଚାଲିଛି ମୋତେ ଲେଖିବୁ । ଆଜିକାଲି ଖରାବେଳେ ବୋଧେ ନିଜେ ନିଜେ ପଢ଼ିବା ଓ ଚିଠିପତ୍ର ଲେଖିବା ପାଇଁ କିଛି ସମୟ ପାଉ । ତୋ ପାଇଁ ଡେଭିଡ କପର ଫିଲ୍ଡ David Copper field ବୋଲି ଗୋଟାଏ ବହି ଅଣେଇଛି । ଏହାର ବଡ଼ ବହିଟା ନିଶ୍ଚୟ ବେଲା ପାଖରେ ଅଛି । ଏଇଟା ତାର ସଂକ୍ଷିପ୍ତ ସଂସ୍କରଣ । ତୁମମାନଙ୍କର ବୁଝିବା ପାଇଁ ଯେପରି କଠିଣ ନ ହୁଏ ସେମିତି ଭାବରେ ଲେଖା । ଏଇଟା ପଢ଼ିବାକୁ ତୋତେ ନିଶ୍ଚୟ ଭଲ ଲାଗିବ ।

ବେଲା ନାଁରେ ଗୋଟାଏ ବାକ୍ସ ବିଜୟା ସାବୁନ ପଠାଉଛି । କଲିକତାର ଡାକ୍ତର ନୀଳ ରତନ ସରକାର ଗୋଟିଏ ସାବୁନ କାରଖାନା ଖୋଲିଛନ୍ତି । ସେଇ କାରଖାନାରେ ଏଇ ସାବୁନ ତିଆରି ହେଉଛି । ଜଗଦୀଶ କହନ୍ତି ଏଇ ସାବୁନ ଖୁବ୍ ଭଲ । ଚମର ଯେମିତି କୌଣସି ହାନି ନ ହୁଏ ସେଥିପ୍ରତି ଲକ୍ଷ୍ୟ ରଖି ଅନେକ ଦିନ ପରୀକ୍ଷା ପରେ ଏଇ ସାବୁନ ତିଆରି କରା ଯାଇଛି । ଏବେଠାରୁ ବେଲା ପ୍ରଭୃତି ଯେମିତି ଏଇ ସାବୁନ ହିଁ ବ୍ୟବହାର କରନ୍ତି । ତୁମର ସେଠାରେ ଶୀତ ଦିନେ ଦିହ ହାତ ଫାଟେ ବୋଲି ଶୁଣି ଏଇ ସାବୁନ ମଗାଇ ଆଣିଲି । ତୋର Zambuk ଯଦି ଶେଷ ହେଇ ଯାଇଥାଏ, ଲେଖିଲେ ତୋତେ ପଠେଇ ଦେବି । ତୋ 'ବାଘା' ଭଲ ଅଛି । ଆଜିକାଲି ସେ ଭୋକ ଦାଉରେ ଦି' ଓଳି ଭାତ ଖାଉଛି, ତା ଦେହରେ ଏବେ ଗୋଟିଏ ବି ପୋକ ନାହିଁ । ପିଉସୀମା ଙ୍କ ବଗିଚାରେ ବି ବେଶ ଉନ୍ନତି ହୋଇଛି ।

। ଇତି ।

୧୭, କାର୍ତ୍ତିକ, ୧୩୧୩ (୩ ନଭେମ୍ବର ୧୯୦୬) ବାବା

❑

- ଡେଭିଡ କପର ଫିଲଡ଼-ଚାର୍ଲସ ଡିକେନସ୍‌ଙ୍କ ଆତ୍ମ ଜୀବନମୂଳକ ଉପନ୍ୟାସ (୧୮୧୨-୧୮୭୦)
- ଡାକ୍ତର ନୀଳ ରତନ ସରକାର-ବିଖ୍ୟାତ ଡାକ୍ତର ।

Digitized by srujanika@gmail.com

ଚିଠି ନଂ -୪


Bolpur
10 Nov. 1906

Dear Mirie
I was agreeably surprised to receive your letter in English. Now that the ice is broken, let me hope you will continue to write me such letters, and I will follow your example. I know one feels ill at ease to write in a language which is not his mother tongue and

Bolpur
10 Nov. 1906

Dear Mirie

I was agreeably surprised to receive your letter in English. Now that the ice is broken, let me hope you will continue to write me such letters in English, and I will follow your example. I know one feels ill at ease to write in a language which is not his mother tong ue and exercises in English composition can never take the place of a genuine letter but still I must put up with it. All the same, I am not going to be altogether deprived of the sight of your Bengali handwriting and the quaint spellings which betray your East Bengal origin through mother's side. So occasional Bengali letters will be most welcome.

Boys are all coming back to our school and in thousand ways their presence is being felt all over here. As the school works has not begun yet they are having a very jolly time of it. Kusumato surpised me last night by suddenly making his appearance. There is some hope of his getting an appointment in the National Technical Institute, and he wants a recommendation letter from me to Mr. Palit. He made enquires after Mirasan and was disappointed not to find her here. I am glad that you have got a baby in the house to keep you company and I never doubt that you will be able to win her heart at last. I have completely recovered from the bad cold I had and I am glad you are well. With love.

Your affectionate
father

❑

Digitized by srujanika@gmail.com

ଚିଠି ନଂ -୪

Bolpur .

13 Nov. 1906

Dear Mirie

I have just got your letter. I am glad to hear that you have received the vegetables in good condition. You know Pisima is very proud of her brinjals-she is sending them to everybody she knows.She was afraid lest those that she sent to you should get miscarried. She has been anxiously waiting for the news of their safe arrival. Seeds of various kinds of vegetables and flowers have come today by post from the Mussoorie hills. Pisima is busily engaged in preparing new beds for their reception. You will be surpised to learn that your Bagha has so far recoveded his spirits that he actually tried to bark this morning. I think this cold will restore him to better health. I will ask Jagannath to send you the kind of doll that you want, but I am sure poor Jagannath will miss the right kind. Considering his age and attainments he is not the proper person to be entrusted with such mission. With love.

Yours affectionate
father

❑

ଚିଠି ନଂ -୬

Bolpur

18 Nov. 1906

Dear Mirie

Here is Santosh's letter to you which I have received just now along with other letters. Your Dada has written to you a short note but as he has written a few lines to Shami also in the same sheet of paper you will have to wait till Shami writes his answer. Jagannath is here and he has given us a glowing account of the pair of dolls that he selected for you. In fact he had to go about a great deal for the gentleman doll which is a rarity now a days. You

Digitized by srujanika@gmail.com

ought to be proud of this acquisition and bring him up carefully. But I do not know to whose share this one goes-yours or your Didi's. I hope y ou will settle among yourselves this partition of property question amicably and if necessary with the help of the lawyers that you have as your fellow lodgers. Pisima is all right now. Her gardening occupies her whole time and she is happy. Some of my boys are down with fever-they brought this from home and our trouble with them won't be over till the cold season sets is in right earnest. Alltogether we are very busy with the reopening of the school.

With love

Your affectionate
father

❑

ଚିଠି ନଂ -୨

Bolpur

26 Nov.1906

Dear Mirie

I was anxious about your cough and I am glad that you have got rid of it . I am sorry to learn that your dolls are not Swadeshi but I am sure Swadeshi dolls of your requirments can't be found in the market. However Jagannath is very proud of his purchase and he is absolutely certain that those incomparable dolls of his choice are sure to give you perfect satisfaction. If you write to your Satyadada asking for some Indian dolls he will be able to supply you with Benares made artistic things.

I am sending you your Dada's letter. You must ask him not to exert himself to write you long letters. They are busy about their studies and examinations and you must not be too exacting about the size of the letters that you get from them. Our chrysanthemums

Digitized by srujanika@gmail.com

here are in a perfect blaze of flowers.Your Didima thinks that there are no other plants in existence which can compare with hers.

I will try to send you the books that you want if they can be had in Calcutta.

With love

Your affectionate
father

❑

ଚିଠି ନଂ -୮

ଓଁ

ମାରୁ, ଶିଲାଉ ଦହ

ଅନେକ ଦିନ ପରେ କାଲି ତୋ ଚିଠି ପାଇ ଖୁସି ହେଲି । ଭାବିଥିଲି ବେଶ କିଛି ଦିନ ନଈ ଉପରେ କଟାଇବି । କିନ୍ତୁ ଖୁବ୍ ଗୋଟିଏ ଜରୁରୀ କାମରେ ଆଜି କଲିକତା ଯାଉଛି । ସେଠାରେ ରହି ଦିନେ ଦି'ଦିନ ଭିତରେ ବୋଲପୁର ଯିବାକୁ ହେବ । ଭାବୁଚି ମାଘ ମାସ ୧୧ ଦିନ ପରେ ପୁଣି ଥରେ ବୋଟକୁ ଫେରି ଆସିବି ।

ତୋର ଛବି ଉଠା ସରିଚି ଶୁଣି ଖୁବ୍ ଖୁସି ହେଲି । ବୋଧହୁଏ ବୋଲପୁର ଗଲେ ଦେଖି ପାରିବି ।

ତୋ ଆଇ ସୁସ୍ଥ ହେଇ ଉଠିଛନ୍ତି । ଭୋଲା ବି ସୁସ୍ଥ, ତେବେ ସମ୍ପୂର୍ଣ୍ଣ ଭଲ ହେବା ଲାଗି ଆହୁରି ଗୁଡାଏ ଦିନ ଲାଗିବ । ତୋତେ ମୁଁ କାଲି ଚିଠି ଦେଇଚି । ଶିଲାଇ ଦହରୁ ଚାଲି ଯାଉଛି ଏଇ ଖବରଟା ଦେବା ପାଇଁ ଆଜି ପୁଣି ଲେଖିଲି ।

ଈଶ୍ୱର ତୋର ମଙ୍ଗଳ କରନ୍ତୁ । । ଇତି ।

୨୯ ମାର୍ଗଶୀର ୧୩୧୩ (୧୫ ଡିସେମ୍ବର ୧୯୦୬) ବାବା

❑

୨ ଭୋଲା- ଶ୍ରୀଶ ଚନ୍ଦ୍ର ମଜୁମଦାରଙ୍କ ପୁତ୍ର ସରୋଜ ଚନ୍ଦ୍ର । ସନ୍ତୋଷଚନ୍ଦ୍ରଙ୍କ ଭାଇ

Digitized by srujanika@gmail.com

ଚିଠି ନଂ - ୯

Bolpur
30 Dec.1906

Dear Mirie

I am sory that I haven't been able to write to you for a long time. You know, I have come to that age when facility for writing letters grows less and less. The impression of everyday events are much less vivid that they used to be in my younger days when I was a good correspondent. Of course I could give you a lenthtly description of the Exhibition but it did not interest me and I ran away from the Calcutta crowd tired and disappointed. I hope to have a little rest till the 11th Magh anniversary when I must go to Calcutta.

The cold here is not so intense as it was last winter. The day is dull and cloudy and if it begins to rain it will be dismal. Now the season is fairly healthy and very few boys in our school are in the sick list. Yesterday Punyabajra went home with his father and he is not likely to come back. I only hope the poor boy's education will not be closed in such abrupt manner.

How are you getting on with your lessons ? The Mill on t he Floss must be getting more and more interesting.

I sent to Bella's address some pieces of silk to be made into Saris and Jackets for your use. Have you seen them ?

Your didi sent me some cakes which were delicious . We are waiting for more samples of her experiments in this line.
Write to me soon

Your affectionate
father

❑

Digitized by srujanika@gmail.com

ଚିଠି ନଂ-୧୦

ଓଁ

ମୀରୁ,

ତୋତେ କାଛୁ ହୋଇଛି ଶୁଣି ମୁଁ ଚିନ୍ତିତ । ସାଲଫାର ୨୦୦ ସପ୍ତାହକୁ ଦୁଇଥର ଖାଇ ଦେଖ । ନିମ୍ବ ପତର, ଗନ୍ଧକ, କଞ୍ଚା ହଳଦି, ନଡିଆ ତେଲ ଗୋଳେଇ କାଛୁ ଉପରେ ଲଗେଇଲେ ଶୀଘ୍ର ଶୁଖିଯାଏ । କିନ୍ତୁ ତା ପୂର୍ବରୁ ଗରମ ପାଣିରେ ସାବୁନ ଦେଇ ଧୋଇବା ଦରକାର । ତୋ ପାଇଁ ସାବୁନ ପଠାଇବାକୁ ଜଗନ୍ନାଥକୁ ଲେଖିଦେବି ।

ମୋର ଭୀଷଣ ସର୍ଦ୍ଦି ହେଉଛି । କାଲିଠାରୁ ଖୁବ୍ ଛିଙ୍କି ହେଉଛି । ମୋ ସାନ ଘରଟିକୁ ଛିଙ୍କର ଶବ୍ଦରେ ବେଶ୍ ମାତ୍ କରି ରଖିଛି । ପେଟରେ ଗରମ ପାଣି ଢାଳିଲା ପରେ ଆଜି ଅନେକଟା ଭଲ ଲାଗୁଛି । କେଇଦିନ ହେଲା ସକାଳେ ବେଶ ଥଣ୍ଡା ପଡିଛି । ହେଲେ ମୁଁ ତାକୁ ଖାତିର ନ କରି ଗୋଟିଏ ମାତ୍ର ଜାମା ପିନ୍ଧି ପାହାନ୍ତିଆ ଥଣ୍ଡାକୁ ଅଗ୍ରାହ୍ୟ କରିବାକୁ ଚେଷ୍ଟା କରିଥିଲି । ଏବେ ବୁଝୁଛି ଏଇଟା ଉଚିତ ହେଲା ନାହିଁ । ଏବେ ଅନେକ ଗୁଡାଏ ଲୁଗା ଦେହରେ ଗୁଡେଇ ଶୀତ ପାଖରେ ସହସ୍ର ଥର କ୍ଷମା ପ୍ରାର୍ଥନା କରୁଛି । କିନ୍ତୁ ଫଳ ବିଶେଷ ମିଳୁ ନାହିଁ । ଏଥିରୁ ଗୋଟିଏ ବଡ ଜ୍ଞାନ ଲାଭ କଲି ଯେ ଥଣ୍ଡା ଲଗାଇ ସର୍ଦ୍ଦି କରି ଚିକିତ୍ସା କରାଇବା ଠାରୁ ଥଣ୍ଡା ନ ଲଗାଇ ସର୍ଦ୍ଦି ନ କରି ଚିକିତ୍ସା ନ କରେଇବା ହିଁ ସବୁଠାରୁ ଭଲ ।

ତୋ ପାଠ ପଢ଼ାର ଏବେ ଯେଉଁ ବ୍ୟବସ୍ଥା ହୋଇଛି ତାହା ବେଶ୍ ଭଲ ହୋଇଛି । ଥରେ ଇଂରାଜୀଟା କହି ଓ ଲେଖି ଶିଖିଲେ ନିଶ୍ଚିନ୍ତ ହୋଇ ହେବ । Mill on the Floss ତୋତେ କେମିତି ଲାଗିଲା ? David Copper field ପାଇଛୁ ତ ? ଏବେ ଘରେ ତୁ କି ବହି ସବୁ ପଢୁଛୁ ? Dickensଙ୍କର ଆଉ ଦି' ଖଣ୍ଡ ବହି ତୋତେ ପଠାଇ ଦେଇଛି । ଏ ଗୁଡିକ ପଢ଼ି ସାରିଲେ ତାର ସଂପୂର୍ଣ୍ଣ ବହିଗୁଡିକ ତୁ ବେଶ ପଢ଼ି ପାରିବୁ । ବୁଝିବାକୁ ମୋଟେ କଷ୍ଟ ହେବ ନାହିଁ । 'Alice through the looking glass' ତୋତେ କେମିତି ଲାଗିଲା ? ତା ସାଙ୍ଗକୁ ଆଉ ଗୋଟିଏ ବହି ମଧ୍ୟ ଅଛି । ପଠାଇବି କି ? ତା ନା 'Alice in the Worderland' ଈଶ୍ୱର ତୋର ମଙ୍ଗଳ କରନ୍ତୁ ।

। ଇତି ।

(ଡିସେମ୍ବର ୧୯୦୬) ବାବା

□

● Alice through the looking glass ଏବଂ Alice in the Wonder land-Charlas Lutridge Dodgson ଛଦ୍ମନାମ (Lewis Carrol) (୧୮୩୨-୧୮୯୮) ଙ୍କ ଦୁଇଟି ଉପନ୍ୟାସ ।

Digitized by srujanika@gmail.com

ଚିଠି ନଂ-୧୧

ଓଁ

ଶନିବାର

ବହୁତ ଦିନ ପରେ ତୋ ଚିଠି ପାଇ ଖୁବ୍ ଖୁସି ହେଲି। ତୋର ଏଥର ଇଂରାଜୀ ଚିଠିରେ କୌଣସି ଭୁଲ ନାହିଁ। Mrs Lee ଙ୍କ ପାଖରେ ତୋର ପାଠପଢ଼ା ବେଶ ଭଲ ହେଉଛି ବୋଲି ମନେ ହେଉଛି। ସିଲେଇ ଶିକ୍ଷା ମଧ ଭଲ ଭାବରେ ଆଗେଇବ । ଏଥର ତୁ ଯେତେବେଳେ ଆମ ଘରକୁ ଆସିବୁ ଆମର ଆଉ ଦରଜି ଖର୍ଚ୍ଚ ଲାଗିବ ନାହିଁ। କଅଣ କହୁଛୁ ? ଏଥର ତୁମମାନଙ୍କର ପୁରସ୍କାର ପ୍ରଦାନ ଉତ୍ସବଟା ବେଶ ଜାକଜମକ ହୋଇଛି ବୋଲି ଜଣା ପଡୁଛି। ତୁ ଦେଇଥିବା ପୁରସ୍କାର କେଉଁ କେଉଁ ଝିଅ ପାଇଲା ? ଭାଉଜ ମାନେ କିଛି ଦିନ ରହି ଚାଲି ଗଲେ। ସୁରେନ୍‌ର ପୁଅ ଭାରି ଜମେଇ ରଖିଥିଲା। କାହାକୁ ବାଡେଇବା ଥିଲା ତାର ବେଶୀ ଆନନ୍ଦର କଥା । ସେ କାନ୍ଦିବା ସମୟରେ ଆଉ କାହାକୁ ମାରିବା ଦେଖିଲେ ତାକୁ ଭଲ ଲାଗୁଥିଲା। ମଣିଷକୁ ନ ହେଲେ କୌଣସି ବସ୍ତୁକୁ ପିଟିଲେ ବି ସେ ଖୁସି ହେଉଥିଲା । ଏବେ ଆମ ଘର ଆଗପରି ଚୁପ୍‌ଚାପ୍। ସେମାନେ ଥିଲାବେଳେ ସେମାନଙ୍କ ସାଙ୍ଗରେ ବାଜି ରଖି ରମୀ ଦଶ ପଚିଶ ଖେଳି ମାତ୍ର ଦି' ଟଙ୍କା ଜିତିଛି। ଏବେ ସଂଜ ବେଳେ ଦଶ ପଚିଶ ଖେଳ ବନ୍ଦ। ମୁଁ ଶାସ୍ତ୍ରୀ ମହାଶୟଙ୍କୁ ନେଇ ସଂସ୍କୃତ ଓ ବାଇବେଲ ପଢୁଛି। ପିଉସିମା ଶୁଣନ୍ତି। ଏହାକୁ ଠିକ ବାଜି ରଖି ଖେଳିବା ସହିତ ତୁଳନା କରାଯାଇ ପାରେନା। ମୁଁ କିନ୍ତୁ ବେଶୀ ଗୋଳମାଳ ପସନ୍ଦ କରେନା। ଏମିତି ଶାନ୍ତି ହିଁ ମୋ ପକ୍ଷେ ଆରାମ ଦାୟକ। ତୋ ସାଙ୍ଗ ଦୁର୍ଗାର ବିଭାଘର ପାଇଁ ତା ଅଜାମାନଙ୍କ ପାଖକୁ ଯାଇଛି। ଫଗୁଣ ମାସରେ ତାର ବାହାଘର ଏକ ପ୍ରକାର ଠିକ ହୋଇ ଯାଇଛି। ଏବେ କଳି କରିବା ପାଇଁ କେବଳ ପାରୁଲ ଓ ଟୁକୁଲୀ ରହିଲେ। କମଳ ଆଜିକାଲି ରମାକୁ ନେଇ ସମୟ ବିତାଉଛି। ଖୋକାବି ଖୁବ୍ ସଭା ସମିତି କରୁଛି। ବେଙ୍ଗୁ ସ୍କୁଲରେ ଜ୍ଞାନ ବାବୁଙ୍କ ପାଖରେ ପଢୁଛି। ଏମିତି ଭାବରେ ମୋଟାମୋଟି ଚାଲିଛି।

ସ୍କୁଲର ପିଲାମାନେ ଆଉ ଦିନାଦଶ ପରେ ଏଣ୍ଟ୍ରାନ୍ସ ପରୀକ୍ଷା ଦେବାପାଇଁ ହୁଗୁଳି ଯିବେ। ଏଇ କେତୋଟି ଦିନ ସେମାନେ ସେମାନଙ୍କ ପଢ଼ାରେ ଲାଗିପଡିଛନ୍ତି। ରାତି ଏଗାରଟା

Digitized by srujanika@gmail.com

ପର୍ଯ୍ୟନ୍ତ ସେମାନଙ୍କର ବିଶ୍ରାମ ନାହିଁ । ଦେଖାଯାଉ ପରୀକ୍ଷା ଫଳ କଅଣ ହେଉଛି । ତୋତେ ଯଦି ଏମିତି ପରୀକ୍ଷା ଦେବାକୁ ହୁଅନ୍ତା ତେବେ କେମିତି ହୁଅନ୍ତା ?

ଈଶ୍ୱର ତୋର ମଙ୍ଗଳ କରନ୍ତୁ । ଇତି ।

ଫେବୃଆରୀ, ୧୯୦୭ ବାବା

❑

- Mrs Lee- ଗୃହ ଶିକ୍ଷିକା
- ଭାଉଜ-ସତ୍ୟେନ୍ଦ୍ର ନାଥ ଠାକୁରଙ୍କ ପତ୍ନୀ-ଜ୍ଞାନଦାନନ୍ଦିନୀ ଦେବୀ ।
- ସୁରେନ୍‌ର ପୁଅ-ସୁରେନ୍ଦ୍ରନାଥ ଠାକୁରଙ୍କ ପୁତ୍ର ସୁବୀରେନ୍ଦ୍ର ନାଥ ।
- ପାରୁଲ-ଜଗଦାନନ୍ଦ ରାୟଙ୍କ କନିଷ୍ଠ କନ୍ୟା
- ଟୁକଲୀ-ଜଗଦାନ୍ଦ ରାୟଙ୍କ ମଧ୍ୟମା କନ୍ୟା
- ରମା-ସୁଧୀନ୍ଦ୍ର ନାଥ ଠାକୁରଙ୍କ କନ୍ୟା
- ଜ୍ଞାନ ବାବୁ-ମହର୍ଷି ଦେବେନ୍ଦ୍ରନାଥ ଙ୍କ ନିଯୁକ୍ତ ଶାନ୍ତି ନିକେତନର 'ଆଶ୍ରମ ଧାରୀ' ଅଘୋର ନାଥ ଚଟ୍ଟୋପାଧ୍ୟାୟଙ୍କ ପୁତ୍ର ଜ୍ଞାନେନ୍ଦ୍ର ନାଥ (୧୮୮୫-୧୯୫୬) ଏହି ସମୟରେ ସେ ଶାନ୍ତି ନିକେତନ ବିଦ୍ୟାଳୟରେ ଶିକ୍ଷକ ଥିଲେ ।

ଚିଠି ନଂ-୧୨

ଓଁ

ମୀରୁ,

ତୋ ଚିଠି ପାଇ ଭାରୀ ଖୁସି ହେଲି । ତୋ ନିଜ ବ୍ଲାଉଜ ତୁ ନିଜେ ତିଆରି କରିଛୁ - ତୋର ନିଜର ପସନ୍ଦ ମୁତାବକ ହୋଇଛି ତ ? ସେ ଛିଟ କନାଟା କେମିତି ହେଉଛି ? ବେଲା ଲେଖିଛି ରାଧାନଗରର ଲୁଗା ଥାନଟା ବେଶ ଭଲ-ସେଥିରୁ ତୋର ଖରାଦିନିଆ ଲୁଗା ବେଶ ହେଇ ପାରିବ । ଯେଉଁ ସିଲ୍କ ଥାନଟା ଏଠୁ ପଠାଇଥିଲି ସେଥିରେ ତୋର ଭଲ ଜାକେଟ ତିଆରି ହେଇ ପାରିବ । କିନ୍ତୁ ତାକୁ ତୁ ଯଦି ଖୁବ୍ ବେଶି ଟାଇଟ୍ କରି ଦେଉ ତେବେ ଦି' ଦିନବି ଯିବନି । ବିଶେଷତଃ ତାର ଟିକି ସାଙ୍ଗ ସହିତ ତୋର ଦିନ ସାରା ଯେମତି ଦୌଡ଼ା ଦୌଡ଼ି ହୁଏ । ଆଚ୍ଛା ସେଇ ଯେ ଗଲା ବର୍ଷ ତୋତେ କେତେ ଗୁଡିଏ ସୂତା ଲୁଗାର ଜାପାନୀ ଜାକେଟ୍ ପଠାଇଥିଲି ସେ ଗୁଡିକ କଅଣ ତୋର କାମରେ ଲାଗୁନି ? ଯଦି ତୋର ଠିକ ମାପର ହେଉନି ତେବେ ତାକୁ ଗୋଟାଏ ଦରଜିକୁ ଦେଇ ଟିକିଏ ଅଦଳ ବଦଳ କରି ନେଉ ନାହିଁ କାହିଁକି ? ସେ ଲୁଗା ଖୁବ୍ ଭଲ । ମୋର

Digitized by srujanika@gmail.com

ଏଣ୍ଡ୍ରାନ୍ସର ପିଲାମାନେ ଏବେ ହୁଗୁଲୀରେ ପରୀକ୍ଷା ଦେଉଛନ୍ତି । କାଲି ସେମାନଙ୍କର ପ୍ରଥମ ଦିନ ଥିଲା । ଗତକାଲି ଇଂରାଜୀ ଥିଲା । ଶୁଣୁଛି ସେମାନେ କାଲି ଭଲ କରିଛନ୍ତି । ଆଜି ବୋଧହୁଏ ଅଙ୍କ ଅଛି । ଆଜି କେମିତି ହେଉଛି ଦେଖାଯାଉ । ଗୁରୁବାର ସେମାନଙ୍କର ପରୀକ୍ଷା ଶେଷ ହେବ । ସେମାନଙ୍କ ଭିତରେ ଯୋଗେନ୍‌ର ସେମିତି ଆଶା ନାହିଁ ବିଚରା । ଏମିତିତ ଟିକିଏ ପଢ଼ାରେ ଦୁର୍ବଳ । ସେଥିରେ ବାରମ୍ବାର ଜ୍ୱରରେ ପଡି ଭଲ ଭାବରେ ପ୍ରସ୍ତୁତି କରି ପାରି ନାହିଁ । ପରୀକ୍ଷାର ଠିକ୍ ଆଗ ଦିନରେ ହିଁ ଜ୍ୱର ହେଉଥିଲା । କୌଣସି ମତେ କୁଇନାଇନ ଖାଇ ସେ ଯାଉଛି । ଯଦି ସେ ଦୈବାତ୍ ପାଶ କରିଯାଏ । ତେବେ ଆଉ ଚିନ୍ତା ନାହିଁ ।

ଶମୀ ପ୍ରଭୃତିଙ୍କ ବଗିଚାର କଅଣ ଆଉ ଆଗ ଅବସ୍ଥା ଅଛି ? ଅନେକ ଦିନ ହେଲା ସେମାନେ ବଗିଚା କାମ କରିବା ଛାଡ଼ି ଦେଇଛନ୍ତି । ମୋଟେ ଦି'ଟା ଓଲ କୋବି ଓ ଗାଜର ହେଇଥିଲା । ସେ ସବୁବି ହଜମ ହେଇ ସାରିଲାଣି । ଏବେ ଆଉ ଗଛରେ ପାଣି ଦେବାକୁ ମଧ କେହି ନାହାନ୍ତି ।

ଏଥର ରଥି ପ୍ରଭୃତିଙ୍କ ଠାରୁ ଚିଠି ପାଇ ନାହିଁ । ତୁମେ ସବୁ ପାଇଚ କି ? । ଇତି ।

୨୧ ଫଗୁଣ, ୧୩୧୩ (୫ମାର୍ଚ୍ଚ ୧୯୦୭) ବାବା

❑

• ଯୋଗେନ-ଯୋଗେନ୍ଦ୍ରଲାଲ-ଚଟ୍ଟୋପାଧ୍ୟାୟ ।

ଚିଠି ନଂ-୧୩

ଓଁ

ମାନ୍ତୁ, ବୋଲପୁର

ତୋର ଇଂରାଜୀ ଚିଠି ଆଗଠାରୁ ଏବେ ଅନେକଟା ଠିକ ହେଇ ଯାଇଛି । ତୋର ଏଥର ହାତର ଅକ୍ଷର ମଧ ବେଶ ଭଲ ହେଇଛି । କିଛିଟା ତୋ ଦିଦିର ଢ଼ାଞ୍ଚାରେ । ବୋଧେ ଅକ୍ଷର ଗୁଡିକ ସିଧା ସିଧା ଲେଖୁଚୁ ବୋଲି ସେମିତି ଦେଖା ଯାଉଛି । ମିସେସ୍ ଲୀ ଓ ତାଙ୍କ ଝିଅାରୀମାନଙ୍କ ସହିତ ତୋର ବେଶ ଜମି ଯାଇଛି ଶୁଣି ଖୁବ୍ ଖୁସି ହେଲି । କାରଣ ଭଦ୍ର ଇଂରେଜ ମହିଳାମାନଙ୍କ ଠାରୁ ଆମର ଅନେକ କିଛି ଶିଖିବାର ଅଛି । ଏମିତି ସୁଯୋଗ ଭାରତରେ ପାଇବା ସହଜ ନୁହେଁ । ତୋ ଚିଠିରେ ଗୋଟାଏ Sentence ଅଛି-She told me that she thinks I am a little thiner. ଏଠାରେ ସବୁ verb ଗୁଡିକ past tense ହେବ । ଯଥା She told me that she thought I was a little thinner. ତାପରେ ଅଛି -She thought that my letters have improved. ଏଠି ବି ସେଇ ଧରଣର ଭୁଲ । ଗୋଟିଏ ଜାଗାରେ ଲେଖିଛୁ Aileen and I read in turns -it is more amusing to read together. ଗୋଟାଏ କୌଣସି କୌତୁକିଆ ଘଟଣା ସମ୍ବନ୍ଧରେ amusing ଶବ୍ଦଟା ଲାଗେ-ଏଠାରେ ତୁ ବୋଧେ interesting ଶବ୍ଦଟା ବ୍ୟବହାର କରି ପାରନ୍ତୁ ।

Digitized by srujanika@gmail.com

ଛାତ୍ର, ସ୍କୁଲ ମାଷ୍ଟରଙ୍କ କାମ ଆଜି ଏତିକି ଥାଉ । ମୁଁ ପରା ଆମ ବିଦ୍ୟାଳୟର ଗୋଟିଏ କ୍ଲାସରେ ଇଂରାଜୀ ପଢାଉଥିଲି । ଦି ଜଣ ନୂଆ ମାଷ୍ଟର ଆସି ଯିବାରୁ ମୋତେ ଛୁଟି ମିଳିଛି । ବର୍ତ୍ତମାନ ଆମ ବିଦ୍ୟାଳୟରେ ଛାତ୍ର ପାଇଁ ଜାଗା ଅଣ୍ଟୁନି । ୫୫ ଜଣ ପିଲା ହେଲେଣି । ଶିକ୍ଷକତ ଅନେକ କମ୍ । କାହାକୁ କେଉଁଠି ରଖିବି ଠିକ କରି ପାରୁନି । ଦୁଇ ମହଲାରେ ଘର ତିଆରି ସରିଛି । ସେଠାରେ ୨୩ ଜଣ ପିଲା ଅଛନ୍ତି । ବେଶ ଭଲ ଭାବରେ ଅଛନ୍ତି । ଖୁବ୍ ଶୀଘ୍ର ଆହୁରି କିଛି ପିଲା ଆସିବେ । ଏଥାଡେ ଯେଉଁ ପାଞ୍ଚଜଣ ଏଥର ଏଣ୍ଟ୍ରାନ୍ସ ଦେଇଛନ୍ତି ସେମାନଙ୍କ ଭିତରୁ ଅରୁଣ ଓ ଯୋଗେନ୍ ଚାଲି ଗଲେଣି । ଅରବିନ୍ଦ-ଦି' ଚାରିଦିନ ଭିତରେ ଚାଲିଯିବ । ଅରୁଣ ବିଚାରା ଭାରି କନ୍ଦା କଟା କରି ଯାଇଛି । ତା ପାଇଁ ଆମେ ସମସ୍ତେ ବଡ଼ ଭାଙ୍ଗି ପଡିଲୁଁ । ହେଲେ ଯିବାକୁ ତ ହେବ । ଏଠାକାର ନାଟକ ଶେଷ ହେଇଗଲା । ଯୋଗେନ୍ ତା ବାପାକୁ କହିଚି ଏଠାରୁ ପାଶ କରି ଗଲେ ବି ଅନ୍ତତଃ ଆଉ ବର୍ଷକ ପାଇଁ ଏଠାରେ ରହି ତାର ଇଂରାଜୀ ଜ୍ଞାନକୁ ଆଉ ଟିକିଏ ପୋଖତ କରି ପକେଇବ । ଅସଲ କଥା, ସେମାନେ ଏ ଜାଗା ଛାଡି ଯିବାକୁ ଚାହୁଁ ନାହାନ୍ତି । ଏଠିକା ପ୍ରତି ସେମାନଙ୍କର ମୋହ ଦେଖି ମୁଁ ଖୁବ୍ ଖୁସି ହେଇଛି । ଏଥର ଯେଉଁ ପାଞ୍ଚଜଣ ପରୀକ୍ଷା ଦେଇଛନ୍ତି । ମନେହୁଏ ସେମାନେ ସମସ୍ତେ ପାଶ କରି ଯିବେ । ସେମାନଙ୍କ ମଧ୍ୟରୁ ଯୋଗେନ୍ ଛଡା ଆଉ ଚାରି ଜଣ ଯାକ ଟିକିଏ ଭଲ ଭାବରେ ପାଶ କରିଯିବେ ବୋଲି ମୋର ମନେ ହେଉଛି । ଦେଖାଯାଉ, ରମା, ଖୋକା ଓ ବେଙ୍କୁର ପଢାପଢିର ବନ୍ଦୋବସ୍ତ ହେଇ ସାରିଛି । ସେମାନେ ବୋଧେ ଆଉ ବର୍ଷକ ଲାଗି ଏଇଠି ରହିବେ । ଏଣେ କୂଅ ପାଣି ଅନେକ ତଳକୁ ଚାଲି ଯାଇଥିବାରୁ ଆମେ ଚିନ୍ତିତ ହେଇ ପଡିଛୁ । ଏତେଗୁଡାଏ ପିଲାଙ୍କର ଗାଧୋଇବା, ଖାଇବା କମ୍ କଥା ନୁହେଁ । ଯଦି ବୈଶାଖ ଜ୍ୟେଷ୍ଠ ମାସରେ ପାଣି ଆହୁରି ତଳକୁ ଖସି ଯାଏ ତା ହେଲେ ମୁସ୍କିଲ ହେବ । ତୁମର ସେଠାରେ ଆମ୍ବ ଓ ଲିଚୁ ମିଳିବାର ସମ୍ଭାବନା ଅଛି ? କହି ପାରିବୁ ? ଆମର ଏଠିକା ଗଛରେ ଖୁବ ଛୋଟ ଛୋଟ ଫଳିଛି । ପିଉସୀମାର ଗୋଟିଏ ଛୋଟିଆ ଲିଚୁ ଗଛରେ ଲିଚୁ ଧରିଛି । ପଦ୍ମ ଗଛରେ ପ୍ରଚୁର ଫୁଲ ଫୁଟିଛି । ରଥୀର ଆମ୍ବଡା ଗଛରେ ବି ପ୍ରଚୁର ବଉଳ ଆସିଲାଣି । ଈଶ୍ୱର ତୋର ମଙ୍ଗଳ କରନ୍ତୁ ।

। ଇତି ।

ଚୈତ୍ର୨, ୧୩୧୩ (୧୬ମାର୍ଚ୍ଚ୧୯୦୭) ବାବା

❑

- ଅରୁଣ-ଦୀନେଶ ଚନ୍ଦ୍ର ସେନଙ୍କ (୧୮୬୬-୧୯୩୯) ମଧ୍ୟମ ପୁତ୍ର ଅରୁଣ ଚନ୍ଦ୍ର ସେନ ।
- ଅରବିନ୍ଦ-ଅରବିନ୍ଦ ମୋହନ ବସୁ (୧୮୯୫-୧୯୭୭) ଆନନ୍ଦ ମୋହନ ବସୁଙ୍କ ପୁତ୍ର-ଜଗଦୀଶ ଚନ୍ଦ୍ର ବସୁଙ୍କ ଭଣଜା । ପରବର୍ତ୍ତୀ କାଳରେ ବିଦେଶରେ ହିଁ ସ୍ଥାୟୀ ଭାବେ ବାସ କରୁଥିଲେ । ରବୀନ୍ଦ୍ର ରଚନାର ଇଂରେଜୀ ଅନୁବାଦକ ।

Digitized by srujanika@gmail.com

ଚିଠି ନଂ-୧୪

ଓଁ

ମୀରୁ,

ତୁ ତ ଜାଣୁ ମୋ ଭାଗ୍ୟରେ ସବୁବେଳେ ଦୁର୍ଯୋଗ ଲେଖାଥାଏ । ଯେଉଁଦିନ ଏଠାକୁ ଆସିଲି ତା ପର ଦିନଠାରୁ ପ୍ରତିଦିନ ସଂଜବେଳେ ଏଠାରେ ଝଡିବର୍ଷା ହେଉଛି । ପ୍ରଥମ ଦିନ ଯେଉଁଠି ବୋଟ୍ ଟା ଥିଲା ସେଠି ଥିଲେ ବହୁତ ଅସୁବିଧାରେ ପଡିବାକୁ ହେଇ ଥାଆନ୍ତା । ପାଞ୍ଚଜଣଙ୍କ କଥା ମାନି ଗୋଟିଏ ନିରାପଦ ଜାଗାରେ ଆଶ୍ରୟ ନେଇଥିଲି । ତେଣୁ ଝଡ଼ରୁ ରକ୍ଷା ମିଳିଲା । ଉମାଚରଣ ନିହାତି ଭୟାଳୁ ଲୋକ । ଝଡଯୋଗୁଁ କେଉ ରାତି ସେ ବୋଟ୍‌ରେ ମୋଟେ ଶୋଇ ପାରିନି । ଗୋଟିଏ ସୁବିଧାଜନକ ଜାଗାରେ ବୋଟ୍ କୁ ବାନ୍ଧି ସେଠୁ ନଈ ଉପରେ ବହି ଯାଉଥିବା ଝଡ଼ ଦେଖିବାକୁ ମୋତେ ଖୁବ୍ ଭଲ ଲାଗେ । ଗତକାଲି ଅପରାହ୍ନରେ ମେଘର ସେ ଘନଘଟା ଦେଖି ମୁଁ ମୁଗ୍ଧ ହେଇଗଲି । ସେ ଦୃଶ୍ୟ କଥା ଆଉ କଅଣ କହିବି ? ପଦ୍ମା ଉପରେ ମେଘ, ଖରା, ବର୍ଷା ଏବଂ ଜ୍ୟୋତ୍ସ୍ନା ମଧ । ମୋତେ ବେଶ ଭଲ ଲାଗେ । ପଦ୍ମା ନଦୀର ଛାତି ଉପରେ ଏକୁଟିଆ ବୋଟ୍ ରେ ବସିବାରେ ଯେ କି ଆନନ୍ଦ । ସେଠି ମୋତେ ଯେତେ ଭଲ ଲାଗେ ସେମିତି ଆଉ କୋଉଠି ଲାଗେନା । କିନ୍ତୁ ଈଶ୍ୱର ମୋ ମୁଣ୍ଡ ଉପରେ ଯେଉଁ କାମର ଦାୟିତ୍ୱ ଦେଇଛନ୍ତି ସେଥିରେ ଏଠି ବସିବା ମୋ ପକ୍ଷେ ସମ୍ଭବ ନୁହେଁ । କାଲି ଏଠାରୁ କଲିକତା ଯାଇ, ସେଠାରେ କେତେଗୁଡିଏ କାମ ସାରି ପୁଣି ବୋଲପୁର ଯିବାକୁ ହେବ । ସେଠିକା କାମଟାକୁ ଟିକିଏ ସଜାଡି ଆଣିଲା ପରେ ମୁଁ ତୁମମାନଙ୍କ ପାଖକୁ ଯିବି । କିନ୍ତୁ ତୁମମାନଙ୍କର ଆୟୁ ସମୟଟାତ ଡେରି ଅଛି । ଡେରି ଥାଉ ପଛେ ତୁମମାନଙ୍କୁ ଅନେକ ଦିନୁ ଦେଖିନି । ସେ ଦିନ ଇତୁ ଓ ଖୋକା ବୋଟକୁ ଆସିଥିଲେ । ଇତୁ ଗୁଡାଏ ବକ୍ ବକ୍ କରୁଥାଏ । ଖୋକା ଟିକିଏ ଗମ୍ଭୀର ପ୍ରକୃତିର । କଥାବାର୍ତ୍ତା ନ କରି ଏକାବେଳେକେ ସିଧା ମିଶ୍ରି ଓ କିସ୍‌ମିସ୍ ଉପରେ ହାତ ମାରିବାକୁ ଡେରି କଲାନି କି ସଂକୋଚ ମଧ କଲାନି । ଖୋକାଟା ଟିକିଏ ରୋଗା ହେଇ ଯାଇଛି । ଛାତିହାଡ ଦେଖା ଯାଉଛି । ମୁହଁଟା ଆଗଠାରୁ ଟିକିଏ ଲମ୍ବା ଓ ଫିକା ଦେଖାଯାଉଛି ।

ଈଶ୍ୱର ତୋର ମଙ୍ଗଳ କରନ୍ତୁ ।　　　　　　　　　　। ଇତି ।

୨୪ ଚୈତ୍ର, ୧୩୧୩ (୭ ଏପ୍ରିଲ, ୧୯୦୭)　　　　　　ବାବା

◻

- ଇତୁ-ଶ୍ରୀଶ ଚନ୍ଦ୍ର ମୁଦାମଦାରଙ୍କ ସମର୍କୀୟ ଭାଇ ସୁବୋଧ ଚନ୍ଦ୍ର ମଜୁମ ଦାରଙ୍କ କନ୍ୟା । ଶିଲାଇ ଦହ କୋଠି ଘରେ ରହିବା ସମୟରେ ଏକ ଶୋଚନୀୟ ଦୁର୍ଘଟଣାରେ ଏହି ଶିଶୁର ମୃତ୍ୟୁ ହୁଏ । (ସ୍ମୃତିକଥା-ପୃ-୫୫) ।

Digitized by srujanika@gmail.com

ଚିଠି ନଂ-୧୫

ଓଁ

ମୀରୁ,

ଗତ କାଲି କଲିକତା ଆସିଛି । ଆସନ୍ତା କାଲି କିମ୍ବା ପଅର ଦିନ ଏଠୁ ବୋଲପୁର ଯିବି । କିନ୍ତୁ ଜମିଦାରୀର ଗୋଳମାଳ ମେଣ୍ଟାଇବା ପାଇଁ ପୁଣି ବୈଶାଖ୍ୟ ୨/୩ ବେଳକୁ ଏଠାକୁ ଆସିବାକୁ ହେବ । ତା ପରେ ପୁଣି କାଲିଗ୍ରାମ ଯିବାକୁ ହେବ । ସେଠୁ ଫେରି ଯିବି ବୋଲପୁର । ସେଠୁ କେବେ ପୁଣି ତୁମମାନଙ୍କ ପାଖରେ ଯାଇ ପହଞ୍ଚି ପାରିବି ଏବେଠୁ ସେ କଥା କହି ପାରୁନି । ସବୁକାମ ସାରି ଯାଇ ତୁମମାନଙ୍କ ପାଖରେ ପହଞ୍ଚିବାକୁ ହୁଏତ ଜ୍ୟେଷ୍ଠ ମାସର କୌଣସି ଦିନବି ହୋଇ ଯାଇ ପାରେ । ସେତେବେଳେ ପୁଣି ଯେଉଁ ଗରମ, ଟିକିଏ ବର୍ଷା ପାଣି ପଡିଲେ ଯାଇ ତୁମମାନଙ୍କ ପାଖରେ ପହଞ୍ଚିବି । କିଛି ଦିନ ତୁମମାନଙ୍କ ପାଖରେ ରହି ଆମ୍ବ ଲିଚୁ ଖାଇ ବେଶ ଟିକିଏ ମୋଟା ସୋଟା ହେଇ ବିପନ ପରି ଓଜନଦାର ହେଲା ପରେ ଫେରି ଆସିବି । ନା କଅଣ କହୁଚୁ ?

ତୋ ପାଇଁ ସତ୍ୟ କାଶୀରୁ ଯେଉଁ ଧଡି ଆଣିଛି-ପଠେଇ ଦେଉଛି । ଏଇଟା ନିଶ୍ଚୟ ଭଲ ହେବ । ଖାଣ୍ଟି ସ୍ୱଦେଶୀ ଧଡି, ଧଳା ରେଶମ ସହିତ ବେଶ ମାନିବ । ଶାନ୍ତା ତା ହାତ ତିଆରି ଗୋଟିଏ ପଶମୀ ଆସନ ମୋତେ ଦେଇଛି ।

ଏଥର ଜମିଦାରୀର ଗୋଳମାଳ ମୋତେ କିଛିଦିନ ବ୍ୟସ୍ତ ରଖିବ । ଉପାୟ ନାହିଁ ।

ଈଶ୍ୱର ତୋର ମଙ୍ଗଳ କରନ୍ତୁ । । ଇତି ।

୨୬ ଚୈତ୍ର ୧୩୧୩ (୯ ଏପ୍ରିଲ-୧୯୦୭) ବାବା

ଚିଠି ନଂ-୧୬

ଓଁ

ମିରୁ,

କାଲି ଏଠାରେ ଜଣେ ଭଦ୍ରଲୋକଙ୍କ ଠାରୁ ଶୁଣିଲି ବେଣୀ ତା'ର ସ୍ତ୍ରୀ ଓ ଶରତର ମାଆକୁ ନେଇ ମୁଜାଫରପୁର ଯାଉଛି । ଶୁଣିଲି ଶରତର ମାଆର ଦେହ ଖୁବ୍ ଖରାପ । ତେଣୁ ଏବେ ମୋର ମୁଜାଫରପୁର ଯିବା ଉଚିତ ହେବନି । ଅନ୍ୟମାନଙ୍କ ଅସୁବିଧା ହେବ । ମୁଁ ଏଇ ଖବରଟା ତୁମମାନଙ୍କ ଠାରୁ ପାଇବାକୁ ଅପେକ୍ଷା କରିଚି । ଯଦି ଯିବା ବନ୍ଦ ହୁଏ, ମନଦୁଃଖ କରିବୁନି ମିରୀ । ଯେତେବେଳେ ସୁବିଧା ହେବ, ବାକି ସବୁ କାମ ପଛକୁ ପକାଇ ମୁଁ ତୁମମାନଙ୍କ ପାଖକୁ ଯିବି । ଏଥର ମୁଁ ଯିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଯାଇଥିଲି-କିନ୍ତୁ ଈଶ୍ୱର ଯେତେବେଳେ ବାଧା ଦେଲେ ସେତେବେଳେ ପ୍ରସନ୍ନ ହୃଦୟରେ ତାକୁ ମାନିନେବା ହିଁ ଉଚିତ । ବେଳାକୁ କିଛି କହିବୁ ନାହିଁ ।

Digitized by srujanika@gmail.com

ବେଣୀର ସ୍ତ୍ରୀ ସହିତ ତୋର ହୁଏତ ବେଶ ବଂଧୁତ୍ୱ ହେଇ ଯିବଣି । ଶୁଣିଛି ସେ ବେଶ ଭଲ ଝିଅଟିଏ । ତା ଛଡା ତୋର ପାଠ ପଢ଼ା ଓ ସିଲେଇ ଆଦି ଅଛି । ବେଲାର ଶାଶୁ ଆସିଲେ ତାଙ୍କର ବି କାମ ଦାମ କରିଦେବୁ । ଯଦି ତୋର ପଢ଼ିବା ପାଇଁ ବହିର ଆବଶ୍ୟକତା ଥାଏ, ମୋତେ ଲେଖିଲେ ପଠେଇଦେବି ।

ଏଠା ବିଦ୍ୟାଳୟରେ ପାଣି ବସନ୍ତ, ମିଳିମିଳା ପ୍ରଭୃତି ବ୍ୟାପିବାରୁ, ସ୍କୁଲ ଛୁଟି କରି ଦେବାକୁ ବାଧ ହେଲି । କାଲିଠାରୁ ଦେଢ଼ମାସ ଯାଏ ଛୁଟି । ଛୁଟି ଭିତରେ କେତେ ଖଣ୍ଡ ନୂଆ ଘର ତିଆରି କରିବାକୁ ହେବ ।

ତୋର ସୁରେନ୍ ଦାଦା କାଲି ଆସିଛି । ସୋମବାର ଯିବ । ସେମାନେ ସମସ୍ତେ ମାନେ ଖୋକା ଖୁକି, ସଂଜ୍ଞା ପ୍ରଭୃତି ରାଞ୍ଚି ଯିବେ । ଖୋକାର ଦେହ ସେମିତି ଭଲ ନାହିଁ । ଈଶ୍ୱରଙ୍କୁ ହୃଦୟରେ ଧରି ତୁ ସବୁ ଅବସ୍ଥାରେ ସୁଖରେ ରହ । ଏତିକି ପ୍ରାର୍ଥନା ।

। ଇତି ।

ବାବା

❑

• ଶରତର ମାଆ -ମାଧୁରୀଲତା ଦେବୀଙ୍କ ଶାଶୁ ।

ଚିଠି ନଂ -୧୭

ଓଁ

ମୀରୁ,

ତୁ ତ ବେଶ । ତୋ ଦିଦି ମୋତେ ଯିବାକୁ ଲେଖିଚି ସିନା, ହେଲେ ମୁଁ ଏ ସମୟରେ ଗଲେ ସେମାନଙ୍କର ନାନା ପ୍ରକାର ଅସୁବିଧା ହେବ । ଏଥିରେ ଆଉ ସନ୍ଦେହ ନାହିଁ । ତାଛଡା ମୁଁ ଏବେ ଗୋଟାଏ ବିଶେଷ କାମରେ ବ୍ୟସ୍ତ ଅଛି । ତାକୁ ଶେଷ ନ କରି ମୋର ଆଉ କୋଉଠିକୁ ଯିବା ସମ୍ଭବ ନୁହେଁ । ।

ସତ୍ୟକୁ ଲେଖିଥିଲି ମିସେସ୍ ଲି (Lee) ପାଇଁ ତୋତେ ଗୋଟାଏ ଭଲ ରାଧା ନଗରୀ ଥାନ ଲୁଗା ପଠେଇ ଦେବା ପାଇଁ ସତ୍ୟ ଲେଖିଛି ସେ ଗୋଟାଏ ଥାନ ଲୁଗା ପଠେଇ ଦେଇଛି । ସେଇଟା ତୋର ପସନ୍ଦ ହେଇଛି କି ନା ମୋତେ ଲେଖିବୁ । ମୋରତ ମନେ ହୁଏ ମିସେସ୍ ଲି ଲୁଗା ପାଇଲେ ଖୁସି ହେବେ । ତୋର 'Ivanhoe' ପଢ଼ା କେମିତି ଚାଲିଛି ? ଭଲ ଲାଗୁଛି ? ତାର ଐତିହାସିକ ଅଂଶଟା ବୁଝି ପାରୁଛୁ ତ ? ଇଂରାଜୀ ଲେଖା ଟିକିଏ ଅଧେ ଅଭ୍ୟାସ କରୁଛୁ ?

ଆମର ଏଠାକାର ସବୁପିଲା ଏବେ ଚାଲି ଯାଇଛନ୍ତି । କେବଳ କ୍ଷିତୀଶ, ଶମୀ ଓ ପଟଲ ବାକି । ଯଦି ଏହା ଭିତରେ ପଟଲର ବାହାଘର ହୁଏ ତେବେ ସେ ବି କିଛି ଦିନ ପାଇଁ ଚାଲିଯିବ ।

Digitized by srujanika@gmail.com

ବୋଲପୁର ଏମିତି କେବେ ଖାଲି ହୋଇ ନଥିଲା । ଏମିତିକି ଯତୀନ, ପାଲିତ୍ ଏବଂ ଦେବଲ ବି ଚାଲି ଯାଇଛନ୍ତି ।

ଶମୀ ଠାକୁର ସେ ଦିନ ଲାଇବ୍ରେରୀର ବହିପତ୍ର ସଜାଡ଼ିବାକୁ ଯାଇ ଅତିରିକ୍ତ ପରିଶ୍ରମ କରିବା ଫଳରେ ଜ୍ୱରରେ ପଡିଛି । ଜ୍ୱରରେ ପଡି ସେ ବହୁତ ଗୀତ ଓ କାବ୍ୟ ଆଲୋଚନା କରୁଛି । ଏବେ ହଠାତ୍ ତାର ସଂଗୀତ ପ୍ରତି ଶ୍ରଦ୍ଧା ବଢ଼ି ଯାଇଛି । ପ୍ରାୟ ସେ "ଏକି ଲାବଣ୍ୟେ ପୂର୍ଣ୍ଣ ପ୍ରାନ୍..." ଗାଇ ଗାଇ ବୁଲୁଛି । ସ୍ୱର ଯେ ଖୁବ୍ ବିଶୁଦ୍ଧ ଭାବେ ଉଚ୍ଚାରଣ କରୁଛି, ତାହା ସତ୍ୟର ପ୍ରେରଣାରେ କି କଅଣ, ସେ କଥା ମୁଁ କହି ପାରିବିନି । ହେମଲତା ତାଙ୍କର ଜଣେ ଝିଆରୀର ବାହାଘର ଲାଗି କଲିକତା ଯାଇଛନ୍ତି । କମଳ, ରମା ଓ ବେଙ୍କୁର ଶିକ୍ଷକତା କରୁଛି । କମଳ ଅନେକ ଦିନ ହେଲା ଏଠାକୁ ମୋ ସହିତ ଆସଛି । ଏବେ କଲମରୁ କାଳି ସରିଆସିଲାଣି । ଈଶ୍ୱର ତୋର ମଙ୍ଗଳ କରନ୍ତୁ ।

। ଇତି ।

୧୪ ବୈଶାଖ୍ୟ, ୧୩୧୪ (୨୭ ଏପ୍ରିଲ୍, ୧୯୦୭) ବାବା

❑

- Ivanvhoe ସାର ୱାଲଟାର ସ୍କଟଙ୍କର (୧୭୭୧-୧୮୩୨) ବିଖ୍ୟାତ ଉପନ୍ୟାସ ।
- କ୍ଷିତୀଶ-ଶାନ୍ତି ନିକେତନ ବିଦ୍ୟାଳୟର ଛାତ୍ର କ୍ଷିତୀଶ ମୁସ୍ତାଫୀ । ଜଗଦାନନ୍ଦ ରାୟଙ୍କ ପୁତ୍ର । ସାହିତ୍ୟ ସମାଜରେ ଏକଦା ତ୍ରିଗୁଣାନନ୍ଦ ନାମରେ ପରିଚିତ ଥିଲେ । ତାଙ୍କର ଅକାଳ ବିୟୋଗ ହୁଏ । (ସୁଧୀର ରଂଜନ ଦାସ ପ୍ରଣୀତ 'ଆମାଦେର ଶାନ୍ତି ନିକେତନ' ବିଶ୍ୱଭାରତୀ-୧୯୬୨-ପୃ-୬୮) ପରେ ଖାଲି 'ଆମଦେର-ଶାନ୍ତି ନିକେତନ' ।
- ଦେବଲ- ନାରାୟଣ କାଶୀନାଥ ଦେବଲ । ତାଙ୍କ ବାପା ଥିଲେ ମହାରାଷ୍ଟ୍ରୀୟ ଏବଂ ମାଆ ବ୍ରହ୍ମଦେଶୀୟ । ଦେବଲ ଥିଲେ ଶାନ୍ତି ନିକେତନ ପୋଷ୍ଟ ଅଫିସର ପ୍ରଥମ ପୋଷ୍ଟ ମାଷ୍ଟର । (ଆମାଦେର ଶାନ୍ତି ନିକେତନ । ପୃ-୩୦-୩୧)

ଚିଠି ନଂ-୧୮

ଓଁ

ମୀରୁ,

କାମ ସକାଶେ ତିନି ଚାରି ଦିନ ହେଲା କଲିକତା ଆସିଛି । କେତେଦିନ ପରେ ଛୁଟି ମିଳିବ ତାବି ଜାଣେନା' । ଯେଉଁଦିନ ବୋଲପୁର ଛାଡିଲି ସେ ଦିନ ତୋର ଗୋଟାଏ ବଡ ବଂଗଳା ଓ ଇଂରାଜୀ ଚିଠି ପାଇଥିଲି । ଏ ଲକ୍ଷ୍ମୀଛଡା କଲକତାରେ ବସି ବସି ତାର ଯେ ଗୋଟାଏ ଭଲ ଧରଣର ଉତ୍ତର ଦେବି ସେ ସମ୍ଭାବନା ମଧ ନାହିଁ । ଏଠି ମନଟା ଉଦ୍‌ଭ୍ରାନ୍ତ ହେଇଯାଏ । ଏକେତ ଲୋକ ଭିଡ । ସେଥିରେ ପୁଣି କେତେ ଦିନ ତଳେ ସମରର ବଡ ପୁଅଟି (ନ୍ୟାଡ଼ା) ହଠାତ ମରିଗଲା । ସେଥିପାଇଁ ଏବେ ମୃତ୍ୟୁର ଛାୟା ଜୋଡାସାଙ୍କୋକୁ ଆଚ୍ଛନ୍ନ କରି ରଖିଛି ।

Digitized by srujanika@gmail.com

ତୋର ମିସେସ୍ ଲି ଚାଲି ଯାଉଛନ୍ତି ଶୁଣି ମୁଁ ଦୁଃଖିତ । ତୋତେ ନିଶ୍ଚୟ ଏବେ ଆଉ ମୁଜାଫରପୁର ସେତେ ଭଲ ଲାଗୁ ନ ଥିବ । ମୁଁ ଯେତେ ଶୀଘ୍ର ପାରେଁ ତୋତେ ବୋଲପୁରକୁ ନେଇ ଆସିବି । ତୁ କିଛି ଦିନ ଅପେକ୍ଷା କର । ତୋର କଅଣ ଆଉ କେହି ନୂଆ ଶିକ୍ଷୟତ୍ରୀ ନିଯୁକ୍ତ ହେଉଛନ୍ତି ? ଦିନ ସାରା ତୋର କେମିତି କଟେ ? ବେଲା ଲେଖିଛି ସେ ତୋତେ ମହାଭାରତ ପଢ଼ାଏ ଏବଂ ବଙ୍ଗଳା ଶିଖାଏ ?

ସମୀରକୁ ଅଳ୍ପଟିକିଏ ଜ୍ୱର ହେଉ ଥିଲା । ଭଲ ହୋଇ ଯାଇଥିଲା-ଦେଖି ଆସିଛି । ଛୁଟି ବେଳେ ଯେଉଁ ପିଲାମାନେ ଘରକୁ ଯାଉଛନ୍ତି, ଖବର ମିଳିଛି ଯେ ସେମାନଙ୍କୁ ଗୋଟିଏ ପରେ ଗୋଟିଏ ପାଣି ବସନ୍ତ ହେଉଛି । ଗୋଟିଏ ପିଲାର ଠିକ ବସନ୍ତ ପରି ହେଇଛି । ଏମାନେ ଯଦି ବୋଲପୁରରେ ଥାଆନ୍ତେ ତେବେ ମୋତେ କି ମୁସ୍କିଲରେ ପଡ଼ିବାକୁ ହେଉ ଥାଆନ୍ତା । ଏଥର ଗୋଟାଏ ହସପିଟାଲ ତିଆରି କରିବାକୁ ହେବ । ଏବେ ସେଇ ଯୋଗାଡରେ ଅଛି ।

ଈଶ୍ୱର ସର୍ବଦା ତୋତେ ଶାନ୍ତିରେ ରଖନ୍ତୁ । ଇତି ।

୨୨, ବୈଶାଖ ୧୩୧୪ (୫,ମେ ୧୯୦୭) ବାବା

❑

• ସମର-ସୁରେନ୍ଦ୍ର ନାଥ ଠାକୁରଙ୍କ ପୁତ୍ର ସମରେନ୍ଦ୍ର ନାଥ (୧୮୭୦-୧୯୫୧)

ଚିଠି ନଂ-୧୯

ଓଁ

ମୀରୁ,

ଶ୍ୱଶୁର ଘରର ସମସ୍ତ କଦଳୀ ଆତ୍ମସାତ କରି ବସିଛୁ -ଅଥଚ ସମ୍ବୁଦ୍ଧଣୀ ସେ ଗୁଡିକ ମୋ ପାଇଁ ପଠେଇଥିଲେ । ତୋର ଶାଶୁ ଆଦର କରି ମୋତେ କଦଳୀ ଉପହାର ଦେଇଛନ୍ତି ବୋଲି ଲୋକେ ମୋତେ ଉପହାସ କରୁଛନ୍ତି । ପ୍ରତି ବଦଳରେ ମୁଁ ତାଙ୍କୁ କଅଣ ପଠେଇବି ସେଇ କଥା ଭାବୁଛି ।

Bride of Lammermoor ତୋର ପ୍ରାୟ ଶେଷ ହେଇ ଆସୁଛି ଶୁଣି ଖୁସି ହେଲି । ସେହିପରି ଯେତେ ପାରୁଛୁ ଶେଷ କରି ପକା । Kenilworth ବୋଲି ସ୍କଟର ଗୋଟିଏ ବହି ଅଛି । ସେଇଟାବି ଅତ୍ୟନ୍ତ ଦୁଃଖର । ଯଦି ଦୁଃଖର କାହାଣୀ ପଢ଼ିବାରେ ଆପତ୍ତି ନଥାଏ ତେବେ ସେଇଟା ବି ଦେଖିପାରୁ । ଦୈନିକ ସକାଳେ ଅନ୍ତତଃ ଘଣ୍ଟାଏ କରି ତୁ ସେଇ ରୋମର ଇତିହାସଟା ପଢ଼ି ଶେଷ କର ।

Digitized by srujanika@gmail.com

ମଜା ଦେଖୁଛୁ ମୀରା-ମୁଁ ବି ଚାଲି ଆସିଲି । ଆଉ ତୁମର ସେଠାରେ ବର୍ଷା ଅଭାବରେ ହାହାକାର ପଡିଗଲା । ଏଠାରେ ଅତି ବୃଷ୍ଟି ସକାଶେ ଲୋକେ ମୁଣ୍ଡରେ ହାତ ଦେଇ ବସିଥିଲେ ମୁଁ ଆସିବାରୁ ବର୍ଷା ବେଶ କମି ଯାଇଛି । ଏଥିରୁ କଅଣ ଜଣା ପଡୁଛି ? ମୋର ଜୀବନ ଚରିତ ଯେତେବେଳେ ଲେଖା ହେବ ଆଶାକରେ ଗ୍ରନ୍ଥକର୍ତ୍ତା ଏଇ ବିଷୟଟି ନେଇ ଟିକିଏ ଗଭୀର ଭାବେ ଆଲୋଚନା କରିବେ ।

ତୋର ସୁଧାର ମାଷ୍ଟରଟି ଏଠାରେ ବଗିଚା କାମ କରିବା ପାଇଁ ବ୍ୟସ୍ତ ଅଛନ୍ତି । ହେଲେ ଖାଲି ଇଚ୍ଛା ଥିଲେ ତ ବଗିଚା କାମ ହୁଏନା । ଦକ୍ଷତାବି ଥିବା ଦରକାର । ମୋ ବିଦ୍ୟାଳୟର ମହାମହ ପଣ୍ଡିତମାନେ ଉଦ୍‌ଭିଦ ବିଦ୍ୟାରେ ଯେ ବିଶାରଦ ତାର ପ୍ରମାଣ ସେମାନେ ପାଇଛନ୍ତି । ତେବେ କିଛିଦିନ ପାଇଁ ପିଉସୀମାନଙ୍କୁ ଏଠାକାର ନାଏବ କରିଦେଲେ ନିଶ୍ଚୟ ବିଲାତି ବାଇଗଣରେ ଧରଣୀ ଭାରାକ୍ରାନ୍ତ ହେଇ ପଡନ୍ତା । ପିଉସୀମା ଯେଉଁ ଖଡ଼ାର ବିଶେଷ ପକ୍ଷପାତୀ ସୁବୋଧର ବଗିଚାରେ ତାର ଖୁବ୍ ଚର୍ଚ୍ଚା ଚାଲିଛି । ବାଇଗଣ ଲଗା ଯାଇଛି କିନ୍ତୁ ଫଳ ଫଳିବାକୁ ସମୟ ଲାଗିବ । ପିଉସିମା ଏମିତି ମାଟି ପାଇଲେ କିଛି ବାକି ରଖନ୍ତେ ନାହିଁ । ଏମାନେ ପରିବା ଅଭାବରୁ କେତେ ହଇରାଣ ହେଉଛନ୍ତି । ଏଠାରେ ବଡ ବଡ ପଣସ ଆଣି ମୋତେ ଭେଟି ଦେଉଛନ୍ତି । କିନ୍ତୁ ଖାଇବାକୁ ଲୋକ ନାହିଁ । ଉମାଚରଣ ଏକୁଟିଆ ବିଶେଷ କିଛି କରି ପାରୁନି । ସୁବୋଧର ସ୍ତ୍ରୀ ନାହିଁ । ଏଥର ତାର ଖିଆ ପିଆର ସୁବିଧା ହେଉନି । ନିଜେ ରାନ୍ଧି ଖାଉଛି । ଈଶ୍ୱର ତୋର ମଙ୍ଗଳ କରନ୍ତୁ । । ଇତି ।

୩ ଆଷାଢ଼, ୧୩୧୪(୧୮ ଜୁନ୍ ୧୯୦୭) । ବାବା

❑

- Bride of Lammermoor-Sir Walter Scott ଙ୍କ ର ଦୁଇଟି ଏବଂ Kenilworth ଉପନ୍ୟାସ ।
- ସୁବୋଧ ମାଷ୍ଟର-ସୁବୋଧ ଚନ୍ଦ୍ର ମଜୁମଦାର ଶାନ୍ତି ନିକେତନ ବିଦ୍ୟାଳୟର ଶିକ୍ଷକ । ପରେ ଜୟପୁର ରାଜ୍ୟରେ ଚାକିରି ଗ୍ରହଣ କରନ୍ତି ଏବଂ କାଳକ୍ରମେ ମହାରାଜଙ୍କର ସଚିବ ପଦରେ ଅଧିଷ୍ଠିତ ହୁଅନ୍ତି ।

ଚିଠି ନଂ- ୨୦

ଓଁ

ମୀରୁ,

ମୋ ବୋଟ୍‌ଟି ଯେଉଁଠି ଅଛି ସେଠି ହଠାତ୍ ଆଜି ମାଟି ଅତଡା ଖସୁଛି । ଦେଖୁ ଦେଖୁ ମାଟି ଗୁଡାକ ସ୍ୱପ୍ନ ପରି ଅଦୃଶ୍ୟ ହେଇ ଯାଉଛି । ସକାଳେ ଏଠି ଆଣ୍ଠୁଏ ପାଣିଥିଲା ଏବେ କାତ ପାଉନି । ଗୋଟାଏ ଗୋଟାଏ ବିରାଟ ଅତଡା ମେଘ ଗର୍ଜନ କରି ପାଣିରେ ଭାଙ୍ଗି ପଡୁଛି ଏବଂ ପାଣିକୁ ଉଠେଇ ତୋଳପାଡ କରି ପକାଉଛି । ତେଣୁ ଏ ଜାଗାଟା ଛାଡି ଆଉ ଟିକିଏ ଆଗକୁ ଯିବାକୁ ହେବ । ବର୍ଷାରେ ପଦ୍ମା ଭୟଙ୍କର ମୂର୍ତ୍ତି ଧାରଣ କରିଛି । ମଝି ପାଣିରେ ଢେଉ ସୃଷ୍ଟି କରି

Digitized by srujanika@gmail.com

ଗବ ଗବ ହେଉଛି । ସବୁବେଳେ ସାଇଁ ସାଇଁ ଶବ୍ଦ ହେଉଛି ଠିକ ଯେମିତି ପଥର ଦେହରେ ଖଣ୍ଡାକୁ ଶାଣ ଦିଆ ଯାଉଛି । ଭାଗ୍ୟକୁ ମୁଁ ଯେଉଁ କେତେଦିନ ଅଛି ସେମିତି ଗୋଟିଏ ଲଗାଣରେ ବର୍ଷା ହୋଇନି । ହୋଇଥିଲେ ବୋଟ୍‌ରେ ରହିବାର ଆରାମ ବାହାରି ପଡି ଥାଆନ୍ତା । ମଝିରେ ମଝିରେ ବର୍ଷା ହେଇ ପୁଣି ଯେତେବେଳେ ଖରା ଦେଖା ଯାଉଛି ସେତେବେଳେ ଜଳସ୍ଥଳ ଅପୂର୍ବ ଶୋଭା ଧାରଣ କରୁଛି । ତୁମ ମାନଙ୍କର ବୋଲପୁର ମାଟିରେ ଗୋଟାଏ ଗାମ୍ଭୀର୍ଯ୍ୟ ଅଛି ସତ ହେଲେ ଏଠିକା ପରି ସେତେ ବୈଚିତ୍ର୍ୟ ପୂର୍ଣ୍ଣ ନୁହେଁ ।

ମୁଁ ଆଗାମୀ ସୋମବାର କାଲିଗ୍ରାମ ଚାଲିଯିବି । ସେ ଜାଗାଟା ଟିକିଏ ଭିନ୍ନ ପ୍ରକାର । ମଝିରେ ଦି'ଦିନ ପାଇଁ ଜାନିପୁର ଯାଇଥିଲି । ସେଇଟା ଗୋଟାଏ ମଫସଲ ସହର । ଘରଗୁଡାକ ଖୁନ୍ଦା ଖୁନ୍ଦି । ଦୋକାନ ବଜାରରେ ଲୋକ ଗହଳି ଅବଶ୍ୟ ଅଛି । ଏ ସବୁ ଦେଖି ଉମାଚରଣର ବେଶ୍ ପସନ୍ଦ ହୋଇଛି । ପଦ୍ମାନଦୀ ଉପରେ ନ ରହି ଏମିତି ଲୋକାଳୟକୁ ଚାଲିଯାଇ ପାରିଲେ ସେ ଖୁବ୍ ଖୁସି । ତୋର ପାଠପଢ଼ା ଭଲ ଚାଲିଛି ତ ? ତୁମମାନଙ୍କ ପାଖକୁ ଫେରିବାକୁ ମୋତେ ହୁଏତ ଆହୁରି ପନ୍ଦର ଦିନ ଖଣ୍ଡେ ଲାଗିବ । ଶମୀର ଦେହ ମଝିରେ ଖରାପ ହୋଇଛି ଶୁଣି ମୁଁ ଚିନ୍ତିତ । ଆଜିକାଲି ତୁ କେମିତି ଅଛୁ ? । ଇତି ।

(୯ ଶ୍ରାବଣ ୧୩୧୪, ୨୫ ଜୁଲାଇ ୧୯୦୭) । ବାବା

❑

ଚିଠି ନଂ-୨୧

ଓଁ

ମୀରୁ,

ତୁ କେମିତି ଅଛୁ, ମୁଁ ଯେମିତି ଖବର ପାଏଁ । ତୁ ଟିକିଏ ବେମାର ପଡିଲେ ମୋତେ ଯେମିତି କେହି ଲେଖେ । ବେଲା ଚାଲି ଯାଇଛି । ସେ ଥିଲେ ତା ଠାରୁ ସଠିକ ଖବର ମିଳନ୍ତା । ତୋର ଏବେ କୌଣସି ଚିକିତ୍ସା ଚାଲିଛି କି ? ତା ମାନେ ଆଉ କେହି ଡାକ୍ତର ଆସିଥିଲେ କି କିମ୍ବା କି ଔଷଧ ଖାଉଛୁ ? ଉପେନ୍ ଓ ସ୍ନାନେନ ଏ ଯାଏ ଜୋଡାସାଙ୍କୋରେ ଅଛନ୍ତି ବୋଧହୁଏ ।

ଶଶୀ ମୁଙ୍ଗେର ଚାଲିଯାଇଛି । ବିଚରା ବାଘୁ ବଡ ବିମର୍ଷ ହୋଇ ରହିଛି । ହେଲେ ସେ ଯେ ଏକାବେଳେ ଅନ୍ନ ଜଳ ପରିତ୍ୟାଗ କରି ଯୋଗସିଦ୍ଧ ବାୟୁଭୁକ୍ ଋଷି ପରି ଶାନ୍ତିନିକେତନ ଉଜ୍ଜ୍ୱଳ ଓ ପବିତ୍ର କରି ରହିଛି ପିଉସୀମାର ଏ ଧାରଣା, ଦୂର କରିଦେବୁ । ଆହାର କରି ଜୀବନ ଧାରଣ କରିବା ଜୀବର ଧର୍ମ-ବାଘୁବି ଆମପରି ଦ୍ୱିପଦ ନ ହେଲେ ଚତୁଷ୍ପଦ ଜୀବ । ସେ ଆହାର କରି ଥାଏ । ତା ନ ହୋଇଥିଲେ ଏତେଦିନକୁ ସେ ତାର ଜ୍ୟେଷ୍ଠ ସହୋଦର କାଲୁର ଅନୁଗାମୀ ହେଇ ସାରନ୍ତାଣି । ଉମାଚରଣ ଏଠି ଆସି ପହଞ୍ଚିବା ମାତ୍ରେ ଜ୍ୱର ଓ ବାତ ରୋଗରେ ଆକ୍ରାନ୍ତ ହୋଇଛି । ଏ ରୋଗର ବୀଜ ସେ କଲିକତାରୁ ଆଣିଛି । ତା ନହେଲେ ଷ୍ଟେଶନରେ ଓହ୍ଲାଇବା

Digitized by srujanika@gmail.com

କ୍ଷଣି ତାକୁ ଶୀତ ଧରନ୍ତା ନାହିଁ । ଏବେ ତାର ଜ୍ୱର ନାହିଁ ହେଲେ ହାତରେ କଟଟିରେ ବାତ ଅଛି । ଆଜି ସକାଳେ ଥଣ୍ଡା ପାଣିର ପଟି ଲଗେଇ ଚିକିତ୍ସା କରୁଛି । କୌଣସି ଚିକିତ୍ସା ଶାସ୍ତ୍ରରେ ଏପରି ବିଧି ବିଧାନ ଦେଖାଯାଉନି । ହେଲେ ସେ କହୁଛି ଏଥିରେ ଉପକାର ଯେ ମୋ ଔଷଧ ଖାଇ ହୋଇଛି, ଅକୃତଜ୍ଞ ସେ କଥାଟା ସ୍ୱୀକାର କରିବାକୁ ଚାହେଁନା ।

ଏଠାରେ ଅନେକ ଦିନ ପରେ ଉଦାର ଆକାଶ ନିର୍ମଳ ଆଲୋକ ଓ ଉପଯୁକ୍ତ ପବନ ପାଇ ଭାରୀ ଭଲ ଲାଗୁଛି । ସବୁଠାରୁ ବେଶି ଉପଭୋଗ କରିହୁଏ ଏଠିକାର ନିର୍ଜନତା । ହେଲେ ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟେ । କାଲି ସଂଜବେଳେ ଜହ୍ନ ଆଲୁଅରେ ଦୋଳି ଚୌକି ଉପରେ ଆରାମରେ ବସି ଝୁଲୁ ଥିଲାବେଳେ କଲିକତାରୁ ଜଣେ ଅତିଥି ଆସି ପହଞ୍ଚିଲେ । ଲୋକବାକ ପୂଜାରୀ ଚାକର କେହି ନାହାନ୍ତି । ମହା ମୁସ୍କିଲ । କାଲି ଯୋଗକୁ ଅରନ୍ଧନ ଥିଲା । ତେଣୁ ଆତ ଓ ଉଖୁଡା ଖୁଆଇ ତାକୁ ସନ୍ତୁଷ୍ଟ କରିଦେଲି । ଆଜି ବି ସିଏ ଯିବା ନାଁ ଧରୁ ନାହାନ୍ତି । ଆଜି ତାକୁ ଦ୍ୱୀପୁଙ୍କ ଘର ଆଡ଼କୁ ଚାଲଣ କରି ଦେଇଛି । ସେଠାରେ କମଲ ଏବଂ ବୋହୂ ତାଙ୍କର ଯେମିତି ସତ୍କାର କରିବାକୁ ଚାହାନ୍ତି କରନ୍ତୁ-ଶେଷ ସତ୍କାର ନ ହେଲେ ହେଲା । ସେମାନଙ୍କର ବି ପୂଜାରୀ ନାହିଁ । ବୋହୂ ନିଜେ ରାନ୍ଧୁଛନ୍ତି । ମୋତେ ପ୍ରଥମ ଦିନ ଦୁର୍ଗା ରାନ୍ଧି ଖୁଆଇ ଥିଲା । ଦ୍ୱିତୀୟ ଦିନ ମୁଢ଼ି, ଉଖୁଡା, ଡାଲି ବତୁରା ଏବଂ ତୃତୀୟ ଦିନରେ ବୋହୂ ଖୁଆଇ ଥିଲେ । ଜଗନ୍ନାଥ ଯଦି ଶୀଘ୍ର ସ୍କୁଲ ପାଇଁ ଜଣେ ପୂଜାରୀ ନ ପଠାଏ ତେବେ ଏଠି ହାହାକାର ପଡିଯିବ । ଆଉ ଦିନ କେତୋଟା ଭିତରେ ଏଠି ଏଣ୍ଡାନ୍ସର ପିଲାମାନେ ଆସିଯିବେ । ସେତେବେଳେ ଦୁର୍ଗା ବିଚାରାର କି ଦୁର୍ଗତି ହେବ । ଜଗନ୍ନାଥକୁ ଡାକି ଏ ବିଷୟରେ କଡା କରି ତାଗିଦ୍ କରିବାକୁ ଭୁଲିବୁନି ଯେମିତି ।

ନିର୍ଜନ ନିଭୃତରେ ସେଇ 'ଗୋରା' ଗଳ୍ପଟା ଲେଖା ଚାଲିଛି । କଲିକତାରେ ମୁସ୍କିଲରେ ପଡିଥିଲି । ଗଳ୍ପ ପତ୍ରିକାରେ ବାହାରିବା ଆରମ୍ଭ କରି ଶେଷ କରି ନ ପାରିଲେ ତ ଲଜ୍ଜାର ସୀମା ନାହିଁ । ଅନ୍ତତଃ ତିନି ମାସର ଲେଖା ଆଗେଇ ରଖି ପାରିଲେ ନିଶ୍ଚିନ୍ତ ହେଇ ହୁଏ

ଈଶ୍ୱର ତୋର ମନକୁ ଅଧିକାର କରି ତୋତେ କୁଶଳରେ ରଖନ୍ତୁ-ଏହା ହିଁ ମୋର ଅନ୍ତର ର ଆଶୀର୍ବାଦ । (ଅକ୍ଟୋବର, ୧୯୦୭)

। ଇତି ।

ବାବା

❑

- ଉପେନ, ଜ୍ଞାନେନ-ରବୀନ୍ଦ୍ରନାଥଙ୍କ କନିଷ୍ଠ ଜାମାତା-ନଗେନ୍ଦ୍ର ନାଥ ଗଙ୍ଗୋପାଧ୍ୟାୟଙ୍କ ଦୁଇ ଭାଇ । ଉପେନ୍ଦ୍ର ନାଥ ଶ୍ରୀମତୀ ଅରୁଣ ଆସଫ୍ ଅଲ୍ଲୀଙ୍କ ପିତା ।
- ଶମୀ ମୁଙ୍ଗେର ଚାଲି ଯାଇଛି-ଭୋଳା (ସରୋଦ ଚନ୍ଦ୍ର) ସହିତ ଶମୀନ୍ଦ୍ର ନାଥ ମୁଙ୍ଗେର ବୁଲି ଯାଇଥିଲେ । ସେଠାରେ କଲେରାରେ ଶମୀର ମୃତ୍ୟୁ ହୁଏ । (୨ ନଭେମ୍ବର, ୧୯୦୭) ।
- ଦ୍ୱିପୁ-ଦ୍ୱିଜେନ୍ଦ୍ର ନାଥ ଠାକୁରଙ୍କ ପୁତ୍ର ଦ୍ୱିପେନ୍ଦ୍ର-ନାଥ । (୧୮୬୨-୧୯୨୨) ଗୋରା-୧୩୧୪

Digitized by srujanika@gmail.com

ସାଲ (ବଙ୍ଗଳା ଭାଦ୍ରମାସରୁ 'ପ୍ରବାସୀ'ରେ ଧାରାବାହିକ ଭାବେ ପ୍ରକାଶିତ ହୋଇ ୧୩୧୬ ଫଗୁଣରେ ଶେଷ ହୁଏ ।

ଚିଠି ନଂ-୨୨

ଓଁ

ମୀରୁ, ଜୋଡାସାଙ୍କୋ

ଆଜି ଏବେ ଏବେ ମୁଁ ଶିଲାଇଦହ ବାହାରି ଯିବି । ଏବେ ସକାଳ ସାଢ଼େ ପାଞ୍ଚଟା । ରାତି ସାଢ଼େ ତିନିଟାରେ ଉଠି ମୁଁ ମୁହଁ ଧୋଇ ଗାଧୋଇ ଲୁଗାପଟା ପିନ୍ଧି ବସି ରହିଛି । ସେଇ ବାରଟା ଗୋଟାଏ ବେଳେ ଶିଲାଇ ଦହ ପହଞ୍ଚି ଆଉ ଥରେ ପଦ୍ମାରେ ବୁଡି ଗାଧୋଇବାକୁ ହେବ । ଏଥର ଶିଲେଇଦହରେ କେତେ ଦିନ ରହି ପାରିବି ଜାଣେଁନା । ଯେତେ ବେଶି ଦିନ ପାରେ ସେଠାରେ କଟାଇ ଆସିବି-ଏଇଟା ମୋର ଇଚ୍ଛା । ବିଶେଷ ଯେ କିଛି କାମ ଅଛି ତା ନୁହେଁ ହେଲେ କିଛି ଗୋଟିଏ ବାହାନାରେ କିଛି ଦିନ ଛୁଟି ନେଇ ଆରାମ କରି ଆସିବା କଥା । ବିଶେଷତଃ ତୁମେମାନେ ଏବେ କେହି ବୋଲପୁରରେ ନାହିଁ । କୁସୁମତୋସାନର ସ୍ତ୍ରୀ ସହିତ କଥାବାର୍ତ୍ତା କରିବାର ଉପାୟ ନାହିଁ । ନା ବଙ୍ଗଳା ଜାଣେ, ନା ଇଂରାଜୀ । ଦେଖିବାକୁ ବେଶ ଗୋଲଗାଲ-ଗେଡୀ, ଠିକ ଗୋଟାଏ ଜାପାନୀ କଣ୍ଢେଇ ପରି । ତାକୁ ଶାଢ଼ୀ ପିନ୍ଧାଇ ଦେବାରୁ ମନ୍ଦ ଦେଖା ଗଲାନି । ତୁମେମାନେ ସବୁ ଆସିଲେ ସେମାନଙ୍କୁ ନିଶ୍ଚୟ ଆଉ ଥରେ ନିମନ୍ତ୍ରଣ କରି ଆଣିବା । ତୋର ସାନ ସାନ ଦୁଇ ବଂଧୁ ମିସେସ୍‌ଲି ର ଦୁଇ ଝିଆରୀ ଚାଲି ଯାଉଛନ୍ତି ଶୁଣି ମୋ ମନରେ ଦୁଃଖ ହେଲା । ତୋ ସହିତ ସେମାନଙ୍କର ବେଶ ଜମି ଆସୁଥିଲା । ମୁଁ ତେଣୁ ବେଶ ଖୁସି ଥିଲି । ମିସେସ୍ ଲିଙ୍କ ସେଠାରେ ତୋ ବୟସର ଆଉ କୌଣସି ଝିଅ ନାହାନ୍ତି ବୋଧହୁଏ । ମୁଁ ଯେତେବେଳେ ମୁଜାଫରପୁର ଯିବି, ଆଉ ଯାହା କରେଁ ନା କାହିଁକି ମିସେସ୍ ଲିଙ୍କୁ ମୋ ହାତ ଦେଖାଇବିନି । କେଜାଣି ମୋ ହାତ ଦେଖି ମୋ ସ୍ୱଭାବର କେଉଁ ଗୋପନ କଥା ବାହାରି ପଡିବ । ତୁମ ଦୁଇ ଜଣଙ୍କ ଚରିତ୍ର ମୋଟା ମୋଟି ଏକ ପ୍ରକାର ମନ୍ଦ କହି ନାହାନ୍ତି । ଏଥର ତୋର ଜର୍ଜ ଏଲିଅଟ ଶେଷ ହେଇ ଗଲେ କଅଣ ଆଉ ପଢ଼ିବୁ ? ସ୍କଟ୍ ପଢ଼ି ଦେଖ, Heart of Midlothian ବୋଲି ଗୋଟିଏ ଗପ ମୋତେ ଖୁବ୍ ଭଲ ଲାଗିଥିଲା । ସେଇଟା ପଢ଼ି ଦେଖି ପାରୁ, ମୋର ଯିବା ସମୟ ହେଲା । ଈଶ୍ୱର ତୋର ମଙ୍ଗଳ କରନ୍ତୁ ।

। ଇତି ।

ରବିବାର । ବାବା

□

- George Eliot-ଇଂରେଜ ଔପନ୍ୟାସିକ । ପ୍ରକୃତ ନାମ Mary Inn Evans(୧୮୧୯-୧୮୮୦) Heart of Midlothian ସାର ୱାଲଟର ସ୍କଟ୍‌ଙ୍କ ଉପନ୍ୟାସ ।

Digitized by srujanika@gmail.com

ଚିଠି ନଂ-୨୩

ଓଁ

ମୀରୁ,

ଝିଲାଇଦା
ନଦିଆ



ଏଠାରୁ ଚିଠି ଯିବା ଆସିବାରେ ଡେରି ହୁଏ । ସେଥିପାଇଁ ବୋଧହୁଏ ତୁ ବେଲାର ଚିଠି ଯାଇଛି ବୋଲି ଲେଖିନ୍ଥୁ । ମୁଁ ସେଥିରେ ଲେଖି ଦେଇଥିଲି ତୁ ଯଦି ବର୍ତ୍ତମାନ ଯିବାକୁ ଚାହୁଁ, ତୋତେ ଯେମିତି ପଠାଇ ଦିଆ ହୁଏ । ତୋର ଶୋକାର୍ତ୍ତ ଶ୍ୱଶୁର ପରିବାରକୁ ସାନ୍ତ୍ୱନା ଦେବାପାଇଁ ତୋର ସେଠାକୁ ଯିବା ଯେତେବେଳେ ଉଚିତ ସେତେବେଳେ ଅନ୍ୟ ସବୁ ଚିନ୍ତା ଦୂରେଇ ଦେଇ ସେହି କର୍ତ୍ତବ୍ୟ ତୋତେ ପାଳନ କରିବାକୁ ଦେବା ଉଚିତ । କାଲି ତୋର ଚିଠି ପାଇ ଗୋଟିଏ ଟେଲିଗ୍ରାମ କରି ଦେଇଛି । ମନେ ହୁଏ ଇତି ମଧ୍ୟରେ ତୁ ସେଠାକୁ ଚାଲି ଯାଇଥିବୁ । ଯେଉଁ ଥିରେ ସମସ୍ତଙ୍କ ମଙ୍ଗଳ ହୁଏ ଈଶ୍ୱରଙ୍କ ଠାରେ ମୁଁ ତାହା ହିଁ ପ୍ରାର୍ଥନା କରେ ।

ମୋର ଏଠାକାର କାମ ଶେଷ ହେଇ ଗଲାଣି । ପଅରଦିନ ଅର୍ଥାତ ସୋମବାର ଦିନ ମୁଁ କାଲିଗ୍ରାମ ବାହାରି ଯିବି । ବୋଟ୍‌ରେ ସେଠାକୁ ଯିବାକୁ ପାଞ୍ଚ ଛଅଦିନ ଲାଗିବ । କାଲିଗ୍ରାମରେ ମୋର ଖୁବ୍ ବେଶିଦିନ ଲାଗବ ନାହିଁ । ନ ଲାଗିବାର କାରଣ ସେଠାରେ ରହିବାରେ ସେମିତି ଆରାମ ନାହିଁ । କାମ ଶେଷ ହେବା ସଙ୍ଗେ ସଙ୍ଗେ ମୁଁ ଚାଲି ଆସିବି । ଅର୍ଥାତ୍ ଶ୍ରାବଣ ମାସଟା ଶେଷ କରି ବୋଧହୁଏ ଭାଦ୍ରମାସ ଆରମ୍ଭ ବେଳକୁ ମୁଁ ତୁମ୍ଭମାନଙ୍କ ପାଖକୁ ଯାଇ ପାରିବି ।

ଏଥର ଏଠାକୁ ଆସିବା ଠାରୁ ମୁଁ କୋଠ ଘରେ ହିଁ ରହିଛି । ବୋଟ୍‌ରେ ମାତ୍ର ଦି' ଦିନ ଥିଲି । କୋଠ ଘରଟା ବେଶ ଲାଗୁଛି । ଚାରିଆଡେ ଧାନ ବିଲ । ଏବେ ବି ଧାନଗଛ ସବୁଜ ହେଇ ରହିଛି । ଯେତେବେଳେ ଖରା ଉଠେ ସେତେବେଳେ ଅପୂର୍ବ ଶୋଭା ଉକୁଟି ଉଠେ । ପାହାଡ ତଳି ଘରେ ରହିବାର ଜାଗା ଟିକିଏ ସଂକୀର୍ଣ୍ଣ ବୋଲି ତୁମମାନଙ୍କର କିଛି ଅସୁବିଧା ହେଉଥିବ । ହେଲେ ସେଠାରୁ ବଗିଚା ଓ ଖୋଲା ପଡିଆକୁ ବାହାରି ପଡିବା ତୁମ୍ଭମାନଙ୍କ ପକ୍ଷେ ସହଜ ହେଉଥିବ । ଦୁର୍ଗା ଘରେ ମଝିରେ ମଝିରେ ତୋର ରନ୍ଧାବଢ଼ା ଚାଲେ ତ ?

ସାଧୁ ସହିତ ଏ ଯାଏ ମୋର ଦେଖା ହୋଇନି । ହେଲେ ତାକୁ କାମ ଦେବା କଥା କହି ଦେଇଛି । ନଈ ପାଣି ଖୁବ୍ ବଢୁଛି । ଧାନ କ୍ଷେତମାନ ବୁଡି ଯ ।ଇଛି । ଏଥର ଏଠାରେ ପ୍ରଜାମାନଙ୍କ ଘରେ ଖାଦ୍ୟର ଅଭାବ ପଡିବ ବୋଲି ମୋର ଆଶଙ୍କା ହେଉଛି ।

Digitized by srujanika@gmail.com

ତୋର ବାପା ଦାଦାମାନଙ୍କର ଚିଠି ମୋ ପାଖକୁ ଆସିଥିଲା । କିନ୍ତୁ ମୁଁ ତାକୁ ଫେରନ୍ତ ପଠାଇଛି । କଲିକତାକୁ ଲେଖି ଦେଇଛି, ମୋ ନାଁରେ ତୋ ଦାଦାମାନଙ୍କର ଯେଉଁ ସବୁ ଚିଠି ଆସିବ ସେ ଗୁଡିକ ପ୍ରଥମେ ଯେମିତି ତୋ ପାଖକୁ ପଠାଇ ଦିଆଯାଏ । ହେଲେ ସେ ଚିଠି ତୋ ହାତରେ ନ ଦେଇ ଯଦି କୌଣସି ବୁଦ୍ଧିମାନ ପୁଣି ମୋ ପାଖକୁ ପଠେଇ ଦିଏ ତା ହେଲେ ସବୁ ଗୋଳମାଳ ହୋଇଯିବ । ତେଣୁ ତୁ ସମସ୍ତ କୁ ସାବଧାନ କରିଦେବୁ । ଈଶ୍ୱର ମଙ୍ଗଳ ରୂପରେ ସର୍ବଦା ତୁମମାନଙ୍କ ମନରେ ବିରାଜ କରନ୍ତୁ ।

। ଇତି ।

ଶନିବାର, ୧୩୧୫ (ଜୁଲାଇ-ଅଗଷ୍ଟ୧୯୦୮) ବାବା

❑

- ତୋର ଶୋକାର୍ତ୍ତ ପରିବାର-ନଗେନ୍ଦ୍ର ନାଥଙ୍କ ପିତାର ମୃତ୍ୟୁରେ (୧୫ ଜୁଲାଇ-୧୯୦୮)

ଚିଠି ନଂ-୨୪

ଓଁ

ମୀରୁ, ସିଙ୍ଗାଇଦା,ନଦିଆ

ମୋଟାମୋଟି ତୋର ଦେହପା ଏବେ କେମିତି ଅଛି ଜାଣିବା ପାଇଁ ମୁଁ ଉତ୍ସୁକ ଅଛି । ପଢାପଢିର କଅଣ ବ୍ୟବସ୍ଥା ହୋଇଛି ସେ କଥା ମଧ ଲେଖିବୁ । ତୁ ତୋ ନିଜ ଚେଷ୍ଟାରେ କୌଣସି ବହି ପତ୍ର ପଢ଼ାପଢ଼ି କରୁଚୁ ତ ? କ୍ଷିତିମୋହନ ବାବୁଙ୍କୁ ଲେଖିଥିଲି ତୋତେ ଗୀତା ପଢେଇବାକୁ । ସିଏ ବୋଧହୁଏ ପଢେଇବା ଆରମ୍ଭ କରି ଦେଇଛନ୍ତି । କଲିକତାରୁ ତୋ ପାଇଁ ନିୟମିତ ଫଳ ପଠେଇବା ପାଇଁ ଲେଖିଦେଇ ଥିଲି । ପାଉଚୁ ତ ?

ତୁମ ଅଞ୍ଚଳରେ ଶୁଣିଛି ଖୁବ୍ ବର୍ଷା ହେଉଛି । କିନ୍ତୁ ଏ ଅଞ୍ଚଳରେ ବର୍ଷାର ଅଭାବ ଅଛି । ଏବେ ପ୍ରାୟ ଶରତ କାଳ ପରି ବର୍ତ୍ତମାନ ପ୍ରଚୁର ବର୍ଷା ନହେଲେ କ୍ଷତି ହେବ ।

ବାଳିକା ବିଦ୍ୟାଳୟର ଖବର କଅଣ ? ପଢାପଢ଼ି ସବୁ ନିୟମିତ ହେଉଛି ତ ? ବାଳିକାମାନେ ସବୁ କେମିତି ଅଛନ୍ତି । ଶିଶୁ ବିଭାଗର ଉତ୍ପାତ ଉପଦ୍ରବ କେମିତି ଚାଲିଛି ? ତୁମମାନଙ୍କର ଗେଟ୍ ପାଖରେ ଯେ ଦି'ଟା ଲତା ଅଛି ତାର କଅଣ କିଛି ଆଉ ଶେଷ ଅଂଶ ଅଛି ? ଶିଶୁମାନଙ୍କୁ ସମ୍ଭାଳିବା ଦାୟିତ୍ୱ ଏବେ କାହା ଉପରେ ?

ହରିଶ (ମାଳୀ) ଉପରେ ପିଉସୀମାଆଙ୍କ ବଗିଚା ଦେଖାଶୁଣା କରିବାର ଦାୟିତ୍ୱ ଦେବାକଥା କହି ଆସିଥିଲି-ସେ ନିଯୁକ୍ତ ହେଲା କି ?

ତୁମେମାନେ ଯେଉଁ କେତେଜଣ ଛାତ୍ରୀ ଅଛ ପ୍ରତ୍ୟେକେ କୌଣସି ଗୋଟିଏ ବିଶେଷ ଜାଗାରେ କୌଣସି ଗୋଟିଏ ବଡ ଗଛ ଲଗାଅ । ସେଇ ଗଛଟିକୁ ଯତ୍ନର ସହିତ ପାଳନ କରିବାର

Digitized by srujanika@gmail.com

ଭାର ଲଗାଉଥିବା ଝିଅକୁ ନେବାକୁ ହେବ । ଶାନ୍ତି ନିକେତନରେ ତୁମମାନଙ୍କ ଅଧ୍ୟୟନର ସ୍ମୃତି ଚିହ୍ନ ସ୍ୱରୂପ ଯେମିତି ସେମାନେ ସ୍ଥାୟୀ ହୋଇ ରହନ୍ତି ସେଥିପାଇଁ ଏହା କରିବାକୁ ହେବ । ଶୁଖିଲା ଦିନମାନଙ୍କରେ ସେ ଗଛ ମୂଳରେ ଦି' ଓଳି ଦି' ନୋଟା ପାଣି ଦେବୁ । ପତ୍ରରେ ଯେମିତି ପୋକ ନ ଲାଗେ ଏବଂ ଗାଈ ଛେଳି ଇତ୍ୟାଦି ଯେମିତି ତାକୁ ନ ଖାଏ ସେଥିପ୍ରତି ଦୃଷ୍ଟି ଦେବୁ । ଏବେ ବର୍ଷା ସମୟରେ ଗଛ ଲଗାଇଲେ ଶୀଘ୍ର ଲାଗିଯିବ । ଅନେକ ନିମ୍ବ, ଶିରିଷ ଓ ଗଂଗଶିଉଳି ଚାରା ଶାନ୍ତି ନିକେତନରେ ଅଛି । ସେ ଗୁଡିକ ନେଇ ଚେଷ୍ଟା କରି ଦେଖ । ଈଶ୍ୱର ତୁମମାନଙ୍କର ମଙ୍ଗଳ କରନ୍ତୁ ।

। ଇତି ।

(ଜୁଲାଇ-ଅଗଷ୍ଟ, ୧୯୦୮) ବାବା

❏

ଏଇ ମେଲ୍‌ରେ ଯଦି ରଥିର କୌଣସି ଚିଠି ପତ୍ର ପାଇଥାଉ-ମୋ ପାଖକୁ ପଠାଇଦେବୁ । ମୁଁ ପାଇନାହିଁ ।

- କ୍ଷିତି ମୋହନ ବାବୁ-କ୍ଷିତି ମୋହନ ସେନ (୧୮୮୦-୧୯୬୦)୧୯୦୮ ମସିହାରେ ଶିକ୍ଷକ ଭାବରେ ଶାନ୍ତି ନିକେତନକୁ ଆସନ୍ତି । ରବୀନ୍ଦ୍ର ସାହିତ୍ୟର ବ୍ୟାଖ୍ୟା କାର ଭାବରେ ପରିଚିତ । ତାଙ୍କ ସଂଗୃହୀତ 'କବୀର ବାଣୀ' ଅବଲମ୍ବନରେ ରବୀନ୍ଦ୍ର ନାଥ ପ୍ରକାଶ କରନ୍ତି One hundred Poems of Kabir (୧୯୧୪) ଭାରତୀୟ ମଧ୍ୟଯୁଗର ସନ୍ଥବାଣୀ ଓ ବାଉଲ ସଂଗୀତ ସଂଗ୍ରହ ସକାଶେ କ୍ଷତି ମୋହନ ଚିର ସ୍ମରଣୀୟ ।
- ବାଳିକା ବିଦ୍ୟାଳୟ ଖବର -'ଗୋଟିଏ ବାଳିକା ବିଦ୍ୟାଳୟର ଛୋଟିଆ ଚାରାଟିଏ ଆପଣାଛାଏଁ ଗଜେଇ ଉଠିଛି ଏବଂ ହୁ,ହୁ କରି ବଢ଼ି ଉଠିବାରେ ଚେଷ୍ଟା କରୁଛି । ଅନେକ ଦିନୁ ମନରେ ଏ ଇଚ୍ଛା ଥିଲା । କିନ୍ତୁ ଭୟରେ ଆଗେଇ ପାରୁ ନଥିଲି । ଠାକୁର ଯେତେବେଳେ ଆପଣା ଛାଏଁ ଘରକୁ ଆସନ୍ତି-ତାଙ୍କୁ ପୂଜା ନ କରି ଉପାୟ ନାହିଁ ।'
- ମନୋରଂଜନ ବନ୍ଦୋପାଧାୟଙ୍କ ରବୀନ୍ଦ୍ରନାଥ ୩୧ଚୈତ୍ର୍ୟ ୧୩୧୫ । ଦ୍ରଷ୍ଟବ୍ୟ-ସ୍ମୃତି । ପୃ-୭୬ 'ବଙ୍ଗଳା ଦେଶରେ ବିଦ୍ୟାଳୟରେ ପୁଅ ଝିଅମାନଙ୍କର ଏକାଠି ପଢ଼ିବାର ବ୍ୟବସ୍ଥା-ଏହା ହିଁ ବୋଧହୁଏ ପ୍ରଥମ । (ଦ୍ରଷ୍ଟବ୍ୟ ଆମାଦେର ଶାନ୍ତି ନେକେତନ-ପୃ-୭୫,୭୬)

ଚିଠି ନଂ-୨୫

ଓଁ

Patisahr, The Atrai NBSR

ମାରୁ

ଅରୁ ପୁଅର ଅନ୍ନପ୍ରାସନକୁ ତୁ ଯିବୁନି ନା କଅଣ ? ମୁଁ ବି ଏଇ ମାସର ଶେଷ ଆଡକୁ କଲିକତାରେ ପହଞ୍ଚିବି । ସେତେବେଳେ ତୋତେ ସାଙ୍ଗରେ ନେଇ ବୋଲପୁର ଯିବି । ସେ ପର୍ଯ୍ୟନ୍ତ ତୁ ତୋ ସୁକେଶୀ ଭାଉଜଙ୍କ ଦାୟିତ୍ୱରେ ରହିଥା । ତୋ ଭାଉଜ ଯେମିତି ଅନାଦର ଓ ଅଯତ୍ନରେ

Digitized by srujanika@gmail.com

ତୋତେ ରୋଗା କରି ନିଦିଅଛି । ତୋ ଦିଦି ଆଜିକାଲି ତୋ ହାତରେ ଭଣ୍ଡାର ଘର ପାଇ ବେଶ ଫୁର୍ତ୍ତିରେ ଅଛି । ତୋର ଦଶା କଅଣ ହେଉଛି-ମୁଁ ସେଇ କଥା ଭାବୁଛି । କାଲିଗ୍ରାମ ଆସିବା ଠାରୁ ଉମାଚରଣ ଖୁବ୍ ଆନନ୍ଦରେ ଅଛି । ପ୍ରତିଦିନ ତାର ବାଟିଏ ଦହି ଓ ବାଟିଏ ରାବେଡ଼ି ବରାଦ ହେଉଛି । ଏହା ଛଡା ମାଛ ଦୁଧତ ରହିଛି । ସତେ ଯେମିତି ସେ ଶଶୁର ଘରେ ରହିଛି । କିନ୍ତୁ ଏଠାକୁ ଆସିବା ବାଟରେ ସେ ଯେମିତି ମରି ଯାଉଥିଲା । ଗୋଟିଏ ଜାଗାରେ ବଡ ନଈରେ ଖୁବ ପବନ ସହିତ ବଡ ବଡ଼ ଢ଼େଉ ଉଠୁଥିଲା-କୌଣସି ପ୍ରକାରେ ସେ ଚାଲିଆସିଲା । ସେମାନଙ୍କ ଡଙ୍ଗାରେ ପାଣି ପଶି ପବନରେ ପାଲ ଅଣେଇ ହେଇଗଲା । ଉମାଚରଣ ତ ଡରରେ ପାଣିକୁ ଡେଇଁ ପଡି ଥାଆନ୍ତା । ଯା ହେଉ ପଡି ସରରେ ପହଞ୍ଚି ଖିରି ରାବେଡ଼ି ଖାଇ ଏବେ ତା ମନ ଟିକେ ଧରି ଯାଉଛି । ଅସଲ କଥା ହେଲା ତାକୁ ନେଇ କେଉଁଠାକୁ ଯିବା ମୁସ୍କିଲ । ଥରେତ ମେଲ ଟ୍ରେନଟାକୁ ଅଟକେଇ ଦେଲା । ବରିସାଲ ଯିବା ସମୟରେ ସେ ଆମମାନଙ୍କ ସାଙ୍ଗରେ ଥିଲା । ଏମିତିତ ଆଗରୁ କେବେ ହେଇ ନଥିଲା । ତାକୁ ନେଇ ଭଲରେ ଭଲରେ କଲିକତାରେ ପହଞ୍ଚି ପାରିଲେ ରକ୍ଷା ।'

ତୋର ଦେହପା ଭଲ ଅଛି ତ ? ବେଲା ଲେଖିଥିଲା ତୋତେ ଆଉ ଥରେ ଅମର ନାଥଙ୍କୁ ଦେଖେଇବା ଦରକାର । ଡାକ୍ତର କଅଣ ତୋତେ ଦେଖିଲେଣି ?

ଲକ୍ଷ୍ମୀର ପରୀକ୍ଷାରେ ତୁ କିଛି ରୋଲ୍ କରିବୁନି ? । ଇତି ।

(୧୯ ଶ୍ରାବଣ ୧୩୧୫, ୩ ଅଗଷ୍ଟ ୧୯୦୮) ବାବା

❑

- ଅରୁ-ଦ୍ୱିଜେନ୍ଦ୍ର ନାଥ ଠାକୁରଙ୍କ ପୁତ୍ର ଅରୁଣେନ୍ଦ୍ର ନାଥ ।
- ସୁକେଶୀ-ଦ୍ୱିଜେନ୍ଦ୍ର ନାଥ ଠାକୁରଙ୍କ ପୁତ୍ର କୃତୀନ୍ଦ୍ରନାଥଙ୍କର ପ୍ରଥମା ପତ୍ନୀ ।
- ଲକ୍ଷ୍ମୀର ପରୀକ୍ଷା-'କାହିନୀ'ର ଗୋଟିଏ ନାଟିକା, ରଚନା କାଳ ୧୮୯୭ ।

ଚିଠି ନଂ-୨୬

ଓଁ

ମୀରୁ,

ତୁମେ ସବୁ ନୂଆ ଘର କରଣା କେମିତି ଶିଖୁଛ ଜଣାଇବୁ । ସେଇ ବହି ଖଣ୍ଡିକ ପ୍ରତିଦିନ କିଛି କିଛି ପଢ଼ିବୁ । ପ୍ରତିଦିନ ଈଶ୍ୱରଙ୍କ ଠାରେ ଆତ୍ମ ନିବେଦନ କରି ନିର୍ଭର ଓ ପ୍ରସନ୍ନ ଚିତ୍ତରେ ଓ ପ୍ରଫୁଲ୍ଲ ବଦନରେ ତୋର କାମ କରି ଯାଉଥିବୁ । ଏ ସଂସାରରେ ମନକୁ ଆଘାତ ଲାଗିଲା ଭଳି ଘଟଣା ସବୁବେଳେ ଘଟିବ । ସେ ସମସ୍ତ ଆଘାତ ଉପରେ ସହଜରେ ଜୟୀ ହେଇ ସମସ୍ତଙ୍କୁ କ୍ଷମା କରି ସମସ୍ତଙ୍କୁ ଭଲ ପାଇ ଜୀବନର ମାଧୁର୍ଯ୍ୟରେ ଚତୁର୍ଦ୍ଦିଗ ପୂର୍ଣ୍ଣ କରି ପାରୁ, ଈଶ୍ୱରଙ୍କ ନିକଟରେ ସେଇ ପୂର୍ଣ୍ଣତା ପାଇଁ ପ୍ରାର୍ଥନା କରିବୁ । ଆମ ଉପରେ ତୁ ଯେତିକି ନିର୍ଭର କରନା କାହିଁକି ଆମେ ଚିରଦିନ କେହି ରହିବୁ ନାହିଁ । ଆମ ମାଧମରେ ଯେଉଁ ଈଶ୍ୱର ତୋର ମଙ୍ଗଳ କାମନା ଓ ମଙ୍ଗଳ

Digitized by srujanika@gmail.com

ସାଧନ କରୁଛନ୍ତି ତାଙ୍କୁ ହିଁ ଅନ୍ତରର ଚିର ବଂଧୁ ବୋଲି ଉପଲବ୍ଧି କରିବା ତୋର ଅଭ୍ୟାସ ହେଇ ଗଲେ ସଂସାରର ଦୁଃଖ, ଶୋକ, ଲାଭକ୍ଷତି ଓ ନୈରାଶ୍ୟରେ ତୁ ସାନନ୍ଦ ଆଶ୍ରୟ ପାଇ ପାରିବୁ ।

ତୁମେମାନେ ଦୋମହଲା କୋଠାର ମୋ ଘରେ ଶୋଇବାର ହେଲେ ଖୋଲା ଦରଜା ସାମନାରେ ଯେମିତି ତୋର ବିଛଣା ନ ପଡେ । ସେ ଘରେ ଥଣ୍ଡା ଲାଗିବାର ଆଶଙ୍କା ଅଛି । ରାତିରେ ଶୋଇଥିବୁ ଜାଣିବି ପାରିବୁନି କେତେବେଳେ ଦେହରେ ଥଣ୍ଡା ଲାଗିଯିବ ।

Cuticura soap ଏବଂ ଗୋଟିଏ ଶିଶି ଚନ୍ଦନ ତେଲ ପଠାଉଛି । ଯଦି କାନ୍ଥୁ କୁଣ୍ଡିଆ ହୁଏ ତେବେ ବ୍ୟବହାର କରିବୁ ।

ଦୁଇଶହ ଟଙ୍କା ତୁମମାନଙ୍କ ମାସିକ ଖର୍ଚ୍ଚପାଇଁ ପଠାଉଛି । ଚାକରମାନଙ୍କ ଦରମା ଦେଇ ବାକି ଖର୍ଚ୍ଚଟା ପାଇଁ ବେଲା ପାଖରେ ରଖିଦେବୁ । ଆମ୍ବବି କିଛି ପଠାଉଛି । ଦ୍ୱିପୁ ମାନଙ୍କର ଆମ୍ବ ସାଙ୍ଗରେ ଗୋଟିଏ ପାକେଟରେ ପଠାଉଛି । ଅଧା ଅଧି ତୁମେମାନେ ବାଣ୍ଟିନେଲେ ଚଳିବ । ବେଲା ଏବଂ ତୁ ତୁମମାନଙ୍କ କ୍ଲାସରେ ସକାଳରେ ପଢ଼ାଇବୁ ଏବଂ ଉପରଓଳି ଲେଖା ଅଭ୍ୟାସ କରିବୁ- ନହେଲେ ସରିବନି । 'The soul of a people' ବହିଟା ଲାଇବ୍ରେରୀରୁ ମଗେଇ ଆଣିବୁ ।

।ଇତି।

ଗୁରୁବାର (୧୯୦୮) ବାବା

- The Soul of a People-ଲେଖକ H.Fielding Hall.

❑

ଚିଠି ନଂ-୨୭

ଓଁ

ମୀରୁ,

ଶିଲାଇଦା, ନଦୀୟା

ତୋର ଦେହ ଯଦି ସେଠି ବାରମ୍ବାର ଖରାପ ହେଉଚି, ତୋର ଅନ୍ତତଃ କିଛି ଦିନ ପାଇଁ ବୋଲପୁର ଛାଡ଼ିବା ଦରକାର । ବର୍ତ୍ତମାନ ପାଇଁ ତୋର ପଢାପଢ଼ି ବନ୍ଦ । ସେଠାରେ ବୋଧେ ତୋର ଖିଆପିଆରେ ନିୟମ ରକ୍ଷା କରା ଯାଇ ପାରୁନି । ଶୁଣୁଛି ସୁରେନ ଶୀଘ୍ର ଯିବ । ସେ ତୋତେ କଲିକତାରେ ପହଞ୍ଚାଇ ଦେଇ ପାରିବ।

ଇତି ମଧ୍ୟରେ ଏଠାକାର କାମ ଶେଷ କରି ଫେରିଗଲେ ତୋର ଶାରୀରିକ ଅବସ୍ଥା କଥା

Digitized by srujanika@gmail.com

ବୁଝି ଯେମିତି ସୁବିଧା ହେବ ସେମିତି କରାଯିବ । ତୁ ଯେ ଯାଏ ଭଲ ଭାବେ ଚୋବାଇ ଖାଇବାର ଅଭ୍ୟାସ କରି ପାରିନୁ ତୋର ଦେହ ଭଲ ହୋଇ ପାରିବନି । ଏମିତି ଭାବରେ ଖାଇବାକୁ ଭଲ ଲାଗେନା । ଖାଇବାରେ କିଛିଟା ମନଯୋଗୀତା ଏବଂ ଚେଷ୍ଟା ମଧ ପ୍ରୟୋଗ କରିବାକୁ ପଡେ । ହେଲେ ଦେହ ପକ୍ଷେ ଯେତେବେଳେ ଯେଉଁଟା ଆବଶ୍ୟକ ସେତେବେଳେ ସେଇଟାକୁ ଅବହେଳା କରିବା ଉଚିତ ନୁହେଁ । ତୁ ଚୋବାଇ ନ ଖାଇ ଏବଂ ଖାଇବା ସମୟରେ ଗ୍ଲାସ ଗ୍ଲାସ ପାଣି ପିଇ କେବେ ହେଲେ ଅଜୀର୍ଣ୍ଣରୁ ରକ୍ଷା ପାଇ ପାରିବୁନି । କ୍ରମେ କ୍ରମେ ଦେଖିବୁ ତୋର ଅମ୍ଳରୋଗ ଅସାଧ ହେଇ ଉଠିବ । ଭାତ ଖାଇବାର ଘଣ୍ଟାଏ ଖଣ୍ଡେ ଆଗରୁ ଯଦି ଗୋଟାଏ ଗ୍ଲାସ ପାଣି ପିଉ ତା ହେଲେ ଖାଇବା ପରେ ପାଣି ପିଇବାର ଇଚ୍ଛାଟା ଅନେକ କମି ଯାଏ । ସେ ଯା ହେଉ ଖାଇବା ବିଷୟରେ ତୁ ଯଦି ବୈଜ୍ଞାନିକ ନୀତି ନିୟମ ପାଳନ ନ କରୁ ତା ହେଲେ ଔଷଧ ଖାଇ ତୁ କେବେ ହେଲେ ବେମାରି ରୋକି ପାରିବୁ ନାହିଁ ।

କଲିକତା ଗଲାବେଳେ ତୁ ତୋର ପଢ଼ା ବହି ସାଙ୍ଗରେ ନେଇ ଯିବୁ, କାରଣ ଯଦି ବେଶିଦିନ ସେଠାରେ ରହିବାକୁ ହୁଏ ତା ହେଲେ ସେଠି ତୋର ପଢ଼ାପଢ଼ିର ବନ୍ଦୋବସ୍ତ କରି ଦେବାକୁ ହେବ ।

କାହାରି ପାଖରୁ ବିଶେଷ କିଛି ଖବର ମୁଁ ପାଇନି । ତେବେ ମନେ ହେଉଛି ତୁମମାନଙ୍କର ବାଳିକା ବିଦ୍ୟାଳୟରେ ଏ ଯାଏ ସ୍ୱାଭାବିକ ପଠନାବସ୍ଥା ଫେରି ଆସି ପାରିନି ।

ରଥୀ ୩୦ ଜୁଲାଇରେ ଯେଉଁ ଚିଠି ଲେଖିଛି ସେଥିରେ ସେ ଇଂଲଣ୍ଡରେ ଗୋଟିଏ ଫାର୍ମରେ ଆଉ ୭/୮ ଦିନ ରହି କଣ୍ଟିନେଣ୍ଟକୁ ଯିବ ବୋଲି ଲେଖିଛି । ଯଦି ଆବଶ୍ୟକ ହୁଏ ତେବେ ଜର୍ମାନୀରେ କିଛି ମାସ ରହି ଦେଶକୁ ଫେରିବ । ନଚେତ ଅଗଷ୍ଟ ଶେଷ ଅଥବା ସେପ୍ଟେମ୍ବରରେ ଦେଶକୁ ଫେରି ଆସିବ । ଯଦି ତାଠୁ ଆଉ ବେଶି ଡେରି କରେ ତେବେ ଆସନ୍ତା ପୌଷ ମାଘ ଆଡ଼କୁ ସେ ଫେରିବ ।

ନଗେନର ଚିଠିବି ପାଇଛି । ସେ ବିଚାରା ଏକୁଟିଆ ପଡି ଯାଇଛି । ତାକୁ ନିୟମିତ ଚିଠି ଲେଖିବାକୁ ଭୁଲିବୁନି ଯେମିତି । ମୁଁ ବି ଲେଖିବି । ଈଶ୍ୱର ତୋର ଦେହ ସୁସ୍ଥ ସବଳ ଏବଂ ମନକୁ ପ୍ରଶାନ୍ତ ଓ ପବିତ୍ର ରଖନ୍ତୁ ।

।ଇତି।

୩ ଶ୍ରାବଣ ୧୩୧୬ (୧୯ ଜୁଲାଇ ୧୯୦୯)

ବାବା

❑

Digitized by srujanika@gmail.com

- ସୁରେନ୍-ସତ୍ୟେନ୍ଦ୍ର ନାଥ ଠାକୁରଙ୍କ ପୁତ୍ର ସୁରେନ୍ଦ୍ର ନାଥ (୧୮୭୨-୧୯୪୦)
- ନଗେନ୍- ବରଶାଲ ନିବାସୀ ବାମନ ଦାସ ଗଙ୍ଗୋପାଧ୍ୟାୟଙ୍କ ପୁତ୍ର ନଗେନ୍ଦ୍ରନାଥ (୧୮୮୯-୧୯୫୪) ମୀରାଦେବୀଙ୍କ ସ୍ୱାମୀ ।

ଚିଠି ନଂ-୨୮

ଓଁ

ମୀରୁ,

ଶିଲାଇଦା, ନଦୀୟା

"ଜୀବନର ସମସ୍ତ ପ୍ରତିକୂଳତାକୁ ଆନ୍ତରିକ କ୍ଷମା ଓ ପ୍ରସନ୍ନତା ଦେଇ ଜୟ କରିବାକୁ ହେବ" ଏହା ହିଁ ତୋର ସାଧନା ହେଉ । ବୁଦ୍ଧି ଅନୁସାରେ ପ୍ରକୃତିର ଜଣେ ଜଣେ ମଣିଷ ଅଲଗା ଅଲଗା ବିଚାର କରେ । ସେମାନଙ୍କ ବିବେଚନା ସହିତ ଅନୈକ୍ୟ ଥିଲେବି ସେଥିରେ ମନକୁ ଯେମିତି କିଛି ମାତ୍ରାରେ ବିକୃତି ନ ଆସେ, ଯେଉଁଠି ସେମିତି ଅନୈକ୍ୟ ଓ ବିଘ୍ନ ଥାଏ ସେଠାରେ ନିଜ ଅନ୍ତରର ସମସ୍ତ ମଙ୍ଗଳ ଶକ୍ତିକୁ ପ୍ରୟୋଗ କରି ଆନନ୍ଦର ସହିତ ସେହି ବିପଦରୁ ଉତ୍ତୀର୍ଣ୍ଣ ହେବାକୁ ହୁଏ । ମନର କ୍ଷମାପୂର୍ଣ୍ଣ ମାଧୁର୍ଯ୍ୟ ଯେପରି କୌଣସି କାରଣରୁ କାହାରି ଉପରୁ ପ୍ରତ୍ୟାହୃତ ନହୁଏ । ଯେଉଁଠି ସବୁକିଛି ଆମର ଅନୁକୂଳ ସେଠାରେ ହୃଦୟତାକୁ ରକ୍ଷା କରିବା ସହଜ । ଆଉ ଯେଉଁଠି ସେତକ ନାହିଁ ସେଠି ମଧ୍ୟ ଯେମିତି ହୃଦୟରେ କିଛିମାତ୍ରା ବିକୃତି ସ୍ଥାନ ନ ପାଏ । ଏଥିପ୍ରତି ସବୁବେଳେ ସାବଧାନ ଥିବୁ । ଯେଉଁଠାରେ କୌଣସି ପ୍ରକାର ବିରୋଧ ଅଛି ସେଇଠାରେ ହିଁ ବ୍ୟବହାର ଦ୍ୱାରା ଆମର ଯଥାର୍ଥ ପରୀକ୍ଷା ହୁଏ । ସଂସାରରେ ସେହି ପରୀକ୍ଷା ନିତି ପ୍ରତି ଘଟୁଛି । ସେହି ପରୀକ୍ଷାରେ ଯେମିତି ତୁ ବରାବର ଉତ୍ତୀର୍ଣ୍ଣ ହେଇ ଈଶ୍ୱରଙ୍କ କ୍ଷମାର ଅଧିକାରୀଣୀ ହେଇ ପାରୁ । କାହାରିକୁ ଅବଜ୍ଞା କରିବା-କାହା ପ୍ରତି ବିମୁଖ ହେବୁନି । ସମସ୍ତ ଆଘାତ ନିଜେ ଛାତି ପତେଇ ସହିନେ । କର୍ତ୍ତବ୍ୟର ଆହ୍ୱାନ ନଥିଲେ କାହାକୁ ଆଘାତ କରନା । ଉଦାର ହୃଦୟରେ ସମସ୍ତଙ୍କୁ ପାଖକୁ ଟାଣି ନେ । କାହାପ୍ରତି ବିମୁଖ ହେବା ଅପେକ୍ଷା ତାହା ଢ଼େର ସହଜ ଏବଂ ସୁଖକର । ତାହା ହିଁ ମଙ୍ଗଳ କର ।

ଜଗଦୀଶ ପାଖରୁ ନଗେନ୍ଦ୍ରଙ୍କ ଅଜସ୍ର ପ୍ରଶଂସା ଶୁଣି କାଲିଠାରୁ ମୋ ମନ ଈଶ୍ୱରଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞ ହେଇ ଉଠିଛି । ମୁଁ ଏକାନ୍ତ କାମନା କରୁଛି ତୁ ଯେମିତି ତାର ସର୍ବାଂଶରେ ଉପଯୁକ୍ତ ହେଇପାରୁ । ମନେ ରଖିବୁ ନଗେନ୍ଦ୍ରଙ୍କ ବୟସ ଅଳ୍ପ ଏବଂ ସେ ଏକା ବିଦେଶରେ ଅଛି । ସେଠି ତାର ପ୍ରଲୋଭନର ଅଭାବ ନାହିଁ । କିନ୍ତୁ ସେ ତାର ସୁନ୍ଦର ନିର୍ମଳ ଚରିତ୍ର ଯୋଗୁଁ ସମସ୍ତଙ୍କ ମନ ଜୟ କରି ପାରିଛି । ତା'ର ଅକୃତ୍ରିମ ଧର୍ମ ପରାୟଣତାରେ ସମସ୍ତେ ମୁଗ୍ଧ-ସମସ୍ତେ ତାକୁ ଖୁବ୍ ଶ୍ରଦ୍ଧା କରନ୍ତି । ତା ଛଡା ତାର ସ୍ୱାଭାବିକ ବୁଦ୍ଧି ଦ୍ୱାରା ସବୁ କାମରେ ହିଁ ସହଜରେ କୃତକାର୍ଯ୍ୟ ହେଇ ପାରୁଛି । ଏ କଥା ନିଶ୍ଚୟ ଜାଣ । ସେ ଯଦି ବଞ୍ଚିରହେ ଜୀବନରେ ସେ ଯଥାର୍ଥ ସିଦ୍ଧି ଲାଭ କରି

Digitized by srujanika@gmail.com

ପାରିବ । ଆଉ ପାଞ୍ଚ ଜଣ ପରି ସେ ଟଙ୍କା ରୋଜଗାର କରି କେବଳ ବାବୁଗିରି କରିବନି । ସେ ମହତ୍ ଲକ୍ଷ୍ୟ ସାଧନ କରିବ । ଏଇ କଥା ସର୍ବଦା ମନରେ ରଖି ସତୀ ସାଧ୍ୱୀ ହୋଇ, ଈଶ୍ୱର ପରାୟଣ ହୋଇ ନିଷ୍କଳଙ୍କ ଉଜ୍ଜ୍ୱଳ ପୂଣ୍ୟଜ୍ୟୋତି ଦ୍ୱାରା ଜୀବନକୁ ଉଦ୍ଦୀପ୍ତ କରି ହୃଦୟକୁ ମଧୁର କରି, ମନକୁ ସତେଜ କରି ମଙ୍ଗଳ ସଙ୍କଳ୍ପକୁ ସବଳ କରି ତୋ ସ୍ୱାମୀର ଜୀବନରେ ତୁ ଶକ୍ତି ପ୍ରୀତି ପୂଣ୍ୟର ଅଧିଷ୍ଠାତ୍ରୀ ଲକ୍ଷ୍ମୀପରି ଅକ୍ଷୁର୍ଣ୍ଣ ସୌନ୍ଦର୍ଯ୍ୟରେ ଚିରଦିନ ବିରାଜ କରିପାରୁ ଏହା ହିଁ ମୁଁ ତୋତେ ଅନ୍ତରର ସହିତ ଆଶୀର୍ବାଦ କରୁଛି । ସମସ୍ତ କ୍ଷୁଦ୍ର କଥା, କ୍ଷୁଦ୍ର ଚିନ୍ତା, କ୍ଷୁଦ୍ର ଭାବକୁ ସଯତ୍ନେ ପରିହାର କରିବୁ । କୌଣସି ପ୍ରକାର କାଳିମାର ଲେଶମାତ୍ର ତୋତେ ଯେପରି ପ୍ରଭାବିତ କରି ନପାରେ ।

। ଇତି ।

୧୧ ଶ୍ରାବଣ, ୧୩୧୬, ୨୬ ଜୁଲାଇ, ୧୯୦୬ ବାବା

❑

ଚିଠି ନଂ ୨୯

ଓଁ

ମୀରୁ,

ଏଥର ମୋ ଚିଠି ସହିତ ନଗେନ୍ ତୋତେ ବି ଲେଖିଛି । ଦୁଇଟା ଯାକ ଚିଠି ତୋ ଠାକୁ ପଠାଇଲି । ନଗେନର ମନ ଭିତରେ ଖୁବ୍ ଗୋଟିଏ ଅବସାଦ ଆସିଛି । ଯେଉଁ ବିପଦ ତା ଉପର ଦେଇ ଚାଲି ଯାଇଛି ସେଥିରେ ଏପରି ହେବା ସ୍ୱାଭାବିକ । ଏଇ ଶୋକତାପର ଦହନ ଭିତର ଦେଇ ମନ ଆଧାତ୍ମିକ ଉଜ୍ଜ୍ୱଳତା ନେଇ ପବିତ୍ର ଓ ଉନ୍ନତତର ହେଇ ବାହାରି ଆସିବ । ତୁ ତାକୁ ଚିଠି ଲେଖିବାକୁ ଭୁଲିବୁନି ।

ନଗେନ୍ଦ୍ର ମଧରେ କୌଣସି ବୈଷୟିକ ସାଂସାରିକତା ନାହିଁ ଦେଖି ମୁଁ ଖୁବ୍ ଖୁସି ହେଲି । ଜୀବନର ମହୋଚ୍ଚ ଆଦର୍ଶକୁ ହିଁ ସେ ଟଙ୍କା ପଇସା ଧନ ସମ୍ମାନ ସବୁ କିଛି ଠାରୁ ବଡ଼ କରି ଦେଖିଛି । ସେଇ ଦୁର୍ଗମ ମହାପଥରେ ତାର ଉପଯୁକ୍ତ ସଙ୍ଗିନୀ ହେବା ଲାଗି ତୁ ନିଜକୁ ଅନ୍ତରରେ ଏବଂ ବାହାରେ ପ୍ରସ୍ତୁତ କର । ନଗେନ୍ଦ୍ର ଯେମିତି ତୋ ପାଖରୁ ସବୁ କାମ ଚାହେଁ ତୁ ଯଦି ସେହିପରି କଲ୍ୟାଣ କର୍ମରେ ନିଜକୁ ଉତ୍ସର୍ଗ କରିପାରୁ ତା ହେଲେ ହିଁ ତୋର ଜୀବନ ସାର୍ଥକ ହେବ । ମୁଁ ମୋର ସାଧ ଅନୁସାର ସେଇ ପଥରେ ତୋର ଶିକ୍ଷାକୁ ଅଗ୍ରସର କରାଇ ଦେବି । ତୁମ ଦୁହିଁଙ୍କର ଜୀବନ ନିଜର ସ୍ୱାର୍ଥ ଭୁଲି ସଂସାରର ମଙ୍ଗଳ ସାଧନରେ ସମ୍ମିଳିତ ହେଉ ।

ଜଗଦୀଶ ମୋତେ କହି ଯାଇଛନ୍ତି ଏବଂ ଚିଠିରେ ମଧ ଲେଖିଛନ୍ତି ଯେ ବୋଲପୁର ବିଦ୍ୟାଳୟର ଦାୟିତ୍ୱ ଗ୍ରହଣ ଲାଗି ଯୋଗ୍ୟ ଲୋକ ନଗେନ ପରି ଆଉକେହି ନାହିଁ । ତା ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ । ସେ ମୋତେ ସବୁବେଳେ କହୁଛନ୍ତି ବୋଲପୁର ବିଦ୍ୟାଳୟଟିକୁ ତୁମେ ନଗେନ୍ ହାତରେ ଛାଡିଦିଅ । ଆଜି ନଗେନ୍ ଚିଠିରୁବି ଦେଖୁଛି ତାର ବି ସେଇଆଡେ ବେଶି ଆକର୍ଷଣ

Digitized by srujanika@gmail.com

ରହିଛି । ଭାବୁଛି ତାକୁ ଥରେ ଏ କଥା କହି ଦେଖିବି । ତାର ବୟସ ଖୁବ୍ କମ୍ । ନୂତନ ଶକ୍ତି ଓ ଉତ୍ସାହ, ମଙ୍ଗଳକର କାମ ପ୍ରତି ତାର ଯେଉଁ ଅନୁରାଗ ଈଶ୍ୱରଙ୍କ ପ୍ରତି ମଧ୍ୟ ତାର ସେମିତି ଅନୁରାଗ । ଏଣେ, ସ୍ୱଦେଶର ଜାତୀୟ ଆଦର୍ଶ ପ୍ରତିବି ତାର ଖୁବ୍ ଆକର୍ଷଣ ରହିଛି । ଏ ଅବସ୍ଥାରେ ସେ ଆମ ବିଦ୍ୟାଳୟକୁ ନିଶ୍ଚୟ ନୂତନ ଜୀବନାଦର୍ଶରେ ଗଢି ତୋଳି ପାରିବ । ମୋର ଏଥର ଅବକାଶ ନେବାର ସମୟ ହେଲା । ମୋର ସାଧନା ଏବେ କର୍ମ ଭିତରେ ଦେଇ ନୁହେଁ, ମୋତେ ଏଥର ଧ୍ୟାନ ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ । କୌଣସି ବଡ଼ ଜିନିଷକୁ ଗଢ଼ି ତୋଳିବା ଭଳି ଶକ୍ତି ଓ ସାମର୍ଥ୍ୟ ମୋର ଆଉ ନାହିଁ । ଏବେ ଯଦି ମୋ କାମ ତୁମମାନଙ୍କ ହାତରେ ଟେକି ଦେଇ ଯାଇ ପାରେଁ-ତାହାହିଁ ହେବ ଉପଯୁକ୍ତ ପନ୍ଥା । ବାହାରୁ କେହି ଏ ଦାୟିତ୍ୱ ନେଇ ଠିକ୍ ଭାବେ ଚଳେଇ ପାରିବେନି । ଜଗଦୀଶଙ୍କ କଥା ଶୁଣିବା ପରଠାରୁ କେବଳ ସେଇ କଥା ମୁଁ ଚିନ୍ତା କରୁଛି । ଠିକ୍ ସେତିକି ବେଳେ ନଗେନ୍ ଚିଠିରେ ମୁଁ ସେଇ ସ୍ୱର ଶୁଣିବାକୁ ପାଇଲି ।

ସେଇ ଯେ 'ଗୋରା' ତୁମୋ ପାଖରୁ ପଢିବାକୁ ନେଇଥିଲୁ ସେଇଟା ଶୀଘ୍ର ମୋ ପାଖକୁ ପଠାଇ ଦେ । ସେଇଟା ପାଖରେ ନ ଥିବାରୁ ମୋର ଲେଖାରେ ଅସୁବିଧା ହେଉଛି । ଏଥର 'ଗୋରା' ଶେଷ କରି ଛାଡିବି । ଏବେ ମୁଁ ଚୈତ୍ର ମାସର ଭାଗଟା ଲେଖୁଛି ।

ବୋଧହୁଏ ବୈଶାଖ ପର୍ଯ୍ୟନ୍ତ ଚାଲିପାରେ । ତା ବୋଲି ଆସନ୍ତା ବର୍ଷ ବୈଶାଖ ପର୍ଯ୍ୟନ୍ତ ଗଲେ ଚଳିବନି । ଲେଖାଟାକୁ ଯେତେ ବୁଲେଇ ବୁଲେଇ ନେଲେ ବି ଏଇ ବର୍ଷ ହିଁ ଶେଷ କରିବାକୁ ହେବ । । ଇତି ।

୨୪ ଶ୍ରାବଣ (୯,ଅଗଷ୍ଟ ୧୯୦୯) ବାବା

• ଯେଉଁ ବିପଦ ତା ଉପରେ ଦେଇ ଯାଇଛି-ସମ୍ଭବତଃ ପିତାଙ୍କ ମୃତ୍ୟୁ ଜନିତ....

ଚିଠି ନଂ-୩୦

ଓଁ

ମୀରୁ,

ତୋ ଘରଟି ସଜାସଜି ହୋଇଯାଇଛି ଶୁଣି ଖୁସି ହେଲି । ମୁଁ ଏଠୁ ଗଲେ ଆଉ ଟିକିଏ ଭଲ କରି ସଜେଇ ଦେବି । ତୋ ଆଲମାରୀଟା ମୋ ସାଙ୍ଗରେ ନେଇ ନ ଗଲେ ମାଲଗାଡିରେ ଗଲେ ଭାଙ୍ଗି ଖଣ୍ଡ ଖଣ୍ଡ ହେଇ ଯିବ । ତେଣୁ ବର୍ତ୍ତମାନ ପଠେଇ ପାରୁନି । ଏଠାରେ ନୀରବ ନିସ୍ତବ୍ଧ ହୋଇ ବସି ରହିବାକୁ ଏତେ ଭଲ ଲାଗେ ଯେ ଲେଖାର ହାତ ଦେବାକୁ ଇଚ୍ଛା ବି ହୁଏନା । ରାତିରେ ନିର୍ମଳ ଜ୍ୟୋସ୍ନା-ଅତି ଚମତ୍କାର ଦେଖାଯାଏ । ଗତକାଲି ବୁଧବାର-ମନ୍ଦିରରେ ପୂଜା ଉପାସନା ହେଲା । ଏବେ ଆଉ ଘରଭର୍ତ୍ତି ପିଲା ନାହାନ୍ତି । କେବଳ ଦେବଲ, ଗୋରା, ପଟଲ ଏବଂ ଅଜିତକୁ ନେଇ ମନ୍ଦିରର ପୂର୍ବପଟ ଅଗଣାରେ ବସି ସୁନ୍ଦର ଜହ୍ନ ଆଲୁଅରେ ଉପାସନା କଲି । ତା ପରେ ଗାଡ଼ି ବାରଣ୍ଡାର ଛାତ ଉପରେ ଆସି ବସିଲି ଅନେକ ରାତି ପର୍ଯ୍ୟନ୍ତ । ସେଠି ବସି ଗୀତ ଗାଇଲି ।

Digitized by srujanika@gmail.com

କଲିକତାର ଧୂଆଁର ଆକଣ୍ଠ ଆବର୍ଜ୍ଜନା ପୂର୍ଣ୍ଣ । ବାହାରେ ବେଶି ସମୟ ବସିବାବି ନିରାପଦ ନୁହେଁ । ତେବେ କାର୍ତ୍ତିକମାସର କାକରକୁ ଟିକିଏ ଭୟ ଥାଏ । ଏଠାରେ କିନ୍ତୁ ସେ ସବୁ ନାହିଁ । ତୋତେ ସେଇ ଧୂଆଁ ଧୂଳିର କଲିକତାରେ ବନ୍ଦୀ ରଖି ଏକୁଟିଆ ଏଠାକୁ ପଳେଇ ଆସିଛି ବାଲି ମନରେ ଦୁଃଖ ହୁଏ । କିନ୍ତୁ ଏବେ ତୋର ତପସ୍ୟାର ସମୟ ଆସିଛି । ଏଇ ତପସ୍ୟାରେ ସାମାନ୍ୟ କାରଣରୁ ବ୍ୟାଘାତ ଘଟେଇବା ମୋଟେ କଲ୍ୟାଣକର ନୁହେଁ ଜାଣି ତୋର ଏଇ ଦୁଃଖ ନିଜ ମନରେ ସ୍ୱୀକାର କରି ନେଇଛି । ଈଶ୍ୱର ତୋ ମନକୁ ସ୍ୱାଧୀନ କରି ଦିଅନ୍ତୁ । ସେ ନିଜର ଚାରିପଟର ପରିବେଷ୍ଟନୀକୁ ଭେଦ କରି ବଡ ହେଇ ଉଠୁ-ଅନ୍ତର ମଧରେ ଭୂମାକୁ ଲାଭ କରୁ-ସଂସାରର କୌଣସି ସଂକୀର୍ଣ୍ଣତା ମଧରେ ଆବଦ୍ଧ ହେଇ ନ ରହୁ-ଏ ହା ହିଁ ମୋର ଏକାନ୍ତ କାମନା । ଲରେନ୍ସ ଯେତେବେଳେ ଅଛି, ଅମଲ ସହିତ ଆଉ ଇଂରେଜୀରେ କଥାବାର୍ତ୍ତାର କୌଣସି ପ୍ରୟୋଜନ ନାହିଁ । ତୋର ଯଦି ସଂକୋଚ ବୋଧହୁଏ ତେବେ ତୁ ଛାଡି ଦେବୁ ।

। ଇତି ।

ବୋଲପୁର-୨୮, ଅକ୍ଟୋବର, ୧୯୦୯ । (ପୋଷ୍ଟମାର୍କ)   ବାବା

❑

- ଲରେନ୍ସ-ଶିଆଲ ଦହର ଗୃହ ବିଦ୍ୟାଳୟରେ ରବୀନ୍ଦ୍ରନାଥଙ୍କ ପୁତ୍ର କନ୍ୟା ଶିକ୍ଷା ପାଇଁ ପ୍ରଥମେ ନିଯୁକ୍ତ ହୁଅନ୍ତି । ପରେ (୧୯୦୩) ଶାନ୍ତି ନିକେତନରେ ମଧ ଶିକ୍ଷକତା କରିଥିଲେ । ଲରେନ୍ସଙ୍କ ଶିକ୍ଷାଦାନ ପଦ୍ଧତି ଉପରେ ରବୀନ୍ଦ୍ର ନାଥଙ୍କ ବେଶ ଆସ୍ଥା ଥିଲା ।

ଚିଠି ନଂ- ୩୧

ଓଁ

ମୀରୁ,

ଶନିବାର ଭୋରରେ ଛାଡିଛି । ତା ପରେ ଆଜିକୁ ଆଠଦିନ ପାଣି ଉପରେ କଟିଲା । ସେ ଦିନ ପାଞ୍ଜି ଦେଖି ବାହାରି ନାହିଁ ବୋଲି ଅନେକ ଅସୁବିଧା ଭୋଗ କରିବାକୁ ହେଲା । କିଏ ଜାଣିଥିଲା ପ୍ରତି ପ୍ରଦକ୍ଷେପରେ ବିପଦ ରହିଛି ବୋଲି । ସବୁଠାରୁ ଅଶୁଭ ହୋଇଥିଲା । ଆମେ ଠିକ୍ ବାହାରିଲା ବେଳକୁ ଶରତ ଛିଙ୍କି ଦେଇଥିଲା । ସେତିକି ବେଳେ ଆମର ଟିକିଏ ସଚେତନ ହେବାର ଥିଲା । ହେଲେ ଆମେତ ଆଜିକାଲି ଶାସ୍ତ୍ର ମାନୁନା । ତେଣୁ ଏତେ ହଇରାଣ ହେବାକୁ ଥିଲା । ହାରିସନ ରୋଡର ପ୍ରାୟ ପାଖାପାଖି ଆସିଚୁଁ । ଏତିକିବେଳେ ଘୋଡାଟାର ଗୋଡ ଖସି ଯାଇ ପଡିଗଲା ଏବଂ ଏମିତି ଗୋଡ ଛାଟି ପିଟି ହେଲା ଯେ ସେଥିପାଇଁ ତାର ଯେମିତି ଲଜ୍ଜିତ ହେବାର କୌଣସି କାରଣ ନଥିଲା । ତାର ସେ ପ୍ରକାର ଆଚରଣ ଦେଖି ଆମେ ଆଉ କାଳ ବିଳମ୍ବ ନ କରି ରାସ୍ତା ଉପରକୁ ଓହ୍ଲାଇ ପଡିଲୁଁ । ତା ପରେ ତାର ସାଜପତ୍ର ଖୋଲି ତାକୁ ଠିଆ କରାଇ ପୁଣି ତାକୁ

Digitized by srujanika@gmail.com

ସାଜ ପିନ୍ଧାଇ ଯେତେବେଳେ ଫେର ଚଢିଲୁଁ ସେତେବେଳେ ହେମନ୍ତର ପୂର୍ବାକାଶ ପରିଷ୍କାର ହୋଇ ଆମର ଗାଡି ଧରିବାର ସମସ୍ତ ବିଶ୍ୱାସକୁ ଦୂର କରିବାର ଉପକ୍ରମ କଲାଣି । ଷ୍ଟେସନରେ ପହଞ୍ଚି ଦେଖିଲୁଁ ଗାଡି ଛାଡି ନାହିଁ । ଛାଡି ନାହିଁ ମାନେ ଆମକୁ ଖାତିର କରି ନୁହେଁ । ଅନେକ ଗୁଡିଏ ଇଂରେଜ ଯାତ୍ରୀ ଥିଲେ-ସେମାନଙ୍କର ଲଗେଜର ଗୌରବ ଓଜନ କରି ନେବା ଲାଗି 'ଡାକ୍ ଗାଁ ମେଲ' ସୁନା ପିଲାଟି ପରି ଚୁପଚାପ ଠିଆ ହେଇଥିଲା । ଟିକିଏ ଫଁ ଫାଁ ବି କରୁ ନଥିଲା । ହେଲେ ଫାଷ୍ଟ କ୍ଲାସ କମରାରେ ତ ମୋଟେ ଜାଗା ନଥିଲା -ସେଇଟା ସେତେବେଳକୁ ରାଜ କୁଟୁମ୍ବ ମାନଙ୍କ ଦ୍ୱାରା ଭର୍ତ୍ତି ହେଇ ସାରିଥିଲା । ଚାଣକ୍ୟ ନଖୀ ଓ ଦନ୍ତୀମାନଙ୍କୁ ଯଥାସମ୍ଭବ ଦୂରରେ ରଖିବା ଲାଗି ଉପଦେଶ ଦେଇଛନ୍ତି । ସେଇ ସନାତନ ଆପ୍ତବାକ୍ୟର ମର୍ଯ୍ୟାଦା ରକ୍ଷାକରି ଆମେ ଦ୍ୱିତୀୟ ଶ୍ରେଣୀରେ ପଶିଲୁଁ । ଜିନିଷପତ୍ର ଓଜନ କରାଇବା ପାଇଁ ସମୟ ନଥିଲା । ସେ ଗୁଡିକ ପର ଗାଡିରେ ପଠାଇବା ପାଇଁ ଉପଦେଶ ଦେଇ ଆମେ ବାହାରି ପଡିଲୁଁ । ତା ପରଦିନ ସକାଳେ ଯେତେବେଳେ ବୋଟ୍‌ରେ ବସି ବାହାରିଲୁଁ ସେତେବେଳେ ମେଘ ଘନେଇ ଆସିଲାଣି । ଆକାଶ ଚାରିଆଡୁ ଦାନ୍ତ ନିକୁଟିଲାଣି । କିନ୍ତୁ ଇଂରାଜୀ ପଢ଼ି ଆମର ବୁଦ୍ଧି ଏମିତି ବିକୃତ ହେଲାଣି ଯେ ସେତେବେଳେ ମଧ ଶରତଙ୍କ ଛିଙ୍କ କଥା ମନେ ପଡିଲାନି । ସେ ଦିନ ବେଳ ଦି'ଟା ସମୟକୁ ପଦ୍ମାରେ ଢେଉ ଉଠେଇ ବାଲି ଉଡେଇ ସେପଟର ନୌକା ଗୁଡିକୁ ଅସ୍ଥିର କରି ଦେଇ ଗୋଟିଏ ଝଡ ଉଠିଆସିବାର ଦେଖାଗଲା । ମେଘ ଗୁଡାକ ଏଣେ ତେଣେ ବିଛାଇ ହେଇ ପଡିଲାଣି । ଯେମିତି ବର୍ଗୀ ଆକ୍ରମଣ-ସତେ ଯେମିତି ସେମାନଙ୍କର ହଜାର ହଜାର ଘୋଡାର ଟାପୁର ଧୂଳି ଦିଗନ୍ତ କୁ ଆଚ୍ଛନ୍ନ କରି ରଖିଛି ।

ସେ ଦିନ କଟିଗଲା । ପରଦିନ ଠାରୁ ଦୁର୍ଯୋଗ ଆରମ୍ଭ ହେଲା । ପ୍ରବଳ ହାୱାରେ ବୋଟ୍ ଥରକୁ ଥର ନଦୀ ତଟରେ କଚାଡି ହେଇ ଯାଉଥାଏ । କିଛି ଦିନ ତଳେ ଏହି ଅଞ୍ଚଳରେ ପ୍ରଚଣ୍ଡ ତୋଫାନ ବହି ଯାଇଚି । କୂଳର ଲୋକମାନେ ଆମକୁ ସାବଧାନ ରହିବାକୁ ଉପଦେଶ ଦେଲେ । ସେମାନେ କହିଲେ ନଈର ଏ ପଟେ ବୋଟ୍ ରଖିବା ନିରାପଦ ନୁହେଁ । ଆରପଟକୁ ନେଇ ଯାଆନ୍ତୁ । ବହୁ କଷ୍ଟରେ ଯମୁନା ଉପର ଦେଇ ଯାଇ ଆରପଟରେ ଆଶ୍ରୟ ନେଲୁଁ । ତା ପରେ ବୁଧବାର ପର୍ଯ୍ୟନ୍ତ ଝଡ ସହିତ ଲଢାଲଢି କଲା ପରେ ଶେଷରେ ଯମୁନା ଅତିକ୍ରମ କରି ବଡ଼ଲ ନଈରେ ପହଞ୍ଚିବାରୁ ଦୁର୍ଯୋଗର ଅବସାନ ଘଟିଲା । ଏବେ ଆମେ ଛୋଟ ଛୋଟ ନଈମାନଙ୍କ ଭିତର ଦେଇ ଚାଲିଛୁଁ । ଏ ନଈ ଗୁଡିକ ବେଶ ଆପଣାର ମନେ ହେଉଛି, ଦେହଘସା ଯେମିତି । ପଦ୍ମାର ଗୋଟିଏ ପଟରେ ବାଲିଚର ଧୂ ଧୂ କରୁ ଥିବାବେଳେ ଅନ୍ୟ ପଟରେ ଦୂରପ୍ରସାରୀ ପ୍ରାନ୍ତର । ଗ୍ରାମ ବା ଲୋକାଳୟ ପ୍ରାୟ ଦେଖାଯାଏ ନା । ଯେଉଁଠି ବା ଗାଁ ଦେଖାଯାଏ ସେଠାକାର ଲୋକମାନେ ଭୟଭୀତ ହେଇ ରହିଚନ୍ତି । ସେମାନେ ପଦ୍ମାକୁ ଚାହାନ୍ତି ନାହିଁ । ପଦ୍ମା ହିଁ ସେମାନଙ୍କୁ ଚାହେଁ । ସେଇଟା ସୁବିଧା ଜନକ ନୁହେଁ । ହେଲେ ସବୁ ନଈର ଦୁଇ କୂଳରେ ଗାଁ-ମାଆକୁ ଯେମିତି ପିଲାମାନେ ଜାବୁଡି ଧରି ଆଆନ୍ତି ତୁଠରେ ସ୍ତ୍ରୀ ଲୋକମାନେ ବାସନ ମାଜୁଛନ୍ତି-ଗାଧୋଉଛନ୍ତି । ପିଲାମାନେ ଦିନସାରା ଅକାରଣରେ ପାଣିରେ ପଡିଛନ୍ତି । ନଈ ପାଣିକୁ ଲାଗି ଗୃହାଳ ଘର-ଅଗଣା ବେଶ

Digitized by srujanika@gmail.com

ପରିଷ୍କାର ଭାବେ ଲିପାପୋଛା ହେଉଛି । ବତାର ବାଡରେ ଘେରା ହେଉଛି-କୁଟା ଗାଦି ମୁଣ୍ଡ ଟେକି ଠିଆ ହେଉଛି । ଗାଁର ଗୋଟାଏ ମୁଣ୍ଡରେ ସୋରିଷ କ୍ଷେତ-ଫୁଲ ଫୁଟି ଯେମିତି ନିଆଁ ଲାଗି ରହିଛି । ମହ ମହ ବାସନା । କଦଳୀ, କୋଳି, ତେନ୍ତୁଳି ଓ ବାବୁଲା ଗଛ ଫାଙ୍କ ଦେଇ କୁଡିଆ ଘର ଗୁଡିକ ଦେଖା ଯାଉଛି । ମଞ୍ଚା ଉପରକୁ କଖାରୁ ଗଛ ମାଡିଛି । ଆଉ ଏପାଖରେ ନଈର ଗଡାଣିଆ ତଡାମାନଙ୍କରେ ଖିଉଳି ପଡି ଯାଉଛି । ଛେଳିମାନେ ଚରୁଛନ୍ତି । ହଂସମାନେ ପାଣିରେ ବୁଡି ବୁଡି ଗାଧୋଉଛନ୍ତି ଏବଂ ପର ଭିତରେ ଥଣ୍ଡ ଭର୍ତ୍ତି କରି ନିଜ ଦେହ ସଫା କରୁଛନ୍ତି । ସାନ ସାନ ଡଙ୍ଗା ଗୁଡାକ କୂଳରେ ବଂଧା ହୋଇ ପଡିଛି । ଘାଟ ନୌକା ଗୁଡିକ ନଈ ପାରି କରୁଛନ୍ତି । ବଡ଼ ବଡ ଘଞ୍ଚ ଗଛ ଗୁଡିକ ଭିତର ଦେଇ ନଈ ତୁଠକୁ ଆସିବା ସରୁ ରାସ୍ତା ଅଙ୍କେଇ ବଙ୍କେଇ ଚାଲି ଯାଉଛି । ଯେଉଁ ଆଡ଼କୁ ଚାହିଁ ଦେଖେଁ ସୁନ୍ଦର ଓ ଶାନ୍ତିର ଚିତ୍ର ହେମନ୍ତର ପ୍ରଭାତକୁ ଉଜ୍ଜ୍ୱଳ କରି ତୋଳିଛି ।

ଆଜି ରାତିରେ କୌଣସି ଏକ ସମୟରେ ବୋଧହୁଏ ପାତିସରରେ ଯାଇ ପହଞ୍ଚିବି । ତୁ କେମିତି ଅଛୁ ଜାଣିବା ପାଇଁ ବ୍ୟଗ୍ରତା ବଢ଼ିଲାଣି । ମୁଁ ଜାଣେ ପ୍ରତିଭା ପାଖରେ ତୁ ବେଶ୍ ଆରାମରେ ଅଛୁ । ସେଠାରେ ସବୁ ଦିଗରୁ ତୋର ଶିକ୍ଷାର ଉନ୍ନତି ହେବ । ପ୍ରତିଭା ଯେମିତି ଶ୍ରଦ୍ଧା ଭକ୍ତି ଓ ଈଶ୍ୱର ପରାୟଣତା ସହ ସଂସାର କର୍ତ୍ତବ୍ୟ ପାଳନ କରେ ସେଇଟା ତୋ ପାଇଁ ଗୋଟାଏ ଦୃଷ୍ଟାନ୍ତ ହେବ । ତୋର ଲୁଗାପଟା ବା ଅନ୍ୟ କୌଣସି ଉପକରଣ ଯାହା ଯାହା ଦରକାର ହେବ ବେଲାକୁ ଲେଖି ପଠାଇବୁ ।

ପହିଲା ଡିସେମ୍ବର କଲିକତାର ଗୋଟିଏ ସଭାରେ ମୋର ଗୋଟିଏ ପ୍ରବନ୍ଧ ପାଠ ଅଛି । ସୁତରାଂ ତା ପୂର୍ବରୁ ମୋତେ ଫେରିବାକୁ ହେବ । ତା'ର ବିତ ଆଉ ବେଶି ଡେରି ନାହିଁ । ପାତି-ସରରେ ବୋଧେ ସପ୍ତାହଟିଏ ରହି ମୋତେ ଫେରିବାକୁ ହେବ ।

ଈଶ୍ୱର ତୋର ହୃଦୟକୁ ପବିତ୍ର କରନ୍ତୁ, ମଧୁର କରନ୍ତୁ, ନମ୍ର କରନ୍ତୁ । ତୋର ଚିତ୍ତକୁ ମଙ୍ଗଳମୟ କରନ୍ତୁ ଏବଂ ତୋ ଜୀବନକୁ ପ୍ରତିଦିନ ତାଙ୍କ ଆଡକୁ ଆକର୍ଷଣ କରି ନିଅନ୍ତୁ । ଏତିକି ମୋର ଆନ୍ତରିକ କାମନା ।

ପ୍ରତିଭା କୁ ମୋର ଆଶୀର୍ବାଦ ଜଣେଇ ଦେବୁ ।　　　　। ଇତି ।

ନଭେମ୍ବର, ୧୯୦୬　　　　ବାବା

❑

- ଡାଟର୍ଗାଁ ମେଲ-ଚଟ୍ଟଗ୍ରାମ ମେଲ । ଶିଆଳ ଦହ ଷ୍ଟେସନରୁ ଏଇ ଗାଡିରେ ଯାଇ କୁଷ୍ଟିଆ ଷ୍ଟେସନରେ ଉହ୍ଲେଇବାକୁ ହୁଏ । ସେଠାରୁ ଗଡାଇ ନଦୀ ପାର ହେଲେ ଶିଳାଇ ଦହ ଯିବା ରାସ୍ତା । ନଦୀ ପଥରେ ବି ପଦ୍ମାର କଡ ଧରି ଶିଳାଇ ଦହ ଯାଇ ହେଉଥିଲା ।
- ପ୍ରତିଭା-ହେମନ୍ତ ନାଥ ଠାକୁରଙ୍କ କନ୍ୟା ।
- ଗୋଟିଏ ପ୍ରବଂଧ ପାଠ-କଲେଜ ଷ୍ଟ୍ରିଟରେ ଅବସ୍ଥିତି Y.M.C.A. ର ଓଭାରଟୁନ୍ ହଲରେ ପଠିତ ପ୍ରବନ୍ଧ 'ତପୋବନ' ।

Digitized by srujanika@gmail.com

ଚିଠି ନଂ-୩୨

ଓଁ

ମୀରୁ,

ଆଜି ବଉମାଙ୍କ ଚିଠି ପାଇଲି । ସେ କମଳର ଚିଠିରୁ ଖବର ପାଇଛନ୍ତି ଯେ ଅଜିତ ସହିତ ଲାବଣ୍ୟର ବିବାହ ହେବ ।

ଏଇ ଖବରଟା ଆମ ଘରେ ବୋହୂ ଝିଅମାନଙ୍କ ମଧ୍ୟରେ ପ୍ରଚାର ହେଇ ଯାଉ ଏମିତିକା ଇଚ୍ଛା ମୋର ନଥିଲା । କାରଣ ଏଇ କଥାଟାକୁ ନେଇ ଲଘୁ ଭାବରେ ହସ, ଥଟ୍ଟା ତାମସା ଓ ନାରୀ ସୁଲଭ କଥାବାର୍ତ୍ତା ମୋ ପାଖରେ ଅତି ଜଘନ୍ୟ ରୂପ ନେଇଯାଏ । ଏ ସବୁ ଘଟଣା ଭିତରେ ଯେ ଗୋଟିଏ ଗାମ୍ଭୀର୍ଯ୍ୟ ଓ ପବିତ୍ରତା ଅଛି ତାକୁ ନଷ୍ଟ ହେବାକୁ ଦେବା ଉଚିତ ନୁହେଁ । କମଳ ଖବର କେମିତି ଜାଣି ପାରିଲା ? ସେ ଯା ହେଉ ଯଦି ବା ଜାଣିଥାଏ (ଆଶା କରେଁ ତୋ ପାଖରୁ ନୁହେଁ) ଏ କଥା ନେଇ ଖବରଦାର ନାରୀ ମହଲରେ ଯେମିତି ଥଟ୍ଟା ତାମସା ନ ହୁଏ । କୌଣସି ମତେ ତୁମେମାନେ ଏ ସବୁ ଚପଳତା ସହ୍ୟ କରନା-ମୁଁ ବିଶେଷ ଭାବରେ କହି ହେଉଛି । ଗୋଟିଏ କଥା ମନେ ରଖିବୁ ଲାବଣ୍ୟ ତୁମମାନଙ୍କର ଅତିଥି । ତାକୁ ଯଦି କୌଣସି ପରିହାସ ଆଘାତ କରେ ତେବେ ସେ କୌଣସି କଥା କହି ପାରିବନି । ହୃଦୟରେ ଆଘାତ ପାଇବ କେବଳ । ସେଇଟା ତୁମମାନଙ୍କ ପକ୍ଷରେ ଅନ୍ୟାୟ ହେବ । ଏଇ ସମସ୍ତ ଲଘୁତା ଠାରୁ ତାକୁ ତୁମେମାନେ ରକ୍ଷା କରିବ । ବୋଲପୁରରେ ଗୋଟିଏ କଥା ଉଠି ପାରେ ବୋଲି ତାକୁ ତୁମମାନଙ୍କ ପାଖରେ ରଖିଦେଇଥିଲି । ହେଲେ ତୁମମାନଙ୍କ ପାଖରେ ଯଦି ଆଲୋଚନା ହୁଏ ତେବେ ଭାରୀ ଅନ୍ୟାୟ ହେବ । ନାରୀମାନେ ଜୀବନକୁ ଯେମିତି ହାଲୁକା କରି ଦେଖନ୍ତି, ଯେପରି ସଂକୀର୍ଣ୍ଣ ଭାବରେ କଥାଟାକୁ ବିକୃତ କରି ଦିଅନ୍ତି, ଜଗତରେ ସେ ସମସ୍ତ ବଡ଼ ବଡ଼ ଶକ୍ତିମାନେ କାମ କରନ୍ତି ସେ ସବୁ ସମ୍ପର୍କରେ ସମ୍ପୂର୍ଣ୍ଣ ଅଚେତନ ରହି ଦିନରାତି କେବଳ ହସ ତାମସା ନେଇ ହୋ ହଲ୍ଲା କରି ବିତାନ୍ତି । ସେ ସବୁରୁ ତୁମମାନଙ୍କୁ ରକ୍ଷା କରିବା ପାଇଁ ମୁଁ ଅନେକ ଚେଷ୍ଟା କରିଛି । ଆଶା କରେଁ ମୋର ସେ ଚେଷ୍ଟା ବ୍ୟର୍ଥ ହେବ ନାହିଁ ଏବଂ ଜୀବନକୁ କେବଳ ତୁଚ୍ଛ ବିଷୟ ଆଲୋଚନାରେ ବିକ୍ଷିପ୍ତ କରି ନଷ୍ଟ କରିବୁ ନାହିଁ ।

ଖବର ପାଇଲି ତୋର ମାଷ୍ଟର Lawrenec, S.P. Sinha ମାନଙ୍କ ସହିତ ସିମଲା ଯିବେ । ତା ହେଲେ ବାକି ରହିଲା ତୋର ଜଣେ ମାଷ୍ଟର । ଇତି ମଧ୍ୟରେ ଲାବଣ୍ୟ ସହିତ କିଛିଟା ବଙ୍ଗଳା ସାହିତ୍ୟ ପଢ଼ି ନେବାର ଚେଷ୍ଟା କର । ବଙ୍ଗଳା ତୁ କିଛି ଜାଣୁ ନା । ଈଶ୍ୱର ତୋର ମଙ୍ଗଳ କରନ୍ତୁ ।

। ଇତି ।

୨୮ ଫଗୁଣ, ୧୩୧୬ (୧୨ ମାର୍ଚ୍ଚ ୧୯୧୦)　　　　　　　　　　ବାବା

Digitized by srujanika@gmail.com

- ବଉମା-ରଥୀନ୍ଦ୍ର ନାଥଙ୍କ ପତ୍ନୀ ପ୍ରତିମା ଦେବୀ । (୧୮୯୩-୧୯୬୧) ଅଜିତ ସହିତ ଲାବଣ୍ୟର ବିବାହ -ଅଜିତ କୁମାର ଚକ୍ରବର୍ତ୍ତୀଙ୍କ ସହିତ ବାଲ୍ୟ ବିଧବା ଲାବଣ୍ୟ ରେଖାର (୧୮୯୧-୧୯୭୨) ବିବାହ । ଏଇ ସମୟରେ ଅଜିତ କୁମାର ଓ ଲାବଣ୍ୟରେଖା ଶାନ୍ତି ନିକେତନ ଆଶ୍ରମରେ ରହୁଥିଲେ ।
- S.P. Sinha ରାୟପୁରର ଲର୍ଡ ସତ୍ୟେନ୍ଦ୍ର ପ୍ରସନ୍ନ ସିଂହ (୧୮୬୩-୧୯୨୮)

ଚିଠି ନଂ-୩୩

ଓଁ

ମୀରୁ,

ଭାବିଥିଲି କାଲି ଏଠାରୁ କାଲିଗ୍ରାମ ଯାତ୍ରା କରିବି । କିନ୍ତୁ ସେତକ ହେଇ ପାରିଲାନି । ପଦ୍ମାର ସୌନ୍ଦର୍ଯ୍ୟ ଛାଡି କାଲିଗ୍ରାମ ଯିବାକୁ ସହଜରେ ଇଚ୍ଛା ହୁଏନା । ସେଥିପାଇଁ ସେଠାକାର କର୍ମଚାରୀମାନଙ୍କୁ ଏଠାକୁ ଡକାଇ ପଠାଇଛି । ସେମାନେ ଆସିଲେ ସେମାନଙ୍କ ସହିତ କାମ ସାରି କଲିକତା ଫେରିଯିବି । ତୋର ଶାଶୁ ଘରକୁ ଯିବା କଥାଟା ମୁଁ କଲିକତାରେ ଯାଇ ସ୍ଥିର କରିବି ।

ଇତିମଧ୍ୟରେ ନୋଆଖାଲି ଠାରୁ ରାଧାକାନ୍ତ ବାବୁଙ୍କ ଚିଠି ପାଇଛି । ଅଜିତ ସହିତ ଲାବଣ୍ୟର ବିବାହ ସମ୍ପର୍କରେ ସେ ଲେଖିଛନ୍ତି ଯେ କେବଳ ସ୍ୱଜାତି ଭିତରେ ଲାବଣ୍ୟର ବିବାହ ହେଉବୋଲି ତାଙ୍କର ଇଚ୍ଛା । ଯେମିତି ଇଚ୍ଛା ସେମିତିତ ହେବା ସମ୍ଭବ ନୁହେଁ । ତେଣୁ ସେ ସମ୍ମତି ଦେଉଛନ୍ତି । କିନ୍ତୁ ତାଙ୍କ ସାନଝିଅଟି ଅବିବାହିତା ଅଛି । ତା ପୂର୍ବରୁ ଅଜିତର ବିବାହ ହେଲେ ସେ ଅସୁବିଧାରେ ପଡିଯିବେ । ତାଙ୍କର ସେଠି ସମାଜରେ କଥା ଉଠିପାରେ । ତେଣୁ ସେ କିଛିକାଳ ଅପେକ୍ଷା କରିବାକୁ କହୁଛନ୍ତି । ତାଙ୍କ ଚିଠି ମୁଁ ଅଜିତକୁ ପଠେଇ ଦେଇଛି । ଅଥଚ ଅଜିତର ଇଚ୍ଛା ବୈଶାଖ ମାସରେ ଆମ ବିଦ୍ୟାଳୟ ଛୁଟି ହେବା ପୂର୍ବରୁ ଚୈତ୍ର ମାସ ମଧ୍ୟରେ ହିଁ ସେମାନଙ୍କ ବିବାହ ସମ୍ପନ୍ନ ହେଉ । କିନ୍ତୁ ତାହାତ ଏବେ ଆଉ ସମ୍ଭବ ନୁହେଁ ।

ଗୋଟିଏ ସେଟ୍ ଗଦ୍ୟ ଗ୍ରନ୍ଥାବଳୀ ତୋତେ ଦେବାର କଥା । ମୁଁ ମଣିଲାଲକୁ କହି ଦେଇଥିଲି । ଦେଇଛି କି ? ବଂଗଳା ସାହିତ୍ୟ ଅଭ୍ୟାସ କରି ପଢ଼ିବା ପାଇଁ ଚେଷ୍ଟା କର ।'

ଆମର ଏଠାରେ ଏବେବି ବେଶ ଶୀତ ଅଛି । ବର୍ତ୍ତମାନ ଦିନ ଦୁଇଟା । କଲିକତାରେ ଖୁବ୍ ସମ୍ଭବ ଏବେ ବେଶ୍ ଗରମ ପଡିଥିବ । କିନ୍ତୁ କ୍ରମାଗତ ଥଣ୍ଡା । ପଶ୍ଚିମା ପବନ ବହୁଛି । ଏବେଠୁଁ ଗରମ ଲୁଗା ବ୍ୟବହାର୍ କରିବାକୁ ଇଚ୍ଛା ହେଉଛି । ଆଉ ଟିକିଏ ଗରମ ପଡିଲେ ମୁଁ ଖୁସି ହୁଅନ୍ତି । ତା ହେଲେ ନଦୀ ଉପରେ ବସନ୍ତ କାଳଟା ବେଶ୍ ଆରାମରେ ଉପଭୋଗ କରି ପାରନ୍ତି । ଦେହରେ ସବୁବେଳେ ଲୁଗା ଘୋଡେଇ ହୋଇ ରହିବାକୁ ଭଲ ଲାଗେନା । ଆଜିକାଲି ଯେଉଁଠାକୁ ମୁଁ ଯାଏଁନା କାହିଁକି ବୋଲପୁର ମୋତେ ଟାଣେ । ଆଶ୍ରମ ଛାଡି ବେଶି ଦିନ ମୁଁ କେଉଁଠି ରହି ପାରେନା । ଈଶ୍ୱର ତୋର ମଙ୍ଗଳ କରନ୍ତୁ ।

। ଇତି ।

ଚୈତ୍ର ୨, ୧୩୧୬ (୧୬ ମାର୍ଚ୍ଚ ୧୯୧୦)

ବାବା

Digitized by srujanika@gmail.com

- ରାଧାକାନ୍ତ ବାବୁ-ରାଧାକାନ୍ତ ଆଇଚ୍ । ଏହାଙ୍କ ପୁତ୍ର ସହିତ ଲାବଣ୍ୟ ରେଖା ର ପ୍ରଥମେ ବିବାହ ହୁଏ ।
- ମଣିଲାଲ-ଅବନୀନ୍ଦ୍ରନାଥ ଠାକୁରଙ୍କ ଜାମାତା ମଣିଲାଲ ଗଙ୍ଗୋପାଧ୍ୟାୟ (୧୮୮୮-୧୯୨୯)

ଚିଠି ନଂ-୩୪

ଓଁ

ମୀରୁ,

ମୁଁ କୌଣସି P.N.Mukhrjee ଙ୍କୁ କେବେବି ଚିହ୍ନିନାହିଁ । ତେଣୁ ତାଙ୍କ ପାଖକୁ ଚିଠି ଦେଇ ପାରିବିନି । ଏଠାରେ ଆମର ଦିନ ଗୋଟିଏ ପ୍ରକାର ଚାଲି ଯାଉଛି । ଅନେକ ଗୁଡାଏ କ୍ଲାସ ମୋତେ ନେବାକୁ ହୁଏ । ଏଥିପାଇଁ ଅନେକ ବ୍ୟସ୍ତ ଅଛି । ତେଣେ ଅରୁଣ ସେନ ଘର ଛାଡି ପଳାଇଛି । ତାକୁ ଫେରେଇ ଆଣିବାକୁ ଚେଷ୍ଟା ଚାଲିଛି । ଆଜି ହୁଏତ ଆସି ଯାଇ ପାରେ । ତା ମାଆ ଖୁବ୍ ବ୍ୟସ୍ତ ହେଇ ପଡୁଛନ୍ତି ।

ତୋ ଦେହ କେମିତି ଅଛି ? ତୋ ଭାଉଜ ମୋ ପାଖରେ ପଢୁଛି । ଆସ୍ତେ ଆସ୍ତେ ପାଠ ଧରୁଛି । ତୋର ପଢା ପଢି ଚାଲିଛି ଲେଖୁଛୁ । ପୁଣି କଅଣ ଅମଲ ପାଖରେ ପଢା ଆରମ୍ଭ କରିଛ ? ତାକୁ ଆଉ ରଖି ହେବନି । କାହିଁକି ନା ଅନେକ ଦିନ ହେଲା ତାକୁ ଦରମା ଦେଇ ଆସୁଛି । ଅଥଚ ତୋର ପଢାପଢି ପ୍ରାୟ ବନ୍ଦ ରହୁଚି । ଏ କ୍ଷତି ଆଉ ସହି ହେବନି । ଏବେ ତୁ ନିଜେ ପଢା ପଢି କରିବାପାଇଁ ଚେଷ୍ଟା କର ।

ଏଠି ପ୍ରାୟ ପ୍ରତିଦିନ ବଜ୍ର ଗର୍ଜନ ସହ ଝଡ଼ବର୍ଷା ଲାଗି ରହିଛି । ପିଲାମାନେ ଦଳବାନ୍ଧି ପଡିଆରେ ଭିଜିବାକୁ ବାହାରୁଛନ୍ତି । ବୃକ୍ଷଲତା ତାଜା ହେଇ ଉଠିଲାଣି । ବୋଲପୁରର ଶୁଖିଲା ଚେହେରା ଏବେ ଆଉ ନାହିଁ । ଲାବଣ୍ୟ ଅଜିତକୁ ନେଇ ନୂଆ ଘର କରଣା ଶିଖୁଛି । ଯେଉଁଠି ମୋହିତ ବାବୁଙ୍କ ସ୍ତ୍ରୀ ରହୁଥିଲେ ସେଇ ଦୁଇ ମହଲାର ଘରଟା ସେ ଦଖଲ କରି ସଜଡା ସଜଡି କରୁଛି । ତାକୁ ଆମେ ଖୁବ୍ ବେଶି ଆଉ ଦେଖିବାକୁ ପାଉନା । ଏଥିରୁ ବୁଝୁଛି ତାର ଟିକିଏ ବି ଫୁରସତ ନାହିଁ ।

ଚିଠିପତ୍ର ପାଉଚୁ ତ ? । ଇତି ।

ଜୁନ-୧୯୧୦ ବାବା

❑

- ଅରୁଣ ସେନ ଘରଛାଡି ପଳାଇଛି-ଦୀନେଶ ଚନ୍ଦ୍ର ସେନଙ୍କ ପୁତ୍ର ଶାନ୍ତି ନିକେତନର ପ୍ରାକ୍ତନ ଛାତ୍ର ଅରୁଣ ଚନ୍ଦ୍ର ଏହି ସମୟରେ କଲିକତା ଘରୁ ଲୁଚି ଚାଲି ଯାଇଥିଲେ ।

(ଦ୍ରଷ୍ଟବ୍ୟ-ପ୍ରଭାତ କୁମାର । ରବୀନ୍ଦ୍ର ଜୀବନୀ ୨ୟ ଖଣ୍ଡ ବିଶ୍ୱ ଭାରତୀ ୧୯୭୭, ପୃ-୨୯୩-୨୯୪)

Digitized by srujanika@gmail.com

- ତୋର ଭାଉଜ-ପ୍ରତିମା ଦେବୀ ।
- ମୋହିତ ବାବୁ-ମୋହିତ ଚନ୍ଦ୍ର ସେନ (୧୮୭୦-୧୯୦୬) ୧୯୦୪ ମସିହାରେ ଶାନ୍ତି ନିକେତନ ବିଦ୍ୟାଳୟର ଦାୟିତ୍ୱ ନିଅନ୍ତି । ସେ ରବୀନ୍ଦ୍ର କାବ୍ୟ ଗ୍ରନ୍ଥାବଳୀ ବିଷୟସୂଚୀ ଅନୁସାରେ ବିଭାଗ କରି ନଅ ଖଣ୍ଡରେ ସମ୍ପାଦନା କରିଥିଲେ (୧୯୦୩-୧୯୦୪) ଅଳ୍ପକାଳ ପାଇଁ ସେ ଶାନ୍ତି ନିକେତନ ବିଦ୍ୟାଳୟ ସହିତ ସମ୍ପୃକ୍ତ ଥିଲେ ମଧ୍ୟ ଅନୁଷ୍ଠାନ ପ୍ରତି ତାଙ୍କର ନିଷ୍ଠା ରବୀନ୍ଦ୍ର ନାଥ କେବେ ଭୁଲି ଯାଇ ନଥିଲେ । ତାଙ୍କ ପତ୍ନୀ ସୁଶୀଳା ଦେବୀ ମଧ୍ୟ (୧୮୮୨-୧୯୦୪) କିଛି ଦିନ ପାଇଁ ଶାନ୍ତି ନିକେତନ ସହିତ ସମ୍ପୃକ୍ତ ଥିଲେ ।

ଚିଠି ନଂ-୩୫

ଓଁ

ମୀରୁ,

ତୁ ଜ୍ଞାନ କିମ୍ବା ଧୀରେନକୁ ସାଙ୍ଗରେ ନେଇ ଶୀଘ୍ର ବୋଲପୁର ଚାଲିଆ । ଆସିବା ବାଟ ଖର୍ଚ୍ଚ ଯଦୁ ପାଖରୁ ନେଇଯିବୁ । ଜ୍ଞାନ ଆସିଲେ ଭଲ ହୁଏ । ସେ ଏଠାକାର Geologyଟା ଟିକିଏ ଦେଖି ଦେଇ ପାରନ୍ତା । ତୋର ପଢିବା ବହି ଯଦି କିଛିଥାଏ ଏବଂ Dictionary ଟା ସାଙ୍ଗରେ ନେଇ ଆସିବୁ । ଗୁରୁବାର ଏଇ ଚିଠି ପାଇବୁ । ଯଦି ଶନିବାର ଯାତ୍ରା କରୁ ତା ହେଲେ ବୋଧହୁଏ ତୋର ଦିଅରମାନଙ୍କର ଅସୁବିଧା ହେବ ନାହିଁ । ହେଲେ ଆମେ ଯେମିତି ଖବର ପାଉଁ । ତା ହେଲେ ଷ୍ଟେସନକୁ ଗାଡି ପଠେଇ ପାରିବି ।

। ଇତି ।

ଶାନ୍ତି ନିକେତନ ୨୭,ଜୁଲାଇ ୧୯୧୦ (ପୋଷ୍ଟମାର୍କ)

ବାବା

- ଜ୍ଞାନ, ଧୀରେନ୍- ନଗେନ୍ଦ୍ର ନାଥ ଗଙ୍ଗୋପାଧ୍ୟାୟଙ୍କ ଦୁଇ ଭାଇ ।
- ଯଦୁ-ଖାଜାଞ୍ଚି-ଯଦୁନାଥ ଚଟ୍ଟୋପାଧ୍ୟାୟ ।

ଚିଠି ନଂ-୩୬

ଓଁ

ମୀରୁ,

ତୁମମାନଙ୍କର ବିଦେଶିନୀ ନୂଆ ବଂଧୁଟି ସହିତ ତୁମମାନଙ୍କର ବେଶ ବଂଧୁତା ଜମି ଆସିଚି ଶୁଣି ଖୁବ୍ ଖୁସି ହେଲି । ତାଙ୍କ ପେଟ ଭିତରେ ଯେମିତି ବିଦ୍ୟା ଅଛି ସବୁ ଯେତେ ଶୀଘ୍ର ପାରୁ ଆଦାୟ କରିନେ । ଗୀତ, ବାଦ୍ୟ, ପାଠପଢା, ସିଲେଇ, ରାନ୍ଧଣା କିଛି ବାଦ ଦେ'ନା । ରଥି ଲେଖିଛି ସେ ରାନ୍ଧଣା ବହି ନେଇ ଆସିଛନ୍ତି । ସେ ବହିଗୁଡାକ ତୁମେ ସବୁ କାମରେ ଲଗେଇ ଦିଅ । ତୁ Silas Marher କାହା ପାଖରେ ଆଉ ଥରେ ପଢ଼ିଥିଲୁ ପରା । ସେଥି ସଙ୍ଗେ ସଙ୍ଗେ ଇଂରେଜୀ

Digitized by srujanika@gmail.com

କାବ୍ୟ ଆଲୋଚନା କରିବାକୁ ମଧ ଭୁଲିବୁନି । ସେମାନଙ୍କର ଯେଉଁ ସବୁ ଭଲ ଭଲ କବିତା ଅଛି ସବୁ ଗୋଟି ଗୋଟି କରି ପଢିନେ । George Eliot ର ନଭେଲ ଶେଷ ହେଇ ଗଲେ George Meredith ଙ୍କ ଗୋଟେ ଅଧେ ପଢିବାକୁ ଚେଷ୍ଟା କର । ଲେଖା ଭାରୀ ଶକ୍ତ-ଇଂରେଜମାନଙ୍କ ପକ୍ଷରେ ବି ଶକ୍ତ । ସେଥିପାଇଁ ତାଙ୍କର ସବୁଠାରୁ ସହଜ ଗୋଟେ ଦି'ଟା ବହି ତୋର ଶିକ୍ଷୟତ୍ରୀଙ୍କ ସାହାଯ୍ୟରେ ପଢି ନେବାର ଚେଷ୍ଟା କର । ତାଙ୍କର ଦୁଇଟା ସହଜ ବହି ହେଉଛି "The Egoist" ଏବଂ "Richard Feveril" ପ୍ରଥମ ବହିଟା ତୁମମାନଙ୍କ ଲାଇବ୍ରେରୀରେ ଅଛି । ଦ୍ୱିତୀୟଟା ଆଜି ପାର୍ଶଲ କରି ପଠାଉଛି । ମଝିରେ ମଝିରେ ଦୁଇ ଚାରି ଜାଗାରେ ପଢିବାକୁ କଷ୍ଟ ହେଲେ ବି ତୁ ଶେଷ କରି ପକା । କିଛିଟା ପଢି ପକାଇଲେ ତେଣିକି ଭଲ ଲାଗିବ ।

ବଉମା ଯେଉଁ ବହିଟା ପଢୁଛନ୍ତି ସେଇଟା ଯଦି ତାଙ୍କୁ କଷ୍ଟ ହୁଏ ତେବେ ଆଉ ଗୋଟାଏ ସହଜ ବହି ତାଙ୍କୁ ଧରାଇ ଦେ । ଆଜି ଏଠାରୁ ସେମିତି ଦୁଇ ତିନିଟା ସହଜରେ ବୁଝି ହେଉଥିବା ବହି ପଠାଉଛି । ଏଥିରୁ ଯେଉଁଟା ତୋତେ ଭଲ ଲାଗିବ ସେଇଟା ତାଙ୍କୁ ଦେବୁ ।

ରଥିକୁ କହିବୁ, ଦ୍ୱିପୁକୁ ପାଟିଗୁଡ (ଖଜୁରୀ ଗୁଡ) ପଠାଇବା ପାଇଁ, ବରାବର କହି ପଠାଉଛି । କିନ୍ତୁ ଆଜିଯାଏ ତାର ଖବର ନାହିଁ । ଏଥିପାଇଁ ପ୍ରତିଦିନ ମୋତେ ଲଜ୍ଜିତ ହେବାକୁ ପଡୁଛି ।

ତୁମମାନଙ୍କର ବାଛୁରୀ ଭଲ ଅଛି ଶୁଣି ଖୁସି ହେଲି । ଆମର ଏଠାକୁ ଗୋଟାଏ ବଡ ବଳଦ ଆସିଛି । ସେଇଟା ଏତେ ସୁନ୍ଦର ହେଇଛି ଯେ ତୋତେ କଅଣ କହିବି । ସବି ତା ପିଠିରେ ଚଢେ । ଦେଖିବାକୁ ଭୟଙ୍କର-କିନ୍ତୁ କାହାରି କିଛି କରେନା । ଚିକ୍କଣ ଦେହ । ମଝିରେ ମଝିରେ ଯାଇ ତା ଦେହରେ ଟିକିଏ ହାତ ମାରି ଦେଇ ଆସେଁ ।

ତୁମମାନଙ୍କର ସେଠାରେ ଝିଅମାନଙ୍କର ସ୍କୁଲ ହେବା ଅସମ୍ଭବ । କାରଣ ଜାଗା ମୋଟେ ନାହିଁ । ମଝିରେ ମଝିରେ ତ ସଞ୍ଜା, ସୁରେନ ପ୍ରଭୃତି ସେଠାକୁ ଯିବେ । ସେତେବେଳେ ସବୁ କୋଠରୀଗୁଡିକ କାମରେ ଲାଗିବ । ଝିଅମାନଙ୍କୁ କେଉଁଠି ରଖିବୁ । ସେଇକଥା ସେମାନଙ୍କୁ ଲେଖିଦେ । ତା ଛଡା ସେଠାକୁ ଯିବା ଆସିବାର ରାସ୍ତା ମଧ ଭଲ ନୁହେଁ । ବ୍ୟୟ ସାଧ ମଧ । ହଠାତ୍ କାହାରି ବେମାର ହେଲେ ବଡ଼ ଅସୁବିଧାରେ ପଡିବାକୁ ହେବ । ସେଠାରେ ଝିଅମାନଙ୍କୁ ପଠେଇବାର ଚିନ୍ତା ଅନେକ ଦିନରୁ ମନରୁ ପୋଛି ଦେଇଛି ।

୭ ପୌଷ ପାଖେଇ ଆସିଲାଣି । ସେଥିରେ ବ୍ୟସ୍ତ ଅଛି । ଦି' ଓଳି ମୋତେ ହିଁ କହିବାକୁ ହେଉଛି । ଏଥର ଗୀତ ଏଠାକାର ପିଲାମାନେ ହିଁ ଗାଇବେ । ଏଥିପାଇଁ କଲିକତାରୁ କେହି ଗାଇବାକୁ ଆସିବେନି ।

କାଳୀ ମୋହନର ସ୍ତ୍ରୀ ବେଶ ଭଲ ମଣିଷ । ରୋଗୀମାନଙ୍କର ପଥ୍ ତିଆରିର ଦାୟିତ୍ୱ ସେ ଓ ଡାକ୍ତରଙ୍କ ସ୍ତ୍ରୀ ନେଇଛନ୍ତି । ସାଙ୍ଗରେ ବିପିନର ସ୍ତ୍ରୀ ମଧ ଅଛି । ହେଲେ ବିପିନର ସ୍ତ୍ରୀ

Digitized by srujanika@gmail.com

କୌଣସି କାମ କରି ଜାଣେନା । ଏମିତିକି ଖଣ୍ଡେ ପାନ ମଧ ଭାଙ୍ଗି ଜାଣେନା । ତୋର ଯଦି ସଖିର ଆବଶ୍ୟକ ହୁଏ ତେବେ ତାକୁ ପଠାଇପାରେଁ । । ଇତି ।

(ଡିସେମ୍ବର, ୧୯୧୦) ବାବା

❑

- ବିଦେଶିନୀ ନୂଆ ବଂଧୁ-ମିସ୍ ବୁର୍ଡେଟ । ପ୍ରତିମା ଦେବୀ ଓ ମୀରା ଦେବୀଙ୍କ ଶିକ୍ଷାପାଇଁ ନଗେନ୍ଦ୍ର ନାଥ ଏହାଙ୍କୁ ଆମେରିକାରୁ ଅଣାଇଥିଲେ । 'ତୁମ ଚିଠିରୁ ମିସ୍ ବୁର୍ଡେଟ୍‌ଙ୍କ କଥା ପଢ଼ି ମନେ ହେଉଛି ତାଙ୍କୁ ପାଇଲେ ଖୁବ୍ ଭଲ ହେବ । କିପରି ସର୍ତ୍ତରେ ସେ ଏଠାକୁ ଆସିବାକୁ ରାଜି ହେବେ ଏବଂ ତାଙ୍କୁ କେତେ ଦେବାକୁ ହେବ ମୋତେ ଲେଖିବ ।'-ନଗେନ୍ଦ୍ର ନାଥଙ୍କୁ ରବୀନ୍ଦ୍ର ନାଥ । (୩୦ ଫଗୁଣ, ୧୩୧୬)
- SilasMarner-MaryAnnErans(ଛଦ୍ମନାମGeorge Eliot) ଙ୍କ ଉପନ୍ୟାସ (୧୮୧୯-୧୮୮୦)
- George Meredith ଇଂରେଜ ଔପନ୍ୟାସିକ ଓ କବି (୧୮୨୮-୧୯୦୯) The Egoist ଓ Richard Feveril ଜର୍ଜ ମେରେଡିଥଙ୍କର ଦୁଇଟି ଉପନ୍ୟାସ ।
- ସଂଜ୍ଞା-ପ୍ରିୟନାଥ ଶାସ୍ତ୍ରୀଙ୍କ କନ୍ୟା ଓ ସୁରେନ୍ଦ୍ରନାଥ ଠାକୁରଙ୍କ ପତ୍ନୀ ।
- କାଳୀମୋହନଙ୍କ ସ୍ତ୍ରୀ-କାଳୀମୋହନ ଘୋଷଙ୍କ ପତ୍ନୀ ମନୋରମା ।

ଚିଠି-ନଂ ୩୭

ଓଁ

ମୀରୁ,

ଅନେକ ଦିନ ହେଲା ତୋର ଖବର ପାଇନି । ନଣନ୍ଦ ଭାଉଜତ ବେଶ୍ ବଂଧୁତ୍ୱ ରକ୍ଷା କରି ଚାଲିଛ ? ତୁମମାନଙ୍କର ଆମେରିକାନ ବଂଧୁଟି କେମିତି ହେଲା ? ତା ସହିତ ତୁମମାନଙ୍କର କେମିତି କଥାବାର୍ତ୍ତା, ମଉଜ ମଜଲିସ ଚାଲିଛି ସବୁ କଥା ଲେଖିବୁ । ତୋ ପାଖରେ ବୋଉମାର ପଢାପଢି କିଛି ଚାଲିଛି କି ? ମିସ୍ ବୁର୍ଡେଟ୍ ଙ୍କ ପାଖରେ ତୁ ଇଂରେଜୀ ସାହିତ୍ୟଟା ଯେତେ ସମ୍ଭବ ପଢି ନେବୁ । ତାଙ୍କ ପାଖରେ ତୋର ଇଂରେଜୀ କମ୍ପୋଜିସନଟାକୁ ଠିକ୍ ଭାବେ ଅଭ୍ୟାସ କରିନେବୁ । ତୁମମାନଙ୍କର ଘରକରଣା କାମବି ବେଶ ସୁନ୍ଦର ଓ ସୁଶୃଂଖଳ ହେବ ଏଇଟା ମୋର ଏକାନ୍ତ ଇଚ୍ଛା । ତୁମେମାନେ ରୋଷେଇ ଘର, ବବୁର୍ଚ୍ଚିଖାନା ଓ ଗୁହାଳ ଘର ଇତ୍ୟାଦି ସବୁ କିଛି ନିଜେ ବାରମ୍ବାର ତଦାରଖ କରି ସବୁଠି ଶୃଂଖଳିତ ଭାବରେ କାମ ଚାଲୁଛି କି ନା ତାହା ଦେଖୁଥିବ । ସବୁ କିଛି ଆଖିରେ ପଡିବାର ଅଭ୍ୟାସ ଅଛି କିନ୍ତୁ ଯାହା ବିଶୃଂଖଳ ଓ ଅପରିଷ୍କାର ତାହା ଆମ ଆଖିରେ ପଡେନା । ତାକୁ ଅକ୍ଲାନ୍ତ ପରିଶ୍ରମ ବଳରେ ହିଁ ଦୂର କରିବାକୁ ପଡେ । ବାହାରର ଶିଥିଳତା ସହିତ ଚରିତ୍ରର ଶିଥିଳତାର ସମ୍ପର୍କ ଅଛି-ଏ କଥା ମନେରଖିବାକୁ ହେବ । ବିଦ୍ୟାଳୟ କାମରେ ଶୃଙ୍ଖଳା

Digitized by srujanika@gmail.com

ଓ ପରିପାଟି ଆଣିବା ମୋ ମନରେ ସବୁବେଳେ ସଜାଗ ହେଇ ରହିଛି । ଲୋକଙ୍କର ଜଡତା ଓ ମାନସିକ ବିକୃତି ଯେ କି ପ୍ରକାର ତାହା ମୁଁ ଯେତେ ଦେଖୁଛି ସେତିକି ଅଧିକ ବୁଝୁଛି । ଏହା ଆମ ଚାରିପଟେ ପ୍ରଚୁର ଅଶ୍ୱସ୍ତି, ଅଶାନ୍ତି, ଅବ୍ୟବସ୍ଥା ଓ ଅଶୋଭନୀୟତା ଘେରି ରଖିଛି । ଏହା ହିଁ ଆମର ସମସ୍ତ ଜାତୀୟ ଦୁର୍ଗତିର ମୂଳ ।

ତୁମର ସେ ମୂଳା ଓ ମଟର ଛୁଇଁ ବଗିଚାରେ କଅଣ କଅଣ ହେଲା ? ମଝିରେ ମଝିରେ ତୁମମାନଙ୍କ ଜମିର ଫସଲ ଆମ ବିଦ୍ୟାଳୟ ପିଲାଙ୍କ ପାଇଁ ପଠାଇଲେ କେମିତି ହୁଅନ୍ତା ? ମୂଳାରେ ଯଦି ନହୁଏ ତେବେ ତୁମମାନଙ୍କ ଖର୍ଚ୍ଚ ବାଦେ କେତେ ବସ୍ତା ମଟର ଛୁଇଁ ଏଠାକୁ ପଠାଇ ଦେଲେ କେମିତି ହୁଅନ୍ତା ? ବେଶି ଖାଇ ଯେମିତି ପିଲାମାନଙ୍କ ପେଟ ଖରାପ ନ ହୁଏ ସେ କଥା ମୁଁ ଦେଖିବି । ସେଥିପାଇଁ ତୁ ଭୟ କରନା ।

ମୋଉ ସେ ବାଛୁରୀଟା କେମିତି ଅଛି ? ତୋ କଥା ମୋର ପ୍ରାୟ ମନେ ପଡେ । ତାକୁ ସେମିତି ହାତରେ ଧରି ଶୁଆଉଛୁ ତ ? ତା ଦେହ ଏବେ ବେଶ ସୁସ୍ଥ ଅଛି ତ ?

ତୁମମାନଙ୍କର ସେ ପୋଖରୀ ପାଖ ଆଳୁ କ୍ଷେତରୁ ଆଳୁ କେମିତି ହେଲା ? ମୁଁ ଏଠାରେ ନିଜ ହାତରେ କିଛି ଚାଷ କରିବି ବୋଲି କୋଦାଳ ପ୍ରଭୃତି ଆସବାବ ପତ୍ର କିଣିଛି । ଦେଖେଁ କାମରେ କେତେଦୂର ଲାଗୁଛି । ଏଠାରେ ଏଥର ଝିଅମାନଙ୍କ ବିଦ୍ୟାଳୟ ନାହିଁ । ମହିଳାମାନଙ୍କ ମଧ୍ୟରେ କାଳୀମୋହନ ସ୍ତ୍ରୀ ଏବଂ ବିପିନର ସ୍ତ୍ରୀ ନୂଆ ଆସିଛନ୍ତି । ଡାକ୍ତର ସ୍ତ୍ରୀ ତ ଆଗରୁ ଥିଲେ । ଅଜିତର ମାଆ ଲାବଣ୍ୟ ପାଖକୁ ଢାକା ଚାଲି ଯାଉଛନ୍ତି । ସନ୍ତୋଷ ଯାଇଛି କୋଉ-ଦୂର ଗାଆଁକୁ ଗାଈ କିଣିବାକୁ । ଆଉ ସମସ୍ତେ ଭଲ ଅଛନ୍ତି । ।ଇତି ।

୧୯୧୦ ବାବା

❑

- ଆମେରିକାନ ବଂଧୁ-ମିସ୍ ବୁର୍ଡେଟ୍ ।
- ସନ୍ତୋଷ-ସନ୍ତୋଷ ଚନ୍ଦ୍ର ମଜୁମଦାର ।

ଚିଠି ନଂ-୩୮

ଓଁ

ମୀରୁ,

ତୋର ଆଜିକାର ଚିଠି ପାଇ ଖୁବ୍ ଖୁସି ହେଲି । ତୁମ ଦୁଇଜଣଙ୍କ ପାଇଁ ଏତେଦିନ ଯାଏ ମନରେ ଚିନ୍ତା ଥିଲା । ତୁମେମାନେ ସମସ୍ତେ ଏକାଠି ରହିଲେ ଅନେକ ଦିଗରୁ ସେ ସବୁ ଯେ ମଙ୍ଗଳକର କଥା ମୁଁ ଜାଣିଥିଲି । କିନ୍ତୁ ଆମ ଦେଶରେ ମଣିଷର ଶୁଭ ଇଚ୍ଛା ଏତେ ଛୋଟିଆ ଆଘାତରେ ପ୍ରତିହତ, ଏପରି ସହସ୍ର ବଂଧନରେ ଜଡିତ ଯେ ମନେହୁଏ ଆମର ଇଚ୍ଛା ପୂର୍ଣ୍ଣ ହେବ ନାହିଁ । ହେଲେ ନଗେନ୍‌ର ମନ ଦୃଢତାରେ ହିଁ ସବୁ ବାଧା କଟି ଯାଇଛି । ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ତୁମେମାନେ ଶିଳାଇ ଦହ ଯାଉଛ ଶୁଣି ଆଶ୍ୱସ୍ତ ହେଲି । ନଗେନର କର୍ମକ୍ଷେତ୍ରଟି ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟରେ ମଧୁମୟ ହେବ ଏ କଳ୍ପନା ମୋତେ ଆମୋଦିତ କରୁଛି । ରଥିମାନଙ୍କ ପକ୍ଷେ ମଧ ଏଇଟା କେତେ ଭଲ ହେଲା । ନଗେନ ସାଙ୍ଗରେ ରଥୀ ମିଶିଲେ ସେ ତାର କାମରେ ସବୁ ଦିଗରୁ ବଳ ପାଇବ । ତାର ଚେଷ୍ଟା ସଫଳ ହେବାର ପଥ ପ୍ରଶସ୍ତ ହେବ । ତୋ ପ୍ରତି ମୋର ଗୋଟିଏ ଉପଦେଶ ଏହି ଯେ ତୁ ସ୍ୱାମୀକୁ ଭକ୍ତି କରିବାକୁ ଶିଖିବୁ । ଏ କଥା ଜାଣିବୁ, ନାରୀମାନେ ପୂଜା କରି ନପାରିଲେ କେବେହେଲେ ସୁଖୀ ହୁଅନ୍ତି ନାହିଁ । ପୂଜା ଜିନିଷଟା ମଣିଷ ହୃଦୟବୃତ୍ତିର ଚରମ ସୀମାରେ ଥାଏ । ସାମ୍ୟ କଥାଟା ଅତ୍ୟନ୍ତ ଶୁଖିଲା । ସେଇଟା ହେଉଛି କିଣାବିକାର ସମ୍ପର୍କ । ଯେତିକି ପାଇଲି-ସେତିକି ଦେଲି । ହେଲେ ଯଥାର୍ଥ ଭଲ ପାଇବା ହେଉଛି ତା ଠାରୁ ଅନେକ ବେଶି । ସେ ବିନା ମୂଲ୍ୟରେ ଆପଣାକୁ ଉତ୍ସର୍ଗ କରିବାକୁ ଚାହେଁ । ହୃଦୟ ବୃତ୍ତିର ଉତ୍କର୍ଷତା ହିଁ ନାରୀମାନଙ୍କ ପ୍ରଧାନ ଜିନିଷ । ଏଇ ହୃଦୟବୃତ୍ତିର ଚରମ ହିଁ ହେଉଛି ଭକ୍ତି, ପୂଜା, ଆତ୍ମ ନିବେଦନ ଇତ୍ୟାଦି । ଯେଉଁ ଅବସ୍ଥାରେ ନାରୀମାନଙ୍କର ଏଇ ଭକ୍ତିର ଭାବଧାରା ଶୁଖି ଯାଇଛି, ସେଇ ଦେଶରେ ସେଇ ଅବସ୍ଥାରେ ସେମାନେ ତାଙ୍କ ରାଜତ୍ୱରୁ ରାଜପଥକୁ ବାହାରି ଆସିଛନ୍ତି । ଏଇ ଭକ୍ତି କରି ପାରିବା ଯୋଗୁଁ ହିଁ ନାରୀମାନେ ଭକ୍ତିର ଯୋଗ୍ୟ ହୁଅନ୍ତି । ଏଇଥିପାଇଁ ପତିଭକ୍ତିମତୀ ସତୀ ସ୍ତ୍ରୀମାନେ ହିଁ ଭକ୍ତିର ଯୋଗ୍ୟ ହୋଇଛନ୍ତି ।

ଶୁଣୁଛି, ମିସ୍ ବରଡେଟ୍ ଏବେ ବକ୍ରରେଖାରେ ଛିଡା ହେଲେଣି । ସେ ଛାଡି ଚାଲିଯିବା ହିଁ ଉଚିତ୍ ହେବ । ଘର ଭିତରେ ଏପରି ଅଶ୍ରଦ୍ଧାର କଣ୍ଟା ରୋପଣ ଚଳିବନି । ନଗେନ୍‌କୁ ସେଇକଥା ଲେଖି ଦେଇଛି । କୁମାର ସ୍ୱାମୀ ଜଣେ ଇଂରେଜ ସ୍ତ୍ରୀଲୋକ କଥା କହିଛନ୍ତି ଶୁଣି ଲୋଭ ହେଉଛି । କିନ୍ତୁ ତୁମେମାନେ ଯଦି ମନେକର ବାହାରୁ କାହାକୁ ରଖିବନି-ତୁମେମାନେ ଆପଣାଛାଏଁ ପଢାପଢି କରିବ, ତା ହେଲେ କୁମାର ସ୍ୱାମୀକୁ ସେଇକଥା କହିଦେଲେ ହେବ । ରଥୀକୁ କହିବୁ ସେ ଯାହା ମନେ କରୁଛି ତାହାହିଁ କରୁ ।

ଈଶ୍ୱର ତୁମମାନଙ୍କ ସମ୍ମିଳିତ ଜୀବନକୁ ମହତ୍ୱ ଓ ମାଧୁର୍ଯ୍ୟରେ ସର୍ବପ୍ରକାର ସାର୍ଥକ କରି ତୋଳନ୍ତୁ । ଏହା ହିଁ ମୋର କାମନା । । ଇତି ।

୮ ଫଗୁଣ ୧୩୧୭ (୨୦ ଫେବୃଆରୀ, ୧୯୧୧) ବାବା

ରାଜା ରିହାରସେଲ ଚାଲିଛି । ବେଶ୍ ଗରମ ପଡିଛି, କିନ୍ତୁ ମୋତେ ଭଲ ଲାଗୁଛି ।

❑

- କୁମାରସ୍ୱାମୀ-ଆନନ୍ଦ କୋଟନିସ୍ କୁମାର ସ୍ୱାମୀ (୧୮୭୭-୧୯୪୭) ଖ୍ୟାତନାମା ଶିଳ୍ପ ସମାଲୋଚକ । ରବୀନ୍ଦ୍ର ରଚନାର ଇଂରାଜୀ ଅନୁବାଦରେ ଏହାଙ୍କ ଅବଦାନ ଅବିସ୍ମରଣୀୟ ।
- ରାଜା-ରବୀନ୍ଦ୍ରନାଥଙ୍କର ପଞ୍ଚାଶତ ଜନ୍ମୋତ୍ସବରେ 'ରାଜା' ଶାନ୍ତିନିକେତନରେ ଅଭିନୀତ ହୁଏ । (ଦ୍ରଃ-ସୀତା ଦେବୀ -ପୂଣ୍ୟ ସ୍ମୃତି । ଜିଜ୍ଞାସା -୧୯୬୪-ପୃ-୧୯)

Digitized by srujanika@gmail.com

ଚିଠି ନଂ-୩୯

ଓଁ

ମୀରୁ,

ମୁଁ ତ ବାହାରି ପଡିଥିଲି । ଲୁଗାପଟା ନଥିବାରୁ ଅସୁବିଧା ହେଇଗଲା । ଏବେ ଛୁଟି ପାଖେଇ ଆସିଲାଣି, ତେଣୁ ଅନେକ କାମ ହାତରେ । ସେ ସବୁ କାମ ଛିଣ୍ଡାଇ ସ୍କୁଲ ବନ୍ଦ କରି ଦେଇ ଯାଇ ପାରିବି । ତେଣୁ ଏଇ କ୍ଷଣି ଫେରି ଆସିବା ସମ୍ଭବ ହେବନି ଜାଣି ଛୁଟି ପାଇଁ ଅପେକ୍ଷା କରୁଛି । ଛୁଟିରବିତ ଆଉ ବେଶି ଡେରି ନାହିଁ । ମୋ ଲିଭର ଆଗଠାରୁ ଅନ୍ଦ ଭଲ ଅଛି । ଜ୍ୱର ହେଉ ନାହିଁ । ହେଲେ ଉପର ଓଳି ଆଡ଼କୁ ଦେହଟା ଟିକିଏ କ୍ଳାନ୍ତ ହେଇ ପଡେ । ଅନେକ ସମୟ ଧରି ଶୋଇ ପଡି ବିଶ୍ରାମ ନିଏଁ । କଲିକତାରୁ ଫଳ ଆଣିବାକୁ ଦେଇଛି । ଫଳ ଟିକିଏ ବେଶି ଖାଇଲେ ବେଶ ଭଲ ଲାଗେ । ତୋତେ ବି ବୋଧହୁଏ ବେଶି ପରିମାଣରେ ଫଳ ଖାଇବାକୁ ହେବ । କିସମିସ୍, ଖୋବାନି, ପିଚ୍ଫଳି, ପିଚ୍ ଯେତେପାରୁ ଖାଇବୁ । କଦଳୀଟା ସେତେ ଭଲ ନୁହେଁ । ମାନସାରୁ ତୋ ପକ୍ଷେ ବେଶ୍ ଉପକାରୀ ।

ସେଠାରେ ତୋର ପଢ଼ିବା ବହି ଢେର ପାଇବୁ । ଗପ କରିବାର ଲୋକବି ବୋଧେ ଅଭାବ ହେବ ନାହିଁ । ଲଳିତା ତୋ ଛୋଟ ପିଲାଙ୍କୁ ଏକୁଟିଆ ଛାଡି ତୋ ପାଖକୁ ଆସିପାରିବନି । ତୁ ଟିକିଏ ଭଲ ହେଲେ ମଝିରେ ମଝିରେ ତା ପାଖକୁ ଯାଇ ପାରିବୁ । ଲୀଳା ଓ ଅଶୋକା ପ୍ରଭୃତି ସହିତ ବୋଧହୁଏ କେତେବେଳେ କେମିତି ତୋର କଥାବାର୍ତ୍ତା ହୁଏ କି ? ନଗେନ୍ଦ୍ର କଅଣ ଶିଲାଇ ଦହକୁ ଫେରି ଯାଇଛି ? ସେ ବୋଧେ ଶନି କିମ୍ୱା ରବିବାର ଆସି ମଝିରେ ମଝିରେ କଲିକତାରୁ ବୁଲି ଯାଇ ପାରିବ ।

ସକାଳେ ତୁ ମୁଢ଼ି ଅଦା ଓ ମୂଳା ଖାଇ ଦେଖି ପାରୁ । ମୋତେତ ମୁଢ଼ି ଖାଇବାକୁ ଭଲ ଲାଗେ । । ଇତି ।

ଶାନ୍ତି ନିକେତନ, ୧ ଡିସେମ୍ବର, ୧୯୧୧, ପୋଷ୍ଟମାର୍କ — ବାବା

□

• ଲଳିତା-ଅବନୀନ୍ଦ୍ର ନାଥ ଠାକୁରଙ୍କ ଜ୍ୟେଷ୍ଠା କନ୍ୟା ।

ଚିଠି ନଂ -୪୦

ଓଁ

ମୀରୁ,

ତୁମେମାନେ ଦୂରରୁ ମୋ ଦେହ ସମ୍ପର୍କରେ ଯେଉଁସବୁ କଳ୍ପନା ଜଳ୍ପନା କରୁଛ ସେ ସବୁ ଅତିମାତ୍ରାରେ କାଳ୍ପନିକ । ମଝିରେ ମୋର ଲିଭର ଖରାପ ହୋଇ ତା ଉପରେ ଅର୍ଶ ମୋତେ

Digitized by srujanika@gmail.com

କାବୁ କରି ପକାଇ ଥିଲା । ଦି' ରାତି ଅନିଦ୍ରା ରହିବା ଫଳରେ ଦେହଟା ଆଉ ଟିକିଏ ଖରାପ ହେଲା । ହେଲେ ସେ ସବୁ ଏବେ ଅନେକ ପରିମାଣରେ ଭଲ ହେଇ ଆସିଲାଣି । ତୁମେମାନେ ତ ଜାଣ ମୋ ଦେହ କେବେ ଖରାପତ କେବେ ଠିକ ଥାଏ । ଅର୍ଶର ରକ୍ତପାତ କେବେ ବଢେ କେବେ ପୁଣି କମେ । ଏମିତିତ ଚାଲି ଆସୁଛି । ଅସଲ କଥା ହେଲା, କିଛି ଦିନ ହେଲା ମୋ ମନଟା ବଡ଼ କ୍ଲାନ୍ତ ହେଇ ପଡୁଛି । କୌଣସି ଗୋଟିଏ ଦୂର ଜାଗାକୁ ବେଶି ଦିନ ପାଇଁ ଚାଲି ଯିବାକୁ ମନଟା ବ୍ୟସ୍ତ ହେଇ ଉଠୁଛି । ଚାରି ପାଖରେ ଥିବା ଝଂଜାଳରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ କରି କିଛିଦିନ ଗୋଟିଏ ନିର୍ଜନତା ଭିତରେ କଟାଇବାକୁ ମନ ଛଟପଟ କରୁଛି । ସେଥିପାଇଁ ଅଳ୍ପଦିନ ପାଇଁ କେଉଁଠାକୁ ଯାଇ ପୁଣି ଥରେ କୋଳାହଳ ଭିତରକୁ ଫେରିବାକୁ ଇଚ୍ଛା ହେଉନି । ଯଦି ଯିବାକୁ ହୁଏ ତେବେ କିଛି ଦିନ ଲାଗି ଦୂରକୁ ଚାଲିଯିବି । ନଚେତ୍ ଯେମିତି ଅଛି ସେମିତି ଭଲ ।

ନଗେନ ମୋତେ କଲିକତା ନେଇ ଯିବା ପାଇଁ ବହୁତ କହୁଥିଲା । ସେ କହୁଚି "ଆପଣ ସେ ଉତ୍ସବର ଅଭିନୟରେ ଯୋଗ ଦିଅନ୍ତୁ ନାହିଁ ।" ତା ହେଲେ ମୋର ସେ ଛୋଟ ଛୋଟ ପିଲାଗୁଡାକ ଭୀଷଣ ଭାବେ ହତାଶ ହେଇ ପଡିବେ ଏବଂ ମୁହଁ ଶୁଖେଇ ପକେଇବେ । ସେମାନଙ୍କ ପାଖରୁ ଯେତେବେଳେ କିଛିଦିନ ପାଇଁ ବିଦାୟ ନେଇ ଯାଉଛି ସେତେବେଳେ ସେମାନଙ୍କୁ ଏମିତି ବିଷଣ୍ଣତା ଭିତରେ ଛାଡି ଦେଇ ଯିବାଟା ଠିକ୍ ହେବ ? ଏ କଥାଟା ନଗେନ ମୋଟେ ବୁଝିବାକୁ ପ୍ରସ୍ତୁତ ନୁହେଁ । ମୋର ଯଦି ସେମିତି ଖୁବ୍ ବେଶି ଦେହ ଖରାପ ହୁଅନ୍ତା ତେବେ ଭିନ୍ନ କଥା । ଯେତେବେଳେ ଯାଏ କ୍ଷମତା ଅଛି ସେତେବେଳଯାଏ ଏମାନଙ୍କ ସହିତ ମିଶି ନାଚି ଗାଇ ମୋତେ ସମୟ କଟେଇବାକୁ ହେବ । ତା ପରେ ବିଶ୍ରାମ ପାଇଁ ଅନେକ ସୁଯୋଗ ମିଳିବ । ଦେହବି ସେତେବେଳକୁ ସୁସ୍ଥ ହୋଇ ଉଠିବ । ଆସନ୍ତା ରବିବାର ମୁଁ ତୁମମାନଙ୍କ ପାଖକୁ ଯିବି ।

। ଇତି

ମାର୍ଚ୍ଚ -୧୯୧୨ ବାବା

❑

• ମୋ ଶରୀର ସଂପର୍କରେ ଯେଉଁ ସବୁ କଳ୍ପନା ଜଳ୍ପନା କରୁଛ -ଅସୁସ୍ଥତା ସକାଶେ ଆକସ୍ମିକ ଭାବରେ ୧୯୧୨ ମସିହା ମାର୍ଚ୍ଚ ମାସରେ ରବୀନ୍ଦ୍ରନାଥଙ୍କ ଇଂଲଣ୍ଡ ଯାତ୍ରା ବାତିଲ ହେଇ ଯାଇଥିଲା । ଏ ଚିଠି ସେଇ ଘଟଣା ପରେ ଲେଖା । କିଛି ଦିନ ପରେ ୨୭ ମେ ୧୯୧୨ ରେ ବମ୍ବେରୁ 'ସିଟି ଅଫ୍ ଗ୍ଲାସଗୋ' ଜାହାଜ ଯୋଗେ ରବୀନ୍ଦ୍ର ନାଥ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କ ସହିତ ଥିଲେ ରଥୀନ୍ଦ୍ର ନାଥ । ପ୍ରତିମା ଦେବୀ ଏବଂ ସୋମେନ୍ଦ୍ର ଚନ୍ଦ୍ର ଦେବ ବର୍ମନ ।

Digitized by srujanika@gmail.com

ଚିଠି ନଂ-୪୧

ଓଁ

ମୀରୁ,

ଆମର ଏଠାରେ ନବବର୍ଷ ଉତ୍ସବ ପାଳିତ ହୋଇଗଲା । ଏବେ ଏମାନେ 'ରାଜା ଓ ରାଣୀ' ନାଟକ ପାଇଁ ପ୍ରସ୍ତୁତ ହେଉଛନ୍ତି । ବେଶ କାଟ ଛାଟ କରି ତାକୁ ଟିକିଏ ସହଜ ସରଳ କରି ଦେଇଛନ୍ତି । ସେଇଟା ଦେଖି ଛୁଟି ପରେ ତୁମମାନଙ୍କ ସେଠାକୁ ପୁଣି ଯିବି । ଆକାଶ ମେଘାଚ୍ଛନ୍ନ ରହିଛି । 'ସାନ ଗାଙ୍ଗୁଲୀ' ମହାଶୟ କେମିତି ଅଛନ୍ତି ? ତୁମେମାନେ ସମସ୍ତେ ନବବର୍ଷର ଆଶୀର୍ବାଦ ନେବ ।

ଇତି

ଶାନ୍ତିନିକେତନ, ୧୬ ଏପ୍ରିଲ୍, ୧୯୧୨ — ବାବା

ପୋଷ୍ଟମାର୍କ

❑

- ରାଜା ଓ ରାଣୀ ନାଟକ-ଶାନ୍ତି ନିକେତନରେ ଅଭିନୀତ ହେଉଥିଲା ୧୦, ବୈଶାଖ, ୧୩୧୯
- ସାନ ଗାଙ୍ଗୁଲୀ ମହାଶୟ-ମୀରା ଦେବୀଙ୍କ ନବଜାତ ପୁତ୍ର ନୀତୀନ୍ଦ୍ର ନାଥ ।

ଚିଠି ନଂ-୪୨

ଓଁ

ମୀରୁ,

ନାଗପୁରରେ ପହଞ୍ଚିଛି । ବେଶ ଗରମ । ବସି ବସି ଭୂମଧ୍ୟସାଗରର ଶୀତଳ ହାୱା କଥା ଚିନ୍ତା କରୁଛି । ସୌମେନ୍ଦ୍ର ବିଛଣାରେ ପଡି ଅକାରଣରେ ଘୁମୁଛି । ତାର ଶୀତ ନାହିଁ କି ଗ୍ରୀଷ୍ମ ନାହିଁ । ଆଶ୍ଚର୍ଯ୍ୟ ସହ୍ୟ ଶକ୍ତି ତାର । ଆଉ ତିନି ଘଣ୍ଟା ପରେ ଆମେ ଥଣ୍ଡା ବାୟୁମଣ୍ଡଳ ଭିତରକୁ ଆସିଯିବା ବୋଧେ । ଏଇ ତିନି ଘଣ୍ଟା ତୁମମାନଙ୍କ ପାଖରେ କେତେ ସାମାନ୍ୟ । ଆମ ପାଖରେ ସେତେ ନୁହେଁ ।

ପୁଅ ଏବେ ଇଲେକ୍ଟ୍ରିକ ପଙ୍ଖା ତଳେ ହାତ ଗୋଡ ମେଲେଇ ଶୋଇଥିବ । ତାକୁ ମୋର ହେଇ ଚୁମା ଦେବୁ ।

। ଇତି ।

୨୫ ମେ, ୧୯୧୨ — ବାବା

❑

- ଦ୍ୱିତୀୟଥର ଇଂଲଣ୍ଡ ଯିବା ବାଟରେ ନାଗପୁରରୁ ଏ ଚିଠି ଲେଖା ସୋମେନ୍ଦ୍ର-ଆଶ୍ରମ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର । ତ୍ରିପୁରାର ସୋମେନ୍ଦ୍ର ଚନ୍ଦ୍ର ବର୍ମନ ।
- ପୁଅ-ନୀତୀନ୍ଦ୍ର ନାଥ ।

Digitized by srujanika@gmail.com

ଚିଠି ନଂ-୪୩

ଓଁ

ମୀରୁ

ଆଜି ବମ୍ବେଇରେ ଆସି ଭଲ କରି ଗାଧୋଇଲା ପରେ ବେଶ ଆରାମ ଲାଗୁଛି । ଦେହବି ବେଶ ଭଲ ଅଛି । କାଲି ଦି' ପହରରେ ଜାହାଜରେ ଚଢ଼ିବାକୁ ହେବ । ସମୁଦ୍ର ଏବେ ବେଶ ଶାନ୍ତ ଅଛି । ମୋର ମନେ ହେଉଛି ଏଥର ସମୁଦ୍ର ଯାତ୍ରା ଜନିତ ଅସୁସ୍ଥତା (Seasickness) ନ ହୋଇବି ପାରେ । ପ୍ରଥମେ ପ୍ରଥମେ ସୁରୁଖୁରୁରେ କଟିଗଲେ ତା ପରେ ଆଉ ଚିନ୍ତା ନାହିଁ । ନିତାଇ କୁ ଚୁମା ।

। ଇତି ।

ବାବା

(ବମ୍ବେ ୧୬ ମାର୍ଚ୍ଚ, ୧୯୧୨,ପୋଷ୍ଟମାର୍କ

❑

- ନିତାଇ -ନୀତୀନ୍ଦ୍ର ନାଥ ।

ଚିଠି ନଂ-୪୪

ଓଁ

ମୀରୁ,

ଏତେଦିନ ପରେ ଆଜି ପୋର୍ଟସୟଦରେ ଆସି ପହଞ୍ଚିଲି, ଏହା ପୂର୍ବରୁ ଡାକରେ ଚିଠି ଦେବାର ଉପାୟ ନଥିଲା । ମୋର ଆଗର ଚିଠି ଏବଂ ଏଇ ପୋଷ୍ଟ କାର୍ଡ଼ ତୁ ଏକା ସାଙ୍ଗରେ ପାଇବୁ । ଯଦି ତୁ ଶିଲାଇ ଦହରେ ଥାଉ ତେବେ ଏଇଟା ଆଗେ ପାଇବୁ । ସୁଏଜ କେନାଲ ଭିତର ଦେଇ ଜାହାଜଟି ମୃଦୁ ଗମନରେ ଚାଲିଛି । ଆଜିଯାଏ ଆମର କାହାରି କିଛି ଅସୁବିଧା ହୋଇନି । ସୌମେନ୍ଦ୍ର ତାର ଆହାର ଓ ନିଦ୍ରାର ଅସାଧାରଣ କ୍ଷମତା ଦେଖାଇ ଆମ୍ଭମାନଙ୍କୁ ଏକାବେଳକେ ଆଶ୍ଚର୍ଯ୍ୟ କରି ଦେଇଛି । ବଡମା ବେଶ ଭଲ ଅଛନ୍ତି । ସମୁଦ୍ର ଯାତ୍ରା ଶେଷ କରି ସେ ମାଟିରେ ଓହ୍ଲାଇବା ପାଇଁ ବ୍ୟସ୍ତ ହେଲେଣି । ହେଲେ ସେଥିପାଇଁ ଆହୁରି ୬/୭ ଦିନ ଡେରି ଅଛି । କଲିକତା ଠିକଣାରେ ଚିଠି ପଠାଉଛି । କେଜାଣି ତୁମେମାନେ ଏବେ କେଉଁଠି ଅଛ ।

ନିତାଇକୁ ଚୁମା

ପୋର୍ଟ ସୟଦ, ୯, ଜୁନ, ୧୯୧୨(ପୋଷ୍ଟମାର୍କ)

- Picture Post Card ରେ ଲେଖା ଚିଠି । ଶେଷରେ ସ୍ୱାକ୍ଷର ନାହିଁ ।

❑

Digitized by srujanika@gmail.com

ଚିଠି ନଂ-୪୫

ଓଁ

ମୀରୁ,

କାଲି ସକାଳେ ମାର୍ସେଲିସ୍‌ରେ ପହଞ୍ଚିବି । ଏ ଯାଏ ଯାତ୍ରାଟା ବେଶ୍ ଭଲରେ କଟିଲା । କେବଳ କାଲି ଉପର ଓଳି ଟିକିଏ ଝଡ ପରି ହେଇ ସମୁଦ୍ର ଅଶାନ୍ତ ହୋଇ ଉଠିଥିଲା ।

ବଉମା ଶିଘ୍ର ଶିଘ୍ର ଖାଇସାରି ଶୋଇ ପଡିଲେ । ମୋତେ କିନ୍ତୁ ଖରାପ ଖରାପ ଲାଗୁନଥାଏ । ପଅର ଦିନ ଠାରୁ ହଠାତ୍ ସୌମେନ୍ଦ୍ରକୁ କମ୍ପ ହେଇ ଜ୍ବର ଆସିଛି । ଭୂମଧ ସାଗରରେ ଶୀତ ପଡିଛି- କିନ୍ତୁ କ୍ଷତ୍ରୀୟ ବାଳକ ଭିତରେ ଗରମ ଲୁଗା ନ ପିନ୍ଧି ଡେକ୍‌ରେ ରହି ଥଣ୍ଡା ଲଗେଇଛି । ଇଉରୋପର ପବନ ଦେବ ତାର ଏଇ ସ୍ପର୍ଦ୍ଧା ସହ୍ୟ କରି ନାହାନ୍ତି । ଭଲ କରି ପାନେ କୁଇନାଇନ ମିକ୍ସଚର ଖୁଆଇ ଛାଡିଛନ୍ତି । ଆଜି ଟିକିଏ ଭଲ ହେଇ ଟେବୁଲକୁ ଯାଇ Boiled ham ଖାଇବାକୁ ଆରମ୍ଭ କରିଛି । କାଲି ଆମେ ଟ୍ରେନ୍ ଧରି ଲଣ୍ଡନ ଅଭିମୁଖେ ଯାତ୍ରା ଆରମ୍ଭ କରିବା । ପଅର ଦିନ ଲଣ୍ଡନରେ ପହଞ୍ଚିବା । ନିତାଇ ଖବର କଅଣ ? ତାକୁ ଚୁମା ।

ପାରିସ୍, ୧୫ଜୁନ୍, ୧୯୧୨, ପୋଷ୍ଟମାର୍କ

❑

- Picture Post Card ରେ ଲେଖା ଚିଠି । ଶେଷରେ ସ୍ୱାକ୍ଷର ନାହିଁ ।

ଚିଠି ନଂ-୪୬

ଓଁ

ମୀରୁ,

ଡାକ୍ତର ଚାଟାର୍ଜୀ କହୁଛନ୍ତି ତୋ ପୁଅର ଲିଭର ଗୋଳମାଳ ଅଛି । ଶୁଣି ମୁଁ ଚିନ୍ତିତ ହେଇ ପଡିଛି । ଡାକ୍ତର ଚାଟାର୍ଜୀ ଠିକ ଧରିଛନ୍ତି କି ନା ସେ ବିଷୟରେ ସନ୍ଦେହ ମୋର ଅଛି । ସେ ଯା ହେଉ ଛୁଆମାନଙ୍କର ଲିଭରର ଚିକିତ୍ସା ଏକମାତ୍ର ହୋମିଓ ପାଥିରେ ହିଁ ହୋଇପାରେ । ନଗେନକୁ କହିବୁ ପିଲାମାନଙ୍କର ରୋଗ ସମ୍ବନ୍ଧରେ ଭଲ ହୋମିଓ ପାଥିକ ବହି ଅଣାଇ ନେବାକୁ । ମୁଁ ଠିକ ଜାଣେନା କେଉଁଟା ଭଲ । ହେଲେ Ruddock ର ବହିଟା ଯେମିତି ନ ଆଣେ । ମୁଁ ଜାଣେ କଲିକତାର କ୍ଷୀରରେ ପିଲାଙ୍କ ଲିଭର ଖରାପ ହୁଏ । ଖୋକାର କଅଣ Constipation ଅଛି ? BCP Works ର Kalmegh ବୋଲି ଗୋଟିଏ ଔଷଧ ଅଛି । ସେଇଟା ପିଲାଙ୍କର Constipation ପକ୍ଷେ ଭଲ ।

ଶିଲାଇ ଦହରେ ଏବେ ବର୍ଷାଦିନ ଚାଲିଛି । ସେଇଟା ବୋଧହୁଏ ତୋ ପୁଅର ଦେହକୁ ଯାଉନି । ସେଥିରେ ତାର ରଥଯାତ୍ରାର ବ୍ୟାଘାତ ଘଟିବାର ସମ୍ଭାବନା ଅଛି । ଆହା, ତାର ବାହନଟି

Digitized by srujanika@gmail.com

ଚାଲି ଯାଇଛି ଶୁଣି ଦୁଃଖିତ ହେଲି । ଏମାନେ ଦୁଇଜଣଯାକ ଚାଲିଗଲେ । ତୋର ଅସୁବିଧା ହେଉନି ? ଏଠାକାର ଜଣେ ଚାକରାଣୀ ଯଦି ତୁ ପାଆନ୍ତୁ ସେ ଏକା ତୋର ସବୁ କାମ କରି ଦେଇ ପାରନ୍ତ । ବଉମା ଏଠି ନୂଆ ଘର କରଣା ଆରମ୍ଭ କରି ସାରିଲେଣି । ତେଣୁ ଏଠାକାର ଚାକର ଚାକରାଣୀ ସଂପର୍କରେ ଆମେ ଆସିଗଲୁଣି । ଏମାନଙ୍କ କର୍ମକୁଶଳତାରେ ଆରାମ ଅଛି । ଆମେ କାଲିଠାରୁ ଗୋଟିଏ ନୂଆ ଘର ଭଡାରେ ନେଇ ନେଇଛୁଁ । ଭଲରେ ରହିପାରିବୁଁ ବୋଲି ମନେ ହେଉଛି । ସୋମେନ୍ଦ୍ର ଆମ ସହିତ ଅଛି ।

ବଉମା ଚାରିଆଡେ ଦେଖି ବୁଲୁଛନ୍ତି । ସେମିତି ଭାବରେ ଘୂରିବୁଲିବାକୁ ମୋର ଉତ୍ସାହ ନଥାଏ । ଜାଣୁତ ମୁଁ କେମିତି ଘର ପ୍ରିୟ ମଣିଷ । କିନ୍ତୁ ଏବେ ଏଠିକା ଲୋକଙ୍କ ପାଲରେ ପଡି ଯାଇଛି । ନିମନ୍ତ୍ରଣ ଆମନ୍ତ୍ରଣ ଭିଡ ଲାଗି ରହିଛି । ଏଇଟା ମୋତେ ଭଲ ଲାଗୁନି । ହେଲେ ଏମାନଙ୍କର ଏତେ ଆଦର ଯତ୍ନକୁ ଏଡି ଦେଇ ଯାଇ ପାରୁନି । ଏଠାରେ ଆମେ ଛଅ ସପ୍ତାହ ପାଇଁ ଘର ଭଡା ନେଇଛୁଁ । ତା ପରେ ଯେଉଁଠାକୁ ହେଲେ ଚାଲିଯିବା ।

ଆମ ଏଠାକାର ଘର କରଣାର ପ୍ରଧାନ ଗୃହିଣୀ ଯେ ବଉମା ସେ କଥା କହି ପାରିବିନି । କେଦାର ଦାସଗୁପ୍ତହିଁ ପ୍ରଧାନ ଗୃହିଣୀ । ସେ ଆମ ସାଙ୍ଗରେ ଏଇଠାରେ ହିଁ ରହୁଛି । ବିଚାରାକୁ ସମସ୍ତେ ହତଦାର ମଧ କରନ୍ତି । ପୁଣି ତା ଠାରୁ କାମ ଆଦାୟ ନ କରି ଛାଡନ୍ତି ନାହିଁ । ତାର ଗୁଣ ଯେତିକି, ଦୋଷ ମଧ ସେତିକି । ସବୁ ମଣିଷର ସେଇଆ ।

ସମୃଦ୍ରଣୀ କେମିତି ଅଛନ୍ତି ? ଶାନ୍ତି ଇତି ମଧରେ ନିଶ୍ଚୟ ବୋଲପୁର ଚାଲି ଯାଇଛି । ଜ୍ଞାନ ଏଠାରୁ ଦୂରରେ ରହେ । ତା ସହିତ ସବୁବେଳେ ଦେଖା ହେବା କଷ୍ଟ ।

ନିତାଇକୁ ମୋର ଚୁମା ଦେବୁ ।

। ଇତି ।

ଜୁଲାଇ-ଅଗଷ୍ଟ, ୧୯୧୨ ।

ବାବା

❑

● BCP Works କଲିକତା Bengal Chemical ଓ Pharmaceutical Works

● କେଦାର ଦାସଗୁପ୍ତ- କେଦାର ନାଥ ଦାସଗୁପ୍ତ (୧୮୭୮-୧୯୪୨) ରବୀନ୍ଦ୍ରନାଥଙ୍କ ବିଶେଷ ଅନୁରାଗୀ ଥିଲେ । କେଦାର ନାଥଙ୍କ ଉଦ୍ୟମରେ ବୈଶାଖ୍ୟ ୧୩୧୨ (ଅପ୍ରେଲ-୧୯୦୫)ରେ 'ଭାଣ୍ଡାର' ପ୍ରତିକା ପ୍ରକାଶିତ ହୁଏ । ତାଙ୍କରି ଅନୁରୋଧରେ ରବୀନ୍ଦ୍ରନାଥ ଏହାର ସଂପାଦକ ହୋଇଥିଲେ । ପରବର୍ତ୍ତୀ କାଳରେ କେଦାର ନାଥ ଇଂଲଣ୍ଡ ପ୍ରବାସୀ ହେଇଗଲେ ।

Digitized by srujanika@gmail.com

ଚିଠି ନଂ-୪୭

ଓଁ

ମୀରୁ,

Oakridge Lynch Stroud
Gloucestershire

ତୋ ପୁଅର କାଣ୍ଡ କାରଖାନା କଥା ଶୁଣି ତାକୁ ଦେଖିବାକୁ ମୋର ଖୁବ୍ ଇଚ୍ଛା ହେଲାଣି । ହେଲେ ମଝିରେ ବିଶାଳ ଲବଣ ସମୁଦ୍ର ଗୋଟିଏ ବ୍ୟବଧାନ ସୃଷ୍ଟି କରି ପଡି ରହିଛି । ତାକୁ ମୋ ତରଫରୁ ଚୁମା ଦେବୁ ।

ଆମର ସବୁକଥା ତୁ ନିଶ୍ଚୟ ବଉମା ପାଖରୁ ପାଉଥିବୁ । ବେଶ ବୁଲାବୁଲି ଚାଲିଛି । ଏବେ ଆମେ ଗୋଟାଏ ଗାଁରେ ଜଣେ ସଂଭ୍ରାନ୍ତ କୃଷକଙ୍କ ଘରେ ଅଛୁଁ । ଏମାନେ ଖୁବ୍ ଭଲ ଲୋକ । କୃଷକଙ୍କ ସ୍ତ୍ରୀ ଓ ତାଙ୍କ ଝିଅ ଆମର ଯତ୍ନ ନିଅନ୍ତି । ଦେଶଟା ବି ଖୁବ୍ ସୁନ୍ଦର । କିନ୍ତୁ ପାଗଟା ବଡ ଖରାପ । ଆଉ ଗୋଟାଏ ବଡ଼ ଅସୁବିଧା ହେଲା ଗାଧୋଇବା ଏବଂ ତାର ଆନୁସଙ୍ଗିକ ସୁବିଧା କରିବା । ତା'ଠାରୁ ବରଂ ଆମ ଖିଆପିଆରେ କିଛି କମି ଯାଆନ୍ତା ସେଥିରେ ମୋର ଆପତ୍ତି ନଥିଲା । କିନ୍ତୁ ସକାଳୁ ଯେତେବେଳେ ମୋ ଶୋଇବା ଘରକୁ ଗୋଟାଏ ବଡ ସାଇଜର ଚା କପ ପରି ପାଣି ଟବ୍ ନେଇ ଆସେ ଏବଂ ବଡ ସାଇଜର Tea Pot ଧରଣର ପାତ୍ରରେ ପାଣି ଭର୍ତ୍ତି କରି ନେଇ ଆସେ ସେତେବେଳେ ମୋ ଆଖିର ପାଣିରେ ପାଣିର ଅଭାବ ପୂରଣ କରି ନେବାକୁ ଇଚ୍ଛା ହୁଏ । ଗୋଧାଇବା ବେଳେ ଗୋଟିଏ କ୍ଷୁଦ୍ରତମ ସଂସ୍କରଣ । ଏହାଛଡା ଅନ୍ୟାନ୍ୟ କଥା ବର୍ଣ୍ଣନା କରିବାକୁ ମୋର ଇଚ୍ଛା ନାହିଁ । କାରଣ ସେ ଗୁଡିକ କୌଣସି ପ୍ରକାରେ ଶ୍ରୁତି ମଧୁର ହେବ ନାହିଁ ।

ସଂଜ୍ଞାମାନେ ପିଲାପିଲି ନେଇଥିଲେ-ତୋର ବୋଧହୁଏ ସେମାନଙ୍କ ସହିତ ବେଶ ଜମି ଯାଇଥିଲା । ସେମାନେ ଚାଲିଯିବାରୁ ଏଇ ଭରା ବର୍ଷାରେ ତୁମମାନଙ୍କୁ ହୁଏତ ଫାଙ୍କା ଫାଙ୍କା ଲାଗୁଥିବ । ବର୍ତ୍ତମାନର ଋତୁକୁ ଏମାନେ Summer ବା ଗ୍ରୀଷ୍ମକାଳ ବୋଲି କହନ୍ତି । ହେଲେ ତାପମାନ ଯନ୍ତ୍ର ଯେତେବେଳେ ବହୁତ ଉପରକୁ ଉଠିଯାଏ ସେତେବେଳେ ବି ୬୦° ପାରି ହେଇ ପାରେନା । ତେଣୁ ଆମ ଦେଶର ଗ୍ରୀଷ୍ମକାଳ ସହିତ ଏହାର ତୁଳନା କରି ହେବ ନାହିଁ । କିନ୍ତୁ ବର୍ଷାର ପ୍ରବଳତାକୁ ହିସାବକୁ ନେଲେ ଆମର ଧାରା ଶ୍ରାବଣ ମଧ ଲଜ୍ଜିତ ହେଇ ପଡିବ । ହେଲେ ଏଇଟା ଏଇ ବର୍ଷର ବିଶେଷତ୍ୱ । ମୁଁ ଚିରଦିନ ବର୍ଷାର ଗୁଣଗାନ କରି ଆସୁଛି ବୋଲି ସେ ବୋଧହୁଏ ମୋର ବଂଧୁତ୍ୱ ଛାଡିବାକୁ ପ୍ରସ୍ତୁତ ନୁହେଁ । ସମୁଦ୍ର ପାର ହୋଇ ଶ୍ରାବଣ ଏଠି ମଧ ଉପସ୍ଥିତ । ଯଦି ଅଳ୍ପ ଦିନର Return ticket ନେଇ ଆସିଥାଏ ତେବେ କବି ତାକୁ ଆଶୀର୍ବାଦ କରି ଶୀଘ୍ର ତାଠୁ ବିଦାୟ ନେଇ ବଞ୍ଚିଯିବ । ଏଇ ଶୀତ ଦେଶରେ ମେଘ ପରି ଖରାପ ବଂଧୁ ଆଉ କେହି ନାହିଁ । ତୋର ସେଠାକାର

Digitized by srujanika@gmail.com

ବର୍ଷାର ଖବର କଅଣ ? ଫସଲର ଅବସ୍ଥା କେମିତି ? ଆଉ ପୋଖରୀର ଅବସ୍ଥା ? ତୋର ମାମୁଁ ବୋଧେ ଗାଁକୁ ପଳେଇଛି । ସେଇଠି ବସି କାମ କଲେ ତାର ଯିବା ଆସିବାର ଖର୍ଚ୍ଚରୁ ସେ ବଞ୍ଚିଯିବ ।

। ଇତି ।

ଅଗଷ୍ଟ, ୧୯୧୨

ବାବା

❑

- ଏହି ପ୍ରସଙ୍ଗରେ 'ପଥେର ସଞ୍ଚୟ' ଗ୍ରନ୍ଥର 'ଇଂଲଣ୍ଡେର ପଲ୍ଲୀଗ୍ରାମ ଓ ପାଦ୍ରୀ' ପ୍ରବନ୍ଧଟି ଉଲ୍ଲେଖଯୋଗ୍ୟ ।

ଚିଠି ନଂ-୪୮

ଓଁ

ମାରୁ,

ଆମର ଆମେରିକା ଯିବାର ଯୋଗାଡ ଯନ୍ତ୍ର ଚାଲିଛି । ପରର ଦିନ ସକାଳେ ଏଠୁ ଯାତ୍ରା ଆରମ୍ଭ କରିବୁଁ । ତେଣୁ ଖୁବ୍ ବ୍ୟସ୍ତ ଅଛି । ବ୍ୟସ୍ତତାର ଅନ୍ୟ କୌଣସି କାରଣ ନାହିଁ ଯେ, କେବଳ ଆମେ ଚାଲିଯିବୁଁ ବୋଲି ଲୋକମାନେ ଦେଖା କରିବାକୁ ଆସୁଛନ୍ତି ଏବଂ ପୁଣି ଆମକୁ ନିମନ୍ତ୍ରଣ ମିଳୁଛି । ଏଇ ସବୁ ଝାମେଲା ଛିଣ୍ଡାଇ ଏବେ ବାହାରି ଗଲେ ରକ୍ଷା ।

ଖୋକାର Eczema ପାଇଁ ମୁଁ ବଡ ଚିନ୍ତିତ ହେଇ ପଡିଛି । ବେଶ କିଛି ଦିନ ପାଇଁ ଜଣେ ହୋମିଓ ପାଥିକ ଡାକ୍ତର ହାତରେ ତାର ଚିକିତ୍ସା ଦାୟିତ୍ୱ ଛାଡି ଦେବା ତୁମମାନଙ୍କ ପକ୍ଷେ ଉଚିତ ହେବ । ବାରମ୍ବାର ଡାକ୍ତର ବଦଳ କରିବା କିମ୍ବା ଚିକିତ୍ସା ମଧ ବଦଳ କରନା । ଆଲୋପାଥି ମତରେ ଶିଘ୍ର ଶିଘ୍ର ରୋଗଟାକୁ ଚାପି ଦେବାର ଚେଷ୍ଟା କରିବାକୁ ଗଲେ ପରେ ପୁଣି ଦୁଇଗୁଣ କଷ୍ଟ ପାଇବାକୁ ହେବ ।

ଆମ ସାଙ୍ଗରେ ଏଥର ଡାକ୍ତର ମୈତ୍ରଙ୍କର ଯିବାର ସ୍ଥିର ହେଇଛି । ଭଦ୍ରଲୋକ ବେଶ ମଜାଦାର । ଜାହାଜରେ ଆନନ୍ଦରେ ଯାଇ ହେବ । ଆମ ସାଙ୍ଗରେ ସତ୍ୟରଂଜନ ଦାସଙ୍କ ସ୍ତ୍ରୀ ଓ କନ୍ୟା ମଧ ଯାଇ ପାରନ୍ତି । ତାହା ହେଲେ ଜାହାଜରେ ସମଗ୍ର ଭାରତବର୍ଷକୁ ବୋଝାଇ କରି ନେଇଯିବି । ବିମଳାକୁ ମୋତେ ବେଶ ଭଲ ଲାଗେ । ବେଶ ଗୋଟାଏ ନାରୀ ସୁଲଭ ନମ୍ରତା ଅଛି ତା ଠାରେ ।

ସିଂହମାନଙ୍କ ପାଖରୁ ସେମାନଙ୍କର ସୁରୁଲର ଘରଟା ଆମେ କିଣି ନେଇଛୁଁ । ଏଥର ଦେଶକୁ ଫେରିଲେ ସେଇଠି ରହିବାର ବ୍ୟବସ୍ଥା କରିବି । ତୁତ ସେଠାକୁ ଯାଇଥିଲୁ । ବିରାଟ ଘର । ଶହେ ବିଘା ଜମି । ସେଇଟାକୁ ବେଶ ସୁନ୍ଦର ଭାବରେ ବାସଯୋଗ୍ୟ କରି ହେବ । ଶାନ୍ତିନିକେତନରୁ

Digitized by srujanika@gmail.com

ପାଖ ହେବ ଏବଂ କିଛି ବ୍ୟବଧାନ ମଧ ରହିବ । ଦି' ତିନି ସପ୍ତାହ ଆମଠାରୁ କୌଣସି ଚିଠିର ଆଶା ରଖିବୁନି ।

ତୋ ପୁଅକୁ ମୋର ଚୁମା ଦେବୁ । ଇତି ।

୧, କାର୍ତ୍ତିକ,୧୩୧୯ (୧୭ ଅକ୍ଟୋବର ୧୯୧୨) ବାବା

□ .

- ଡାକ୍ତର ମୈତ୍ର-ଚିକିତ୍ସକ ଦ୍ଵିଜେନ୍ଦ୍ର ନାଥ ମୈତ୍ର (୧୮୭୭-୧୯୪୯) ବଂଗୀୟ ହିତ ସାଧନ ମଣ୍ଡଳୀର ପ୍ରତିଷ୍ଠାତା
- ସତ୍ୟ ରଂଜନ ଦାସ-ଦୁର୍ଗା ମୋହନ ଦାସଙ୍କ ପୁତ୍ର ।
- ବିମଳା-କାଳୀନାରାୟଣ ଗୁପ୍ତଙ୍କ କନ୍ୟା । ସତ୍ୟ ରଂଜନ ଦାସଙ୍କ ସ୍ତ୍ରୀ ।
- ସୁରୁଲର ଘର-ରାୟପୁରର ଲର୍ଡ ସତ୍ୟ ପ୍ରସନ୍ନ ସିଂହଙ୍କ ଭାଇ ।

ଲେଃ.କର୍ଣ୍ଣେଲ ନରେନ୍ଦ୍ର ପ୍ରସନ୍ନ ସିଂହଙ୍କ ପାଖରୁ କିଣା ଏଇ ଘରେ ଶ୍ରୀ ନିକେତନ ପଲ୍ଲୀ ସଂଗଠନ ବିଭାଗ ସ୍ଥାପିତ ହୁଏ ।

ଚିଠି ନଂ-୪୯

ଓଁ

ମିନୁ,

ସମୁଦ୍ରର ଗୋଟିଏ ପାରିରୁ ଆର ପାରିକୁ ଆସିଛି । ଏଠାରେ ଯେଉଁଠି ବସା ନେଇଛି ସେଠି ସବୁଠି ବଡ ସୁବିଧା ଯେ ସେ ଅଞ୍ଚଳଟା ବେଶ୍ ଚୁପ୍‌ଚାପ୍ । ରାସ୍ତାରେ ଲୋକଙ୍କର ଭିଡ ନାହିଁ । ମୋଟର ବସ, ଟ୍ରାମ, କାରର ଠେଲାପେଲା ନାହିଁ । ପ୍ରଶସ୍ତ ନୀଳ ଆକାଶ, ଚାରିଆଡେ ଅବାରିତ ସୂର୍ଯ୍ୟାଲୋକର ସାମାନ୍ୟ କୃପଣତା ମଧ ନାହିଁ । ସୁବଠାରୁ ଆଉ ଗୋଟିଏ ସୁବିଧା ଏଇ ଯେ ଏଠାକାର ଲୋକମାନେ ମୋତେ କବି ବା ଗଳ୍ପକାର ବୋଲି ଚିହ୍ନନ୍ତି ନାହିଁ । ସୁତରାଂ ଆରାମରେ ନିଜ ମନରେ ନିଜ ଘରେ ବସି ରହି ପାରେଁ । ଏତେଦିନ ଯାଏ ଅଧାପକ ବୁକ୍‌ସଙ୍କ ଘରେ ଅତିଥି ଭାବରେ ଥିଲି । ସେମାନେ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଭାରି ଭଲ ଲୋକ । ତାଙ୍କ ଘରେ ଆରାମରେ ରହିବା ଲାଗି ସବୁ ପ୍ରକାର ବ୍ୟବସ୍ଥା ଖୁବ୍ ଭଲ । ମିସେସ୍ ବୁକସ୍ ବେଶ ଶିକ୍ଷିତ ଏବଂ ସାଧ୍ଵୀ । ତାଙ୍କର ଛୋଟ ଛୋଟ ଝିଅ ଗୁଡିକ ବି ବେଶ । ସେମାନଙ୍କ ଆଶ୍ରମରେ ରହି କାଲି ଆମ ଏଇ ବସା ଘରେ ବଉମାଙ୍କ ଆତିଥ୍ୟ ଗ୍ରହଣ କରିବାକୁ ଆସିଛୁଁ । ଗୋଟାଏ ପୂରା ଘର ରଥି ଭଡା ନେଇଛି । ବଉମା ନିଜେ ରାନ୍ଧନ୍ତି ଓ ଘର ସଫା କରନ୍ତି । ଚାକରାଣୀ ନାହିଁ । ରାନ୍ଧିବା ଲୋକ ନାହିଁ । ବଙ୍କିମ (ଆମ ବୋଲପୁରର ପୂର୍ବତନ ଶିକ୍ଷକ) ବାସନ ପତ୍ର ମାଜି ଦିଅନ୍ତି । ଚେଆର ଟେବୁଲ ବି ସଫା

Digitized by srujanika@gmail.com

କରି ଦିଅନ୍ତି । ତା ବଦଳରେ ଏଠାରେ ରହନ୍ତି ଓ ଖାଆନ୍ତି । ବଉମାଙ୍କ ପଢ଼ାପଢ଼ିବି ଚାଲିଛି । ଲୋକ ଲୌକିକତା ମଧ ରହିଛି । ଚାକର ଚାକରାଣୀଙ୍କର ଉତ୍ପାତ ନଥିଲେ ଯେ କି ଆରାମ ସେ କଥାଟା ଏଠାକୁ ଆସି ଅନୁଭବ କରୁଛି । ଅବଶ୍ୟ ଘରଟି ଛୋଟ । ସବୁ ଦିଗରୁ ଅନ୍ୟାନ୍ୟ ସୁବିଧା ମଧ ରହିଛି । ସେଥିପାଇଁ ଏ ସବୁ ସମ୍ଭବ । ରଥି ଏଠାକାର କଲେଜରେ ଯୋଗ ଦେଇଛି । ସୌମେନ୍ଦ୍ର ବି ଆମ ସାଙ୍ଗରେ ଅଛି ।

ଖୋକାର Eczema ପାଇଁ ତୁ ଯଦି କିଛି ଦିନ ସମ୍ପୂର୍ଣ୍ଣ ଭାବରେ କାନାଇ ବାବୁ ଉପରେ ନିର୍ଭର କରନ୍ତୁ, ଭଲ ହୁଅନ୍ତା Eczema ଭଲ ହେବାକୁ ସମୟ ଲାଗେ । ଅନେକ ପିଲାର ବଡ ବୟସରେ ଠିକ୍ ହୁଏ । ପିଲାବେଳେ ଜ୍ୟୋତି ଦା'ଙ୍କର ଥିଲା । ଟିକିଏ ଧୈର୍ଯ୍ୟ ଧରି ଡାକ୍ତରଙ୍କ ଉପରେ ଭରସା ରଖି ଯଦି ଚିକିତ୍ସା କରାଉ ତା ହେଲେ ଭଲ ହେବ । । ଇତି ।

ଅଗଷ୍ଟ ୧୯୧୨ ବାବା

❑

- ଅଧ୍ୟାପକ ବ୍ରୁକ୍‌ସ୍-ଇଲିନୟ ନବାସୀ ଅଧ୍ୟାପକ ମର୍ଗାନ ବ୍ରୁକ୍‌ସ ।
- ବଂକିମ-ବଂକିମ ଚନ୍ଦ୍ର ରାୟ ।
- କାନାଇ ବାବୁ-ଡା:କାନାଇଲାଲ ଗୁପ୍ତ । ହୋମିଓପାଥିକ ଚିକିତ୍ସକ । ଏଇ ସମୟରେ ସେ ଶାନ୍ତି ନିକେତନ ବିଦ୍ୟାଳୟର ଶିକ୍ଷକ ଥିଲେ ।

ଚିଠି ନଂ-୫୦

ଓଁ

ମୀରୁ,

ତୋର ଏଥର ଚିଠିରେ ଖୋକାର Eczema ଭଲ ହେଇଥିବାର ଖବର ପାଇ ଖୁସି ହେଲି । ତୁମେମାନେ ପ୍ରଥମରୁ ଯଦି ଟିକିଏ ଧୈର୍ଯ୍ୟ ଧରି ଭଲ ଡାକ୍ତର ଦ୍ୱାରା ଚିକିତ୍ସା କରାଇ ଥାଆନ୍ତ ତା ହେଲେ ବିଚରା ଅନେକ କଷ୍ଟରୁ ରକ୍ଷା ପାଇ ପାରି ଥାଆନ୍ତା । ତୁ ଯେ ଡରୁଚୁ କାଳେ ପୁଣି ରୋଗ ଦେଖା ଦେବ । ସେ ଭୟ ନାହିଁ । ହୋମିଓ ପାଥିରେ ଯେତେବେଳେ ଥରେ ରୋଗ ଭଲ ହୁଏ ସେତେବେଳେ ସେ ରୋଗ ମୂଳରୁ ମାରିଦିଏ । ଆସନ୍ତା ଶନିବାର ଆମେ ସିକାଗୋ ସହରକୁ ଯିବୁଁ । ସେଠାରେ ଗୋଡାଏ ଲୋକଙ୍କ ଭିତରେ ପଡିବାକୁ ହେବ । ସିକାଗୋରେ Poetry ନାମରେ ଗୋଟିଏ ମାସିକ ପତ୍ରିକା ଅଛି । ଲଣ୍ଡନରୁ ଜଣେ ଆମେରିକାନ କବି ସେଥିରେ ମୋର କେତେଗୋଟି କବିତା ପ୍ରକାଶ ପାଇଁ ଦେଇ ମୋ ସମ୍ବନ୍ଧରେ ଗୋଟିଏ ସମାଲୋଚନା ମଧ ଦେଇଛନ୍ତି । ଫଳରେ ସେଠାରେ ମୋ ବିଷୟରେ ଗୋଟାଏ ଆଲୋଚନା ଆରମ୍ଭ ହେଇଛି । ଚିଠିପତ୍ର ବି ମିଳିଛି । ସେଠି ଯାଇ ପହଞ୍ଚିଲେ ରୀତିମତ ଗୋଟାଏ ଚକ୍ର ଭିତରେ ପଡି ଯିବାକୁ ହେବ, ଏଥିରେ ସନ୍ଦେହ ନାହିଁ । ତେବେ ନିଉୟର୍କ ପାଖରେ ରଚେଷ୍ଟାର ସହରରେ ବକ୍ତୃତା ଦେବା ପାଇଁ ନିମନ୍ତ୍ରଣଟିଏ ମଧ

Digitized by srujanika@gmail.com

ମିଳିଛି । ସେଇଟା ଜାନୁଆରୀର ଶେଷ ଆଡ଼କୁ । ଭାବୁଚି ଶିକାଗୋ ଠାରୁ ଏକାବେଳେକେ ସେଠାକୁ ଚାଲିଯିବି । ପୁଣି ସେଠାରୁ କେଉଁଠାକୁ ଯିବା ତା ପାଇଁ ଦୁଆ ଘୂର୍ଣ୍ଣିଝଡ ଯେ ସୃଷ୍ଟି ନ ହେବ ସେ କଥା କହି ହେବ ନାହିଁ । ଏ ସବୁକୁ ଶେଷ କରି ଆସନ୍ତା ବସନ୍ତ ଋତୁ ବେଳକୁ ଲଣ୍ଡନ ଫେରିବାକୁ ପଡିବ । ସେଠି ମୋର ବହି ଛାପିବାକୁ ବ୍ୟବସ୍ଥା କରିବାକୁ ପଡିବ । ମାକ୍‌ମିଲାନ କମ୍ପାନୀ ମୋ ବହିଗୁଡିକର ପ୍ରକାଶକ ହେବାକୁ ଚେଷ୍ଟା କରୁଛନ୍ତି । ଏମିତି ଗୋଟାଏ ଖବର ମିଳିଛି । ଯା ଭିତରେ ତୁମେ ସବୁ ଗୀତାଞ୍ଜଳି ପାଇ ସାରିଥିବ । ତୁ ଯଦି ଏବେ ଜୋଡାସାଙ୍କୋରେ ଥାଉ ତେବେ ମୋ ତରଫରୁ ଗୋପାଳକୁ ସତର୍କ କରେଇ ଦେବୁ । ଅନେକ ଦିନୁ ଗୋଟାଏ ବହି ବାକ୍ସ ବୋଲପୁରକୁ ପଠାଇବା ଲାଗି ତା ଠାକୁ ପଠାଇଛି । ସେ ପାଇ ସାରିଛି । ଅଥଚ ବୋଲପୁରରୁ ପ୍ରତିଥର ଚିଠି ପାଉଛି ଯେ ସେଠାରେ ସେ ବହି ପହଞ୍ଚି ନାହିଁ । ଏ ଅବହେଳା ସେ କାହିଁକି କରେ ? ସେମାନଙ୍କ ଉପରେ ଗୋଟାଏ ଦାୟିତ୍ୱ ଦେଇ ମୁଁ ନିଶ୍ଚିନ୍ତ ହେଇ ପାରେନା କାହିଁକି ?

୧ ପୌଷ (୧୬ ଡିସେମ୍ବର, ୧୯୧୨) ବାବା

ତୁମ ମାନଙ୍କ ଛବି ପାଇ ଖୁବ ଖୁସି ହେଲି । ଏଠୁ ଯାଇ ଖୋକାକୁ ଖୁବ୍ ଗୋଟାଏ ଚିପାଚିପି କରି ଆସିବାକୁ ଇଚ୍ଛା ହେଉଛି । ମୁଁ ଆଉ ସିକାଗୋ ଗଲି ନାହିଁ । ରଥି ଏବଂ ବଉମା ଯାଉଛନ୍ତି । ମୋର ବେଶୀ ଏପାଖ ସେ ପାଖ ହେବାକୁ ମୁଁ ପସନ୍ଦ କରେଁ ନା । ଏଠାରେ ଏବେ ଚମତ୍କାର ଖରା ମିଳୁଛି । ଏମିତିକା ଏ ଦେଶ ଭାଗ୍ୟରେ ବରାବର ମିଳେନା । ନଭେମ୍ବର ଓ ଡିସେମ୍ବର ଏ ଦୁଇ ମାସ ବେଶ ଖରା ପୋଇଲୁଁ । ଯା ଭିତରେ ତୁମର ସେଠି ୧୧ ମାଘ ପର୍ବର ଆୟୋଜନ ଆରମ୍ଭ ହେଇ ଯାଇଥିବ । କାଲି ଏଠାରେ ମୋ ଶୋଇବା ଘରେ ପାଞ୍ଚଟି ପ୍ରାଣୀ ମିଶି ୭ ପୌଷ ଉତ୍ସବ ପାଳନ କରାଗଲା । ତା ପରେ ରଥି ଓ ଅନ୍ୟାନ୍ୟମାନେ ଶିକାଗୋ ଯାତ୍ରା କଲେ । ମୁଁ ଏବେ ସୋମେନ୍ଦ୍ର ଏବଂ ବଙ୍କିମ ଦାୟିତ୍ୱରେ ଅଛି । । ଇତି ।

୨୩, ଡିସେମ୍ବର ୧୯୧୨ ବାବା

❑

- Poetry-A magazine of Verse ହ୍ୟାରିଏଟ୍ ମନରୋ ସଂପାଦିତ ଏହି ପତ୍ରିକାରେ ରବୀନ୍ଦ୍ରନାଥଙ୍କ ୬ଟି ଇଂରାଜୀ କବିତା ପ୍ରକାଶିତ ହୁଏ । (ଦ୍ରଃ ଡିସେମ୍ବର ୧୯୧୨ ସଂଖ୍ୟା, ପୃ ୮୪-୮୬) ଏହି ପତ୍ରିକାରେ ହିଁ ଆମେରିକାରେ ରବୀନ୍ଦ୍ର ରଚନାର ପ୍ରଥମ ପ୍ରକାଶ । ଗୋଟିଏ ସମାଲୋଚନା - ଏଜରା ପାଉଣ୍ଡ ଲିଖିତ Tagore's Poems (ଦ୍ରଃ ପୋଏଟ୍ରି, ଡିସେମ୍ବର ୧୯୧୨, ପୃଷ୍ଠ-୯୨-୯୪) ଆମେରିକାନ କବି-ଏଜରା ପାଉଣ୍ଡ (୧୮୮୫-୧୯୭୪) ଗୀତାଞ୍ଜଳି-୧୯୧୨ ମସିହାର ନଭେମ୍ବର ମାସରେ ଇଂରାଜୀ ଗୀତାଞ୍ଜଳି ପ୍ରକାଶ କରନ୍ତି ଲଣ୍ଡନର ଇଣ୍ଡିଆନ ସୋସାଇଟି । ମୋଟ ୭୫୦ କପି ମୁଦ୍ରିତ ହୁଏ ।
- ଗୋପାଳ-ଗୋପାଳ ଚଟ୍ଟୋପାଧ୍ୟାୟ ଜୋଡାସାଙ୍କୋ ଘରର ଜନୈକ କର୍ମଚାରୀ । ଏ ଚିଠିର ଶେଷାଂଶ ଅନ୍ୟ କାଳିରେ କିଛି ଦିନ ପରେ ଲେଖା ଯାଇଛି ।

Digitized by srujanika@gmail.com

ଚିଠି-୫୧

ଓଁ

ମୀରୁ,

ଖାଲି ବୁଲୁଚି । ଏବେବି ବୁଲିବା ଶେଷ ହୋଇନି । କାଲି ଏଠାରୁ ବୋଷ୍ଟନ ଯିବି । ସେଠାରେ ଚାରିଟା ଖଣ୍ଡେ ବକ୍ତୃତା ପାଠ କରି ସିକାଗୋ ଦେଇ ଏଥର ହୁଏତ ଏକାବେଳେକେ ଉଇକନସନ ଯିବି । ତା ପରେ ଆବାନାରେ ଆମ ଆଡ୍ଡାରେ ଯାଇ ବିଶ୍ରାମ କରି ପାରିବି । ଏମିତି ଆଶା କରୁଛି । ଏମିତି ଘୂରି ବୁଲିବାକୁ ମୁଁ ଡରେଁ ଅଥଚ ଏଇ ଘୂରି ବୁଲିବାରୁ ମୁଁ କେବେ ହେଲେ ନିଷ୍କୃତି ପାଏଁନା । ଆଶାକରେ ଦିନେ ଏଇ ସବୁ ଭାଷଣ ଓ ଘୂରି ବୁଲିବାର ପ୍ରୟୋଜନ ତୁଟେଇ ଦେଇ ସ୍ଥିର ହେଇ ବସି ପାରିବି ।

ଡିକେନସନଙ୍କ ସହିତ ମୋର କଥା ଥିଲା ଯେ ସେ ବୋଲପୁରରେ ଆମ ବିଦ୍ୟାଳୟ ଦେଖିବାକୁ ଯିବେ । ଗଲେ ହୁଏତ ଭଲ ହୁଅନ୍ତା । ହେଲେ ନଗେନ୍ ବାବୁ ସିଲାଇ ଦହ ନେଇ ଗଲେ ଅଥଚ ବିଦ୍ୟାଳୟଟିକୁ କାହିଁକି ନେଲେ ନାହିଁ ବୁଝି ହେଲା ନାହିଁ ।

ସନ୍ତୋଷ ଓ ଜଗଦାନନ୍ଦଙ୍କ ଚିଠିରୁ ଯାହା ବୁଝିଲି ସେଥିରୁ ମନେ ହେଲା ଆମେ ଯେତେଗୁଡାକ ବହି ପଠେଇଥିଲୁଁ ସେଥିରୁ ସବୁ ବହି ସେମାନଙ୍କ ପାଖରେ ପହଞ୍ଚି ନାହିଁ । ଏ ସମ୍ବନ୍ଧରେ ଟିକିଏ ଖବର ନେବୁ ଏବଂ ସବୁ ବହି ଯେମିତି ସେମାନେ ପାଆନ୍ତି ତାର ବ୍ୟବସ୍ଥା କରିବୁ ।

ବଉମା ଚିଠିରୁ ଏଠାକାର ସବୁ ଖବର ନିଶ୍ଚୟ ପାଉଥିବୁ । ତାଙ୍କର ନୂଆ ନୂଆ ବଂଧୁ ବାନ୍ଧବଙ୍କ ବିଷୟରେ ମଧ ଜାଣି ପାରୁଥିବୁ । କେବଳ ଗୋଟାଏ ବେଦନା ତାଙ୍କ ହୃଦୟ ବିଦ୍ଧ ହେଇ ରହିଛି ଯାହା ସେ କୌଣସି ପ୍ରକାରେ ଭୁଲି ପାରୁ ନାହାନ୍ତି । ତାଙ୍କ ପୁରୁଣା ବଂଧୁ Bourdette ଅର୍ବାନାରେ ରହିଥିବା ସତ୍ୱେ ତାଙ୍କ ସହିତ ଥରେ ବି ଆସି ଦେଖା କଲେ ନାହିଁ । ସେଥିପାଇଁ ଇଏବି ମୁହଁ ଫୁଲେଇ ବସିଛନ୍ତି ।

ମୋ ପାଇଁ ପଗଡି ତିଆରି ହେଉଛି ଶୁଣି ଖୁବ୍ ଖୁସି ହେଲି । କାରଣ ୬/୭ ମାସ ପରେ ଆମେରିକାରେ ପହଞ୍ଚି ଚାରିଟା ରେଶମ ବଣ୍ଡିଲ ଅନେକ ଟଙ୍କା ମାସୁଲ ଦେଇ ପାଇଛି । ବଉମାଙ୍କ ଇଚ୍ଛା ସେ ଗୁଡା ଖୋଲି ପଗଡି ତିଆରି କରିନେବେ । ଏହା ଭିତରେ ମୁଁ ପଗଡି ନ ପାଇ ହତାଶ ହେଇ ଏଠାରେ ଟୋପି କିଣି ମଥାର ମର୍ଯ୍ୟାଦା ରକ୍ଷା କରୁଛି । ଆହୁରି ପଗଡି ଆସିବା ଶୁଣି ଚିନ୍ତାରେ ଅଛି ।

ଖୋକାର ନାମ କରଣ କଅଣ ହେଲା । ଇତି ମଧରେ ତାହା ବୋଧେ ହେଇ ଯାଇଥିବ । ତାକୁ ମୋର ଚୁମା ଦେବୁ ।

। ଇତି ।

୩୦, ଜାନୁଆରୀ, ୧୯୧୩

ବାବା

Digitized by srujanika@gmail.com

* ଡିକେନସନ-ଲୋଯେସ ଡିକେନସନ । କେମ୍ବ୍ରିଜର କିଙ୍ଗସ୍ କଲେଜର ଅଧ୍ୟାପକ । Letters of John Chinaman ଗ୍ରନ୍ଥର ଲେଖକ । ରବୀନ୍ଦ୍ରନାଥ ଏଇ ଗ୍ରନ୍ଥର ସମାଲୋଚନା 'ଚୀନେମ୍ୟାନେର ଚିଠି' ପ୍ରକାଶ କରିଥିଲେ ବଂଗ ଦର୍ଶନରେ (ଆଷାଢ଼ ୧୩୦୯) । ଡିକେନସନ୍ ଏଇ ସମୟରେ ଜୋଡାସାଙ୍କୋ ଓ ଶାନ୍ତି ନିକେତନ ଆସିଥିଲେ । ।

ଚିଠି ନଂ-୫୨

ଓଁ

ମୀରୁ,

ଖୋକା ପାଇଁ ମନ ବଡ ଉଦ୍‌ବିଗ୍ନ ଅଛି । ରଥୀ ଆଜି ଯାଉଛି । ତାକୁ କହି ଦେଇଛି ଖୋକା ପାଇଁ ଯାହା ଯାହା କରିବାର ଆବଶ୍ୟକ ହେବ ତାର ବ୍ୟବସ୍ଥା କରିବାକୁ । ଏଠି ଭୁବନଡାଙ୍ଗାରେ ଗୋଟାଏ ଡିପଥେରିଆ କେଶ ହେଇଛି । ତେଣୁ ଖୋକାକୁ ଏଠାକୁ ଆଣିବା ଲାଗି କହି ପାରିଲି ନାହିଁ । ସୁରୁଲର ଘରଟା ଠିକ୍ ଠାକ୍ ହେବା ପାଇଁ ଆଉ ବେଶି ଡେରି ନାହିଁ । ସେତେବେଳେ ତୁମେମାନେ ସେଠାରେ ଆସି ରହିଲେ ଆରାମ ପାଇବ । ସେଠାରେ ଘୂରି ବୁଲିବା ପାଇଁ ଖୋକା ଯଥେଷ୍ଟ ଜାଗା ପାଇବ । ।

ଇତି ।

୧୯୧୪ ବାବା

❑

* ସୁରୁଲର ଘର-ବଙ୍ଗଳା ୧୩୨୧ ମସିହାର ୧ ବୈଶାଖ୍ୟ (୧୪ ଏପ୍ରିଲ୍ ୧୯୧୪)ରେ ଏଇ ଘରର ଗୃହ ପ୍ରବେଶ ଅନୁଷ୍ଠିତ ହୋଇଥିଲା ।

ଚିଠି ନଂ-୫୩

ଓଁ

ମୀରୁ,

ତୋ ଚିଠି ପାଇ ଖୁସି ହେଲି । ଜୋଡାସାଙ୍କୋ ସ୍କୁଲରେ ବୋର୍ଡାର ନେବାର କୌଣସି ବ୍ୟବସ୍ଥା ନାହିଁ । ନିଶିବାବୁ ତାଙ୍କ ଝିଅକୁ ଯଦି ବୋଲପୁରକୁ ପଠାନ୍ତି, ତେବେ ବରଂ ସନ୍ତୋଷଙ୍କ ଘରେ ତାକୁ ପଢ଼ାଇବାର ବ୍ୟବସ୍ଥା କରି ପାରେଁ । ସେମାନଙ୍କର ସେଠାରେ ଅନେକ ଜାଗା ଅଛି । ତାର ସମବୟସୀ ଝିଅ ମଧ୍ୟ ସେ ପାଇବ । ଆଜିକାଲି ବୋଲପୁରରେ ଅନେକ ସପରିବାରରେ ରହନ୍ତି । ତେଣୁ ବିଦ୍ୟାଳୟରେ ଛାତ୍ରୀ ସଂଖ୍ୟା ବି ବଢ଼ି ଯାଇଛି । ସେମାନେ ବେଶ ଅଛନ୍ତି । ଗୋଟିଏ ଝିଅ-ସାଧୁକାନ୍ତର ଭାଣିଜୀ-ଭାରି ଚମତ୍କାର ଗଳା । ତାର ଗୀତ ଶିଖିବାରେ ବେଶ ଉନ୍ନତି ହେଇଛି । ମୋର ମନେ ହୁଏ ଏଇ ଭାବରେ ଆମେ ଏଠାରେ ଆହୁରି ଅନେକ ଝିଅ ନେଇ ପାରିବୁଁ । ଦେଖୁଚି,

Digitized by srujanika@gmail.com

କ୍ଲାସରେ ଝିଅମାନେ ପ୍ରାୟ ପୁଅମାନଙ୍କ ଠାରୁ ପଢା ପଢିରେ ବହୁତ ଆଗେଇ ଯାଆନ୍ତି । ଏଥିରେ ପୁଅମାନଙ୍କ ଭିତରେ ବି ଗୋଟାଏ ପ୍ରତିଯୋଗିତା ଭାବ ଦେଖାଯାଏ । ଫଳରେ ଦୁଇ ପକ୍ଷର ହିଁ ପାଠ ପଢାରେ ଉନ୍ନତି ହୁଏ । ସେଥିପାଇଁ ଛାତ୍ରୀ ନେବାରେ ଆମର ବି ଉତ୍ସାହ ବଢୁଛି ।

ଗୋଟିଏ ଫଟୋ ପଠାଉଛି । ଏଇ ଫଟୋଟି ଦାର୍ଜ୍ଜିଲିଂରେ ମୋର ଗୋଟାଏ ଛାତ୍ର ଉଠାଇ ଥିଲା । ଦୁଇଟା ପଠାଇଲି । ଯୋଉଟା ନିଶିବାବୁଙ୍କର ଇଚ୍ଛା ନେଇ ପାରନ୍ତି ।

କିଛିଦିନ ବିଦ୍ୟାଳୟରେ ରହି ନିଜେ କ୍ଲାସ ନେଇ ସେଠାକାର ଅଧ୍ୟୟନ ପ୍ରଣାଳୀକୁ ଆଉ ଥରେ ଠିକ କରି ଦେଇ ଆସିଲି । ଏଇ ଅଳ୍ପ କେତୋଟି ଦିନ ଭିତରେ ପିଲାଙ୍କର ଏତେ ଉନ୍ନତି ହେଇଛି ଯେ ମାଷ୍ଟର ମାନଙ୍କର ଆଖି ଖୋଲି ଯାଇଛି । ଛୁଟି ଆଗରୁ ଆଉ ଥରେ ଯାଇ ପରୀକ୍ଷା କରିନେବି ।

ତୁମମାନଙ୍କ ଠାକୁ ତିନିଖଣ୍ଡ ବଙ୍ଗଳା ହୋମିଓ ପାଥି ବହି ପଠାଉଛି । ଏଇ ବହିଗୁଡିକ ଖୁବ୍ ଭଲ । ପାବନାର ଜଗତ ଡାକ୍ତରଙ୍କୁ ତୋର ଆଉ ମନେ ଅଛି କିନା ମୁଁ ଜାଣେନା । ତୁମେମାନେ ଯେତେବେଳେ ସିଲାଇ ଦହରେ ରହୁଥିଲ ବିଶେଷ ବେମାର ହେଲେ ସିଏ ଆସୁଥିଲେ । ତାଙ୍କରି ଲେଖା ଏଇ ବହିଟା ଦେଖି ତୁମେମାନେ ଯଦି ଚିକିତ୍ସାର ଚର୍ଚ୍ଚା ଆରମ୍ଭ କର, ତା ହେଲେ କ୍ରମେ କ୍ରମେ ପାହାଡି ଲୋକମାନଙ୍କ ମଧ୍ୟରେ ଡାକ୍ତରୀରେ ମୋ ପରି ଖ୍ୟାତି ଲାଭ କରି ପାରିବ । ହୁଏତ ଗଭର୍ଣ୍ଣମେଣ୍ଟଙ୍କ ପାଖରୁ ଉପାଧି ପାଇବା ମଧ୍ୟ ଅସମ୍ଭବ ହେବ ନାହିଁ ।

କାଲି ଆନନ୍ଦ ମୋହନ ବସୁଙ୍କ ମୃତ୍ୟୁ ବାସର ର ସ୍ମରଣ ସଭାରେ ମୋତେ ବୋଲପୁରରୁ ଟାଣି ନେଇ ଗଲେ । ଓଭାରଟୁନ୍ ହଲରେ ସଭା-ଠେଲା ଠେଲି-ଲୋକଙ୍କ ଭିଡ-କବାଟ ଠେଲା ପେଲା-ମାରିପିଟ-ଗୋଳମାଳ । ଭାଗ୍ୟକୁ ମୋ ବକ୍ତୃତା ସମୟରେ ସଭା ଚୁପ୍ ଚାପ୍ ଥିଲା । ହେଲେ ଏଇ ଭାଦ୍ର ମାସର ଗରମରେ ଦେଢଘଣ୍ଟା କାଳ କେମିତି ଏମାନେ ଯେ ଏଇ ଭିତରେ ଠିଆ ହେଇ ଏ ଅସହ୍ୟ କଷ୍ଟ ସ୍ୱୀକାର କଲେ, ମୁଁ ସେ କଥା ଭାବିଲା ବେଳକୁ ଆଶ୍ଚର୍ଯ୍ୟ ଲାଗୁଛି ।

ବର୍ଷାଟା ଶେଷ ହେଇ ଗଲେ ଶରତ କାଳରେ ଆକାଶ ଯେତେବେଳେ ନିର୍ମଳ ହେଇ ପ୍ରକାଶିତ ହେବ ସେତେବେଳେ ରାମଗଡ ଖୁବ୍ ସୁନ୍ଦର ଦେଖାଯିବ । ଏଇ ସମୟଟା ହିଁ ବୋଧହୁଏ ସବୁଠାରୁ ଭଲ ସମୟ ।

ମୋର ଆଶୀର୍ବାଦ ନେବୁ । ଖୋକାକୁ ଚୁମା ଦେବୁ । ସେ କଅଣ ପାହାଡି ଲୋକଙ୍କ ଭାଷା ଶିଖୁଚି ? ନିଶିକାନ୍ତ ବାବୁଙ୍କୁ ମୋର ସାଦର ଅଭିନନ୍ଦନ ଜଣାଇବୁ । ଏଣ୍ଡ୍ରୁଜ ସିମିଳାରୁ ଆସି ବୋଲପୁରରେ ପହଞ୍ଚିଛନ୍ତି । ଆଜି ଏଠାକୁ ଆସିବେ ।

। ଇତି ।

୯, ଭାଦ୍ର, ୧୩୨୨ — ବାବା

୨୬ ଅଗଷ୍ଟ ୧୯୧୫ ।

Digitized by srujanika@gmail.com

- ନିଶିବାବୁ-ନିଶିକାନ୍ତ ସେନ୍ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର । ସୁଧାକାନ୍ତଙ୍କ ଭାଣିଜୀ-ପାରୁଲ ବସୁ ।
- ଆନନ୍ଦମୋହନବସୁ-କ୍ରେମ୍ବିଜବିଶ୍ୱବିଦ୍ୟାଳୟରୁପ୍ରଥମଭାରତୀୟାରଙ୍ଗଲାରଆନନ୍ଦମୋହନ (୧୮୪୭-୧୯୦୬) ସାଧାରଣ ବ୍ରାହ୍ମ ସମାଜ ପ୍ରତିଷ୍ଠାରେ ଅଗ୍ରଣୀ ଥିଲେ । ଶାନ୍ତି ନିକେତନ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଅରବିନ୍ଦ ମୋହନଙ୍କର ପିତା ।

ଏଣ୍ଡ୍ରୁଜ-ସି.ଏଫ୍.ଏଣ୍ଡ୍ରୁଜ (୧୮୭୧-୧୯୪୦)

୧୯୧୨ ମସିହାରେ ଲଣ୍ଡନରେ ରେଦନ ଷ୍ଟାଇନଙ୍କ ଘରେ କବିତା ପାଠ ଆସରରେ ରବୀନ୍ଦ୍ର ନାଥଙ୍କ ସହ ପ୍ରଥମ ପରିଚୟ । ମୃତ୍ୟୁ ପର୍ଯ୍ୟନ୍ତ, ସେ ରବୀନ୍ଦ୍ର ନାଥ ଓ ଶାନ୍ତି ନିକେତନ ସହିତ ସମ୍ପୃକ୍ତ ଥିଲେ ।

ଚିଠି ନଂ -୫୪

ଓଁ

କଲ୍ୟାଣୀୟାସୁ,

ମୀରୁ, ଜାଭା ଓ ଜାପାନ ଯିବାର ପରିକଳ୍ପନା କରୁଥିଲି ବୋଲି ଶେଷ କାଳରେ କାଶ୍ମୀର ଆସିବାର ହେଲା । କାଶ୍ମୀର ଯିବାର ବନ୍ଦୋବସ୍ତ କଲେ ନିଶ୍ଚୟ ଜାଭା ବନ୍ଦୋବସ୍ତ ମଧ କରାଯାଆନ୍ତା । ଦେଶଟା ଦେଖିବାକୁ ଭଲ ହେଲେ ମଧ ଏ ଯାଏ ଭଲ କରି ଦେଖିବାର ସମୟ ପାଉ ନାହିଁ । ଲୋକମାନଙ୍କର ଉତ୍ପାତ, ଅଭ୍ୟର୍ଥନାର ବିଡମ୍ବନାରେ ମୋର ଦିନଗୁଡାକ ଭାରି ଗୋଳମାଳ ଭିତର ଦେଇ କଟୁଛି । ଟିକିଏ ଶାନ୍ତି ପାଇଁ ମୁଁ ଏଠାକୁ ଆସିଥିଲି । କିନ୍ତୁ ବିଧାତା ତା ପରିବର୍ତ୍ତେ ଯଶ ଦେଲେ । ଏ ପଥଟି ଦୀର୍ଘ ଓ ଦୁର୍ଗମ । ରାଓଲ ପିଣ୍ଡିରେ ପହଞ୍ଚି ମୋର ଏବଂ ବଉମାଙ୍କ ଦେହ ଖରାପ ହେଇ ଦିନେ ପଡି ରହିବାକୁ ହେଲା । ତା ପରେ ଏଠାରେ ପହଞ୍ଚି ଦେହ ସିନା ଭଲ ଅଛି କିନ୍ତୁ ଲୋକଙ୍କ ଭିଡରେ ଅସ୍ଥିର ହେଇ ପଡିଛି । ଦୁଇଟି ବୋଟ୍ ନେଇ ଆମେ ବିତସ୍ତା ନଦୀ ଉପରେ ଅଛୁଁ । ଏଠାରେପାହାଡ ଯଦିଓ କମ ଉଚ ନୁହେଁ ତଥାପି ସମସ୍ତ ଜାଗାଟା ଅନେକଦୂର ଯାଏ ସମତଳ ବୋଲି ଏଠାରୁ ପ୍ରାୟ ୬୦/୭୦ ମାଇଲ ପର୍ଯ୍ୟନ୍ତ ନଦୀ ନୌକାରେ ବାସଯୁକ୍ତ । ଭାବୁଛି କାଲି ମୋ ବୋଟ୍‌ରେ ଏକା କିଛି ଦୂର ଚାଲିଯିବ । ରଥିମାନେ ସହରରେ କିଛି ଦନ ରହିବାକୁ ଚାହାନ୍ତି । ବୋଧହୁଏ ଦୋକାନ ବଜାର ବୁଲି ଦେଖିବାର ଇଚ୍ଛା ଅଛି । ଏଠାରେ କେତେଦିନ କଟିବ ଠିକ କହି ପାରୁନି । ହୁଏତ ଅକ୍ଟୋବର କଟେଇ ଲାହୋରରେ ଦୁଇ ଚାରିଦିନ, ଦିଲ୍ଲୀରେ ଦୁଇ ଚାରି ଦିନ, ଆଲ୍ଲାହାବାଦରେ ଦୁଇ ଚାରିଦିନ, ଏମିତି କରି ନଭେମ୍ବର ଦ୍ୱିତୀୟ ତୃତୀୟ ସପ୍ତାହ ମଧରେ ଦେଶକୁ ଫେରିବୁଁ । ନଗେନ ଚିଠିରେ ଦେଖିଲି ଶୀତ ସମୟରେ ତାର ପୁନା ଯିବାର ଇଚ୍ଛା ଅଛି । ତୁ ତା' ହେଲେ ଶୀତଟା ଶାନ୍ତି ନିକେତନରେ କଟାଇପାରୁ । ସେଠି ମୋର ଦି' ମହଲା କୋଠାଟା ପଡି

Digitized by srujanika@gmail.com

ରହିଛି । ପ୍ରଥମ ମହଲାର ସୁକେଶୀମାନଙ୍କର ରହିବାର କଥା ଅଛି । ସେମାନଙ୍କ ସହିତ ତୁମମାନଙ୍କର କୌଣସି ଅସୁବିଧା ହେବ ନାହିଁ ।

ଏବେ ନିଶ୍ଚୟ ତୁମର ସେଠାରେ ବର୍ଷା କଟିଯାଇ ଦିନ ଗୁଡିକ ସୁନ୍ଦର ହେଇ ଉଠିଛି । ଏଠାରେ ବି ଖରାଟା ବେଶ ପରିଷାର ହେଲାଣି । ଯେତେ ଥଣ୍ଡା ହେବ ବୋଲି ଶୁଣି ଥିଲି ସେ ସବୁ କିଛି ନୁହେଁ । ଖରାବେଳୁ ସଂଧ୍ୟାଯାଏ ଗରମ ଲୁଗା ପିନ୍ଧିବାକୁ ବରଂ ଟିକିଏ କଷ୍ଟ ହୁଏ । ସକାଳ ଆଡ଼କୁ ଟିକିଏ ଥଣ୍ଡା ଥାଏ । ନଭେମ୍ବରରେ ହୁଏତ ଶୀତର ପ୍ରକୋପ ବଢି ପାରେ । ଖୋକାକୁ ଚୁମା ଦେବୁ ।

। ଇତି ।

ଅକ୍ଟୋବର-୧୯୯୫

ବାବା

❑

- ପୁନା ଯିବାର ଇଚ୍ଛା- ନଗେନ୍ଦ୍ର ନାଥ ଏହି ସମୟରେ ପୁନା କୃଷି ମହାବିଦ୍ୟାଳୟରେ ଚାକିରି ଗ୍ରହଣ କରିଥିଲେ (?)

ଚିଠି ନଂ-୫୫

ଓଁ

ମୀରୁ,

ଆଜି ତୋର ଚିଠି ପାଇ ନିଶ୍ଚିତ ହେଲି । ତୁମେମାନେ କୁଇନାଇନ ଖାଇ ଖାଇ ଦିଲ୍ଲୀରେ କିଛି ଦିନ ରହିବାକୁ ଚାହୁଁଛ । ସେଇଟା କଅଣ ଠିକ ହେବ ? କୁଇନାଇନ ତୋ ପେଟର ଗୋଳମାଳ ଆହୁରି ବଢ଼ାଇ ଦେବ । ଇପିକାକ୍ ୩୦ ଖାଇ ଦେଖ । ସେଇଟା କୁଇନାଇନର କୁଫଳ କଟାଇ ଦେଇ ଜ୍ୱର ଏବଂ ନାଳଝାଡାର ବି ଉପସମ କରାଏ । ତୁମମାନଙ୍କର କେଉଁ କେଉଁ ହୋମିଓ ପାଥି ଔଷଧ ନାହିଁ । ମୋତେ ଜଣେଇଲେ ମୁଁ ପଠାଇ ଦେଇ ପାରିବି । ହୋମିଓ ପାଥି ଚିକିତ୍ସାରେ ନଗେନ୍ଦ୍ରର ହାତ ଟିକିଏ ଭଲ ହେଇ ଉଠିଚି ବୋଧେ । ମୁଁ ତୋତେ ଜଗତ୍‌ରାୟଙ୍କର ଯେଉଁ ବହି ଗୁଡିକ ପଠାଇଥିଲି ସେ ଗୁଡିକ ମନ୍ଦ ନୁହେଁ ।

ବୋଲପୁରର ସେଇ ତଳ ଘରଗୁଡିକ ତୋ ପାଇଁ ରହିଛି । ସୁକେଶୀ କିଛି ଦିନ ସେ ଗୁଡିକ ବ୍ୟବହାର କରିବା ପାଇଁ ମାଗି ନେଇଛି । କିନ୍ତୁ ତୁମେମାନେ ଯଦି ଆସ, ତା ହେଲେ ସେମାନେ ସେ ଘର ଛାଡି ଶାନ୍ତି ନିକେତନ ଚାଲିଯିବେ । ସେଥିରେ ତୁମମାନଙ୍କର କୌଣସି ଅସୁବିଧା ହେବ ନାହିଁ । ସେ ଘର ଗୁଡାକ ଦୋ ମହଲା ସହ ବରାବର ପାଇଁ ତୁମମାନଙ୍କ ପାଇଁ ରଖି ଦେଇଛି । ସ୍କୁଲ କାମରେ ଯେତେବେଳେ କେହି ବ୍ୟବହାର କରିବାକୁ ଚାହୁଁଛି-ମୁଁ ତାକୁ ଅଟକାଇ ଦେଇଛି । କେବଳ ମୋର ଭୟ ଘର ଗୁଡାକ ପଡି ପଡି କାଳେ ନଷ୍ଟ ହେଇଯିବ । ମୁଁ ଯେତେବେଳେ ବେଶି ଦିନ ପାଇଁ ଦୂରକୁ ଚାଲିଯିବି ସେତେବେଳେ ସେଇ ଘରଟାର ସୁରକ୍ଷା ପୁଣି ଦରକାର । ତୁମମାନଙ୍କର ଏଇ

Digitized by srujanika@gmail.com

ଘର ପାଖରେ, ରାସ୍ତା ସେ ପାଖରେ ପିଆରସନଙ୍କ ଘର ରହିଛି । ତୁମମାନଙ୍କର ଯଦି କୌଣସି ଜିନିଷପତ୍ର ଏଇ ଘରଗୁଡାକରେ ରଖି ଦେଉ, ଆଉ ପିଆରସନ ଉପରେ ତାର ରକ୍ଷଣା ବେକ୍ଷଣର ଦାୟିତ୍ୱ ଦେଉ ତା ହେଲେ କୌଣସି ଅସୁବିଧା ନ ଥିବ । ପିଆରସନ ତୁମ ବଗିଚାଟା ବି ଦେଖାଶୁଣା କରିପାରେ । ଶୀତ ସମୟରେତ ରାମଗଡରେ ରହି ପାରିବୁନି । ସେତେବେଳେ ବୋଲପୁରର ଏଇ ଜାଗାଟା ଯଦି ସଜଡା ଥାଏ ତେବେ ତୁ ଅନାୟାସରେ ଚାଲି ଆସି ପାରିବୁ । ଏଥର ଏଠାକାର କାମ ସାରି ଯେତେବେଳେ ଶାନ୍ତି ନିକେତନ ଯିବି ସେତେବେଳେ ମୁଁ ରୋଷେଇ ଘର ପ୍ରଭୃତି ମରାମତି କରାଇ ଘର ଗୁଡିକୁ ଆହୁରି ଟିକିଏ ବାସଯୋଗ୍ୟ କରିଦେଇଥିବି । ଏଥର ୭ ପୌଷ ପରେ ମୁଁ ବୋଧହୁଏ ବାହାରି ପଡିବି । ୧୧ ମାଘର ମାମୁଲି ବକ୍ତୃତା ମୋତେ ଭଲ ଲାଗେନା । ଏଥର ସେଥିରୁ ଛୁଟି ନେଇଯିବି । ବୋଲପୁର ଆଡେ ନ ଆସି ତୁମେମାନେ ଯଦି ଅନ୍ୟ କେଉଁଠି ଥିବ-ଥରେ ଦେଖି ଆସିବି । କୌଣସି ବଡ ସହରକୁ ଯିବାକୁ ମୋତେ ଡର ଲାଗେ । ବଡ ବିରକ୍ତକର ମଧ୍ୟ । କାଶ୍ମୀର ଯାଇ ମୁଁ କେମିତି ହଇରାଣ ହେଇ ଆସିଚି-ତାହା କହି ପାରୁନି ।

ଖୋକାକୁମୋର ଚୁମା ଦେବୁ । । ଇତି ।

୨୭ କାର୍ତ୍ତିକ ୧୩୨୨ (୧୩ ନଭେମ୍ବର, ୧୯୧୫) ବାବା

❑

• ପିଆରସନଙ୍କ ଘର -ଦ୍ୱାରିକ ଗୃହ ।

ଚିଠି ନଂ ୫୬

ଓଁ

Telegram
My Blessings
Shantinikitan/23

Father (Dec.1915/Post Mark)

ଶାନ୍ତିନିକେତନ ଠାରୁ ପୁନାର କୃଷି ମହାବିଦ୍ୟାଳୟ ଠିକଣାରେ ପଠାଇଥିବା ଟେଲିଗ୍ରାମ ।

❑

ଚିଠି ନଂ-୫୭

ଓଁ

କଲ୍ୟାଣୀୟାସୁ,

ମୀରୁ, ତୋର ବୋଲପୁର ଘରେ ହିଁ ତୁମମାନଙ୍କର ଜିନିଷପତ୍ର ସବୁ ଠିକ୍ କରି ନେଇ ବେଶ ସ୍ଥାୟୀ ଭାବେ ସଜାସଜି କରିନିଅ । ଏଠାକାର କାମ ଶେଷ କରି ସାରି ସେଠାକୁ ଯାଇ ତୋର ଆଉ ଯାହା ସବୁ ଦରକାର ତାର ବନ୍ଦୋବସ୍ତ କରିଦେବି । ଯଦି ନୂଆ ଘର କିଛି କରିବାକୁ

Digitized by srujanika@gmail.com

ହୁଏ । ତା'ବି ଠିକ କରାଯିବ । ଆପାତତଃ ତୋ ସହିତ ଡାକ୍ତର ମିସ୍‌ଦତ୍ତଙ୍କୁ ରହିବା ପାଇଁ ଲେଖି ଦେଇଛି । ସେ ଦିନେ ଦି' ଦିନ ଭିତରେ ବୋଲପୁର ଯିବେ । ସେ ଭଦ୍ରମହିଳାଙ୍କ ବୟସ ଅନେକ କମ୍-କିନ୍ତୁ ଖୁବ୍ ଭଲ । ତୋ ସହିତ ତାଙ୍କର ଆତ୍ମୀୟତା ବଢ଼ିବାକୁ ମୋଟେ ସମୟ ଲାଗିବନି । କମଳର ସେ ଜଣେ ଅନ୍ତରଙ୍ଗ ବଂଧୁ । ଜଣେ ଭଲ ଡାକ୍ତର ମଧ୍ୟ । ତୋର ସେ ହେମଲତା ଭାଉଜଙ୍କୁ ତୁ ଭଲ ଭାବରେ ଜାଣୁ । ତୋତେ ତାଙ୍କ ସମ୍ବନ୍ଧରେ ସାବଧାନ କରିଦେବା ଅନାବଶ୍ୟକ । ସେ Mischief କରିବାକୁ ଅବଶ୍ୟ ଚେଷ୍ଟା କରିବେ । ଅର୍ଥାତ ମିଛ ସତରେ ଅନେକ କଥା ତୋ କାନରେ ଫୁଙ୍କି ତୋ ମନ ଖରାପ କରିବାକୁ ଚେଷ୍ଟା କରିବେ । କିନ୍ତୁ ଏଥିରେ ବ୍ୟସ୍ତ ହେବୁନି ଯେମିତି, ମୁଁ ଯେତେ ଶୀଘ୍ର ସମ୍ଭବ ଫେରିବି ।   । ଇତି ।

ଶିଲାଇଦହ (୯,ଫେବ୍ରୁଆରୀ, ୧୯୧୬)ପୋଷ୍ଟ ମାର୍କ   ବାବା

□

ଚିଠି ନଂ-୫୮

ଓଁ

ମୀରୁ,

ମୁଁ ରଥିକୁ ଲେଖଦେଲି ସେ ସବୁ ଠିକ୍‌ଠାକ୍ କରି ଦେବ । ବୋଟ୍ ଝଡରେ ପଡି ଆମକୁ ଗୋଟାଏ ରାତି ବଡ ହଇରାଣ କଲା । ଏବେ ସେ ସବୁ ଉତ୍ପାତର ଅବସାନ ଘଟିଛି । ପିଆରସନ୍ ଭଲ ଅଛି । ମୁଁ କେମିତି ଟିକିଏ ବଡ କ୍ଳାନ୍ତ ହେଇ ପଡିଛି । ଏଠାକାର କାମ ସାରି ଆସନ୍ତା ସପ୍ତାହରେ କଲିକତା ଫେରିବି । ତା ପରେ ବୋଲପୁର ଯିବାକୁ ଆଉ ଡେରି ହେବ ନାହିଁ । ମିସ୍ ଦତ୍ତଙ୍କୁ ପଚାଶ ଟଙ୍କା ଦେବି । ସେଥିରୁ ତାଙ୍କ ଖାଇବା ଖର୍ଚ୍ଚବାବଦ କୃତୀ କାଟି ନିଏ ଯେମିତି । ତୋ ହିସାବ ସହିତ ଏଇଟାକୁ ଯେମିତି ମିଶେଇ ଦିଆ ନ ଯାଏ ।   । ଇତି ।

୧୧ ଫଗୁଣ ୧୩୨୨(୨୩ ଫେବ୍ରୁଆରୀ, ୧୯୧୬)   ବାବା

□

• କୃତୀ-ଦ୍ୱିଜେନ୍ଦ୍ର ନାଥ ଠାକୁରଙ୍କ ପୁତ୍ର କୃତୀନ୍ଦ୍ର ନାଥ ଠାକୁର ।

ଚିଠି ନଂ-୫୯

ଓଁ

ମୀରୁ,

କୌଣସି ବିଶେଷ ଘଟଣାଟାଏ ଘଟି ଯାଇଛି ବୋଲି ତୋତେ ଅଲଗା ଘରେ ରହିବାକୁ କହୁଛି, ଏମିତି ଭାବିବା ଠିକ ନୁହେଁ । ବିଶେଷ କିଛି କାରଣ ଘଟିଲେ, ସେଇଟା ସବୁବେଳେ ଖରାପ ହେଇ ଦେଖାଦିଏ । ମୁଁ ନିଜେ ଯେତେଦୂର ସମ୍ଭବ ରଥିମାନଙ୍କ ଠାରୁ ଅଲଗା ହେଇ ରହେଁ । ତାର

Digitized by srujanika@gmail.com

କାରଣ ଏଇଆ ନୁହେଁ ଯେ ସେମାନଙ୍କ ସହିତ ମୋର ବିବାଦ ଅଛି । କିନ୍ତୁ ଘନିଷ୍ଠ ଆତ୍ମୀୟ ହେଲେ ବି ପରସ୍ପର ଭିତରେ ଟିକିଏ ଫାଙ୍କା ରହିବା ଉଚିତ । ସେଇଟା ସ୍ୱାସ୍ଥ୍ୟ କର ଏବଂ ଶାନ୍ତି ପ୍ରଦାୟକ ମଧ୍ୟ । ନିଜେ ସ୍ୱାଧୀନ ରହିଲେ ହିଁ ଅନ୍ୟକୁ ସ୍ୱାଧୀନତା ଦେଇ ହୁଏ ।

ତୋ ପାଇଁ ଗୋଟିଏ ସ୍ଥାୟୀ ବାସଗୃହ ଇତି ମଧ୍ୟରେ ଠିକ୍ କରି ଦେଇ ତୋର ସମ୍ପୂର୍ଣ୍ଣ ଦଖଲରେ ଦେଇ ଦେବାକୁ ଚାହେଁ । ତୁ ଯେ ଭାବୁଚୁ ଯେତେବେଳେ ଦରକାର ହେବ ସେତେବେଳେ ସାଙ୍ଗେ ସାଙ୍ଗେ ମିଳିଯିବ-ଏଇଟା ଗୋଟିଏ ବିରାଟ ଭୁଲ । ଯେତେବେଳେ ସୁବିଧା ହେଉଛି ସେତେବେଳେ ସେଇ ସୁବିଧାଟା ନେଇ ନେବା ଉଚିତ । ଯେତେବେଳେ ସୁବିଧାଟା ହାତରୁ ଚାଲିଯିବ, ସେତେବେଳେ ଯଦି ଦରକାର ପଡେ ତେବେ ତୁ ପାଇବୁନି । ବର୍ତ୍ତମାନ ଯାହା ତୁ ଅଳ୍ପ ଚେଷ୍ଟାରେ ପାଆନ୍ତୁ ତାହା ତୁ ସେତେବେଳେ ବହୁ କଷ୍ଟ ଏବଂ ବ୍ୟୟରେ ପାଇବୁ ।

ମୁଁ ଖୁବ୍ ଶୀଘ୍ର ଶାନ୍ତି ନିକେତନ ଫେରିଯିବି । ସେତେବେଳେ ସବୁ କଥା ହେବା ।

୧୯୧୬ । ଇତି ।

ବାବା

❑

ଚିଠି ନଂ-୬୦

ଓଁ

ମୀରୁ,

ବେଲାର ଦେହ ଭଲ ନାହିଁ । ଡାକ୍ତରମାନେ କହୁଛନ୍ତି Pthisis ହୋଇଛି । ଗଣନାଥ କବିରାଜ ଦେଖୁଛନ୍ତି । ତାଙ୍କ ସହିତ କାଲି ଦେଖା ହୋଇଥିଲା । ସେ କହୁଛନ୍ତି ଗୋଟିଏ ଦି'ଇଟା ଉପସର୍ଗ ପରିଷ୍କାର ଅଛି । ରୋଗ ଭଲ ହେଇଯିବାର ସମ୍ଭାବନା ଅଛି ।

ତେଣୁ ଆଉ କିଛି ଦିନ ବେଲାକୁ ନ ଦେଖି ମୁଁ ବୋଲପୁର ଯାଇ ପାରୁନାହିଁ । ହୁଏତ କିଛି ଦିନ ଡେରିବି ହୋଇପାରେ । । ଇତି ।

(୧୯୧୭) ବାବା

- ବେଲା ବା ମାଧୁରୀଲତା ଏଇ ସମୟରେ କଲିକତାରେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିଲେ । ମୃତ୍ୟୁ ୧୬ ମେ ୧୯୧୮ ।

❑

ଚିଠି ନଂ-୬୧

ଓଁ

ମୀରୁ,

ମନୀଷା ଚିଠିରୁ ଜାଣିଲି ତୁମେମାନେ ଏବେ କଲିକତାରେ ଅଛ । ମୁଁ ଗୋପାଳକୁ ଲେଖି ଦେଇଥିଲି ତୁମମାନଙ୍କୁ ବୋଲପୁର ପଠେଇବାର ବ୍ୟବସ୍ଥା କରିବାକୁ ଏବଂ ତୋତେ ଆହୁରି ଛହେ

Digitized by srujanika@gmail.com

ଟଙ୍କା ଦେବାକୁ । ଖୋକା ଓ ବୁଢ଼ୀର ଦେହ କାଳେ ସେଠି ଖରାପ ହେବ ଏଇ ଚିନ୍ତା ମୋର ଥିଲା । ମୁଁ ଶୀଘ୍ର ସିଲଂ ଛାଡି ଷ୍ଟିମାରରେ ଯିବା କଥା ଚିନ୍ତା କରୁଥିଲି । କିନ୍ତୁ ସେତକ ଆଉହେଲା ନାହିଁ । କାଲି ବି ଚାରି ଜାଗା ବୁଲି କଲିକତା ଫେରିବାକୁ ଦଶ ଦିନ ଖଣ୍ଡେ ଲାଗିଯିବ । ତୁମେମାନେ ମୋ ପାଇଁ ଅପେକ୍ଷା କରିବନି । ବୋଲପୁର ଯାଇ ଜମେଇ ବସ ।

ଖର୍ଚ୍ଚ ପାଇଁ ତୋର ଯାହା ଦରକାର ଗୋପାଳ ପାଖରୁ ନେଇ ଯିବୁ ।   । ଇତି ।

୧୩, କାର୍ତ୍ତିକ ୧୩୨୬ (୩୦,ସେପ୍ଟେମ୍ବର ୧୯୧୯)   ବାବା

❑

- ମନୀଷା-ହେମେନ୍ଦ୍ର ନାଥ ଠାକୁରଙ୍କ କନ୍ୟା
- ବୁଢୀ-ମୀରା ଦେବୀଙ୍କ କନ୍ୟା ନନ୍ଦିତା ।

ଚିଠି ନଂ-୬୨

ଓଁ

ମୀରୁ,

ଆମ ପ୍ଲାନ ଟିକିଏ ବଦଳି ଗଲା । ନରୱେ ସୁଇଡେନ ଯିବା ପାଇଁ ପ୍ରସ୍ତୁତ ହେଉଥିଲି । ଏମିତି ସମୟରେ ଗୋଟାଏ ଗୋଳମାଳ ହେଇଗଲା । ଜଣେ ସୁଇଡିସ ଝିଅ ଆମକୁ ସାଙ୍ଗରେ ନେଇ ଯାଇ ସମସ୍ତ ଦେଶଟା ଦେଖେଇବ ଏବଂ ଲୋକଙ୍କ ସହିତ ପରିଚୟ କରାଇ ଦେବ ବୋଲି ଆମକୁ କହିଥିଲା । ମୁଁ ପ୍ରଥମେ ଭାବିଥିଲି ସେ ମୋର ଜଣେ ଅକୃତ୍ରିମ ଭକ୍ତ । ଦେଖିବାକୁ ମନ୍ଦ ନୁହେଁ । କ୍ରମେ ସନ୍ଦେହ ହେବାକୁ ଲାଗିଲା ଯେ ସେ ଜଣେ ଗୁପ୍ତଚର । ଶେଷରେ ସେଇ ସନ୍ଦେହ ସତ ହେଲା, ଯେଉଁ ଦିନ ଆମର ଯାତ୍ରା କରିବାର କଥା ତା ଆଗଦିନ ଧରା ପଡିଲା । ଏଣେ ଟିକେଟ ପ୍ରଭୃତି କିଣା ସରିଛି । ସେତେବେଳେ ତାକୁ କହି ପଠାଗଲା ଆମେ ସୁଇଡେନ ନ ଯାଇ ଅନ୍ୟ ଆଡ଼େ ଯିବା । ଆପାତତଃ ଫ୍ରାନ୍ସ ଆଡ଼କୁ । ପଅରିଦିନ ଶୁକ୍ରବାର ଯାତ୍ରା କରିବା । ତା ପରେ ସେଠାରୁ ସୁଇଜରଲାଣ୍ଡ ପ୍ରଭୃତି ବୁଲି ସୁଇଡେନ ନରୱେ ଆଡ଼କୁ ଯିବା । ସୁଇଡେନରୁ ମୁଁ ନୋବେଲ ପ୍ରାଇଜ ପାଇଥିଲି । ତେଣୁ ମୋ ଉପରେ ସେମାନଙ୍କର ଗୋଟାଏ ବିଶେଷ ଦାବି ଅଛି । ଅନେକ ଦିନ ଧରି ସେମାନେ ମୋତେ ଡାକୁଛନ୍ତି ।

ଯେତେଦିନ ଇଂଲଣ୍ଡରେ ଥିଲି ସବୁବେଳେ ବର୍ଷା ହେଉଥିଲା । ଅନେକ ଦିନ ପରେ କାଲି ଖରା ହେଇଥିଲା । ଭାବିଥିଲି ଏବେଠାରୁ ବୋଧେ ଆକାଶ ପରିଷ୍କାର ରହିବ । କିନ୍ତୁ ଆଜି ପୁଣି ଆକାଶଟା ମେଘୁଆ ହେଉଛି । ପୁଣି ବୋଧିହୁଏ ବର୍ଷାର ପାଳା ଆରମ୍ଭ ହେବ । ସେ ଯା ହେଉ, ଆମେ ଯେଉଁ ଆଡ଼କୁ ଯାଉଛୁଁ ସେ ଆଡ଼େ ଦେବତାର ପ୍ରସନ୍ନ ମୁହଁ ଦେଖିବାକୁ ପାଇବି । ଏବେ ତୁମମାନଙ୍କର ସେ ଆଡେ ଶ୍ରାବଣ ମାସ । ସେଠିବି ବର୍ଷା ଚାଲିଛି । କଲିକତାର ଗଳି ରାସ୍ତାରେ

Digitized by srujanika@gmail.com

ବର୍ଷା ମେଘ ଏ ସବୁ ଅତି କଦର୍ଯ୍ୟ ଜିନିଷ । ତୋତେ ବୋଧହୁଏ ଭଲ ଲାଗୁ ନଥିବ । ଏଣ୍ଡ୍ରୁଜ ଲେଖିଛି ଅଳ୍ପ ଅଳ୍ପ ବର୍ଷାରେ ଏଥର ଭୀଷଣ ଗରମ ପଡିଛି । ସେ ବିଚାରି ଖୁବ୍ କଷ୍ଟ ପାଉଛି । ତା ଚିଠିରୁ ଖୋକାର ଖବର ମିଳେ । ତାର ପଢା ପଢି କେମିତି ଚାଲିଛି ? ତାର ଦେହ ମନ କେମିତି ଅଛି ଖବର ପାଉଛୁ ତ ? ବୁଢ଼ା କେମିତି ଅଛି ? କଲିକତାରେ ତାର ଦେହ ଭଲ ରହେ ? ଇତି ମଧ୍ୟରେ ସେ ଆହୁରି ଅନେକ କଥା କହିବାକୁ ଶିଖିଥିବ । ତାକୁ ମୋର ଚୁମା ଦେବୁ । । ଇତି ।

ଅଗଷ୍ଟ-୧୯୨୦ ବାବା

□

• ଗୋଟିଏ ଗୋଳମାଳ ଘଟିଗଲା- ଏ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଛନ୍ତି ରବୀନ୍ଦ୍ର ନାଥ ତାଙ୍କ ଗ୍ରନ୍ଥରେ ଦ୍ର: ନରଓ୍ୱେ ଭ୍ରମଣ ଭଣ୍ଡର /ପିତୃସ୍ମୃତି/ ଜିଜ୍ଞାସା (୧୩୭୮) ପୃ ୧୮୦-୧୮୨ ।

ଚିଠି ନଂ -୬୩

ଓଁ

ମୀରୁ,

ଏଣ୍ଡ୍ରୁଜ ଏଥର ବୋମ୍ବାଇରୁ ଚିଠି ଲେଖିଛି । ସେ କେଉଁଠି ହେଲେ ସ୍ଥିର ହୋଇ ରହି ପାରେନା । ଖାଲି ଘୁରି ବୁଲେ । ଏକେତ ତା ଦେହ କେବେ ଭଲ ନଥାଏ । ସେଥିରେ ପୁଣି ଦୌଡା ଦୌଡି । ସେ ଯେତେବେଳେ ଶାନ୍ତିନିକେତନରୁ ଚିଠି ଲେଖେ ତା ଠାରୁ ଶାନ୍ତିନିକେତନର ସବୁ ଖବର ମିଳେ । ବେଶ ଭଲ ଲାଗେ । କିଛି ସମୟ ଲାଗି ଶାନ୍ତିନିକେତନର ଆକାଶ ମୋତେ ଯେମିତି ଘେରି ରହେ । ସେଠାକୁ ଫେରି ଯିବାକୁ ମନଟା ଛଟପଟ କରେ । କିନ୍ତୁ ପୁଣି ଯେତେବେଳେ ଏଠାକାର ଲୋକେ ମୋତେ ଏତେ ଚାହାନ୍ତି, ସେତେବେଳେ ଏଠାକାର ଲୋକଙ୍କ ଦାବିକୁ ମୁଁ ଏଡି ଦେଇ ପାରେନାଁ । ମୁଁ ତ କେବେ ସ୍ୱପ୍ନରେ ବି ଭାବିନି ଯେ ଇଉରୋପରେ ମୋର କେବେ କିଛି କାମ ରହି ପାରେ । ଯେଉଁ ଇଉରୋପରେ ଆମ ପ୍ରାଚ୍ୟ ଦେଶକୁ ଏତେ ଅବଜ୍ଞା କରନ୍ତି ସେଇ ଦେଶ ଯେ ମୋତେ ଏମିତି ଭାବରେ ସମାଦର କରିବ ସେ କଥା ମୁଁ ନିଜେ ଭଲ ଭାବରେ ଚିନ୍ତା କରି ପାରେନା । ଏହା କିପରି ସମ୍ଭବ ହେଲା ? ଯାହା ହେଲେବି ଏବେ ଆଉ ଆଡ଼େଇ ହୋଇ ରହି ହେବ ନାହିଁ । ଧରା ଦେବାକୁ ହିଁ ହେବ । ଏମିତି ହେବାବି ଅସମ୍ଭବ ନୁହେଁ ଯେ ଏଇ ପଶ୍ଚିମ ଦେଶହିଁ ମୋ ଜୀବନର ପଶ୍ଚିମ ଭାଗରେ ମୋର ପ୍ରଧାନ କର୍ମକ୍ଷେତ୍ର ହେବ । ମୋ ପକ୍ଷରେ ସ୍ୱଦେଶ ବିଦେଶରେ ବିଭେଦ ରଖିବା ଚଳିବନି । କିଛି ଦିନ ମଧ୍ୟରେ ଦେଖି ପାରିବୁ । ଶାନ୍ତି ନିକେତନ ସାରା ପୃଥିବୀର ଆଦର ର ବସ୍ତୁ ହୋଇ ଉଠିବ । ସମସ୍ତ ପାଶ୍ଚାତ୍ୟ ଜଗତ ସହିତ ଏହାର ଆତ୍ମିକ ଯୋଗସୂତ୍ର ରହିବ । ସେଠାରେ ଯେଉଁମାନେ ଅଛନ୍ତି ସେମାନଙ୍କ ମନକୁ ସେଇ ବଡ ଆଇଡିଆ ପାଇଁ ପ୍ରସ୍ତୁତ କରିବା ଦରକାର । ଆମ ଶାସ୍ତ୍ରୀ ମହାଶୟଙ୍କ ମନ ଯେପରି ପ୍ରଶସ୍ତ ସେହିପରି ପ୍ରଶସ୍ତ ମନର ଲୋକ ଦରକାର । ଖୁବ୍

Digitized by srujanika@gmail.com

ସମ୍ଭବ, ଏଥର ଆମେରିକାରେ କିଛି ଅର୍ଥ ସଂଗ୍ରହ କରି ଆସି ପାରିବି । ମନେ ହେଉଛି ଏତେ ଦିନକୁ ଭାଦ୍ର ମାସ ପଡିବଣି । ଏଥରତ ଶାନ୍ତି ନିକେତନରେ ପୂଜାର ଛୁଟି ନାହିଁ । ଆଶା କରେଁ ଆଶ୍ୱୀନ କାର୍ତ୍ତିକରେ ସେଠାରେ ଜ୍ୱରର ପ୍ରକୋପ ହେବ ନାହିଁ । ଆଗପରି ସବୁ ପିଲାଙ୍କୁ ଯଦି ନିୟମିତ ପାଞ୍ଚଣ ଖୁଆଇବା ହୁଏ ତେବେ ନିଶ୍ଚୟ ଜ୍ୱରର ଆଶଙ୍କା ରହିବନି । ତୁ ଏବେ କେଉଁଠି ଅଛୁ କେଜାଣି- ହୁଏତ କଲିକତାକୁ ଫେରି ଯାଇଛୁ । ଶୁଣିଛି ସରୋଜଙ୍କ ଘର ଛାଡି ଅନ୍ୟ ଜାଗାକୁ ତୁମ ମାନଙ୍କର ଯିବା କଥା ଚାଲିଛି । ତା ହେଲେ ତୋର ସାଙ୍ଗ କେହି ରହିବେନି । କିନ୍ତୁ ଯଦି ଭଲ ଘର ଆଉ ଖୋଲା ଜାଗା ପାଉ ତା ହେଲେ ହୁଏତ ଭଲର ରହିବୁ ।

। ଇତି ।

ଅଗଷ୍ଟ ୧୯୨୦ ବାବା

□

- ସରୋଜ-ସ୍ୱର୍ଣ୍ଣକୁମାରୀ ଦେବୀଙ୍କର ପୁତ୍ର ସରୋଜନାଥ ମୁଖୋପାଧ୍ୟାୟ। ମୀରାଦେବୀ ସମ୍ଭବତଃ ଏଇ ସମୟରେ ସ୍ୱର୍ଣ୍ଣ କୁମାରୀଙ୍କ ପାଖରେ ଥିଲେ ।

ଚିଠି ନଂ -୬୪

ଓଁ

ମୀରୁ,

ମଝିରେ ମୋର ଆମେରିକା ଯିବା ବନ୍ଦ ହୋଇ ଯାଇଥିଲା । ଗୋଟିଏ ପ୍ରକାର ଭଲ ହୋଇଥିଲା । ବିଶେଷତଃ ତୋ ପାଇଁ ମନ ଅସ୍ଥିର ହୁଏ । ଜାଣେ ତୋର ଦୁଃଖ ମୁଁ ଦୂର କରି ପାରିବିନି । ପୃଥିବୀଟା ବଡ ନିଷ୍ଠୁର । କିନ୍ତୁ ମୁଁ ଥିଲେ ମଝିରେ ମଝିରେ ତୋତେ ଦେଖି ଆସି ପାରନ୍ତି କିମ୍ବା ତୋତେ ଶାନ୍ତି ନିକେତନକୁ ଅଣାଇ ନିଅନ୍ତି । ଅଥଚ ଏଠି ଲୋକଙ୍କ ଠାରୁ ଯେତିକି ସ୍ନେହ ଆଦର ପାଉଛି, ମୁଁ ସେଥିରେ ବୁଝୁଛି ପୃଥିବୀରେ ମୋର କିଛି କାମ ଅଛି ଏବଂ ସେଇଟା ମୋତେ କରିବାକୁ ହିଁ ହେବ । ମୋ ନିଜ ଜୀବନର ସୁଖ ଦୁଃଖ ଇଚ୍ଛା ଅନିଚ୍ଛାରେ ବିଚଳିତ ହୋଇ ମୋର ଉଦ୍ଦେଶ୍ୟକୁ ଭୁଲି ପାରିବି ନାହିଁ । ଏଠି ଇଉରୋପରେ ଏମାନେ ମୋତେ ଯେ କେତେ ଆନ୍ତରିକତାର ସହିତ ଚାହାନ୍ତି ସେ କଥା ଯଦି ତୁ ଦେଖନ୍ତୁ ତା ହେଲେ ଆଶ୍ଚର୍ଯ୍ୟ ହେଇ ଯାଆନ୍ତୁ । ସ୍ୱଦେଶରେ ଲୋକମାନଙ୍କ ପାଖରୁ ମୁଁ କେବଳ ହତାଦର ଓ ପ୍ରତିକୂଳତା ପାଇ ଆସିଛି । ସେ ସବୁ ମୋର ଅଭ୍ୟାସ ହେଇ ଯାଇଛି । ସେଥିପାଇଁ ଏଠାକାର ଲୋକମାନଙ୍କର ବ୍ୟବହାର ଦେଖି ମୁଁ ମୋଟେ ବୁଝି ପାରେନା ଏମାନେ ମୋ ପାଖରୁ କଅଣ ବା ପାଇଛନ୍ତି ଆଉ କାହିଁକି ବା ଏମାନେ ମୋତେ ଏତେ ଭଲ ପାଆନ୍ତି । ହଲାଣ୍ଡ ଯାଇଥିଲି, ସେଠାରେ ଲୋକମାନେ ମୋତେ ଏତେ ଭକ୍ତି କରନ୍ତି ଯେ ମୋର ଲଜ୍ୟା ବୋଧ ହୁଏ । ଏଠାକାର ଲୋକମାନଙ୍କ ପାଖରୁ ଏମିତି ସବୁ ଚିଠି ପାଏଁ ଯାହା ପଢ଼ିଲେ ନିଜର ଅଯୋଗ୍ୟତା ହିଁ କେବଳ ମନକୁ ଆସେ । ଏତେ ବେଶି ସମ୍ମାନ ପାଇବାର ଯୋଗ୍ୟତା

Digitized by srujanika@gmail.com

ମୋର ନାହିଁ। କିନ୍ତୁ ମଣିଷ ଯେତେବେଳେ ହୃଦୟଟିଏ ଉପହାର ଦିଏ ସେତେବେଳେ ସେ ଉପହାରତ ନିଜର ଭୋଗ ବା ଯଶ ପାଇଁ ନେଇ ହୁଏନା-ସେଇ ହୃଦୟକୁ ଜଗତର କାମରେ ଲଗେଇବାକୁ ହୁଏ । ମୁଁ ଇଉରୋପର ମନକୁ ଏବେ ଆମ ପୂର୍ବକୁ ନେଇଯିବି । ଶାନ୍ତି ନିକେତନ ସେଇ ପୂର୍ବ ଓ ପଶ୍ଚିମର ମିଳନ କ୍ଷେତ୍ର ହେବ । ତୁ ଶୀଘ୍ର ଦେଖିବୁ ଇଉରୋପର ଛାତ୍ରମାନେ ବିଶ୍ୱ ଭାରତୀରେ ଆସି ଆମ ଛାତ୍ରମାନଙ୍କ ସାଥିରେ ମିଶୁଛନ୍ତି। ସେଥିପାଇଁ ମୋତେ ପୁଣି ଥରେ ଆମେରିକା ଯିବାର ଆୟୋଜନ କରିବାକୁ ହେଉଛି । ଏଆଡେ ଦେଶକୁ ଫେରିବାକୁ ମୋ ମନ ଅସ୍ଥିର ହେଉଛି। ଅଥଚ ମୋ ବିଧାତାଙ୍କ ପାଖରୁ ମୁଁ କୌଣସି ମତେ ଛୁଟି ପାଉନି। ଏଇ କଷ୍ଟ ବିନିମୟରେ ହିଁ ମୋ ଜୀବନର ସାର୍ଥକତା ମୋତେ କିଣିବାକୁ ହେବ । ବିଧାତା ମୋତେ ଅନେକ ଦୁଃଖ ଦେଇଛନ୍ତି । କିନ୍ତୁ ସେ ଦୁଃଖରେ ସେ ମୋତେ ବ୍ୟର୍ଥ ହେବାକୁ ଦେବେ ନାହିଁ। ଅନେକ ସାର୍ଥକତା ମଧ୍ୟ ପାଇଛି। ମୁଁ ତାଙ୍କ ପାଖରେ ଏହାହିଁ ପ୍ରାର୍ଥନା କରେଁ ତୋର ଦୁଃଖକୁ ସେ ମହୀୟାନ କରନ୍ତୁ । ତୋ ଜୀବନ ଯେମିତି ବେଦନା ଭିତରେ ବ୍ୟର୍ଥ ନ ହୁଏ । ଆଶୀର୍ବାଦ ଛଡା ମୁଁ ତୋତେ ଆଉ କିଛି ଦେଇ ପାରୁ ନାହିଁ।

। ଇତି ।

(ଅକ୍ଟୋବର, ୧୯୨୦) ବାବା

❑

ଚିଠି ନଂ-୬୫

ଓଁ

ମୀରୁ,

ଆଜି ଆଉ କେତୋଟି ଘଣ୍ଟା ପରେ ଲଣ୍ଡନ ଛାଡିବାକୁ ହେବ। କାଲି ଏଠାରୁ Ply mouth ଜାହାଜରେ ଚଢ଼ିବା । ତା ପରେ ଆମେରିକା । ଏବେ ଆଉ କିଛିଦିନ ପାଇଁ ଚିଠି ପାଇବୁନି । ଆମେରିକା ଯାଇ କେବଳ Lecture ଦେଇ ବୁଲିବାକୁ ହେବ। ଏଥର ପ୍ରାକ୍, ହଲାଣ୍ଡ, ବେଲ୍‌ଜିଅମରେ ବୁଲି ଖୁବ୍ ଆଦର ଅଭ୍ୟର୍ଥନା ପାଇଛି। ଇଉରୋପର ଏଇ ସବୁ ଦେଶରେ ଏମାନେ ଯେ ମୋତେ ଏତେ ଚାହାନ୍ତି ଏହା ମୋର ସ୍ୱପ୍ନର ବାହାରେ ଥିଲା। ଏବେ ଦେଖିଲି ଇଉରୋପର ସବୁ ଦେଶରେ ମୋ ପାଇଁ ସ୍ଥାନ ତିଆରି ହେଇ ରହିଚି। ଆମେରିକାରୁ ଫେରି ଆସି ଥରେ ଇଉରୋପର ପ୍ରଧାନ ପ୍ରଧାନ ଦେଶରେ ସେମାନଙ୍କ ନିମନ୍ତ୍ରଣ ରକ୍ଷା କରି କେତୋଟି ସଭାରେ ଯୋଗ ଦେବାକୁ ହେବ। ନଚେତ ସେମାନେ ଦୁଃଖ କରିବେ । କେତେଦିନ ହେଲା ଏଠାରେ ବହୁତ ଥଣ୍ଡା ପଡିଛି । ଆମେରିକାରେ ଏହାଠାରୁ ଥଣ୍ଡା ହେଲେ ସେଠାରେ ସେମାନେ ସେମାନଙ୍କର ପୂରା ଘରଟା ଗରମ ହାୱା ଦେଇ ଏମିତି ଗରମ କରି ରଖନ୍ତି ଯେ ଶୀତରେ କଷ୍ଟ ହୁଏନା । ଏଠି ଖଣି ଶ୍ରମିକମାନେ Strike କରିଛନ୍ତି । ବୋଧହୁଏ ସମସ୍ତ ଶୀତଋତୁଟା ଏଠାରେ କୋଇଲାର ଅଭାବ ରହିବ । ଘରର

Digitized by srujanika@gmail.com

ଏବଂ ରାସ୍ତାର ଆଲୋକଗୁଡିକ ବି କମେଇ ଦେବାକୁ ହେବ । ତା ହେଲେ ଶୀତରେ ସେଇ ଥଣ୍ଡାରେ ଏବଂ ଅନ୍ଧକାରରେ କେମିତି ଖରାପ ଲାଗିବ ତାହା ବୁଝି ପାରୁଛି । ଖାଦ୍ୟ ଦ୍ରବ୍ୟର ବି ଅଭାବ ପଡିବ । ମୁଁ ତ ଯାଉଛି-କିନ୍ତୁ ରଥି ଏବଂ ବଉମା ଏଠାରେ ଆହୁରି କିଛି ଦିନ ରହିବେ । ଏଇଟା ଅବଶ୍ୟ ମୋତେ ଭଲ ଲାଗୁନି । ବଉମା ସୁସ୍ଥ ହେଇ ଉଠିଲା ମାତ୍ରେ ବୋଧହୁଏ କିଛିଦିନ ପାଇଁ ଫ୍ରାନ୍ସ ଯିବେ । ସେଠାରୁ ଆମେରିକା ଯାତ୍ରା । ତା ପରେ ଆମେ ଯେତେବେଳେ ଆମେରିକାରେ ପହଞ୍ଚିବା ସେତେବେଳେ ସେଠାରେ ପ୍ରେସିଡେଣ୍ଟ ନିର୍ବାଚନ ପାଇଁ ଖୁବ୍ ଚହଳ ପଡି ଯାଇଥିବ । ଭାବୁଚି ଏମିତି ସମୟରେ ସେଠାରେ ବକ୍ତୃତା ଦେଇ ଲୋକଙ୍କୁ ଆକର୍ଷଣ କରିବା ହୁଏତ କାଠିକର ପାଠ ହୋଇପାରେ । କିନ୍ତୁ ଏହା ପରେ ଗଲେ ବଡ ବେଶି ଶୀତ ପଡିବ । ତେଣୁ ଟିକିଏ ଶୀଘ୍ର ଯିବାକୁ ପଡିବ । ମୋର ଏ ଚଠି ଯେତେବେଳେ ପହଞ୍ଚିବ, ସେତେବେଳେ ତୁମର ସେଠାରେ ବି ଶୀତ ପଡିବାକୁ ଆରମ୍ଭ କରିଥିବ । ଏ ବର୍ଷର ଶୀତ ସହିତ କଲିକତାରେ ଇନ୍‌ଫ୍ଲୁଏଞ୍ଜା ପ୍ରଭୃତି କୌଣସି ଉପସର୍ଗ ଦେଖା ନ ହେଲେ ମୁଁ ନିଶ୍ଚିତ ହେବି । ଅନେକ ଦିନ ଯାଏ ନିଜ ଦେଶରୁ କୌଣସି ଚିଠି ପତ୍ର ମଧ ମିଳିବନି । ଏଥର ଡାକରେ ଚିଠି ଆସିବା ଆଗରୁ ଆମକୁ ଚାଲି ଯିବାକୁ ହେଉଛି । ଠିକ୍ ଏଇ ସମୟରେ ତୁମମାନଙ୍କ ସେଠାରେ ପୂଜାର ହାଙ୍ଗାମା ଆରମ୍ଭ ହୋଇଯିବଣି । ଏବେ କେଉଁଠାରେ ଅଛୁ କେଜାଣି, ବୁଢ଼ୀକୁ ମୋର ଚୁମା ଦେବୁ । ।ଇତି।

(୧୯୨୦, ଅକ୍ଟୋବର) ବାବା

□

- ପ୍ରେସିଡେଣ୍ଟ ନିର୍ବାଚନ-ଆମେରିକା ଯୁକ୍ତରାଷ୍ଟ୍ରର ୨୯ ତମ ରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗରେ ମନ୍ତବ୍ୟ Warren Gamaliel Harding (୧୮୬୫-୧୯୨୩) ନିର୍ବାଚିତ ହୋଇଥିଲେ ।

ଚିଠି ନଂ-୬୬

ଓଁ

Hotel Algonquin
Newyork

ମୀରୁ,

ଆଟଲାଣ୍ଟିକର ଏ ପାରିକୁ ଆସିବା ଦିନଠାରୁ ତୋତେ ଚିଠି ଲେଖି ପାରିନି । ନୂଆ ଜାଗାକୁ ଆସି ସଜାସଜି କରି ବସିବାକୁ କିଛିଟା ସମୟ ଲାଗେ । ବିଶେଷତଃ ଏଠାରେ ଲୋକମାନଙ୍କର ବହୁତ ଭିଡ । ଏଥର ଜାହାଜରେ ଗୋଟିଏ ଭଲ କେବିନ ନେଇଥିଲି । ତା ସାଙ୍ଗକୁ ଗାଧୋଇବା ଘର ଥିଲା । ତେଣୁ ମୋର କିଛି ଅସୁବିଧା ହୋଇନି । ବହୁତ ସମୟ ବସି କେବିନରେ ବକ୍ତୃତା ଲେଖିବାକୁ ସମୟ ମିଳୁଥିଲା । କିନ୍ତୁ ଏଇ ଧରଣର କେବିନର ଦାମ୍ ଖୁବ ବେଶି । ଯଦି

Digitized by srujanika@gmail.com

ଆମେରିକାକୁ ଆସି ଟଂକା ରୋଜଗାରର ଇଚ୍ଛା ନ ଥାଆନ୍ତା, ତା ହେଲେ ପାରନ୍ତି ନାହିଁ । ମଝିରେ ମଝିରେ ସମୁଦ୍ରର ତରଙ୍ଗ ଯୋଗୁଁ ଆମ ଜାହାଜ ଖୁବ୍ ଦୋହଲୁ ଥିଲା । କିନ୍ତୁ ଆଜିକାଲି ମୋର ସେଥିରେ ଆଉ କଷ୍ଟ ହୁଏନା । କିନ୍ତୁ ଯେଉଁମାନଙ୍କର କଷ୍ଟ ହୁଏ ସେମାନଙ୍କ ପକ୍ଷେ ବଡ ଅସହ୍ୟ ହୁଏ । ଏଥର ଏଠାକୁ ଆସିବା ଠାରୁ ଶାନ୍ତି ନିକେତନ ପାଇଁ ଟଙ୍କା ଉଠେଇବା ଚେଷ୍ଟାରେ ଲାଗି ଯାଇଛି । ଆପାତତଃ ଲୋକମାନଙ୍କ ସହିତ କଥାବର୍ତ୍ତା ଚାଲିଛି । ଦେଖିଶୁଣି ମନେ ହେଉଛି ଖାଲି ହାତରେ ଫେରିବାକୁ ହେବ ନାହିଁ । ଚିରଦିନ ଟଙ୍କା ପଇସାର ଅଭାବ ନେଇ ଅସ୍ଥିର ହେଇ ରହିବାକୁ ପଡୁଛି । ଥରେ ଥରେ ମନେ ହୁଏ ସବୁ ଛାଡି ଦେବି । ମନେ ହୁଏ ପଦ୍ମାର ବାଲି ଟାପୁରେ ଆଗପରି ବୋଟ୍ ଲଗାଇ ବସି କବିତା ଲେଖିବା ଏହାଠାରୁ ଅନେକ ଭଲ । କିନ୍ତୁ ଏଥର ଟଙ୍କାର ଚିନ୍ତାରୁ ମୁକ୍ତି ନ ନେଇ ମୁଁ କୌଣସି ପ୍ରକାର ଫେରୁନି ।

ଆଜି ସଂଧ୍ୟାରେ ମୋର ପ୍ରଥମ ବକ୍ତୃତା । ଏଇଟା ଯଦି କୌଣସି ପ୍ରକାରେ ଉତୁରି ଆସେ ତା ହେଲେ ବକ୍ତୃତାର ଜୁଆରରେ ଟଙ୍କା ଭାସି ଆସିବ । ମୋ ବକ୍ତୃତାର ବିଷୟ Meeting of the west and the East" ସେଥିରେ କିଛି କଡା କଥା ଅଛି । କିନ୍ତୁ ଏ ଦେଶର ଲୋକେ କଡା କଡା କଥା ହଜମ କରି ଜାଣନ୍ତି । ସତକଥା ଶୁଣିବା ପାଇଁ ଶକ୍ତିର ପ୍ରୟୋଜନ ହୁଏ । ଏମାନଙ୍କର ସେ ଶକ୍ତି ଅଛି । ଆମ ଦେଶର ଲୋକଙ୍କୁ କେବଳ ମନଭୁଲାଣିଆ କଥା କହିବାକୁ ହୁଏ । ଏଠାରେ ଆମ ଦେଶର ଅନେକ ପିଲା ଅଛନ୍ତି । ଯେଉଁମାନେ ଖାଲି ବିଦ୍ରୋହର ମତଲବରେ ବୁଲନ୍ତି । ଶୁଣିଛି ଏମାନଙ୍କ ଦଳ ଦେଶ ଦେଶାନ୍ତରରେ ବିଛାଡି ହେଇ ପଡିଛନ୍ତି । ସେମାନେ ଅଧିକାଂଶ ବଂଗାଳୀ । ଗୋଟାଏ ଜିନିଷ ଦେଖି ଖୁବ୍ ଖୁସି ଲାଗୁଛି । ଏଠାରେ ଅଳ୍ପକାଳ ମଧରେ ଆମ ଦେଶର ଅନେକ ଲୋକ ଖୁବ ବଡ ଧରଣର ବ୍ୟବସାୟ କରି ପାରିଛନ୍ତି । ଯଥେଷ୍ଟ ଲାଭ ମଧ କରିଛନ୍ତି । । ଜଣେତ Millionaireହେଇ ଯାଇଛନ୍ତି । ଅନେକ ବଙ୍ଗାଳୀ ପିଲା ଏଇ କାମରେ ଲାଗି ପଡିଛନ୍ତି । ତୋ ଚିଠିରୁ ବିଚରା ସନ୍ତ୍ରିର କଥା ପଢ଼ି ବଡ କଷ୍ଟହେଲା । ହିନ୍ଦୁ ଇଉନିଭରସିଟିର କର୍ତ୍ତୃପକ୍ଷଯେ ଏମିତି ଅମଣିଷ ତା' ଜାଣି ନଥିଲି । ସନ୍ତ୍ରିର ମାଆଙ୍କ ମନରେ ଖୁବ୍ କଷ୍ଟ ହେଇଥିବ । ଏଠାରେ ଶୀତ କ୍ରମଶଃ ଜମି ଆସୁଛି । ତେବେ ଇଂଲଣ୍ଡ ପରି ନୁହେଁ । ସୂର୍ଯ୍ୟାଲୋକର ଅଭାବ ନାହିଁ । ଘର ଦୁଆରବି ଏମାନେ ବେଶ ଗରମ କରି ଦିଅନ୍ତି ବରଂ ଟିକିଏ ବେଶି ମାତ୍ରାରେ । ।ଇତି ।

୧୦, ନଭେମ୍ବର, ୧୯୨୦ ବାବା

❑

• ମୋର ପ୍ରଥମ ବକ୍ତୃତା-୧୦ ନଭେମ୍ବର ୧୯୨୦ । ବ୍ରୁକ୍‌ଲିନ୍ ଇନ୍‌ଷ୍ଟିଚିଉଟରେ ଆୟୋଜିତ ସଭା । ସନ୍ତ୍ରିର କଥା -ଶ୍ରୀଶଚନ୍ଦ୍ର ମଜୁମଦାରଙ୍କ ପୁତ୍ର ।

Digitized by srujanika@gmail.com

ଚିଠି ନଂ -୬୭

Hotel Algonquin
Newyork

ଓଁ

ମୀରୁ,

ରଥି ଏବଂ ବଉମା ପଅରି ଦିନ ଏଠାରେ ଆସି ପହଞ୍ଚିଛନ୍ତି । ମୁଁ ତ ଆସିବା ଦିନଠାରୁ ନିଉୟର୍କର ଏଇ ହୋଟେଲରେ ରହୁଛି । ଏଇଟା କେମିତି ଟିକିଏ ଖରାପ ଲାଗେ ତୁ ବୁଝି ପାରିବୁନି । ମୋର ସ୍ୱଭାବ ତୋ ପରି ଘର ମୁହଁ । ନୂଆ ନୂଆ ଲୋକମାନଙ୍କ ସହିତ ଦୈନିକ ଦେଖା ସାକ୍ଷାତ କରିବାକୁ ମନ ସଂକୁଚିତ ହେଇ ଉଠେ । ମୁଁ ଦିନ ମଧ୍ୟରେ ଅନ୍ତତଃ ଦଶଥର ମୋର ସେଇ 'ଉତ୍ତରାୟଣ' ବାରଣ୍ଡାରେ ଥିବା ଆରାମ କେଦାରର ଛବିଟାକୁ ମନେ ପକାଏ । ଏଠାକାର ସବୁ କିଛି ଠାରୁ ତାହା ଯେ କେତେ ଭିନ୍ନ ସେ କଥା ଆଉ କଅଣ କହିବି ।

ଏଠାରେ ସେ ଆକାଶ, ସେ ଅବକାଶ, ସେ ସରଳ ଜୀବନ ଯାତ୍ରାର ରସ ଟୋପାଏବି ଏଠି ମିଳିବାର ନାହିଁ । ମୋ ପକ୍ଷରେ କେବଳ ଗୋଟାଏ ବଡ ଜିନିଷ ଏଠାରେ ଅଛି । ଏଠାରେ ମଣିଷ ପାଇଁ ମଣିଷର ଚିନ୍ତା ଆମ ଦେଶଠାରୁ ଅନେକ ବେଶି ଉଦ୍‌ବୋଧିତ । ଏଠାରେ ବହୁ ହଟଗୋଳ ଭିତରେ ମଧ ବିଶ୍ୱମାନବର ଦର୍ଶନ ମିଳେ । ସେଇ ବିରାଟ ପୁରୁଷଙ୍କ ଦର୍ଶନ ହିଁ ନିଜର ବ୍ୟକ୍ତିଗତ ଜୀବନର ସୁଖଦୁଃଖର ଆନ୍ଦୋଳନକୁ ତୁଚ୍ଛ କରିଦିଏ । ଆମ ଦେଶର ଲୋକମାନେ ଅତ୍ୟନ୍ତ କ୍ଷୁଦ୍ର ହେଇ ରହିଛନ୍ତି-କେବଳ ଯେ ସେମାନଙ୍କ ଜୀବନ କ୍ଷେତ୍ର ଛୋଟ ତା ନୁହେଁ-ତାର ଚିନ୍ତାର ଆକାଶ ବି ସଂକୀର୍ଣ୍ଣ । ଏଇଥି ପାଇଁ ଛୋଟ ବାଧା ବଡ ହୋଇ ଉଠେ । ଛୋଟ ବ୍ୟଥା ବଡ ହୋଇ ଦେଖାଯାଏ ଆମେ ନିଜେ ନିଜକୁ ବଡ କରି ଦାନ କରି ପାରୁନା । ଏଠାରେ ମୋର ଗୋଟିଏ ମାତ୍ର ସୁଖ ଏଇ ଯେ ମୁଁ ମଣିଷ ପାଇଁ ଯାହା ଚିନ୍ତା କରେଁ, ଆଗାମୀ ଯୁଗର ଯେଉଁ ରୂପ ମୁଁ ଦେଖେଁ, ସେଇଟା ଏମାନଙ୍କ ଆଗରେ ମେଲି ଧରିଲେ ତାହା ବ୍ୟର୍ଥ ହୁଏନା । ବଡ ସତ୍ୟକୁ ସମସ୍ତେ ମିଶି ଦେଖିବା,ବଡ ଆଶାକୁ ସମସ୍ତେ ମିଶି ଅନ୍ତର ମଧ୍ୟରେ ଗ୍ରହଣ କରିବା ପରି ଆନନ୍ଦ ଖୁବ୍ କମ ଥାଏ । ଏଠାରେ ସେଇ ଆନନ୍ଦର ଆଭାସ ମୁଁ ପ୍ରତି ମୁହୂର୍ତ୍ତରେ ପାଏଁ । ପଚାଶ ବର୍ଷ ଭାରତ ବର୍ଷର ଗୋଟିଏ କୋଣରେ ମୁଁ ବିତେଇଛି-ସେଠାରେ ମୋ ଜୀବନର ଯେଉଁ ଫସଲ ଫଳିଛି, ସେଇ ଫସଲ ଏଠାକାର ଲୋକମାନେ ଦାବି କରୁଛନ୍ତି । ଏହା ମୋ ପକ୍ଷରେ ଖୁବ୍ ସୌଭାଗ୍ୟର ବିଷୟ । କେବଳ ସେତିକି ନୁହେଁ । ଏହା ଫଳରେ ମୋର ଆତ୍ମୋପଲବ୍ଧି ପ୍ରଶସ୍ତ ହେଇ ଯାଇଛି । କେବଳ ଭାରତବର୍ଷର ଚତୁଃସୀମା ଭିତରେ ମୋର ଧ୍ୟାନ, ମୋର ସାଧନା, ମୋର ଆଶା, ଆଉ ଆବଦ୍ଧ ହେଇରହି ପାରେନା । ମଣିଷମାନେ ମୋତେ ସବୁ ଦିଗରୁ ଡାକିଛନ୍ତି-ମୋତେ ସତ୍ୟ ହେବାକୁ ହେବ ସବୁ ମଣିଷଙ୍କ ପାଖରେ । ସେଥିପାଇଁ ପ୍ରସ୍ତୁତ ହେବାକୁ ହେଲେ ଅନେକ ଆତ୍ମ ହୁଏତ ଅନେକ ବାଧା ଆସିବ । ଯେଉଁମାନେ ଗୋଷ୍ଠୀର ସରଦାର, ଯେଉଁମାନେ ଗୋଷ୍ଠୀକୁ ଛାଡି ବିଶ୍ୱକୁ ଦେଖି ପାରନ୍ତି

Digitized by srujanika@gmail.com

ନାହିଁ, ସେମାନେ ଗୋଠଛଡାକୁ ବି' ଆଖିରେ ଦେଖି ପାରନ୍ତି ନାହିଁ । ଚିରଦିନ ମୁଁ ରାଷ୍ଟ୍ରନୈତିକ ଦଳ, ଧର୍ମ ସାମ୍ପ୍ରଦାୟିକ ଦଳ, ସାହିତ୍ୟିକ ଦଳ ଓ ସମାଜିକ ଦଳ ପାଖରୁ ଆଘାତ ପାଇ ଆସିଛି । ମୁଁ ଯଦି ସେମାନଙ୍କ ବିରୁଦ୍ଧ ଦଳ ହୋଇ ଥାଆନ୍ତି ତା ହେଲେ ସେମାନେ ମୋତେ କ୍ଷମା କରି ଥାଆନ୍ତେ । କିନ୍ତୁ ମୁଁ ଯେ ସେମାନଙ୍କର ପକ୍ଷଭୁକ୍ତ ନୁହେଁ । ଏଥିରେ ସେମାନେ ଅଗ୍ନିଶର୍ମା ହୋଇ ଯାଆନ୍ତି । ହେଲେ ମୋ ଗୋଡରେ ତ କେହି ଶିକୁଳି ଲଗେଇ ପାରିବେ ନାହିଁ । ଯାହାବି ହେଉ ପାଶ୍ଚାତ୍ୟ ସହିତ ପୈ୍ୟତ୍ୟ ପାଇଁ ମୋତେ ଆଉ ପଶ୍ଚିମକୁ ଆସିବାକୁ ପଡିବନି । ଆଉ ପାରିବିନି ମଧ । ଯେତେ ଶିଘ୍ର ପାରେଁ ଏଠାକାର କାମ ଶେଷ କରି ଫେରିବାକୁ ଚେଷ୍ଟା କରୁଛି । ତା ପରେ ସେଠାରୁ ଆଉ କୌଣସି ପ୍ରକାରେ ହଲିବିନି । ସେତେବେଳକୁ ସେଠାକାର କାମ ମଧ ଭାରି ହେଇ ଯାଇଥିବ । ମୁଁ ଯେଉଁ ବିଶ୍ୱବିଦ୍ୟାଳୟ କରିବାକୁ ଚାହୁଁଚି ତାହା ପ୍ରକୃତ ଅର୍ଥରେ ବିଶ୍ୱବିଦ୍ୟାଳୟ ହେବ । ତୁମମାନଙ୍କର ଯାହା ଯେତେ ଶକ୍ତି ଅଛି ତାକୁ ମୁଁ ସେଠାରେ କାମରେ ଲଗାଇବି । ପ୍ରକୃତ ସତ୍ୟ କାମରେ ଯୋଗ ଦେବାଛଡା ଆଉ କୌଣସି କାମରେ ମୁକ୍ତି ନାହିଁ । ଆଉ ସବୁଥିରେ କେବଳ ଦୁଃଖ ।

। ଇତି ।

ନିଉୟର୍କ, ୨୨, ଡିସେମ୍ବର, ୧୯୨୦, ପୋଷ୍ଟମାର୍କ

ବାବା

❑

- ଆରାମ କେଦାର -ବେତବୁଣା କାଠର ବଡ ଆରାମ ଚେଆର

ଚିଠି ନଂ-୬୮

ଓଁ

ମୀରୁ,

ତୋ ଦୁଃଖରେ ମୋ ହୃଦୟ ଭରି ରହିଛି । ମୁଁ ଗୋଟିଏ ଦିନ ମଧ ତାକୁ ଭୁଲି ପାରୁନି । ତୋର ଏ ଦୁଃଖ ଦୂର କରିପାରେଁ, ଏ ଶକ୍ତି ମୋର ନାହିଁ । ମୋର ଯେତେଦୂର ଯାଏ ସାଧ ଅଛି ମୁଁ ଚେଷ୍ଟା କରିବି । ମୋ ଫେରିବା ଲାଗି ଆଉ ବେଶି ଡେରି ନାହିଁ । ଜୁନମାସ ଆରମ୍ଭରେ ହିଁ ଜାହାଜ ଚଢ଼ିବି । ଜୁନ ଶେଷ ଆଡକୁ ଯାଇ ତୁମମାନଙ୍କ ପାଖରେ ପହଞ୍ଚିବି । ସେଠାକୁ ଯିବାକୁ ଏତେଦିନ ଧରି କେବଳ ଛଟପଟ ହେଉଛି । କେତେଥର ଭାବିଛି ସବୁ ଛାଡିଦେଇ ଚାଲିଯିବି । କିନ୍ତୁ ଚାଲିଯାଇ ଥିଲେ ନିଜେ ସେ ପରାଭବ ପାଇ ଥାଆନ୍ତି । ନିଜ ପାଖରେ ନିଜେ ହିଁ ଲଜ୍ଜିତ ହୁଅନ୍ତି । ତେଣୁ କଠିନ ଦୁଃଖ ସ୍ୱୀକାର କରି ମଧ କର୍ତ୍ତବ୍ୟ ପାଳନ କରିବାକୁ ଚେଷ୍ଟା କରିଛି । ମୋର କର୍ତ୍ତବ୍ୟ ହେଉଛି ପୂର୍ବ ଓ ପଶ୍ଚିମର ମିଳନ କରାଇବା । ସେଇ କାମର ବୋଝ ନେଇ ଏଠାକୁ ଆସିଛି । ସେଇ କାମର ବୋଝ ନେଇ ସ୍ୱଦେଶକୁ ଫେରିବି । ଏ କଥା ମୁଁ ବାରମ୍ବାର ନାନା ଭାବରେ ବୁଝିଛି ଯେ ତୁମମାନଙ୍କ ମେଳରେ ବ୍ୟକ୍ତିଗତ ଜୀବନରେ ମୁଁ ସୁଖୀ ହେବି, ଇଶ୍ୱର ମୋତେ ସେ ସୁଯୋଗ ଦେବେ ନାହିଁ ।

Digitized by srujanika@gmail.com

ମୋର କୌଣସି ବଂଧନକୁ ସେ ମଂଜୁରୀ ଦେବେ ନାହିଁ । ଚିରଦିନ ମୋତେ ଏକୁଟିଆ ରଖିବେ । କେବଳ ସେତିକି ନୁହେଁ-ମୋର ଆତ୍ମୀୟତାର ସମସ୍ତ ପଥକୁ ସେ ବନ୍ଦ କରିଦେବେ । ଯେତେ ଇଚ୍ଛା କଲେବି ଘରେ ମୋର ଶାନ୍ତି ପ୍ରତିଷ୍ଠିତ ହେବ ନାହିଁ । ସତ୍ୟର ଅନୁସଂଧାନ ମୋର ଗତି ସର୍ବତ୍ର ଅବାରିତ ସୁଖର ଆଶା ରଖନା ମୀରୁ, ଦୁଃଖକୁ ଡରନା । ତୁ ଯେ କୌଣସି ଶାସନ ଭୟରେ ନିଜର ସତ୍ୟକୁ ବିକି ଦେବାକୁ ଚାହୁଁନା-ଏତିକିରେ ମୁଁ ଖୁସି । ଜୀବନ କେତେଦିନ ପାଇବା ? ସତ୍ୟ ହିଁ ସେଇ ଜୀବନକୁ ଚିରକାଳ ପାଇଁ ମୂଲ୍ୟ ଦିଏ । ଅସହନୀୟ ଦୁଃଖ ଭିତରେ ସତ୍ୟର ପରୀକ୍ଷା ହୁଏ । ସଫଳ ବେଦନା ଉପରେ ଖାଣ୍ଟି ସତ୍ୟର ପ୍ରମାଣିତ ହେଉ । । ଇତି ।

୧୯୨୧ ବାବା

❑

ଚିଠି ନଂ-୬୯

ଓଁ

ମୀରୁ,

କାଲି ବମନ ଜୀ ଆସିବେ । ତୋତେ ତଳ ଘରେ ରଖିବା ସ୍ଥିର କରିଛି । କାହିଁକି ନା ବେଣୁ କୁଂଜରେ ଅନ୍ୟ ଅତିଥି ଅଛନ୍ତି । ତୋର ସେଠାରୁ ତଳେ ପାରିବା ପାଇଁ ଗୋଟିଏ ସତରଂଜ ଏବଂ ମୁଁ ତୁମମାନଙ୍କ ଠାକୁ ଯେଉଁ ଖଟିଆଟା ପଠାଇଥିଲି ସେଇ ଖଟିଆ ଏଇ ଲୋକ ମାରଫତ୍ ପଠାଇ ଦେବୁ ।

ତୁମେମାନେ ଚାଲି ଯିବାରୁ ମୋ ଘର ଭୀଷଣ ଭାବରେ ଫାଙ୍କା ହୋଇ ଯାଇଛି । ବୁଢ଼ୀଟା ସେଠାକୁ ଯାଇ ଠିକ ଅଛି ତ ? ନାତିକୁ ଏବେ ବଡ ଏକୁଟିଆ ଲାଗୁଥିବ । କିଛି ଦିନର ନିର୍ଜନବାସ ହୁଏତ ତାର କିଛି ଉପକାରରେ ଆସି ପାରେ । ହେଲେ ପିଲାଙ୍କ ପାଇଁ ସାଙ୍ଗସୁଖଟା ମଧ୍ୟ ଦରକାର । । ଇତି ।

ବାବା

❑

- ବମନଜୀ ଆସିଲେ ନଗେନ ଯଦି ଆସି ତାଙ୍କ ସାଙ୍ଗରେ ଦେଖା କରି ଯାଆନ୍ତା ଭଲ ହୁଅନ୍ତା । ଭଲ ଭାବରେ ପରିଚୟ ଥିବା ଭଲ । (ମାର୍ଚ୍ଚ ୧୯୨୨)
- ବମନଜୀ-ଏସ୍.ଆର.ବମନଜୀ । ବୋମ୍ବେର ଏଇ ଧନୀ ପାର୍ଶି ବିଶ୍ୱଭାରତୀକୁ ନାନା ଭାବରେ ସାହାଯ୍ୟ କରିଛନ୍ତି । ୧୯୨୦-୨୧ ମସିହାରେ ଇଉରୋପ ଭ୍ରମଣ ବେଳେ ସେ ରବୀନ୍ଦ୍ର ନାଥଙ୍କ ସଙ୍ଗି ହୋଇଥିଲେ । ଭାରତର ବଡ଼ଲାଟ ଲର୍ଡ଼ ରିଡିଂକୁ ଭାରତ ସଚିବ ମଣ୍ଟେଗୁ ଲେଖିଛନ୍ତି-This week I have had a very disconcerning interview with Bomauji.He has been touring Europe with Tagore, and came to tell me that despite my

Digitized by srujanika@gmail.com

promise to help Tagore...Tagore was not returning to England. He had been received with such enthusiasm and popularity all over the continent and had received so cold a welcome in England that he was determind not to come back again".

Mantagu to Reading Dt.6th July,1921.(Ref-Montagu Pages,Mss.EUR/D523)

ରବୀନ୍ଦ୍ରନାଥଙ୍କ ଲେଖା ବମନଜୀ ଙ୍କର ଗୋଟିଏ ଚିଠି (୧୭ ଫେବୃଆରୀ ୧୯୨୨) ରବୀନ୍ଦ୍ର ଭବନ ସଂଗ୍ରହ) ରୁ ମନେହୁଏ ଏହି ସମୟରେ ସେ ଶାନ୍ତି ନିକେତନକୁ ଆସିଥିଲେ ।

- ବେଣୁକୁଂଜ-ଶାନ୍ତି ନିକେତନର ଗୋଟିଏ ଘର ।
- ନାତି-ମୀରାଦେବୀଙ୍କ ପୁତ୍ର ନୀତିନ୍ଦ୍ର ନାଥ ।

ଚିଠି ନଂ-୭୦

ଓଁ

ମୀରୁ,

ତୁମମାନଙ୍କ ଖବର ପାଇ ନିଶ୍ଚିତ ହେଲି । ବୁଢ଼ୀ ସେଠାକୁ ଯାଇ କେମିତି ଅଛି ? ସେଠାକୁ ଯାଇ ବୋଧହୁଏ ଖୋଲା ପଡିଆ ଏବଂ ବଂଧୁ ମଣ୍ଡଳୀର ଅଭାବ ଅନୁଭବ କରୁଛି । ତୁମେମାନେ ଯିବା ପରେ ୫ଡ ବର୍ଷା ହେଇ, ଏଠାରେ ଗରମ ପ୍ରାୟ ନାହିଁ କହିଲେ ଚଳେ । ଏବେବି ଆକାଶ ମେଘାଚ୍ଛନ୍ନ ଅଛି । ମନେହୁଏ ମଝିରେ ମଝିରେ ବର୍ଷା ହେବ । ତୁମମାନଙ୍କର ସେଠାରେବି ବୋଧହୁଏ ଗରମ ନାହିଁ । ତୁମମାନଙ୍କ ଘରେ ଯେଉଁ ସବୁ ଅଧ୍ୟାପକମାନେ ଅଛନ୍ତି-ସେମାନଙ୍କ ସାଙ୍ଗରେ ତୋର ବୋଧହୁଏ ବଂଧୁତ୍ୱ ଆରମ୍ଭ ହେଉଛି । ନୀତୁକୁ ଛୁଟିରେ ଟିକିଏ ଅଂକ ଅଭ୍ୟାସ କରାଇବାର ଚେଷ୍ଟା କରିବୁ । ବେଶି କଡା ଶାସନ କଲେ ତାର ବୁଦ୍ଧି ଗୋଳେଇ ଯିବ ।

। ଇତି ।

ଶାନ୍ତିନିକେତନ, ୨୬, ମଇ୧୯୨୨, ପୋଷ୍ଟମାର୍କ — ବାବା

❑

- କଲିକତା ୩୫ ନମ୍ବର ବାଲିଗଂଜ ରୋଡର ଠିକଣାରେ ମୀରା ଦେବୀଙ୍କୁ ଲେଖା ଚିଠି ।

ଚିଠି ନଂ-୭୧

ଓଁ

ମୀରୁ,

ଶାନ୍ତିନିକେତନ, ବୀରଭୂମ
ବେଙ୍ଗଲ, ୧୯୨୨

ଅନେକ ଦିନ ହେଲା ତୁମମାନଙ୍କର କୌଣସି ଖବର ପାଇ ନାହିଁ । ନୂଆ ବସାରେ ସବୁ ସଜାଡି ନେଇ ବସିଲୁଣି । କେମିତି ଲାଗୁଛି ? ସେଠାରେ ତୁମମାନଙ୍କର ସହବାସୀମାନଙ୍କ ସହିତ

Digitized by srujanika@gmail.com

ଆଡାପ ଜମୁଛିତ ? ଖୋକା ଆଉ ବୁଢ଼ୀ କେମିତି ଅଛନ୍ତି ? ଏଠାରେ ରୀତିମତ ବର୍ଷା ହେଉଛି । ଅଳ୍ପ ଝଡ଼ି ପବନ ବି ହେଉଛି । ମୋର ଏଇ ଲେଖିବା ଘର ଝରକା ଦେଇ 'ଛାତି ମତଲା'ରେ ଥିବା ଧାଡ଼ି ଧାଡ଼ି ଗଛଗୁଡ଼ାକ ଉପରେ ବର୍ଷାର ନୃତ୍ୟ ବସି ବସି ଦେଖୁଛି । ଅନେକ ଗୁଡ଼ିଏ ବର୍ଷାର ଗୀତ ଲେଖି ପକାଇଛି । ଥରେ ଥରେ ଭାବୁଛି ଏ ବର୍ଷ ବି ଏଇ ନୂଆ ଗୀତ ଗୁଡ଼ିକ ନେଇ କଲିକତାରେ 'ବର୍ଷା ମଙ୍ଗଳ' କରି ଆସିବି । ସେଥିରୁ କିଛିତ୍ ଆୟ ହେବାର ଅଛି । ଆଗର ଅର୍ଥାଭାବରତ ଅନ୍ତ ନାହିଁ । ପଶୁପତି ଡାକ୍ତର ତାଙ୍କ ସ୍ତ୍ରୀ ଓ ଦୁଇଟି ଶିଶୁ ସନ୍ତାନ କୁ ନେଇ ତୁ ଯେଉଁ ଘରେ ରହିଥିଲୁ ସେମାନେ ସେଇଠି ଅଛନ୍ତି । ଉଭରାୟଣକୁ ଖାଇବା ଯୋଗାଇ ଦେବାରେ କଷ୍ଟର ସୀମା ନାହିଁ । କିନ୍ତୁ ସେମାନେ ତ ଯିବାର ନାଁ ଧରୁ ନାହାଁନ୍ତି । ଫଣୀବାବୁଙ୍କ ପରିବାରବର୍ଗଙ୍କୁ ଯେମିତି ଦେଖି ଯାଇଥିଲୁ ସେମିତି ଅଛନ୍ତି । ରାନୁ ଆଜିକାଲି ଆସ୍ତେ ଆସ୍ତେ ଶାନ୍ତ ଓ ସହଜ ହେଇ ଆସୁଛି । ଏବେ ସେମିତି ବେଶି ଯାତାୟତ କରେନା । ଲଟି ଏ ଯାଏ ଆସି ନାହିଁ । କିନ୍ତୁ ମୀନୁ ଆସି ବୋହୂ ସାଙ୍ଗରେ ଅଛି । ମଂଜୁ କାଲି ହେମଲତା ସାଙ୍ଗରେ ଆସିଛି । ନନୀବାଲା ବଡ଼ମା ପାଖରେ ଆଶ୍ରୟ ନେଇଛି । ଏଥର ସ୍କୁଲ ଖୋଲିଲେ ସେ ବୋର୍ଡିଂକୁ ଯିବ ନାହିଁ । କାଳୀମୋହନଙ୍କ ଯେଉଁ ମାଉସୀଶାଶୁ ଅଛନ୍ତି, ସିଏ ନନୀବାଲା ଜାଗାରେ କାମ କରିବେ । ସେ ବେଶ ଭଲ । ଯିବା ପୂର୍ବରୁ ତାଙ୍କ ସହିତ ତୋର ପରିଚୟ ହୋଇଥିଲା କି ? ତୁମମାନଙ୍କର ଘରଟା ଏ ଯାଏ ଭଂଗା ହୋଇନି । ସେଇ ଯେ କ୍ରମାଗତ ବର୍ଷା ଚାଲିଛି, ଭୟ ହୁଏ, କାଳେ ରାତିରେ ହଠାତ୍ ଡାକ୍ତର ପରିବାର ଙ୍କ ମୁଣ୍ଡରେ ଭାଙ୍ଗିପଡ଼ିବ ।

ଖୋକାକୁ ଅଳ୍ପ ଅଳ୍ପ କରି ପଢ଼ାଉଛୁ ତ ? ତୋ ଦେହ ସେଠାକୁ ଯାଇ କେମିତି ଅଛି ଲେଖିବାକୁ ଭୁଲିବୁନି ।

। ଇତି ।

(ଜୁନ)

ବାବା

❑

- ପଶୁପତି ଡାକ୍ତର-ପଶୁପତି ଭଟ୍ଟାଚାର୍ଯ୍ୟ । ଲୋକଶିକ୍ଷା ଗ୍ରନ୍ଥମାଳା (ବିଶ୍ୱ ଭାରତୀ) ଅନ୍ତର୍ଭୁକ୍ତ 'ଆହାର ଓ ଆହାର୍ଯ୍ୟ'ର ରଚୟିତା ।
- ଫଣୀବାବୁ-କାଶୀ ହିନ୍ଦୁ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଫଣୀଭୂଷଣ ଅଧିକାରୀ ।
- ରାନୁ-ଫଣୀଭୂଷଣ ଅଧିକାରୀଙ୍କ କନ୍ୟା, ପରେ ସାର୍ ବୀରେନ୍ ମୁଖୋପାଧ୍ୟାୟଙ୍କ ପତ୍ନୀ ।
- ଲଟି-ସ୍ନେହଲତା ସେନ୍ । ବିହାରୀଲାଲ ଗୁପ୍ତ ଙ୍କ କନ୍ୟା, ସ୍ୱାମୀ କୁମୁଦନାଥ ସେନ୍ । ଶାନ୍ତି ନିକେତନରେ ପ୍ରଥମ ଝିଅ ମାନଙ୍କ ପାଇଁ ବୋର୍ଡି ହେଲାପରେ ସେ ତାର ଦାୟିତ୍ୱରେ ଥିଲେ ।
- ମୀନୁ-ସ୍ନେହଲତାସେନଙ୍କକନ୍ୟାମାଳତୀ-ପରେଓଡ଼ିଶାରରାଜନୀତିଜ୍ଞନବକୃଷ୍ଣଚୌଧୁରୀଙ୍କ ପତ୍ନୀ ।
- ନନୀବାଲା -ନନୀବାଲା ରାୟ, ଶ୍ରୀ ନିକେତନରେ କନ୍ୟାକୁ ନେଇ କିଛି ଦିନ ଥିଲେ ପାଖ ଗାଁ ଓ ଅନ୍ୟ କେତେକ ଝିଅ ପିଲାକୁ ନେଇ ସିଲେଇ ଶିଖାଉ ଥିଲେ ।
  (ଦ୍ରଃ ସ୍ମୃତି କଥା-ପୃ ୫୩)

Digitized by srujanika@gmail.com

ଚିଠି ନଂ-୭୨

ଓଁ

ମୀରୁ,

Mount Petil
Peeder Road
Bombay

ମୁଁ ଡିସେମ୍ବର ୭ କିମ୍ବା ୮ ତାରିଖରେ ବୋମ୍ବାଇରୁ ତୁମମାନଙ୍କ ସେଠାକୁ ଯିବି । ସେଠାରେ ଦିନେ ଦି ଦିନ ରହି ତୁମମାନଙ୍କୁ ନେଇ ଶାନ୍ତି ନିକେତନ ଯିବି । ଜିନିଷପତ୍ର ସଜିଲ କରି ନେଇ ତିଆରି ହେଇ ଥା । ମୋ ସାଙ୍ଗରେ ଏଣ୍ଡ୍ରୁଜ ଯିବ ନାହିଁ-ମରିସ୍ ଯିବ । ।ଇତି ।

୩୦,ନଭେମ୍ବର, ୧୯୨୨

ବାବା

❑

- ମରିସ୍-ହିରଜୀଭାଇ ପେସ୍ତନଜୀ ମରିସ୍‌ୱାଲା -ଶାନ୍ତି ନିକେତନର ଶିକ୍ଷକ । ଉଇଲ କରି ତାଙ୍କର ସର୍ବସ୍ୱ ବିଶ୍ୱ ଭାରତୀକୁ ଦାନ କରିଦେଇଥିଲେ ।

ଚିଠି ନଂ-୭୩

ଓଁ

VISVA BHARATI

THE SANTI NIKETAN UNIVERSITY

Rabindranath Tagore
Pratisthata Acharya
(Founder President)

Regd. Office :
Santiniketan
Bengal,India
Calcutta, Office :
210, Cornwallis street
Observatory, Alipore,Calcutta

ମୀରୁ,

ସ୍ୱତନ୍ତ୍ର ଓ ସ୍ୱାଧୀନ ଭାବେ ଘର ଚଳେଇବାକୁ ତୋର କେତେ ଖର୍ଚ୍ଚ ଲାଗିବ ମୋତେ ଜଣାଇବାକୁ କୁଣ୍ଠା ବୋଧ କରିବୁନି । ମାସକୁ ଦୁଇଶହ ଟଙ୍କା ହେଲେ ଚଳିବତ ? ଯଦି ଆଉ ବେଶି ଦରକାର ହୁଏ ତା'ବି ମୁଁ ଦେବି । ରୋଷେଇ ଘର ପ୍ରଭୃତିର ଜିନିଷପତ୍ର କିଣିବାକୁ ପ୍ରଥମଥର କେତେ ଲାଗିବ ତାବି ମୋତେ ଜଣେଇବୁ । ମୋର ଯେଉଁ ଘରେ ଏବେ ତୁ ଅଛୁ, ତୁ ଚାହିଁଲେ ସେଇ ଘରଟା ତୋତେ ସ୍ଥାୟୀ ଭାବରେ ଦେଇ ଦେଇ ପାରେଁ । ସେଇଟା ସ୍କୁଲରୁ ସେତେ ଦୂରରେ ନୁହେଁ । ଯାତାୟାତ ସହଜ ହେବ । ତା ଛଡା ଦୁର୍ଗା ଓ ତାର ମାଆକୁ ଯଦି ତୁ ସାଥିରେ ରଖିବାକୁ ଚାହୁଁ, ସେଥିରେ ବି କିଛି ଅସୁବିଧା ହେବ ନାହିଁ । ମୁଁ ବାହାରକୁ ଯିବା ପୂର୍ବରୁ ସବୁ ଠିକ୍ ଠାକ୍ କରି

Digitized by srujanika@gmail.com

ଦେଇ ଯିବାକୁ ଚାହେଁ । ତୁ ଯେମିତି ସ୍ୱାଧୀନ ଓ ସ୍ଥାୟୀ ଭାବରେ ତୋର ସଂସାରର ଦାୟିତ୍ୱ ନେଇ ପାରୁ-ଏହାହିଁ ମୋର ଇଚ୍ଛା । ନଚେତ୍ ମୋ ମନ ନିଶ୍ଚିନ୍ତ ହୋଇ ରହି ପାରୁ ନାହିଁ । ମୋର ଅନୁପସ୍ଥିତରେ ଏହାଠାରୁ ଆଉ ଭଲ କିଛି ବ୍ୟବସ୍ଥା ହୋଇ ପାରିବ ସେ କଥା ମୁଁ ଭାବୁ ନାହିଁ ।

। ଇତି ।

୧୧, ଆଶ୍ୱିନ, ୧୩୩୦, ୨୮ ସେପ୍ଟେମ୍ବର ୧୯୨୩ ବାବା

❑

● ଦୁର୍ଗା ଓ ତାର ମାଆ-ଜଗଦାନନ୍ଦ ରାୟଙ୍କ କନ୍ୟା ଓ ସ୍ତ୍ରୀ ।

ଚିଠି ନଂ-୭୪

ଓଁ

ମୀରୁ,

ତିନି ସମୁଦ୍ର ପାର ହୋଇ ଦକ୍ଷିଣର ଆମେରିକାର କୂଳରେ ଆସି ପହଞ୍ଚିଛି । ଏବେବି ଆମର ଗନ୍ତବ୍ୟ ସ୍ଥାନରେ ପହଞ୍ଚିବାକୁ ଡେରି ଅଛି । ରଥୀମାନଙ୍କୁ ଇଉରୋପରେ ରଖି ଆସିଛି । ରଥୀ କିନ୍ତୁ ଆଉ ଗୋଟାଏ ଜାହାଜରେ ଆସିବ । ବଉମା ଓ ପୁପେ ପ୍ରାନ୍ସରେ ରହିବାର କଥା ଅଛି । କିନ୍ତୁ କହି ହେବ ନାହିଁ । ଏ ସବୁ ଆସିବାର ଇଚ୍ଛା ହଠାତ୍ ସେମାନଙ୍କର ମନରେ ଗଜୁରୀ ଉଠିବା ଅସମ୍ଭବ ନୁହେଁ । ମଝିରେ ମଝିରେ ସେମିତି ଆଭାସ ମିଳୁଥିଲା । ଜାହାଜରେ ପୁପେ ସହିତ ମୋର ପ୍ରଣୟ ବେଶ ଜମି ଉଠିଥିଲା । ହୁଏତ ଆଉ ଟିକିଏ ଚେଷ୍ଟା କରିଥିଲେ ଦିନେ ତା ହୃଦୟରେ ମୁଁ ଝଗଡ୍ରୁର ସ୍ଥାନ ଦଖଲ କରି ପାରିଥାଆନ୍ତି ଏ କଥା ନିଶ୍ଚିତ ଭାବେ କହି ହେବନି । ହେଲେ ଏତେ ବଡ ଦୁରାଶା ମନରେ ସ୍ଥାନ ଦେବାକୁ ଏବେ ଆଉ ଯଥେଷ୍ଟ ସାହସ ହୁଏନା ।

ଆମେ ୨୫ ସେପ୍ଟେମ୍ବର ଦିନ ଲଂକା ଦ୍ୱୀପର ବନ୍ଦର ଛାଡିଥିଲୁଁ । ଆଜି ୨୮ ଅକ୍ଟୋବର । ଏହା ମଧ୍ୟରେ କେବଳ ପାଞ୍ଚଦିନ ମାତ୍ର ପ୍ରାନ୍ସ ମାଟିରେ କଟିଛି । ପ୍ରାୟ ମାସେ କାଳ ପାଣି ଉପରେ ହିଁ ରହିଛି । ଆଉ ନଅଦିନ ପରେ ମାଟିରେ ପାଦ ଦେବି । ତା ପରେଆହୁରି ତିନି ସପ୍ତାହ ଭ୍ରମଣ ପରେ ପେରୁରେ, ଯେଉଁଠି ଆମର ନିମନ୍ତ୍ରଣ ସେଠାରେ ପହଞ୍ଚିବା । ଏଥର ଭ୍ରମଣଟା ସମ୍ପୂର୍ଣ୍ଣ ଏକ ନୂଆ ଦେଶରେ । ରେଳରେ ଚଢ଼ି ଗୋଟାଏ ଖୁବ୍ ଉଚ୍ଚ ପାହାଡ ପାର ହେବାକୁ ହେବ । ସେଇ ପାହାଡର ଉଚ୍ଚତା ହିମାଳୟ ଠାରୁ କମ୍ । ଏ ରେଳଯାତ୍ରାଟା ନିଶ୍ଚୟ ଭଲ ଲାଗିବ । କିନ୍ତୁ ହଠାତ୍ ଭୀଷଣ ଥଣ୍ଡା ଭିତରେ ଯାଇ ପହଞ୍ଚିବାକୁ ହେବ । ଏ ଦେଶରେ ଏବେ ଗ୍ରୀଷ୍ମଋତୁ । ହଠାତ ଏଇ ଗରମରୁ ଯାଇ ଥଣ୍ଡାରେ ପଡିଲେ ଥଣ୍ଡାଟା ବେଶ ଜାଣି ହେବ । ଆଜି ଜାହାଜରେ ଏମାନଙ୍କର ଫ୍ୟାନ୍‌ସୀ ଡ୍ରେସ୍ ବଲ୍ । ସେଥିପାଇଁ ଖୁବ୍ ଆୟୋଜନ ଚାଲିଛି । ଖବର ଦେବା ଭଳି ବିଶେଷ କିଛି ଘଟଣା ଜାହାଜରେ ନାହିଁ । ସମୁଦ୍ରର ଢେଉ ଖାଲି ଉଠୁଛି ପଡୁଛି । ଦିନ ଓ ରାତିର ଯିବା ଆସିବା ।

Digitized by srujanika@gmail.com

ଆଉ ତା ଛଡା ନିୟମିତ ଆହାର ଓ ନିଦ୍ରା । ଏ ସବୁ ମଧ୍ୟରେ ମୋର ବିଶେଷ ଖବର ଏଇଆ ଯେ ମୁଁ ମୋ କେବିନ ମଧ୍ୟରେ ବସି ଅନେକ ଗୁଡିଏ କବିତା ଲେଖି ପକାଇଛି । ସେଗୁଡିକ ତୁମମାନେ ଯଥା ସମୟରେ ପତ୍ରିକା ମାନଙ୍କରେ ଦେଖିବାକୁ ପାଇବ । ଶାନ୍ତିନିକେତନରେ ଇତି ମଧ୍ୟରେ ଶୀତର ଆମେଜ ଆସି ଯାଇଛି । ଛୁଟି ବୋଧହୁଏ ଶେଷ ହେଇ ଯିବଣି । ଆଶା କରେ ତୁମେମାନେ ସବୁ ଭଲରେ ଅଛ । ବୁଢୀକୁ ସାବଧାନ ରେ ରଖିବୁ ।

। ଇତି ।

(୨୮, ଅକ୍ଟୋବର, ୧୯୨୪)

ବାବା

❑

- ଆମର ଗନ୍ତବ୍ୟ ସ୍ଥାନ-ରବୀନ୍ଦ୍ର ନାଥ ଦକ୍ଷିଣ ଆମେରିକାର ପେରୁ ରାଜ୍ୟର ସ୍ୱାଧୀନତା ଶତବାର୍ଷିକୀ ଉତ୍ସବରେ ଯୋଗଦାନ କରିବାକୁ ଯାତ୍ରା କରିଥିଲେ । ଅସୁସ୍ଥତା ବଶତଃ ଶେଷ ପର୍ଯ୍ୟନ୍ତ ପେରୁ ଯାଇ ପାରି ନାହାନ୍ତି । ଆର୍ଜେଣ୍ଟାଇନାରେ ବୁଏନ୍ସଏଇରସ୍‌ ଠାରେ ଭିକ୍ଟୋରିଆ ଓକାମ୍ପୋଙ୍କ ଆତିଥ୍ୟରେ ପ୍ରାୟ ଦୁଇମାସ ବିତାଇ ୧୯୨୫ ମସିହା ଜାନୁଆରୀ ୪ରେ ଭାରତ ଫେରିବା ବାଟରେ ଇଉରୋପ ଯାଇଥିଲେ ।
- ପୁପେ-ରଥୀନ୍ଦ୍ରନାଥ ଓ ପ୍ରତିମା ଦେବୀଙ୍କ ପାଳିତା କନ୍ୟା ନନ୍ଦିନୀ ଦେବୀ ।
- ଝଗଡୁ -ପରିଚାରକ
- ଉଚ୍ଚ ପାହାଡ -ଅନ୍ଦିସ ପର୍ବତମାଳା ।

ଚିଠି ନଂ-୭୫

ଓଁ

ମୀରୁ,

ତିନିଧାଡିର ଚିଠି ସହ
ତିନିବର୍ଷର ପ୍ରିୟତମାର ଛବି
ପାଇଲା ଯେବେ କବି -

ସେଇ ଚିଠିର ଲେଖିଲା ଯେ ଉତ୍ତର
ହାତେ ଦେଲି ତୋର,
ଭାବି କାଲର ଠିକଣାରେ
ଯେ ପ୍ରେୟସୀର ବୟସ ଉଣେଇଶ୍‌
ତା ହାତରେ ଧରାଇ ଦେବୁ
ଅନୁନୟ ଏ ବିଶେଷ ।

❑

Digitized by srujanika@gmail.com

ତିନି ବରଷର ବିରହିଣୀ,
ଫେରକା ରେଲିଂ ଧରି
କେଉଁ ଅଲକ୍ଷ୍ୟ ଆଡେ କହ
ଚାହିଁଛ ଏମିତି କରି ?
ଅତୀତ ଦିନର ବୋଝ ତଳେ
ଆମେ ରହିଛୁଁ ଚାପା
ଭାବି କାଳର ପ୍ରଦୋଷାଲୋକ
ତୁମ ଆଖିରେ ମଖା ।
ତେଣୁ ତ ତୁମ ହସ କାନ୍ଦ
ଆମେ ପାରୁନା ବୁଝି
ସପନେ ଖେଳେ ଅନାଗତ
ତୁମ ପ୍ରାଣରେ କିଛି ।
କେଉଁ ସାଗରର ତୀର ଦେଖୁଛ
ଜାଣେ ନା ତ କେହି
ଖୁସିର ତାଳେ ନାଚୁଛି ଅବା
ଆଖି ଅଶ୍ରୁର ଢେଉ
ସେଠି ସେ କେଉଁ ରାଜକୁମାର
ଚିରକାଳର ଦେଶେ
ତୁମ ଲାଗି ବସିଛି ସାଜି
ନିତି ଦିନିଆ ବେଶେ
ସେଠାରେ ସିଏ ବଜାଏ ବଂଶୀ
ରୂପ କଥାର ରଙ୍ଗେ
ତୁମରି ଦେହେ ନୃତ୍ୟ ଜାଗେ
ସେଇ ରାଗିଣୀ ସଙ୍ଗେ
ତୁମେ ତ ନିଜେ ଜାଣନା ଗୋ
କାହା ଆଶାରେ ଅଛ
ଆଖିର ନୀରବ ଭାଷାରେ ତୁମେ
ଦେଇଛ ତାକୁ ଡାକ ।
କେବେ ସେ ଏକ ପ୍ରଭାତ କାଳେ

Digitized by srujanika@gmail.com

ଶିଶିର ସ୍ନାତ ପଥେ
ଜାଗରଣର କେତନ ତୋଳି
ଆସିବ ସୁନା ରଥେ ।
କିୟା କେଉଁ ପୁନେଇଁ ରାତେ
ବୃହସ୍ପତିର ଦଶାରେ
ଦୁଃଖ ମୋର , ହେଉ ଯେ କେହି
ମୁଁ ତ ନୁହେଁ ନୁହେଁରେ ।

୨୦ଡିସେମ୍ବର ୧୯୨୪ । ଇତି ।
ବ୍ରୁଏନ୍‌ସ ଏଇରିସ ଅଜା

❑

- ପ୍ରଥମ କବିତାଟି 'ବିରହିଣୀ' କବିତାର ସୂଚନା (?)
  ଏହି କବିତାଟି ଅପ୍ରକାଶିତ ।
- ଦ୍ଵିତୀୟ କବିତା, 'ତିନି ବଛରେର ବିରହିଣୀ' ପୂରବୀ କାବ୍ୟର ବିରହିଣୀ କବିତା । କିନ୍ତୁ ପ୍ରକାଶିତ କବିତା ସହିତ ଏହାର ଅନେକ ସ୍ଥାନରେ ସାମଂଜସ୍ୟ ନାହିଁ ।
  ତିନିବର୍ଷର ବିରହଣୀ-ଖୁବ ସମ୍ଭବ କବିଙ୍କ ନାତୁଣୀ ବୁଢ଼ୀ ଉଦ୍ଦେଶ୍ୟରେ ଲେଖା ।

ଚିଠି ନଂ-୭୬

ଓଁ

ମୀରୁ,

ହିସାବରେ ଭୁଲ ହେଇ ଯାଇଥିଲା । ନଗେନ ପହିଲା ତାରିଖରେ ବମ୍ବେରେ ପହଞ୍ଚିବ । ସୁତରାଂ ତିନି ତାରିଖ ପୂର୍ବରୁ କଲିକତାରେ ପହଞ୍ଚି ପାରିବ ନାହିଁ ।

୨୯ ଡିସେମ୍ବର ୧୯୨୫ (ପୋଷ୍ଟମାର୍କ) । ଇତି ।
ବାବା

❑

ଚିଠି ନଂ-୭୭

ଓଁ

ମୀରୁ,

ଭଲ ଅଛି । ସମୁଦ୍ର ଘିର । ବେଶ ଥଣ୍ଡା ପବନ । ମୋ ଘରଟି ମଧ୍ୟ ବେଶ ଭଲ । କ୍ୟାପଟେନ ଖୁବ୍ ଭଦ୍ର । ଅନ୍ୟ ସମସ୍ତେ ବି ସୁସ୍ଥ ଅଛନ୍ତି । ମୋର ଗଛପତ୍ର ଗୁଡିକର ଖବର ଦେବୁ । ତା ପରେ ଘର ଦୁଆର ଗୁଡିକର ମରାମତି କାମ କେମିତି ଚାଲିଛି । ନୀତୁର ଖବର କଅଣ ?

Digitized by srujanika@gmail.com

ଆଶ୍ରମରେ କିଏ ଆଉ ବାକି ରହିଲେ ? ଜାହାଜ ବନ୍ଦରରେ ପହଞ୍ଚିଲା । ଏଥର ଚିଠି ପଠାଇବାର ବ୍ୟବସ୍ଥା କରାଯାଉ । ।ଇତି।

୨୬ ମେ ୧୯୨୬ ବାବା

୩୦ ସକାଳରେ ଇଟାଲିରେ ପହଞ୍ଚିବି ।

❑

- ରଥୀନ୍ଦ୍ର ନାଥ, ପ୍ରତିମା ଦେବୀ ଏବଂ ପ୍ରଶାନ୍ତ ଚନ୍ଦ୍ର-ରାଣୀ ମହାଲନବୀଶଙ୍କୁ ସାଙ୍ଗରେ ନେଇ ରବୀନ୍ଦ୍ରନାଥ ୧୫, ମେ, ୧୯୨୬ ରେ ବୋମ୍ବାଇରୁ ଇଉରୋପ ଯାତ୍ରା କରିଥିଲେ । ୩୦ ମେ'ରେ ନେପଲସ୍‌ରେ ପହଞ୍ଚି ରୋମ ଗଲେ । ୩୧ ମେରେ ମୁସୋଲିନୀଙ୍କ ସହିତ ସାକ୍ଷାତ କରିଥିଲେ ।

ଚିଠି ନଂ-୭୮

ଓଁ

ମୀରୁ,

ଏଇ ପୋଷ୍ଟକାର୍ଡ ଖଣ୍ଡିକ ତୋ ପାଖରେ ପହଞ୍ଚିଲା ବେଳକୁ ମୁଁ ତୋ ପାଖରେ ପହଞ୍ଚି ଯାଇଥିବି । ଲଙ୍କା ଦ୍ୱୀପ ବୁଲି ଯିବାକୁ ହେଉଛି ବୋଲି ଟିକିଏ ଡେରି ହେବ । ପ୍ରାୟ ୭ ପୌଷ ପାଖାପାଖି ବେଳକୁ ଆମେ ପହଞ୍ଚିବା । ଖୁବ୍ ସମ୍ଭବ ତୁ କଲିକତାରେ ହିଁ ଅଛୁ । ।ଇତି।

୨୮ ନଭେମ୍ବର ୧୯୨୬, (ପୋଷ୍ଟମାର୍କ ।) ବାବା

❑

ଇଉରୋପରୁ ରବୀନ୍ଦ୍ରନାଥ ଶାନ୍ତି ନିକେତନକୁ ଫେରିଥିଲେ ୧୯, ଡିସେମ୍ବର ୧୯୨୬ରେ

ଚିଠି ନଂ-୭୯

ଓଁ

ମୀରୁ,

ତୋ ଦାଦା ଯେମିତି ତୁ ବି ସେମିତି । ତୋ ଦାଦା ସେଇ ଯେ ନିରୁଦ୍ଦିଷ୍ଟ ହେଇ ଗଲା-ତାପରେ ଆଉ କୌଣସି ଖବର ନାହିଁ । ଏଇମାତ୍ର ଆଜି ଶୁକ୍ରବାର ଖରାବେଳେ ଆସି ପହଞ୍ଚିଲା । ଦେଶ ବିଦେଶରେ ହାଟରେ, ଘାଟରେ କେତେ ଯେ ସେ ନ ବୁଲିଚି-ତାର ଠିକଣା ନାହିଁ । ଟିକିଏ କାମରୁ ମୁକ୍ତି ପାଇଲେ ତାର ଆଉ କିଛି ମନେ ରହେନା, ନିଶାରେ ମାତାଲ ହେଇ ଯାଏ । ତୋତେବି ସେଇ ନିଶା ଧରିଛି । ଭଲ ଗୋଟାଏ ଜାଗାରେ ଚକ୍କର ଖାଇବା ଅପେକ୍ଷା ଦଶ ଜାଗାରେ ଘୂରି ବୁଲିବାରେ ମଜା ଅଛି । ତୁମମାନଙ୍କ ପରି ଅହେତୁକ ଘୂରି ବୁଲିବାର ସ୍ୱାଧୀନତା ଯଦି ମୋର ଥାଆନ୍ତା ମୁଁ ରକ୍ଷା ପାଇ ଯାଆନ୍ତି । ତୁମେମାନେ ଯେତେବେଳେ ବୁଲିବାକୁ ବାହାର, ସେତେବେଳେ ତୁମମାନଙ୍କର ପୂରାଛୁଟି । ଆଉ ମୁଁ ଯେତେବେଳେ ବୁଲି ବାହାରେଁ ସେତେବେଳେ ମୋର ଅଜସ୍ର

Digitized by srujanika@gmail.com

କାମ । ଏଠାରେ ମୁଁ ଯେତେବେଳେ ଥାଏଁ ସେତେବେଳେ ମୁଁ ଅପ୍ରକାଶିତ । କିନ୍ତୁ ଘରର ଦୁଆର ମୁହଁ ପାର ହେବା ମାତ୍ରେ ମୋର ଆଉ କୌଣସି ଆବରଣ ନ ଥାଏ । ତେଣୁ ତୁମ ମାନଙ୍କର ବୁଲି ବାହାରିବା ଖବର ଜାଣିଲେ ମୋର ଈର୍ଷା ହୁଏ । ତୁମମାନଙ୍କ ସଙ୍ଗରେ ଅନ୍ତତଃ କିଛି ଦିନ ଖ୍ୟାତିର ଅଦଳ ବଦଳ କରିବାକୁ ଇଚ୍ଛାହୁଏ । ଯେତେଦିନ ପାରୁଚ ଘୂରି ବୁଲ-ଫେରିବାର କୌଣସି ବ୍ୟସ୍ତତା ନାହିଁ । ବିବାହ ଯେଉଁମାନେ କରିବେ ସେମାନେ କରିବେ । ତୁ ଥିଲେ ବି କରିବେ । ନଥିଲେ ବି କରିବେ, କେବଳ ବାହାଘର ବେଳେ ତୋର ପ୍ରିୟ ସଖୀ ମେସୋପଟାମିଆଁକୁ ଆସିବ । ଯଦି ସେ ମୂର୍ଚ୍ଛା ହୁଏ ତାଙ୍କୁ ଦେଖିବାକୁ କେହି ନ ଥିବେ । ମୁଁ ତ ମୋଟେ ନଥିବି ।

। ଇତି ।

ଶାନ୍ତି ନିକେତନ, ୧୫ ମାର୍ଚ୍ଚ ୧୯୨୭ । ବାବା

ପୋଷ୍ଟମାର୍କ ।

❑

- ମୀରା ଦେବୀ ରାଜସ୍ଥାନ ଓ ଦିଲ୍ଲୀ ଭ୍ରମଣରେ ବାହାରିଥିଲେ

(ଦ: ସ୍ମୃତିକଥା-ପୃ-୩୩-୩୬)

ଚିଠି ନଂ-୮୦

ଓଁ

ମୀରୁ,

ତୁ ତ ଖୁବ୍ ଘୂରି ବୁଲୁଛୁ । ମୋର ଭରତପୁର ଯିବା ଦିନ ପଛେଇ ଯାଇଛି । ସେମାନେ ମାର୍ଚ୍ଚ ଶେଷ ଆଡକୁ ଏବଂ ଏପ୍ରିଲର କିଛି ଦିନ ଯାଏ ସ୍ଥିର କରିଛନ୍ତି । ସେଥିରେ ମୋତେ ଟିକିଏ ସୁବିଧା ହେଲା । ଇତି ମଧ୍ୟରେ 'ଫାଲ୍ଗୁନୀ' ନାଟକ ମଞ୍ଚସ୍ଥ କରିପାରିବି । 'ନଟୀର ପୂଜା' ର ଖୁବ୍ ନାଁ ହେଇ ଯାଇଛି । ତେଣୁ ଟଙ୍କା ଲୋଭରେ ପୁଣି ନାଟ୍ୟାଭିନୟରେ ଉଚ୍ଛୁଉଛି । 'ଗୌରୀ'ର ସୁଖ୍ୟାତିରେ କଲିକତା ମୁଖରିତ । ତା ଶ୍ୱଶୁର ଘର ଲୋକବି ସେଥିରେ ଖୁବ୍ ଗୌରବ ବୋଧ କରୁଛନ୍ତି । ଏମିତି କି ବିବାହ ଲାଗି ଭଲ ପାତ୍ରମାନେ ଜୁଟି ଯାଉଥିଲେ । ବୋଧହୁଏ ସେଇଥିପାଇଁ ଆମର ଆଉ ଆଉ ଝିଅମାନେ ବି ଆଜିକାଲି ଉତ୍ସବରେ ମାତି ଉଠୁଛନ୍ତି । ସେମାନେ ଦୋଳପୂର୍ଣ୍ଣିମାକୁ ଗୋଟାଏ ନୃତ୍ୟଗୀତର ଆସର ପାଇଁ ଚେଷ୍ଟା କରୁଛନ୍ତି । ସବୁଠାରୁ ବେଶି ଉତ୍ସାହ ଶ୍ରୀମତୀର-ଯଦିଓ ସେ କହେ ବର ପାଇଁ ତାର ଟିକିଏ ବୋଲି ଲୋଭ ନାହିଁ । ଏ କଥା ଶୁଣି ପୁରୁଷମାନଙ୍କ ମନରେ ଧକ୍କା ଲାଗୁଛି । ଝୁନୁ ତା କୁଟିରରେ ରହେ ଏବେ ବେଶ କିଛିଟା ସୁସ୍ଥ ହେଇ ଆସିଲାଣି । ତୋ ଘରର ପାଚେରି ଗୁଡାକ ଏବେ ଶେଷ ହେବା ଉପରେ । ଛାତ ପଡୁ ପଡୁ ବୋଧେ ଏ ବର୍ଷଟା

Digitized by srujanika@gmail.com

ଶେଷ ହେବ । ଆସନ୍ତା ବର୍ଷ ଶୀତ ଦିନକୁ ଗୃହପ୍ରବେଶ ର ସମ୍ଭାବନା । ଏବେ ଠାରୁ ନିମନ୍ତ୍ରଣ ତାଲିକା ଠିକ୍ କରି ରଖ । ସନ୍ଦେଶ ପାଇଁ ଅର୍ଡର ଦେଇ ଦେ ।

। ଇତି ।

(ମାର୍ଚ୍ଚ ୧୯୨୭) ବାବା

❑

- ଫାଲ୍‌ଗୁନୀର ଅଭିନୟ-ଫାଲଗୁନୀ ବଦଳରେ "ନଟରାଜ ଋତୁ ରଙ୍ଗଶାଳା" ଅଭିନୀତ ହୁଏ । (ଦ୍ରଃ ପ୍ରଭାତ ଚନ୍ଦ୍ର ଗୁପ୍ତ-ରବି ଛବି/ଗୀତ ବିତାନ (୧୯୬୧) ପୃ-୯୮ ଏବଂ ଚିଠିପତ୍ର ୪/ ବିଶ୍ୱ ଭାରତୀ (୧୩୫୦) ପୃ: ୧୨୬)
- ନଟୀର ପୂଜାର ଖୁବ୍ ନାଁ ହୋଇଛି-୨୮,୨୯ ଏବଂ ୩୧ ଜାନୁଆରୀ ୧୯୨୭ କଲିକତାରେ ଅଭିନୀତ ହୋଇଥିଲା । ନନ୍ଦଲାଲ ବସୁଙ୍କ କନ୍ୟା ଏବଂ ଶାନ୍ତି ନିକେତନର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।
- ଶ୍ରୀମତୀ-ଶ୍ରୀମତୀ ହାତୀ ସିଂ-ଶାନ୍ତି ନିକେତନର ଛାତ୍ରୀ ପରେ ସୌମେନ୍ଦ୍ର ନାଥ ଠାକୁରଙ୍କ ପତ୍ନୀ ।
- ଝୁନୁ-ସଦ୍ୟ ପ୍ରାୟତ ସାନ୍ତ୍ୱନା ଦେବୀ (ପଣ୍ଡିଚେରୀ) ଦେଶବଂଧୁ ଚିତ୍ତରଂଜନ ଦାଶଙ୍କ ଭାଣିଜୀ ।
- ତୋ ଘର -ଶାନ୍ତି ନିକେତନର 'ମାଳଞ୍ଚ' ଗୃହ । (ପ୍ରଃ ସ୍ମୃତିକଥା ପୃ :୩୩-୩୪) ।

ଚିଠି ନଂ-୮୧

ଓଁ

ମୀରୁ,

Government House
Singapore

ଏତେଦିନ ପରେ ସିଙ୍ଗାପୁର ଘାଟରେ ପହଞ୍ଚିଛି । ସମୁଦ୍ର ସମ୍ବନ୍ଧରେ ଯେଉଁ ଭୟ ଥିଲା ସେ ଭୟର ଚେହେରା ଟିକିଏ ବି ଦେଖାଗଲା ନାହିଁ । ରାସ୍ତାରେ ମୌସୁମୀର ପ୍ରବାହ ଟିକେବି କୋଉଠି ଅସୁବିଧା ସୃଷ୍ଟି କରିନି । ପ୍ରାୟ ନିର୍ମଳ ଖରା ପାଇଛି । ଗରମ ବି ବିଶେଷ ନ ଥିଲା । ମୋତେ ଏମାନେ ଏମାନଙ୍କର ସବୁଠୁ ଆରାମ ଦାୟକ କେବିନଟି ଦେଇଥିଲେ । ପ୍ରଥମ ଶ୍ରେଣୀର କମରାରେ ପ୍ରାୟ ତିରିଶ ଜଣରୁ ଅଧିକ ନଥିଲେ । ଅତଏବ ଦେବତା ଓ ମାନବ ସମସ୍ତେ ମିଶି ମୋ ପ୍ରତି ଉଦାରତା ଦେଖାଇଛନ୍ତି । ସମୁଦ୍ର ପଥରେ ଦୁଃଖ ପାଇନି ସିନା, ପାଇଛି ଭାରତବର୍ଷର ସ୍ଥଳ ପଥରେ । ମାନ୍ଦ୍ରାଜ ପହଞ୍ଚିବା ଆଗ ରାତିରେ ଟିକିଏ ବେଶି ଦେହ ଖରାପ ହେଇଥିଲା । ଏମିତିକି ମୁଁ ପ୍ରାୟ ଡରି ଯାଇଥିଲି । ମୋର ବିଶ୍ୱାସ ବାୟୋକେମିକ ଯଦି ମୋର ଅନୁକୂଳ ନ ଥାଆନ୍ତା ତେବେ ଏଥର କଲିକତାରୁ କଲିକତାଯାତ୍ରା ହୁଅନ୍ତା । ଏଠାକୁ ଆସି ଗଭର୍ଣ୍ଣମେଣ୍ଟ ହାଉସରେ ଆତିଥ୍ୟ ପାଇଛି । ଗଭର୍ଣ୍ଣର ଜଣେ ବିଖ୍ୟାତ ଲେଖକ । ସହୃଦୟ ଲୋକଟି ଭାରତ ସର୍ଭିସର ନିମକ୍‌ରେ ମନ

Digitized by srujanika@gmail.com

ପୂର୍ଣ୍ଣ ହୋଇନି-ଦେବୀ ସରସ୍ୱତୀଙ୍କ ପ୍ରସନ୍ନତାରେ ତାଙ୍କ ଚିତ୍ତ ଅଭିଷିକ୍ତ । ସୁତରାଂ ଏଠାକୁ ଆସି ମନଟା କ୍ଲିଷ୍ଟ ହୋଇନି । ଆସନ୍ତା ଶନିବାର ଏଠାରୁ ଅନ୍ୟ ବସାକୁ ଯିବି । ଆଉ ତା ପର ଠାରୁ ନୂଆ ନୂଆ ଜାଗାରେ ଅଭ୍ୟର୍ଥନା ଭିତର ଦେଇ ଚକ୍କର ମାରିବାକୁ ହେବ । ସମସ୍ତ ଉପଦ୍ୱୀପଟାର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ମୋତେ ଟାଣି ନେଇ ବୁଲେଇବେ । ଅନେକ ଥର ଭାବିଛି-ତୋତେ ଯଦି ଆଣି ଥାଆନ୍ତି ତା ହେଲେ କଅଣ ଯେ ହୁଅନ୍ତା । ଜାହାଜରେ ବିଶେଷ କଷ୍ଟ ହୁଅନ୍ତା ନାହିଁ । କିନ୍ତୁ ଏଠାକାର ଆତିଥ୍ୟ ତୋର ମୁହୂର୍ତ୍ତକ ପାଇଁ ବି ସହ୍ୟ ହୁଅନ୍ତା ନାହିଁ । ତା ଛଡା ସଭାରେ ସଭାରେ, ସହରରେ, ସହରରେ ନୂଆ ନୂଆ ଜନତା ଭିତରେ ତୁ କ୍ଳାନ୍ତ ହେଇ ପଡନ୍ତୁ । ମୁନସୁନର ସମୁଦ୍ର ଠାରୁ ଏହା ଆହୁରି ଅନେକ ବେଶି କଷ୍ଟକର । ଏହା ପରେ ଆଉ ବୋଧେ ଚିଠି ଲେଖିବାକୁ ସମୟ ପାଇବି ନାହିଁ । 'ବିଚିତ୍ରା' ପାଇଁ ଚିଠି ଲେଖିବାକୁ ହେବ-କିନ୍ତୁ ସେତ ଚିଠି ନୁହେଁ । ସେଥିରେ ଖବର ନଥିବ । ଏକ ପ୍ରକାର ପ୍ରବଂଧ । ସେ ଚିଠି ପଢ଼ି ତୁମମାନଙ୍କୁ ହୁଏତ ଭଲ ଲାଗିବନି । ତୁ ଏବେ ନିଶ୍ଚୟ ଶାନ୍ତି ନିକେତନରେ ଅଛୁ । ତୋ ନୂଆ ଘରଟାକୁ ଉଠି ଯାଇଛୁ ନା କଅଣ ? ସେଇଟା ବ୍ୟବହାର ଯୋଗ୍ୟ ହେଇଛି ତ ? ଘର ଚାରିପଟେ ବାଡ କରି କିଛି ଫୁଲ ଗଛ ଲଗେଇ ଦେ । ଖାଲି ସେତିକି ନୁହେଁ । ବର୍ଷା ଥାଉ ଥାଉ କିଛି କଲମି ଆମ୍ବଗଛ ବି ଲଗେଇ ଦେ । ମୋର ସେ ଲତା ବିତାନ ଓ ତଳକୁ ମୁଣ୍ଡ ପୋତିଥିବା ଆମ୍ବଗଛଟାର ଖବର ନେବୁ । ଏଥର ଉଠୁଛି-ଏଥର ସମୟ ମୁତାବକ ଡିନାର ପାଇଁ ପ୍ରସ୍ତୁତ ହେବାକୁ ହେବ । ଅଳସୁଆମି କଲେ ଚଳିବନି ।

। ଇତି ।

୪ଶ୍ରାବଣ, ୧୩୩୪, ୨୦ ଜୁଲାଇ, ୧୯୨୭ । ବାବା

❑

- ଜାଭା ଯିବା ବାଟରେ ରବୀନ୍ଦ୍ର ନାଥ ସିଙ୍ଗାପୁରରେ ଅବତରଣ କରିଥିଲେ । ତାଙ୍କ ସାଙ୍ଗରେ ଥିଲେ ସୁନୀତି କୁମାର ଚଟ୍ଟୋପାଧ୍ୟାୟ, ଧୀରେନ୍ଦ୍ରକୃଷ୍ଣ ଦେବ ବର୍ମନ, ଏବଂ ସୁରେନ୍ଦ୍ର ନାଥ କର ।
- ଗଭର୍ଣ୍ଣମେଣ୍ଟହାଉସରେ ଆତିଥ୍ୟ ପାଇଛି-ମାଳୟର ବ୍ରିଟିଶ ଗଭର୍ଣ୍ଣର ସାର କ୍ଲିଫର୍ଡଙ୍କର ଅତିଥି ହୋଇ ରବୀନ୍ଦ୍ରନାଥ ତିନିଦିନ ଥିଲେ । (ଦ୍ରୁ:ସୁନିତି କୁମାର ଚଟ୍ଟୋପାଧ୍ୟାୟ 'ରବୀନ୍ଦ୍ର ସଙ୍ଗମେ ଦ୍ୱୀପମୟ ଭାରତ ଓ ଶ୍ୟାମ ଦେଶ' ପ୍ରକାଶ ଭବନ ୧୯୬୪ ପୃ-୬୦-୬୧) ପରେ ଖାଲି ରବୀନ୍ଦ୍ର ସଙ୍ଗମେ ।'
- ଏଠାରୁ ଅନ୍ୟବସାକୁ ଯିବି-ସିଙ୍ଗାପୁରର ସିଗ୍ଲାପେ ମହମ୍ମଦ ଅଲୀ ନାମାଜୀଙ୍କ ଘର । (ଦ୍ରଃ- ରବୀନ୍ଦ୍ର ସଙ୍ଗମେ,ପୃ ୬୧ -୭୩)
- ବିଚତ୍ରା ପାଇଁ ଉପେନ୍ଦ୍ର ନାଥ ଗଙ୍ଗୋପାଧ୍ୟାୟଙ୍କ ସମ୍ପାଦିତ 'ବିଚିତ୍ରା' ମାସିକ ପତ୍ରିକାରେ 'ଜାଭା ଯାତ୍ରୀର ପତ୍ର' ପ୍ରକାଶିତ ହୁଏ (ଆଶ୍ୱିନ-ଚୈତ୍ର ୧୩୩୪ ଏବଂ ଆଶ୍ୱିନ ୧୩୩୫) ତୋର ନୂଆ ଘର-ଶାନ୍ତି ନିକେତନର 'ମାଳଞ୍ଚ' ଗୃହ ।

Digitized by srujanika@gmail.com

ଚିଠି ନଂ-୮୨

ଓଁ

ମୀରୁ,

ଲେଖିବା ପାଇଁ ବିଷୟ ଯେମିତି ନାହିଁ, ସମୟବି ତଥୈବଚ । କେବଳ ବକ୍ତୃତା ଦେଉଛି ଓ ବସାକୁ ଫେରି ଟେବୁଲ୍ ଫେନ୍ ଚଳେଇ ହାୱା ଖାଉଛି । ତା ପରେ ଲୋକଙ୍କ ଭିଡ, ଡିନାରର ନିମନ୍ତ୍ରଣ,ଗାର୍ଡେନ ପାର୍ଟି, At Home, ମାଳ ପିନ୍ଧିବା, Address ନେବା । ମୋଟର ଚଢ଼ି କୋଡିଏ ପଚିଶ କୋଶ ଯାଇ ଯେଉଁ ମଣିଷମାନେ ମୋ ଭାଷା କିଛି ବୁଝନ୍ତି ନାହିଁ ସେଇ ମାନଙ୍କୁ ସାଧୁ ଉପଦେଶ ଦେଇ ପୁଣି ମୋର ଘର କୋଣକୁ ଫେରିଆସେଁ । ପ୍ରତିଦିନ ଏମିତି ଚାଲିଛି । ଏଠାକାର ବାହ୍ୟ ପ୍ରକୃତି ଚାରିଆଡେ ପରିଦୃଶ୍ୟମାନ-ଦେଶଟାକୁ ସୁନ୍ଦର କହିହେବ । ଅକୃତଜ୍ଞ ମଣିଷ ଏବେବି ବନଲକ୍ଷ୍ମୀଙ୍କୁ ବିଦାୟ ଦେଇ ପାରି ନାହାନ୍ତି । ତାଙ୍କରି ଶ୍ୟାମାଞ୍ଚଳ ଛାଇରେ ସାରା ଦେଶଟି ସିକ୍ତ ହୋଇ ରହିଛି । ଏଠାକାର ଆଦିମ ଅଧିବାସୀମାନେ ବେଶ ସୁନ୍ଦର ପ୍ରକୃତିର-ଯାହା ପାଆନ୍ତି ତାହା ଖର୍ଚ୍ଚ କରନ୍ତି । ଆସନ୍ତା କାଲି ପାଇଁ ଭାବନ୍ତି ନାହିଁ । ଏମାନେ କର୍ମକୁଣ୍ଠ-କାମ କରିବା ଲାଗି ସେମିତି ଗରଜବି ନାହିଁ । ଦି ମୁଠା ଅନ୍ନ ପ୍ରାୟ ସମସ୍ତଙ୍କ ଘରେ । ଏମାନଙ୍କର ଗୋଟିଏ ଭଲ ନିୟମ ଅଛି-ଏଠାରେ ଭାରି ଭାରି କାମ ଗୁଡାକ ସ୍ତ୍ରୀ ଲୋକମାନେ ହିଁ କରନ୍ତି-ପୁରୁଷ ମାନେ ଯେତେ କାମ କରନ୍ତି ତା ତୁଳନାରେ ସେମାନଙ୍କ ବିଶ୍ରାମ ଅନେକ ବେଶି । ଦେଖି ମନରେ ଈର୍ଷା ହୁଏ । ସ୍ତ୍ରୀ ଲୋକମାନେ ଦେଖିବାକୁ ମୋଟାମୋଟି ମନ୍ଦ ନୁହଁନ୍ତି । ଦେଶରେ ଉତ୍ତାପ କମ ନାହିଁ, ଅଥଚ ବିଜୁଳି ପଙ୍ଖାର ପ୍ରଚଳନ ନାହିଁ । ଏଠାରେ ମୋଟର ଗାଡି ସାଧାରଣ ଲୋକଙ୍କ ଘରେ ବି ଦେଖାଯାଏ । ଏମାନେ ବୋଧହୁଏ ଅନ୍ୟ ଜିନିଷ ଖାଇବା ପାଇଁ ଘରକୁ ଆସନ୍ତି ଏବଂ ହାୱା ଖାଇବା ପାଇଁ ମୋଟରେ ଚଢ଼ି ବାହାରକୁ ଯାଆନ୍ତି ।

ତୁମେମାନେ ସବୁ କିଏ କେଉଁଠି ଅଛ ଜାଣେନା । କେବେ ଜାଣିବାକୁ ପାଇବି ତା'ବି ଜାଣେନା । ମୋର ମନେ ହେଉଛି ଯେମିତି ଗୋଟାଏ ଯୁଗ ହେଲା ଏଠି କେବଳ ବକ୍ତୃତା ଦେଉଛି । ଏଠାକାର ଲୋକଙ୍କର ଗୋଟାଏ ଗୁଣ ଅଛି-ସେମାନେ ମୋତେ କେବଳ ବକ୍ତୃତା ଦେବାକୁ ଅନୁରୋଧ କରନ୍ତି-ଅର୍ଥ ବୁଝିବାକୁ ନୁହେଁ-ଶବ୍ଦ ଶୁଣିବା ପାଇଁ । ଶେଷରେ ହାତତାଳି ଦେବା ପାଇଁ ବୁଝିବା ଦରକାର ହୁଏନା । କେବେ କେବେ 'ଥ୍ରୀ ଚିଅର୍ସ ଫର ଡକ୍ଟର ଟାଗୋର' ଧ୍ୱନି ବି ଉଠେ । ଆଜି ୭ ତାରିଖ-ଆସନ୍ତା୧୫ ତାରିଖ ପର୍ଯ୍ୟନ୍ତ ମୋର ଏ ଦେଶରେ ରହିବାର କଥା ଅଛି । ତା ପରେ ଜାଭା । ଏ ଦେଶକୁ ଦେଖା ଦେବାକୁ ଆସିଛି । ସେଠାକୁ ଯାଇ ଭୈରବୀ ରାଗରେ ଗୀତ ଗାଇ

Digitized by srujanika@gmail.com

ପାରିବି 'ତୋମାୟ୍ ଦେଖତେ ଆମି, ଦେଖା ଦିତେ ଆସିନି ।' ଏଠାରେ କେବେ କେବେ ସକାଳେ ଧୀରେନ୍‌ର ଏ ସରାଜର କଲ୍ୟାଣ ଭୈରବୀ ରାଗରେ ଚର୍ଚ୍ଚା ତୁଏ-ବେଶ ଭଲ ଲାଗେ ।

। ଇତି ।

୯ ଅଗଷ୍ଟ ୧୯୨୭ ବାବା

❑

● ଧୀରେନ-ଖ୍ୟାତନାମା ଚିତ୍ର ଶିଳ୍ପୀ ଧୀରେନ୍ଦ୍ରକୃଷ୍ଣ ଦେବବର୍ମନ ଶାନ୍ତି ନିକେତନର ପ୍ରାକ୍ତନ ଛାତ୍ର ଓ ଅଧ୍ୟାପକ ।

ଚିଠି ନଂ-୮୩

ଓଁ

ମୀରୁ,

କାଲି ଜଣେ ମହିଳାଙ୍କ ସହିତ ଦେଖା ହେଲା । ସେ ନୀତୁ କଥା ପଚାରୁଥିଲେ । ଜଣେ ଥିଓସୋଫିଷ୍ଟ । ବିଲାତରେ ନୀତୁକୁ ଜାଣିଥିଲେ । ଚିଠିପତ୍ର ବି ଲେଖା ଲେଖି ହୋଇଛି । ନାଁ ଜାଣେନା । ଆଜି ଚାଲିଛି ବାଟାଭିଆରୁ ବାଲୀ ଅଭିମୁଖେ । ଏ ଦେଶଟା ସୁନ୍ଦର । ହେଲେ ସଭା ସମିତି ଓ ନିମନ୍ତ୍ରଣର ଝାମେଲାରେ ଭଲ କରି ଦେଖିବା ଅସମ୍ଭବ । ମୋ ଦଳର ଲୋକମାନେ ଖୁବ୍ ଆନନ୍ଦରେ ଅଛନ୍ତି । ସେମାନେ ବଂଧନ ମୁକ୍ତ ।

(ଶାନ୍ତି ନିକେତନ-୮, ସେପ୍ଟେମ୍ବର, ୧୯୨୭)

ପୋଷ୍ଟମାର୍କ

● ପିକ୍‌ଚର ପୋଷ୍ଟକାର୍ଡରେ ଲେଖା ଏଇ ପତ୍ରର ଆରମ୍ଭରେ ସମ୍ବୋଧନ ଏବଂ ଶେଷରେ ସ୍ୱାକ୍ଷର ନାହିଁ । ମୀରା ଦେବୀଙ୍କୁ ଲେଖା ଏହି ଚିଠିଟି ଶାନ୍ତି ନିକେତନରେ ପହଞ୍ଚିଛି ୮ ସେପ୍ଟେମ୍ବର ୧୯୨୭ ରେ ।

❑

ଚିଠି ନଂ-୮୪

ଓଁ

Uttarayan,Santiniketan

Bengal

ମୀରୁ,

ଶୁଣିଲି ତୁମେମାନେ ଦିଲ୍ଲୀ ଯାଉଛ । ଦିଲ୍ଲୀ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର । ସୁରେନ୍ ଦାଶଗୁପ୍ତ ସେଠାରୁ ଭୀଷଣ ମେଲେରିଆ ନେଇ ଫେରିଛି । କ୍ରମାଗତ କୁଇନାଇନ ଇଂଜେକସନ ଚଳେଇଛି । ଏବେ ତୁମେମାନେ ସେଠାକୁ ଗଲେ ମୋତେ ଉଦ୍‌ବିଗ୍ନ କରି ରଖିବ । ଆସିବାଠାରୁ ଏଠାରୁ ଫେରିବାକୁ

Digitized by srujanika@gmail.com

ଚେଷ୍ଟା କରୁଛି । ପୁପେର ଦାନ୍ତ ପାଇଁ ଅଟକି ରହିବାକୁ ପଡିଛି । ରଥୀକୁ କାମ ନେଇ ଶାନ୍ତିନିକେତନ ଯିବାକୁ ପଡିଲା । ତେଣୁ ଅଟକି ଗଲି । ବୁଧବାର ତାର ଦାନ୍ତର କାମ ବର୍ତ୍ତମାନ ପାଇଁ ଶେଷ ହେବ । ମୁଁ ଗୁରୁବାର ସକାଳ ଗାଡିରେ ହିଁ ଦଉଡିବି । ତୁମମାନଙ୍କ ପାଇଁ ଚିନ୍ତିତ ଅଛି । ।ଇତି ।

୧୯, ନଭେମ୍ବର ୧୯୨୭, ପୋଷ୍ଟମାର୍କ । ବାବା

❑

- ଏହି ପତ୍ର ସହିତ ସଂରକ୍ଷିତ ଲଫାପାଟା ବୋଧହୁଏ ଅନ୍ୟ କୌଣସି ପତ୍ରର । ଏହି ପତ୍ରଟିର ରଚନାକାଳ ଫ୍ରେବୃଆରୀ, ମାର୍ଚ୍ଚ ୧୯୨୭ର ପାଖାପାଖି ହେବା ସମ୍ଭବ । (ଦ୍ରଃ ଚିଠିପତ୍ର-୪ ପୃଷ୍ଠା-୧୨୬-୨୭)
- ସୁରେନ୍ ଦାଶଗୁପ୍ତ-ସଂସ୍କୃତ କଲେଜର ଅଧକ୍ଷ ଦାର୍ଶନିକ ସୁରେନ୍ଦ୍ରନାଥ ଦାଶଗୁପ୍ତ ।

ଚିଠି ନଂ-୮୫

ଜନ୍ମ ଦିନର ଆଶୀର୍ବାଦ

ମୀରୁ,

ତୋତେ ଯେଉଁଠି ଭଲ ଲାଗୁଛି ସେଇଠି ରହ । ସେଥିରେ ମୁଁ ବି ଖୁସି ହେବି । ଏଇ ଗରମରେ କଲମ୍ବୋରେ ବୁଲାବୁଲି କରିବାକୁ ସେତେ ହୁଏତ ଭଲ ଲାଗନ୍ତା ନାହିଁ । ତା ଛଡା ସେଠାରେ ଅଜଣା ଲୋକଙ୍କର ଆତିଥ୍ୟରେ ତୁ ହୁଏତ କୁଣ୍ଠିତ ଓ କ୍ଲାନ୍ତ ବୋଧ କରନ୍ତୁ । ତୋର ଗଛପତ୍ର ଗୁଡିକ ସାନ୍ତାଳ ମାଳୀ ହାତରେ ଛାଡି ଦେଇ ଗଲେ ସେ ଗୁଡିକର ଆଉ ବାକି କିଛି ରହନ୍ତା ନାହିଁ ।

ଆଜି ଉପର ଓଳି ଜନ୍ମ ଦିନର ଉତ୍ସବ ଉପଲକ୍ଷରେ ବହୁତ ଭିଡ ଜମିବ । ସେ ସବୁ ମୋତେ କୌଣସି ପ୍ରକାରେ ଭଲ ଲାଗେନା । ସକାଳଠାରୁ ଲୋକଙ୍କର ଆକ୍ରମଣ ଚାଲିଛି । ଫୁଲରେ ଫୁଲରେ ମୋ ଘର ଭର୍ତ୍ତି ହେଇ ଯାଇଛି । ମୋର କଲମ୍ବୋ ଯିବା ଆଗାମୀ ଶୁକ୍ରବାର ।

।ଇତି ।

(୮ମଇ ୧୯୨୮) ବାବା

❑

- ୧୧ ମେ, ରେ ରବୀନ୍ଦ୍ରନାଥ କଲିକତାରୁ ଇଂଲଣ୍ଡ ଯାତ୍ରା କରିଥିଲେ । କିନ୍ତୁ ଅସୁସ୍ଥତା ବଶତଃ କଲମ୍ବୋରୁ ଫେରି ଆସିଲେ ।
  (ଦ୍ରଃ-ନିର୍ମଳ କୁମାରୀ ମହଲାନବୀଶ 'କବିର ସଂଗେ ଦାକ୍ଷିଣାତ୍ୟେ' ଡି.ଏମ୍.ଲାଇବ୍ରେରୀ-୧୩୬୩)

Digitized by srujanika@gmail.com

ଚିଠି ନଂ-୮୬

ଓଁ

ମୀରୁ,

ମାଡ୍ରାଜରେ ପହଞ୍ଚିଛି । ରହୁଛି ଆଡାୟାରରେ । ରାମସ୍ୱାମୀ ଆୟାରଙ୍କ ଘରେ ଗାଧୋଇବା ଇତ୍ୟାଦିରେ ସୌଜନ୍ୟରକ୍ଷା ଅସମ୍ଭବ ହୁଏ । ତେଣୁ ଏଥର ଆନିବେସାନ୍ତଙ୍କ ଶରଣାପନ୍ନ । ଯତ୍ନରେ ରଖିଛନ୍ତି । ବର୍ତ୍ତମାନ ଚେଷ୍ଟା ଚାଲିଛି କେବେ ଷ୍ଟିମାର ମିଳିବ । ସବୁ ଷ୍ଟିମାରରେ ଭୀଷଣ ଭିଡ । ଆରାମ ମିଳିବାର ସମ୍ଭାବନା ନାହିଁ । ଏଣ୍ଡ୍ରୁଜ ସାହେବ ପ୍ରାୟ ଅର୍ଦ୍ଧମୃତ । ଆରିୟାମ ମାଡ୍ରାଜ ଆସିଛି । ଜୁନ ଶେଷ ଆଡ଼କୁ ହୁଏତ ଜାହାଜ ମିଳିବ । ମଝି ସମୟଟା କେଉଁଠି ରହିବି ସେ ବିଷୟରେ କଥାବାର୍ତ୍ତା ଚାଲିଛି । ଏ ବିଷୟରେ ପରାମର୍ଶ ଦାତାଙ୍କ ସଂଖ୍ୟା ବେଶି ହେବାରୁ ପରାମର୍ଶର ସଂଖ୍ୟା ମଧ ବଢ଼ି ବଢ଼ି ଚାଲିଛି । କୋଡାଇ କେନାଲ, ନଙ୍ଗୀ ପାହାଡ଼, କୁନ୍ନୁର, ଉଟି, ନଉରେଲିୟା ଇତ୍ୟାଦି ଅନେକ ନାଁ କର୍ଣ୍ଣଗୋଚର ହେଉଛି । ମୋର ଭୂଗୋଳ ବିଷୟର ଜ୍ଞାନ ଆଗଠାରୁ ପ୍ରଶସ୍ତ ହୋଇଛି । ହେଲେ କେଉଁଠାକୁ ଯିବା ଉଚିତ ସେଇ ସିଦ୍ଧାନ୍ତଟି ଦିନକୁ ଦିନ ଅସ୍ପଷ୍ଟ ହେଇ ଉଠୁଛି । ରାଣୀ ଭଲ ଅଛି । ପ୍ରଶାନ୍ତ ସହିତ ନିୟମିତ ଝଗଡା ଚାଲିବା ଫଳରେ ତା ମନଟା ବୋଧେ ଖରାପ ଅଛି । ଆଉ ସବୁ ଖବର ଭଲ । ଅର୍ଥାତ୍ ଆଉ କୌଣସି ଖବର ନାହିଁ । । ଇତି ।

୩୦ ବୈଶାଖ ୧୩୩୫, ୧୩ମେ ୧୯୨୮ ବାବା

❑

- ଆଡାୟାରରେ -ମାଡ୍ରାଜ ସହର ପାଖରେ । ଏଠାରେ ଥିଓସୋଫିକାଲ ସୋସାଇଟିର ପ୍ରାଣକେନ୍ଦ୍ର ଅବସ୍ଥିତ । ଆନିବେସାନ୍ତ-ଇଂରେଜ ମହିଳା । ଥିଓସୋଫିଷ୍ଟ (୧୮୪୭-୧୯୩୩) ହୋମ ରୁଲ୍ ଲିଗ୍‌ର ପ୍ରତିଷ୍ଠାତା । ୧୯୧୭ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ ।

ଚିଠି ନଂ-୮୭

ଓଁ

VISVA BHARATI
10, Cornwallis Street
Calcutta-1,Phone-Regent -537

ମୀରୁ,

କୁନ୍ନୁର ପାହାଡରେ ପୀଠାପୁରମ ମହାରାଜଙ୍କ ଆତିଥ୍ୟ ଭୋଗ କରୁଛି । ୨୭ ମେ ରେ ଆମ ଜାହାଜ ମାଡ୍ରାଜ ଛାଡିବ । ଆମେ ଏଠାରୁ ୨୬ ମେ'ରେ ବାହାରିବା । ମାଡ୍ରାଜରେ ଯେମିତି ଗରମ ସେମିତି ମଶା । କିଛିଦିନ ବେଶ ଛଟପଟ ହେଲିଣି । ଏଠାକୁ ଆସି ଭୁଲି ଯାଇଛି ଯେ ପୃଥିବୀରେ ଗରମ ବୋଲି କିଛି ଅଛି । ମଶା ଗୋଟାଏ ଯୋଡାଏ ଭଁ ଭଁ କରି ଘୂରି ବୁଲୁଛନ୍ତି କିନ୍ତୁ ଆମ ଦେହ

Digitized by srujanika@gmail.com

ଗରମ କପଡାରେ ଘୋଡାଇ ହେଇ ଥିବାରୁ ସେମାନେ କିଛି ସୁବିଧା କରି ପାରୁ ନାହାନ୍ତି । ଜାଗାଟା ଭଲ । ସବୁଜ ବନରାଜି, ସୁନୀଳ ଆକାଶ, ଚାରିଆଡେ ନାନା ବର୍ଣ୍ଣର ଫୁଲ । ଖୁବ୍ ବେଶି ଥଣ୍ଡା ନୁହେଁ । ଆମ ଦେଶର ଶୀତଦିନ ପରି । ଅଳ୍ପ ଅଳ୍ପ ଗରମ କପଡାରେ ହିଁ ସହ୍ୟ କରିହୁଏ । ତା ଛଡା ଗାଧୋଇବା ପୂର୍ବରୁ ଦ୍ୱାଧାର କାରଣ ନଥାଏ । ପ୍ରଶାନ୍ତ ଓ ରାଣୀ ଉଟି ବୁଲିବାକୁ ଯାଇଛନ୍ତି । ସେ ଜାଗାଟା ଦେଖିବାକୁ ସୁନ୍ଦର । ମୁଁ ସ୍ଥିର ହେଇ ଗୋଟିଏ ଜାଗାରେ ଅଛି । ଏଣ୍ଡ୍ରୁଜ ସାହେବ କିଛିଟା ମ୍ଲାନ ହେଇ ରହିଛନ୍ତି । ତାଙ୍କର ଦେହଟା ବିଶେଷ ଭଲ ନାହିଁ ।

ତୁମମାନଙ୍କର ସେଠାରେ ବର୍ଷାର ବାଦଲ ବୋଧହୁଏ ମଝିରେ ମଝିରେ ଦେଖା ଦେଉଛି । ସେଠାକାର ବର୍ଷାର ଛବିଟା ମନକୁ ଆସିଲେ ମନଟା ବୃଥା କରି ଅଙ୍କୁରୀ ଉଠେ । ସେଇ ଛବିରୁ ଗ୍ରୀଷ୍ମର ସ୍ମୃତିଟା ବାଦ ଦେଇ ଦିଏଁ ।

ଏଠାକାର ରାଜବାଡିରେ ଘରଟା ଅନୁଭୂତି ଭିତରେ ଅଛି । ରାଜା ବିଶେଷ ଦେଖା ଦିଅନ୍ତି ନାହିଁ । ସେଇଥିରେ ହିଁ ବେଶ ଆରାମ ପାଉଛି । ଆହାରର ପରିମାଣ ଓ ବୈଚିତ୍ର୍ୟ ରାଜକୀୟ ।

। ଇତି ।

(୨୦-୨୫ ମେ ୧୯୨୮) ବାବା

❑

- ପିଠାପୁରମ ମହାରାଜାଙ୍କ ଆତିଥ୍ୟ-ନୀର୍ମଳ କୁମାରୀ ମହଲାନବୀଶଙ୍କର ପୂର୍ବୋକ୍ତ ''କବିର ସଙ୍ଗେ ଦାକ୍ଷିଣାତ୍ୟେ'' ଗ୍ରନ୍ଥରେ ଏ ସମ୍ପର୍କରେ ବିସ୍ତୃତ ବିବରଣି ମିଳେ ।

ଚିଠି ନଂ-୮୮

ଓଁ

ମୀରୁ,

କୁନ୍ନୁର ଠାରୁ ମାନ୍ଦ୍ରାଜକୁ ଚାଲି ଆସିଲି । ପାହାଡ ଉପରେ ଯେମିତି ଥଣ୍ଡା । ଏଠି ସେମିତି ଗରମ । ଆଜି ଉପର ଓଲି ଜାହାଜରେ ଚଢ଼ିବି । ଜାହାଜ ଛାଡିବ ଆଜି ରାତିରେ । କଲମ୍ବୋ ପହଞ୍ଚିବାକୁ ବୋଧହୁଏ ତିରିଶ-ତା ପରେ ଲମ୍ବା ଯାତ୍ରା । ଭଲ ଲାଗୁନି ଯିବାକୁ । ମନେ ହେଉଛି ଏଣ୍ଡ୍ରୁଜ ସଙ୍ଗରେ ମୋର ପଡିବନି । ଇଉରୋପରେ ଓହ୍ଲେଇ ତାକୁ ଲଣ୍ଡନ ଚାଲାନ କରି ଦେବି । ଏରିଆମ୍ ଅଛି-ତା ସାଙ୍ଗରେ ମୋର ବେଶ ପଟେ । ଏରିଆମ୍‌କୁ ଏଣ୍ଡ୍ରୁଜ ଦି ଆଖିରେ ଦେଖି ପାରେନା । ଲଣ୍ଡନରେ ମୋର ଠିକଣା । ଏକ୍ସପ୍ରେସ୍‌ର କେଆରରେ ଠିକ୍ ଠିକଣାଟା ରାଣୀ ତୋତେ ପରେ ଜଣେଇବ । ମୁଁ ଜାଣେନା, ସ୍ୱଦେଶରେ ହଜାରେ ପ୍ରକାର ଝାମେଲାରୁ ଦୂରରେ ରହି କିଛିଦିନ ଆରାମ କରିବି । ତା ପରେ ପୁଣି ଭୁଲି ଯିବି । ସେତେବେଳେ ପୁଣି ଦେଶକୁ ଫେରିବା ପାଇଁ ମନଟା ବ୍ୟସ୍ତ ହେବ । ମୋଟ କଥା ଡିସେମ୍ବର ମଧ୍ୟରେ ହିଁ ଫେରିବି । ୭ ପୌଷକୁ ଫାଙ୍କି ଦେବିନି । । ଇତି ।

୨୭ ମେ, ୧୯୨୮ । ବାବା

❑

Digitized by srujanika@gmail.com

ଚିଠି ନଂ-୮୯

ଓଁ

ମୀରୁ,

ତୁମେ ଆସିନୁ ଭଲ କରିଛୁ, ମୁଁ ବି ଚାରି ଦିନ ମଧ୍ୟରେ ହିଁ ଯିବି । ଏଠାରେ ମେହେନ୍ତର ମାନଙ୍କର ଧର୍ମଘଟ ହୋଇ କଲିକତା ସହରଟା ପଚି ଗଲାଣି । ବର୍ଷା ମଝିରେ ମଝିରେ ହୁଏ । ସେଥିରେ ଥଣ୍ଡା ହୁଏନା । କଲିକତା ଖାଲି ଝାଳେଇ ଯାଏ । ଏଇ ସମୟରେ ତୋ ବଗିଚା ସାମନାର ଅନେକ ଫଳଗଛ ଲଗେଇ ଦେ । ମୁଁ ଏଥର ଶାନ୍ତି ନିକେତନ ଯାଇ ଅଜ୍ଞାତବାସରେ ରହିବି ସ୍ଥିର କରିଛି । ବୁଧବାର ଛାଡି ବାକି ଦିନ ଗୁଡିକ ଅଦୃଶ୍ୟ ହେଇଯିବି । ଆଜି ଶୁଣୁଚି ପ୍ରଶାନ୍ତ ତୁମମାନଙ୍କ ଠାକୁ ଯିବ । । ଇତି ।

ଶୁକ୍ରବାର,କଲିକତା ୨୯ ଜୁନ, ୧୯୨୮, ପୋଷ୍ଟମାର୍କ । ବାବା

❑

ଚିଠି ନଂ-୯୦

ଓଁ

କଲ୍ୟାଣୀୟାସୁ,

ଆଜି ସକାଳେ ହଠାତ୍ ସୁଧୀରର ମୃତ୍ୟୁ ହୋଇ ଯାଇଛି । କାରସିଆଙ୍ଗରୁ ବୋଧହୁଏ ତାକୁ ଇନଫ୍ଲୁଏନ୍‌ଜା ଏବଂ ତା ପରେ ନିମୋନିଆ ହେଇଥିଲା । ଏଠାକାର ନଗେନ ଡାକ୍ତର ତାକୁ ଠିକ୍ ଭାବେ ଧରି ପାରି ନାହାନ୍ତି । ଆଗରୁ ଶ୍ୱାସ ରୋଗ ତାର ଥିଲା । ମୋ ପାଖରୁ ଔଷଧ ନେଇ ସେଇଟା ପୂରାପୂରି ଭଲ ହେଇ ଯାଇଥିଲା । ଆମେ କେହି ଖବର ପାଇ ନାହୁଁ ତାର କୌଣସି ସାଂଘାତିକ ବେମାର ହୋଇଛି ବୋଲି । ଏବେ ରମା ଓ ସୌମ୍ୟ ପ୍ରଭୃତିଙ୍କ ଯୋଗୁଁ ସେ ବଡ ବ୍ୟସ୍ତ ଥିଲା । ତା ଉପରେ ପୁଣି ତା'ର ବେମାରି । ତାର ଦୁର୍ବଳ ଶରୀର ବୋଧେ ସହ୍ୟ କରି ପାରିଲା ନାହିଁ ।

ହାରାସନର ଜ୍ୱର ଆଜି ସମ୍ପୂର୍ଣ୍ଣ ଛାଡିଛି । ନୀଳ ରତନ ବାବୁ ଖୁବ୍ କୁଇନାଇନ ଚଳଉଛନ୍ତି । ଭାବୁଚି ଆଉ ବୋଧେ ଜ୍ୱର ଫେରିବନି ।

ବଉମା ହେରିକା ଆସୁଛନ୍ତି । ଏ ଖବର ତୁ ହୁଏତ ପାଇଥିବୁ । ରଥୀର ସେଇ ସାଇଟିକାର ଯନ୍ତ୍ରଣା ଅଛି । ତାକୁ ବିଦ୍ୟୁତ୍ ଚିକିତ୍ସା କରେଇବାକୁ ହେବ । ସେଇଟା ଖୁବ୍ ଉପକାରୀ । ମୁଁ ଦି'ନେ ଦି'ଦିନ ଭିତରେ ଶାନ୍ତି ନିକେତନକୁ ଫେରିବାକୁ ଚେଷ୍ଟା କରିବି । ଶେଷକୁ ହୈମନ୍ତୀ ହାରାସନର ସେବା କରିବାକୁ ରାଜି ହୋଇଛି । ହୈମନ୍ତୀର ଦେହ ଏଠାରେ ଭଲ ରହୁଛି । ମୋର ଘର ନାହିଁ । କାନ ଭାଁ ଭାଁ ଅନେକ କମିଛି । ରେଖାର ବିପଦ ବୋଧହୁଏ ଉତ୍ତୀର୍ଣ୍ଣ ହୋଇ ଯିବଣି । ବଉମାର ଧଇଁ ପେଲିବା ରୋଗ ପାଇଁ ମଧ୍ୟ ସେଇ ବୈଦ୍ୟୁତିକ ଚିକିତ୍ସା ଚାଲିଛି । । ଇତି ।

ବୁଧବାର, କଲିକତା, ୭ନଭେମ୍ବର-୧୯୨୯, ପୋଷ୍ଟମାର୍କ । ବାବା

❑

Digitized by srujanika@gmail.com

- ସୁଧୀରର ମୃତ୍ୟୁ-ଦ୍ୱିଜେନ୍ଦ୍ର ଲାଲ ଠାକୁରଙ୍କ ପୁତ୍ର 'ସାଧନା' ପତ୍ରିକାର ସମ୍ପାଦକ ସୁଧୀନ୍ଦ୍ର ନାଥ ଙ୍କର ମୃତ୍ୟୁ । (୬)? ନଭେମ୍ବର ବୁଧବାର ।
- ରମା-ସୁଧୀନ୍ଦ୍ର ନାଥଙ୍କ କନ୍ୟା । ଗିରିଜା ମୁଖୋପାଧ୍ୟାୟଙ୍କ ପତ୍ନୀ ।
- ସୌମ୍ୟ-ସୌମେନ୍ଦ୍ର ନାଥ ଠାକୁର
- ହାରାସାନ-ଜାପାନରୁ ଆଗତ ଶାନ୍ତି ନିକେତନର ଛାତ୍ରୀ । ଶାନ୍ତି ନିକେତନରେ ଅସୁସ୍ଥ ହୋଇ ପଡିଥିବାରୁ ତାଙ୍କୁ ଜୋଡା ସାଙ୍କୋ ନିଆ ଯାଇଥିଲା ।
- ନୀଳ ରତନ ବାବୁ-ଡାକ୍ତର ନୀଳ ରତନ ସରକାର (୧୮୬୧-୧୯୪୩)
- ହୈମନ୍ତୀ-ହିଅରଡିସ ସିଗର, ଜନ୍ମ ଡେନମାର୍କରେ । ରବୀନ୍ଦ୍ର ନାଥଙ୍କ ସଚିବ କବି ଅମିୟ ଚକ୍ରବର୍ତ୍ତୀଙ୍କ ସହ ବିବାହ ହୁଏ । ଆଶ୍ରମର ବିଭିନ୍ନ କାମରେ ସେ ନିଜକୁ ନିଯୁକ୍ତ କରିଥିଲେ । ହୈମନ୍ତୀ ଏହି ସମୟରେ ଜୋଡାସାଙ୍କୋରେ ଥିଲେ ।

ଚିଠି ନଂ-୯୧

ଓଁ

Messageries

Maritimes

କଲ୍ୟାଣୀୟାସୁ,

ମୀରୁ, କଲମ୍ବୋରେ ଉହ୍ଲେଇ ରଥୀର ବେମାରିଟା ବଢ଼ିଗଲା । ସେ କଲିକତା ଫେରିଯିବାକୁ ଚାହିଁଲା । ସୁହୃଦ୍ କହିଲା ସେଇଟା ଉଚିତ ହେବ ନାହିଁ । କାରଣ ଇଉରୋପକୁ ନ ଗଲେ ରୋଗ ସମ୍ପୂର୍ଣ୍ଣରୂପେ ଭଲ ହେବାର ସମ୍ଭାବନା କମ । ଶେଷରେ ଅନେକ ଆଲୋଚନା ପରେ ସ୍ଥିର ହେଲା ସୁହୃଦ ମାର୍ସେଲିସ ପର୍ଯ୍ୟନ୍ତ ଯିବ । କିନ୍ତୁ ତାର ପାର୍ସପୋର୍ଟ ନାହିଁ । ସେତେବେଳେ ରାତି ୮ଟା-ଜାହାଜ ଚଢ଼ିବାକୁ ହେବ ରାତି ୧୦ଟାରେ । ନିଜେ ଗଲି ଫରାସୀ କନ୍ ସଲଙ୍କ ପାଖକୁ । କହିଲି, ଏତେ ରାତିରେ ପାସପୋର୍ଟ ପାଇବା ଅସମ୍ଭବ । ତେଣୁ ତୁମେ ଗୋଟାଏ ଅନୁମତି ପତ୍ର ସ୍ୱହସ୍ତରେ ଲେଖିଦିଅ । ତା ପରେ ମାର୍ସେଲିସରେ ପହଞ୍ଚି କେମିତି ହେଲେ ପାର୍ସପୋର୍ଟ ଯୋଗାଡ କରିବି । ଅନେକ ହଁ ନାହିଁ ପରେ ସେ ଅବଶ୍ୟ ଗୋଟିଏ ଚିଠି ଦେଲେ । ତାହାରି ବଳରେ ସୁହୃଦ୍ ଚାଲିଛି । ମନଟା ନଳିନୀ ପାଇଁ ଖୁବ୍ ବ୍ୟସ୍ତ । ହେଲେ ସେ ନଳିନୀର ସୁହୃଦ୍-ହୃଦ-ରଂଜନୀ ନଳିନୀ ନୁହେଁ । ସେ ନଳିନୀ ରଂଜନ ସରକାର । ତାର ମୁନିବ । ଛୁଟି ମଂଜୁର ନ କଲେ ମୁସ୍କିଲ ହେବ । ଜାହାଜରେ ଉଠିବା ଠାରୁ ରଥୀର ଦେହ ଭଲ ଅଛି । ସହଜ ଭାବରେ ଖିଆପିଆ ଚାଲିଛି ।

ପୁପେ ଫରାସୀ ପିଲାଙ୍କ ସହିତ ବେଶ ଖେଳ ଜମେଇଛି । ସମସ୍ତଙ୍କ ଉପରେ ମାଲିକାତି କରୁଛି । ଗୋଳମାଳ ଓ କଳରୋଳର ସୀମା ନାହିଁ । କିନ୍ତୁ ଜାହାଜଟା ଟିକିଏ ଭଲ ନୁହେଁ । ଯେମିତି ଅପରିଷ୍କାର ସେମିତି ଅବ୍ୟବସ୍ଥା । ଭୂଇଁ ଛୁଇଁଲେ ରକ୍ଷା । କିଛିଦିନ ଆଗରୁ ଏମାନେ ଜାହାଜରେ

Digitized by srujanika@gmail.com

ଗୋଟିଏ ଉତ୍ସବ ପାଳନ କରିଥିଲେ । ନୃତ୍ୟ, ଗୀତ, ଆବୃତ୍ତି ଏବଂ ଛଦ୍ମବେଶର ପୋଷାକ ଇତ୍ୟାଦି । ଜାହାଜର ଜଣେ ପିଆନୋ ବାଦକ "ନୂପୁର ବେଜେଯାୟ" ଗୀତଟି ଶିଖି ନେଇଥିଲେ । ସେ ବଜେଇ ଥିଲେ । ପୁପେ ନାଚି ଥିଲା । ସମସ୍ତଙ୍କୁ ଭଲ ଲାଗିଛି । ମୋତେ ବଙ୍ଗଳା କବିତା ପଢ଼ିବା ପାଇଁ କୁହାଗଲା । ମୁଁ ପଢ଼ିଲି "ଯଦିଓ ସଂଧ୍ୟା ଆସିଛେ ମନ୍ଦ ମନ୍ଥରେ" ବାହାବା ମଧ ପାଇଛି । ଅମିୟର ଅନ୍ତରିନ୍ଦ୍ରିୟ ଏବେ ବି ପୂର୍ବପରି, ତା ସ୍ତ୍ରୀର ଅବସ୍ଥା ଭଲ ।

ଆଶା କରେଁ ତୁମମାନଙ୍କର ଦୋଳ ପୂର୍ଣ୍ଣିମାର ଉତ୍ସବ ବେଶ୍ ଜମିଥିଲା । ତୋର ବଗିଚା ନିଶ୍ଚୟ ଫୁଲରେ ଫୁଲରେ ପ୍ରଫୁଲ୍ଲ । ମାଧବୀ ଦେଖା ଦେଇଛି । ମଲ୍ଲୀ ଫୁଟିଛି । ଗୋଲକ ଚମ୍ପାବି ଅଜସ୍ର । ଏଠାରେ ଦକ୍ଷିଣା ପବନ ଖୁବ୍ ଜୋରରେ ବହୁଛି । ହେଲେ ଫୁଲ ବଦଳରେ ଫେଣ । ଏତେ ଦିନକୁ ବୋଧେ ଗରମ ଘନେଇ ଆସିଛି । କିନ୍ତୁ ଏଠାରେ ବେଶ୍ ଥଣ୍ଡା ପଡିଛି ।

। ଇତି ।

(୧୬ ମାର୍ଚ୍ଚ- ୧୯୩୦) ବାବା

□

- ଶାରୀରିକ ଅସୁସ୍ଥତା ପାଇଁ ୧୯୨୮ ମସିହାରେ ଇଂଲଣ୍ଡ ଅଭିମୁଖରେ ଯାତ୍ରାର ପୂର୍ବ ମୁହୂର୍ତ୍ତରେ କଲମ୍ବୋ ଠାରୁ ରବୀନ୍ଦ୍ରନାଥଙ୍କୁ ଫେରି ଆସିବାକୁ ହୋଇଥିଲା । ୧୯୩୦ ମାର୍ଚ୍ଚ ମାସରେ ଶେଷଥର ପାଇଁ ରବୀନ୍ଦ୍ରନାଥ ଇଉରୋପ ଓ ଆମେରିକା ଯାତ୍ରା କରିଥିଲେ । ଅକ୍ସଫୋର୍ଡ଼ରେ ହିବାର୍ଟ ବକ୍ତୃତାବି ଦେବାର ଥିଲା । ଏଥର ତାଙ୍କ ସାଙ୍ଗରେ ଥିଲେ ରଥନ୍ଦ୍ର ନାଥ, ପ୍ରତିମା ଦେବୀ, ସେମାନଙ୍କ ପାଳିତା କନ୍ୟା ପୁପେ ବା ନନ୍ଦିନୀ ଏବଂ ସଚିବ ଆରିଅମ୍ । ଶେଷରେ ଡାକ୍ତର ସୁହୃଦ୍ ନାଥ ମଧ ଗଲେ ।
- ସୁହୃଦ-ଡାକ୍ତର ସୁହୃଦ ନାଥ ଚୌଧୁରୀ, ଦ୍ୱିପେନ୍ଦ୍ରନାଥ ଠାକୁରଙ୍କ କନ୍ୟା ନଳିନୀର ସ୍ୱାମୀ ।
- ନଳିନୀ ରଂଜନ ସରକାର-ହିନ୍ଦୁସ୍ଥାନ ଇନସିଓରେନ୍ସ ଇତ୍ୟାଦି ପ୍ରତିଷ୍ଠାନର କର୍ଣ୍ଣଧାର । ବିଶିଷ୍ଟ ରାଜନୈତିକ ନେତା ।

ଚିଠି ନଂ-୯୨

ଓଁ

ମୀରୁ,

ଏଇ ମାତ୍ର ଗମ୍ୟ ସ୍ଥାନରେ ପହଞ୍ଚିଲି । ଜାହାଜରେ ଅନେକ ଅସୁବିଧା ହେଉଥିଲା । ସୁଏଜ କେନାଲରେ କୁହୁଡି ଯୋଗୁଁ ଧକ୍କା ଲଗାଇ ଗୋଟାଏ ହାଲ୍ ଭାଙ୍ଗି ଗଲା । ଅନେକ ଦିନ ଲାଗିଲା ତାକୁ ସଜାଡି ବାକୁ । ତା ପରେ ଗୋଟାଏ Steam Pipe ମଧ ଦିନେ ଫାଟିଲା । ତାର ଝାମେଲା ପୁଣି ବଢ଼ିଲା । ମେଡିଟେରେନିଅନ୍‌ରେ ଆସି କ୍ୟାପଟେନ୍ ଆବିଷ୍କାର କଲେ ଯେ ଜାହାଜର ତଳ ଦେଶ ଫାଟି ଯାଇ ପାଣି ପଶୁଛି । କାଲି ସକାଳେ କେପଟେନ ଭାବିଥିଲେ ଯେ ଜାହାଜ ବନ୍ଦର

Digitized by srujanika@gmail.com

ଯାଏ ପହଞ୍ଚିବ ନାହିଁ । ସମସ୍ତ ରାସ୍ତାଟା କେବଳ କୂଳ ପାଖେ ପାଖେ ଜାହାଜ ଚଳେଇ ଆସିଛନ୍ତି । ଯଦି ବୁଡ଼ିବା ଅବସ୍ଥାକୁ ଆସେ ତେବେ ଅନ୍ତତଃ ନୌକାରେ ଯାତ୍ରୀମାନଙ୍କୁ କୂଳରେ ପହଞ୍ଚେଇ ଦେଇ ହେବ । କିନ୍ତୁ ମୁଁ ନିଶ୍ଚୟ ଜାଣିଥିଲି ମୁଁ ଯେତେବେଳେ ଅଛି ଜାହାଜ କୌଣସି ପ୍ରକାରେ ବୁଡ଼ିବ ନାହିଁ । ମୋର ଯେ ଅନେକ କାମ ବାକି ଅଛି । କାପଟେନ ବିଚାରି ଶେଷ ବେଳକୁ ଅନ୍ତତଃ ପାଞ୍ଚ ରାତି ଖଣ୍ଡେ ଆଖି ପତାବି ପକେଇ ନାହାନ୍ତି । ଜାହାଜରେ ଯେତେ ପମ୍ପ ଥିଲା ସବୁ ଗୁଡ଼ିକ ପାଣି ବୋହିବା କାମରେ ଲଗେଇ ଦେଲେ । ଯା ହେଉ କୌଣସି ପ୍ରକାରେ କାଲି ଜାହାଜ ଆସି ଘାଟରେ ପହଞ୍ଚିଲା ।

ରଥୀର ଦେହ ବେଶ ସୁସ୍ଥ ଅଛି । ଖାଇବା ପିଇବା ବେଶ କରୁଛି । ଜାହାଜ ତେରି କରିବା ଫଳରେ ତା ଶରୀର ପକ୍ଷେ ଭଲ ହେଲା । ମୁଁ ମଧ୍ୟ ଦୁଇଟା ଲେକଚର ଲେଖି ପକେଇଛି । ଏ ଜାଗାଟି ଦେଖିବାକୁ ଖୁବ୍ ସୁନ୍ଦର । ବୋଧହୁଏ ଚାରି ସପ୍ତାହ ଖଣ୍ଡେ ରହିବାକୁ ହେବ । ଆଶା ତୁମମାନଙ୍କର ସେଠାରେ ସବୁ ଭଲ-ତୋର ଗଛ ବୃକ୍ଷ, ଛେଳି ଗାଈ, ବଂଧୁ ବାନ୍ଧବ ଇତ୍ୟାଦି ।

। ଇତି ।

୨୭ ମାର୍ଚ୍ଚ, ୧୯୩୦ । ବାବା

❑

• ବୋଧହୁଏ ଚାରି ସପ୍ତାହ-ରବୀନ୍ଦ୍ର ନାଥ ଏହି ସମୟରେ ଦକ୍ଷିଣ ପ୍ରାନ୍ତରେ Cap Martin ର ଆଲବର୍ଟ କାନ୍‌ଙ୍କ ଘରେ ରହୁଥିଲେ ।

ଚିଠି ନଂ-୯୩

ଓଁ

କଲ୍ୟାଣୀୟାସୁ,

ମୀରୁ ଆଜି ମୋର ଜନ୍ମଦିନ । କିନ୍ତୁ ଦିନଟା କୌଣସି ପ୍ରକାରେ ଜନ୍ମଦିନ ପରି ଲାଗୁନି । କାହିଁ ସେଇ ବୈଶାଖୀ ଖରା, ଘୂର୍ଣ୍ଣାୟମାନ ବିଜୁଳି ପଂଖା, କ୍ଳାନ୍ତ କପୋତର ସ୍ୱର । ଏଥରର ଜନ୍ମଦିନ କେବଳ ପାଂଜିରେ ଅଛି । ଅନ୍ୟକେଉଁଠାରେ ତାକୁ ଖୋଜିଲେ ମିଳେନା । ରଥୀମାନେ ଅଛନ୍ତି ସୁଇଜରଲାଣ୍ଡରେ । ମୁଁ ଅଛି ପାରିସରେ । ମୋର ସାଥି ଆରିୟମ ମୋର ସହାୟ ହୁଏ । ଏଥର ଗୋଟାଏ ହୋଟେଲରେ ରହୁଚି । ଗୋଟିଏ ଶୋଇବାର, ଗୋଟିଏ ବସିବାର ଏବଂ ଆଉ ଗୋଟିଏ ଗାଧୋଇବା ଘର । ଶୋଇବା ଘର ଟେବୁଲରେ ନାନା ରଙ୍ଗର କାଳି କଲମ, କାଗଜ, ପେନସିଲ ଚାରିଆଡେ ବିଛାଡ଼ି ହେଇ ପଡ଼ିଛି । ଭିନ୍ନ ଭିନ୍ନ ଆକାରର ବାକ୍ସମାନ କୋଣରେ ଆସ୍ଥାନ ଜମେଇ ପଡ଼ିଛନ୍ତି । କାଛକୁ ଲାଗି ମୋର ପଲଙ୍କ । କିନ୍ତୁ ତା ଚେହେରାରୁ ତୁ ମୋଟେ କଳ୍ପନା କରି ପାରିବୁନି । ଏଇ ମାତ୍ର ଯେ ବିଦେଶିନୀ ପରିଚାରିକାଟି ରୁଟି, ମାଖନ ଓ କଫି ଦେଇଗଲା ରଙ୍ଗ ରୂପରେ, ଭାଷା ଭଙ୍ଗିମାରେ ଓ ସାଜ ସଜ୍ଜାରେ ତା ସହିତ ମୋର ନୀଳମଣିର ସାମାନ୍ୟ ସାଦୃଶ୍ୟବି ନାହିଁ । ତେବେ କେମିତି କହିବି ଆଜି ମୋର ଜନ୍ମଦିନ ?

Digitized by srujanika@gmail.com

ମୋ ଛବିର ପ୍ରଦର୍ଶନୀ ବି ହୋଇଗଲା । ଲୋକଙ୍କୁ ଏତେ ଭଲ ଲାଗିଛି ଯେ ମୁଁ ବିସ୍ମିତ । ସେ ସବୁ କଥା କ୍ରମେ କ୍ରମେ ଅନ୍ୟ ଲୋକଙ୍କ ମୁହଁରୁ ଶୁଣିବାକୁ ପାଏଁ । ନିଜର ଗୁଣ କୀର୍ତ୍ତନ କରିବା ଶାସ୍ତ୍ରରେ ମନା । ଆଉ ଯାହା ହେଉ ତୋତେ ଯେ ଛବିଟା ଦେଇଛି ସେଇଟା ଏବେଠାରୁ ଯତ୍ନ କରି ରଖିବୁ ।

ଏବେ ତୁମେମାନେ କେଉଁଠାରେ ଅଛ ମୁଁ ଜାଣେନା । ଦାର୍ଜ୍ଜିଲିଂରେ ନୁହେଁ ତ ? ବୈଶାଖର ରୁଦ୍ର ତାପରେ ଶାନ୍ତି ନିକେତନ ଇତି ମଧ୍ୟରେ କ୍ଳାନ୍ତି ନିକେତନ ହୋଇ ଉଠିବଣି । ତୁ ନିଶ୍ଚୟ ପଳେଇଛୁ ।

। ଇତି ।

ଚନ୍ଦନଦିନ ୧୯୩୦, ୮ ମେ ।   ବାବା

□

- ନୀଳମଣୀ-ଶାନ୍ତିନିକେତନରେ ରବୀନ୍ଦ୍ରନାଥଙ୍କ ପରିଚାରକ ।
- ଛବିର ପ୍ରଦର୍ଶନୀ-ରବୀନ୍ଦ୍ରନାଥ ଅଙ୍କିତ ଛବିର ପ୍ରଥମ ପ୍ରଦର୍ଶନୀର ଉଦ୍‌ବୋଧନ ହୋଇଥିଲା ପାରିସ ଗାଲେରୀ ପିଗେଲରେ (୨, ମେ, ୧୯୩୦)

ଚିଠି ନଂ-୯୪

ଓଁ

Woden, Colin Road
Reston Paignton
June, 6,1930

କଲ୍ୟାଣୀୟାସୁ,

ମୀରୁ ଏତେଦିନ ଯାଏ ଲଣ୍ଡନ ଇତ୍ୟାଦି ଅଞ୍ଚଳରେ ମୋର ବୁଲାବୁଲି ଚାଲିଥିଲା । କାମ ବି ଚାଲିଥିଲା । କାଲି ଆସିଛି ଏଲମହର୍ଷ୍ଟ ଙ୍କ ଠାକୁ । ରଥୀମାନେ ଏଠାରୁ ଆଠମାଇଲ ଦୂରରେ ଅଛନ୍ତି । ଆଜି ଖିଆ ପିଆ ପରେ ସେଠାକୁ ଯିବି ।

ଇତି ମଧ୍ୟରେ ସୁହୃଦ୍ ସହିତ ତୋର ନିଶ୍ଚୟ ଦେଖା ହୋଇ ସାରିବଣି । ତା ଠାରୁ ଏଠାକାର ସମସ୍ତ ଖବର ତୁ ଶୁଣି ସାରିବୁଣି । ନାନା କାମର ଚାପରେ ମୋ ମନ ଅଳସ ହୋଇ ଯାଇଛି । ସବୁ କଥା ଲେଖିବାକୁ ଇଚ୍ଛା ହୁଏନା ।

ଏଠାରେ ଏତେ ଦିନ ପରେ ଆକାଶର ଆଚ୍ଛାଦନ ଘୁଞ୍ଚି ଯାଇଛି । ସୂର୍ଯ୍ୟ କିରଣର ଦୟା ଗତ ପଅରି ଦିନଠାରୁ ମାତ୍ର ଆମେ ଅନୁଭବ କରି ପାରୁଛୁଁ । ସାରା ମେ ମାସ ଶୀତ ଓ ବର୍ଷାର ବାଦଲରେ ଆକାଶ ଜଡିଭୂତ ଥିଲା । କିନ୍ତୁ ଫୁଲର ସମାରୋହ କି ଆଶ୍ଚର୍ଯ୍ୟ । ସାରାଭୂମିତଳ ଆଚ୍ଛନ୍ନ -ଘାସର ଆସ୍ତରଣ କି ନିବିଡ-ଜଗତରେ ଏତେ ପକ୍ଷୀର ଗୀତ ଅନ୍ୟ କେଉଁଠାରେ ଶୁଣା ଯାଏନା । ପୁଣି ସେ ଗୀତର କି ବୈଚିତ୍ର୍ୟ, କି ମାଧୁର୍ଯ୍ୟ, କି ଉଲ୍ଲାସ । ଆଜିକାଲି ରାତି ତିନିଟାରୁ ରାତି ଦଶଟା ପର୍ଯ୍ୟନ୍ତ ଆଲୁଅ ଥାଏ । ଦିନର ଦୁଇ ପ୍ରାନ୍ତରେ ସେଇ ପ୍ରଦୋଷ କାଳଟା ଭାରି ସୁନ୍ଦର । ମୁଁ ତ

Digitized by srujanika@gmail.com

ଥାଲୁଅ ଥିବା ଯାଏ କୌଣସି ମତେ ଶୋଇ ପାରେନା । ତୁମମାନଙ୍କର ପଡିଆରେ ବର୍ଷା ଉହ୍ଲେଇଛି- ଏଇ ଛବି ପ୍ରାୟ ମନରେ ଥାଏ । ମୋର ଝରକା ପାଖରେ ଆସନଟି ମୋତେ ଟାଣେ । ଦେଶ ବାସୀଙ୍କର ତାଡନାରେ ଦେଶ ଛାଡି ଚାଲି ଆସିବାକୁ ଇଚ୍ଛା ହୁଏ । କିନ୍ତୁ ଚାଲି ଆସିଲେ ମଧ ଦେଶର ଆକାଶ ମୋତେ ଡାକୁଥାଏ । ପିଲାଦିନେ ସେଇ ଗଣ୍ଡିବଂଧନ ଭିତରେ ନିଶ୍ଚଳ ହେଇ ସେଇ ଆକାଶ ଆଡକୁ ଅନାଇ ଅନାଇତ ମୋର ଅନେକ ସମୟ କଟିଛି । ସେଇ ସମୟରୁ ଆକାଶ ସହିତ ମୋର ବଂଧୁତ୍ୱ ଅକ୍ଷୁର୍ଣ୍ଣ ହୋଇ ରହିଛି । ସେଇଥି ପାଇଁ ବଡ ଘର ମୋତେ ଭଲ ଲାଗେନା । ଛୋଟ ଘର ଭିତରୁ ବଡ ଆକାଶକୁ ହାତ ପାଖରେ ପାଏଁ । ଆଜି ଆଉ ନୁହେଁ । ଖାଇବାର ଆସି ଗଲାଣି ।

। ଇତି ।

୬ ଜୁନ୍, ୧୯୩୦ ବାବା

□

• ଏଲମ ହର୍ଷ୍ଟ-ଶ୍ରୀ ନିକେତନ ପ୍ରତିଷ୍ଠାରେ ରବୀନ୍ଦ୍ରନାଥଙ୍କର ପ୍ରଧାନ ସହକାରୀ ଲେନାର୍ଡ ନାଇଟ ଏଲମହର୍ଷ୍ଟ (୧୮୯୨-୧୯୭୪) ୧୯୨୧ ମସିହାରେ ଆମେରିକା ଯାତ୍ରା ବେଳେ ରବୀନ୍ଦ୍ରନାଥ ଙ୍କ ସହ ପ୍ରଥମ ପରିଚୟ ।

ଚିଠି ନଂ-୯୫

ଓଁ

Dartington Hall
Totnes, Devon

କଲ୍ୟାଣୀୟାସୁ,

ମୀରୁ କିଛି କାଳ ଏଲମହର୍ଷ୍ଟଙ୍କ ପ୍ରାସାଦରେ କଟିଲା । ଏଠାରେ ରହିବା ପାଲା ସାଙ୍ଗ କରି ଆଜି ହିଁ ଲଣ୍ଡନ ଯାଉଛି । କାଲି ଯିବି ବର୍ଲିନ । ତା ପରେ ଯିବି ଅନ୍ୟ ସ୍ଥାନକୁ । ଡେଭନ ଶାୟାର ଜାଗାଟା ପୁଷ୍ପରେ, ପଲ୍ଲବରେ, ପକ୍ଷୀ କୂଜନରେ ଅତି ଚମତ୍କାର । ସୂର୍ଯ୍ୟ ରଶ୍ମି ବି ଏଠାରେ ଅପେକ୍ଷା କୃତ ସୁଲଭ । ଇଂଲଣ୍ଡ ପରି ଫୁଲରେ ଆବୃତ ସବୁଜ ଦେଶ କିନ୍ତୁ ଅନ୍ୟ କେଉଁଠାରେ ନାହିଁ । ମୋ ଛବି ସଂବନ୍ଧରେ ତୋତେ କିଛି କହିବାର ସମୟ ଆସିଛି । ତୋ ପାଖରେ ମୋର ଚିତ୍ର ରଚନା ଯଦି କିଛି ଥାଏ ସେ ଗୁଡିକୁ ଆଉ ଅବହେଳା କରି ପାରିବୁନି । ଭଲ ନ ଲାଗିଲେବି ସେ କଥା ଲଜ୍ଜାରେ ଚାପି ରଖିବାକୁ ହେବ । ଏଥର ଛବି ଗୁଡାକୁ ନେଇ ଜର୍ମାନୀ ଯାଉଛି । ଆଶାକରେଁ ସେଠାରେ ସମାଦର ପାଇବ । ତୁମେମାନେ ଯା ଭିତରେ ପୁରୀ ଧାମ ବୁଲି ଆସି ସାରିବଣି । ତରୁଲତାମାନଙ୍କର ଅବସ୍ଥା କେମିତ ? ରଥୀ ମୋଟା ମୋଟି ଭଲ ଅଛି । ବର୍ମିଂହାମରେ ଜଣେ ଭାରତୀୟ ଡାକ୍ତର ଖୁବ୍ ପ୍ରତିଷ୍ଠା ଲାଭ କରିଛନ୍ତି । ସେ ରଥୀର ଚିକିତ୍ସାଭାର ନେବାକୁ ପ୍ରତିଶ୍ରୁତ । ସେଠାରେ ହୈମନ୍ତୀ ଘରେ ସେମାନେ ଘର ପାଇଛନ୍ତି । କିନ୍ତୁ ଏ ଦେଶରେ ଏବେ ଗ୍ରୀଷ୍ମାବକାଶ । ଏଇ ସୁଯୋଗରେ ଅମିୟ

Digitized by srujanika@gmail.com

ପ୍ରଭୃତି ଡେନମାର୍କ ଯିବାକୁ ସ୍ଥିର କରିଛନ୍ତି । ପୁପେ ଖୁବ୍ ଇଂରାଜୀ କହିବାକୁ ଆରମ୍ଭ କରିଛି । ବୁଦ୍ଧି ଅଳ୍ପ ଟିକିଏ ବଢ଼ିଛି । ହେଲେ ଅତି ସାମାନ୍ୟ । ଆଜି ସକାଳେ ଯାତ୍ରା ଆରମ୍ଭ କରିବାକୁ ହେବ । ଜିନିଷ ପତ୍ର ସଜାଡ଼େଁ । । ଇତି ।

୯ ଜୁଲାଇ, ୧୯୩୦ । ବାବା

❑

• ଅମୀୟହେରିକା-ଅମୀୟଚକ୍ରବର୍ତ୍ତୀ(୧୯୦୧-୧୯୮୬)ଏବଂତାଙ୍କପତ୍ନୀହୈମନ୍ତୀଦେବୀ ।

ଚିଠି ନଂ-୯୬

ଓଁ

କଲ୍ୟାଣୀୟାସୁ,

ମୀରୁ ଘୁରି ଘୁରି ବୁଲୁଛି । ଏବେ ବି ସାମନାର ସୁଦୀର୍ଘ ପଥ । ଗୋଟିଏ ସମୁଦ୍ର ପାରି ହେଇ ଆସିଛି । ଆଉ ଗୋଟିଏ ପାରି ହେବାକୁ ହେବ । ପରେ କୌଣସି ଏକ ସମୟରେ ଶାନ୍ତି ନିକେତନରେ ପହଞ୍ଚିଯିବି, ଏଥିରେ ସନ୍ଦେହ ନାହିଁ । ଆପାତତଃ ଅଛି ଜର୍ମାନୀରେ, ଆଦର ଅଭ୍ୟର୍ଥନା ପ୍ରଚୁର ପରିମାଣରେ ଅବଶ୍ୟ ମିଳୁଛି । କିନ୍ତୁ କାହିଁକି ଯେ ମିଳୁଛି ତାହା ଆଜି ବି ଠିକ୍ ଭାବେ ବୁଝି ପାରେନା । ଅନେକ ଚେଷ୍ଟା କରି ଦେଖିଲି ହେଲେ ନିଜକୁ ବିଶେଷ କିଛି ଗୋଟାଏ ବୁଝେଇ ହୁଏନା । କବିତା ଲେଖିପାରେ ଏଥିରେ ମୋର ଟିକିଏ ବି ସନ୍ଦେହ ନାହିଁ । ଲୋକେ ଯାହା ବି କୁହନ୍ତୁ ନା କାହିଁକି, ଛନ୍ଦ ବି ଠିକ ମିଳାଇ ପାରେଁ । କିନ୍ତୁ ଏତେ ସମ୍ମାନ କୋଉଥି ପାଇଁ ତାର କାରଣ ମୁଁ ଖୋଜି ପାଏଁନା । ସମୟ ସମୟରେ ମନେ ହୁଏ ମୋ ମଧ୍ୟରେ ଆଉ ଗୋଟାଏ ମଣିଷ ଅଛି ଯାହାକୁ ମୁଁ ଜାଣେଁନା । ହେଲେ ବାହାରୁ ହୁଏତ ତାକୁ ଦେଖାଯାଏ । ସେ ମୋର ଦୂରର ମଣିଷ । ମୋ ଦ୍ୱାରା ସେ କାମ କରେଇ ନେଇ ପାରେ । ଏମିତି ଗୋଟାଏ ଯୋଗସୂତ୍ର ହୁଏତ ଅଛି । ମୋର ଅନେକ ଗୁଡ଼ିଏ କାମ ସେଇ ଦୂର ମଣିଷର । ଯିଏ ମୋତେ ଅତିକ୍ରମ କରି ରହିଛି । ପୁଣି ଅନେକ କାମ ଏଇ ପାଖ ଲୋକଟିର । ସେଇ ସବୁ କାମରେ କୌଣସି ପ୍ରତିଭା ନାହିଁ । ନିହାତି ସାଧାରଣ ଲୋକପରି । ସଂସାର ରେ କେହି କେହି ସେଇ ଲୋକଟିକୁ ବେଶି କରି ଦେଖିବାକୁ ପାଏ । ମୋ ଭିତରେ ଥିବା ଦୂର ମଣିଷଟିକୁ ଦେଖିଲା ଭଳି ଦୂରବୀଣ ଯନ୍ତ୍ର ହୁଏତ ସେମାନଙ୍କ ହାତରେ ନାହିଁ । ପାଖର ମଣିଷଟା ପ୍ରତିଦିନର-ଦୂରର ମଣିଷଟା ବିଶେଷ ମୁହୂର୍ତ୍ତର । ସେଇ ପ୍ରତିଦିନର ଲୋକଟାକୁ ପ୍ରତିଦିନର ଦର୍ଶକମାନେ ପ୍ରତ୍ୟହ ଦେଖିବାକୁ ପାଆନ୍ତି । ଦୂରର ଦର୍ଶକଙ୍କ ପାଖରେ ସେ ରହିଯାଏ ଦୂରରେ । ଆଉ ଦୂରର ମଣିଷଟା ହିଁ ହୁଏ ଦୃଶ୍ୟମାନ । ଏଥିପାଇଁ ବିଦେଶର ଲୋକ ଯେଉଁ ଲୋକଟିକୁ ବରମାଲ୍ୟ ଦିଅନ୍ତି ତାକୁ ଗ୍ରହଣ କରିନେବାକୁ ମୋତେ ବାଧେ । ମନେ ମନେ ଭାବେଁ ଏ ଦୁହିଁଙ୍କ ମଧ୍ୟରେ କେଉଁ ଜଣକ ମୁଁ ? ରବିବାବୁ ବୋଲି ଯେଉଁ ଲୋକଟି ନୀଳମଣୀକୁ ସହାୟ କରି ଜୀବନ ଯାତ୍ରା ନିର୍ବାହ

Digitized by srujanika@gmail.com

କରେ ତାର ବିଦ୍ୟା ଯେ କେତେଦୂର ସେ କଥା ମୁଁ ଜାଣେଁ । ତଥାପି ଯେ ଅଖ୍ୟାତିର କାରଣ କିଛି ହେଲା ନାହିଁ । ଲୋକେ ମୂର୍ଖ କହିଲେ ନାହିଁ । ସେଇଟା କାହା ବଳରେ ? ସାଧନା ଖୁବ୍ ସାମାନ୍ୟ, ଅଥଚ ଲୋକଟା ଲେକଚର ଦେଇ ବୁଲୁଚି-ଲୋକେ କହୁଛନ୍ତି 'ବହୁତ ଲେକଚର କଲେ' କିନ୍ତୁ ଏ ଲେକଚର ଗୁଡା କାହାର ? କେବେତ ମୁଁ ଛବି ଆଙ୍କିବାର ଅଭ୍ୟାସ କରିନାହିଁ । କିନ୍ତୁ କିଏ ଛବି ଆଙ୍କିବାକୁ ଲଗାଇ ଦେଲା ? ଲୋକେ କହୁଚନ୍ତି ଚମତ୍କାର ହେଇଛି । ହେଲେ ଅହଂକାର ମୋ ଭିତରେ ସ୍ଥାନ ପାଇନି । ମନେ ହୁଏ ଧରା ପଡିଗଲି ବୋଲି । ଏ ସମସ୍ତ କଅଣ ରବିବାବୁଙ୍କ କର୍ମ ? ହେଲେ ରବିବାବୁ ସ୍ୱଦେଶରେ ରହିଗଲେ ଅତି ପରିଚୟର ପିଞ୍ଜରା ଭିତରେ । ଯେଉଁଠି ଦୂର ବୋଲି କିଛି କଥା ହିଁ ନାହିଁ । ଅତ୍ୟନ୍ତ ପାଖ ଜିନିଷ ଛଡା ସେଠି କିଛି ବି ଦେଖା ଯାଏ ନା । ଇଉରୋପ ପରି ଜାଗାରେ ଯଦି ବେଶି ଦିନ ରହି ପାରନ୍ତି ତା ହେଲେ ରବି ବାବୁଟାର ଅସ୍ତିତ୍ୱ ସମ୍ବନ୍ଧରେ ସନ୍ଦେହ ସୃଷ୍ଟି ହୁଅନ୍ତା, ତାର କାରଣ ଦୁଆର ବାଟେଇ ଏଠାରେ ଯେଉଁମାନେ ଡାକନ୍ତି ସେମାନେ ରବିବାବୁଙ୍କୁ ଡାକନ୍ତି ନାହିଁ । ସେମାନେ ଯେଉଁସବୁ ପ୍ରଶ୍ନ କରନ୍ତି ସେ ସବୁର ଉତ୍ତର ଦେବା ଲାଗି ବାହାରି ଆସେ ସେଇ ଦୂରର ମଣିଷ ଟି । କାରଣ ତାକୁ ଇ ଏମାନେ ନିଯତ ଚାହାନ୍ତି । ଚାହାନ୍ତି ବୋଲି ସେ ଛୁଟି ପାଏନା । ଆଉ ନିର୍ବୋଧ ରବିବାବୁ ବି ପତ୍ତା ନ ପାଇ ଲୁଚି ଲୁଚି ରହେ । ସେଥିପାଇଁ ଗୋଟିଏ ହିସାବରେ ଦେଶରେ ମୋର ନିର୍ବାସନ ଏତେ ଛୋଟ ହେଇ ରହେଁ ଯେ ନିଜକୁ ଯେମିତି ଅନୁଭବ କରି ପାରେନାଁ । ଯେତେବେଳେ ପଦ୍ମା ବୁକୁରେ ବୋଟରେ ନିର୍ଜନରେ ନିଜ ମନରେ ନିମଗ୍ନ ଥିଲି ସେତେବେଳେ କିନ୍ତୁ ଏଇ ରବି ବାବୁର ପ୍ରାଦୁର୍ଭାବ ଏତେଟା ନଥିଲା । ସେତେବେଳେ ମୋ ଭିତରେ ଦୂରର ମଣିଷଟି ଆପଣା ଖିଆଲରେ ଆପଣା ଜଗତ ଭିତରେ ବାସ କରୁଥିଲା । ତା ସହିତ ବଙ୍ଗ ଦେଶର ଜନ ସମାଜର ଯୋଗ ନଥିଲା, ସେ ପ୍ରବାସୀ, ସେ ଯେ କେଉଁ ଜାତିର ତାର ବି ଠିକ୍ ନାହିଁ । ଆଉ ଏଇ ଯେ ରବି ବାବୁ ଯାହାଙ୍କୁ କେହି ପସନ୍ଦ କରନ୍ତି, କେହି କରନ୍ତି ନାହିଁ, କେହି ଭଲ କହନ୍ତି, କେହି ମନ୍ଦ କହନ୍ତି, ସିଏ ହେଲେ ବଙ୍ଗ ଦେଶର ଜନ ସାଧାରଣଙ୍କ ରବି ଠାକୁର । ତାଙ୍କୁ ମୋତେ ଭଲ ଲାଗେନା । ଦୂର....ଆଉ ନା । ।ଇତି।

(୨୮ଜୁଲାଇ ୧୯୩୦) ବାବା

□

• ନୀଳମଣି-ଅର୍ଥାତ ନୀଳମଣି- ପରିଚାରକ ।

ଚିଠି ନଂ-୯୭

ଓଁ

କଲ୍ୟାଣୀୟାସୁ,

ମୀରୁ, ଇଉରୋପ ଆସିବା ଆଗରୁ ନୀତୁର ଚେହେରା ଦେଖି ମୋତେ ମୋଟେ ଭଲ ଲାଗିଲାନି । ଆମେ ଦେଶର ଅବହାଓ୍ୱାରେ ଏବଂ ବନ୍ଦ ଘର ଭିତରେ ଛାପାଖାନାର କାମ ଅତ୍ୟନ୍ତ

Digitized by srujanika@gmail.com

ଅସ୍ୱାସ୍ଥ୍ୟକର ଏ କଥା ସମସ୍ତେ ଜାଣନ୍ତି । ନୀତୁର ଶକ୍ତ ଶରୀର ନୁହେଁ ଏବଂ ତାର ଏଇ ବଢ଼ିବା ସମୟରେ ଏଇ ଚାପଟା ତା ପକ୍ଷେ ଗୁରୁତର ହୋଇ ଉଠିଛି । ଇଉରୋପକୁ ଆସିବା ଠାରୁ ତା ପାଇଁ ଗୋଟାଏ କଥା ଚିନ୍ତା କରୁଥିଲି । ବୋଧହୁଏ ଜାଣୁନା ବହି ଛାପିବା ଓ ପ୍ରକାଶ କରିବା ବିଷୟରେ ପୃଥିବୀରେ ଜର୍ମାନୀ ପରି ଆଉ କୌଣସି ଜାଗା ନାହିଁ । ମ୍ୟୁନିକ, ଲାଇପ ସିଗ୍ ସହର ଏଥିପାଇଁ ପୃଥିବୀ ବିଖ୍ୟାତ । ଏଠାରେ ମୋର ବଂଧୁମାନେ ଏ ଦିଗରେ ତାକୁ ସାହାଯ୍ୟ କରିବାକୁ ରାଜି ହୋଇଛନ୍ତି । ସେମାନେ କହୁଛନ୍ତି ଖୁବ୍ କମ୍ ଖର୍ଚ୍ଚରେ ବ୍ୟବସ୍ଥା କରିଦେବେ ଅର୍ଥାତ୍ ମାସକୁ ୫୦/୬୦ ଟଙ୍କାରୁ ବେଶି ଲାଗିବ ନାହିଁ । ପ୍ରଥମେ ମ୍ୟୁନିକରେ ଶିକ୍ଷା ହୋଇଗଲେ ଲାଇପସିଗ୍‌ରେ ଶିକ୍ଷା କରିବାକୁ ହେବ । ଅର୍ଥାତ୍ ସେ କେବଳ ମୁଦ୍ରଣ କାମରେ ଦକ୍ଷ ହୋଇ ଯିବ ନାହିଁ । ବରଂ ସବୁ ବିଷୟରେ ଅଭିଜ୍ଞତା ହାସଲ କରିବ । ସାହିତ୍ୟ, ଶିଳ୍ପ, ଛାପାଖାନା ସମ୍ବନ୍ଧୀୟ ଯନ୍ତ୍ରବିଦ୍ୟା ସବୁ ଶିଖିଯିବ । ତାଛଡା ବହି ପ୍ରକାଶ କରିବା ବି ଗୋଟିଏ ଭିନ୍ନ କଳା କୌଶଳ । ତାକୁ ମଧ୍ୟ ସେ ଆୟତ୍ତ କରି ପାରିବ । ଏତେବଡ ସୁବିଧା ସହଜରେ ଅନ୍ୟ କେହି ପାଏ ନାହିଁ । ଏମାନେ ମୋତେ ଖୁବ୍ ଶ୍ରଦ୍ଧା କରନ୍ତି ବୋଲି ଏଇଟା ସମ୍ଭବପର ହୋଇ ପାରିବ । ଏହା ଛଡା ତାକୁ ଆତ୍ମୀୟ ପରି ଆପଣେଇ ନେବାର ଲୋକର ଅଭାବ ଏଠି ନାହିଁ । ଏ ସୁଯୋଗ ଯଦି ତୁମେମାନେ ନ ନିଅ ତା ହେଲେ ନୀତୁ ପ୍ରତି ଅନ୍ୟାୟ କରା ହେବ ।

ମୋ ଚିଠି ପାଇ ଯଦି ସେପ୍ଟମ୍ବରରେ ତାକୁ ପଠାଉ ତା ହେଲେ ମୁଁ ନିଜେ ରହି ତାକୁ କାମରେ ଲଗାଇ ଦେଇ ପାରିବି । କାରଣ ଅକ୍ଟୋବର ଦ୍ୱିତୀୟ ସପ୍ତାହ ଯାଏ ମୁଁ ଇଉରୋପରେ ରହିବି-ତା ପରେ ଯିବି ଆମେରିକାକୁ । ସେପ୍ଟେମ୍ବର ପାର ହୋଇଗଲେ ତାକୁ ପ୍ରଚଣ୍ଡ ଶୀତ ଭିତରେ ଆସିବାକୁ ହେବ । ସେଇଟା ତା ପାଇଁ ସୁବିଧା ଜନକ ହେବ ନାହିଁ । ଯଦି ଶିଘ୍ର ପଠାଇବା ସମ୍ଭବ ନ ହୁଏ ତେବେ ମାର୍ଚ୍ଚ ପର୍ଯ୍ୟନ୍ତ ଅପେକ୍ଷା କଲେ ଚଳିବ । ସେଇଆ ଯଦି ତୁମମାନଙ୍କ ଇଚ୍ଛା ହୁଏ ତେବେ ତାକୁ ଶାନ୍ତି ନିକେତନରେ ରଖି ଏଇ କେତୋଟି ମାସ ଭଲ କରି ଜର୍ମାନୀ ଭାଷା ଅଭ୍ୟାସ କରାଇ ନିଅ । ତାକୁ ଗଣିତ ଶିଖିବାକୁ ହେବ ନାହିଁ । ତେଣୁ ତା ପକ୍ଷେ ଚିନ୍ତାର କାରଣ ନାହିଁ ।

ଅମିୟର ଶ୍ୱଶୁର ଘର ଦେଶରେ ବକ୍ତୃତା ଦେଇ ପୁଣି ଜର୍ମାନୀକୁ ଆସିଛି । ଏଠାରେ ବେଶ ଆରାମରେ ଅଛି । ଡାକ୍ତରଙ୍କର ଘର । ତେଣୁ ଖାଇବା ପିଇବା ଏବଂ ଚିକିତ୍ସା ସବୁ ସମାନ ଭାବରେ ଚାଲିଛି । ନିଜ ଦେଶ ଛାଡିଲେ ଏକାବେଳେକେ ନିବିଡ ଭାବେ ସ୍ୱଦେଶରେ ଆସି ପହଞ୍ଚି ଯାଏ । ଏମାନେ ମୋତେ ଅନ୍ତରର ସହିତ ଭଲ ପାଆନ୍ତି ଯେ ଦେଖିଲେ ତୁ ଆବାକ ହୋଇ ଯାଆନ୍ତୁ ।

। ଇତି ।

୧୨ ଅଗଷ୍ଟ, ୧୯୩୦ ବାବା

❑

• ଦୌହିତ୍ର ନୀତିନ୍ଦ୍ର ନାଥଙ୍କ ପାଇଁ ରବୀନ୍ଦ୍ର ନାଥ ବିଶେଷ ଚିନ୍ତିତ ଥିଲେ । ମୁଦ୍ରଣ ଓ ପ୍ରକାଶନ ବିଷୟରେ ପ୍ରଶୀକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଏହି ଭ୍ରମଣ କାଳରେ ଅନୁସନ୍ଧାନ କରିଥିଲେ । ୧୯୩୧

Digitized by srujanika@gmail.com

ମସିହାରେ ନୀତିନ୍ଦ୍ର ନାଥଙ୍କୁ ଜର୍ମାନୀ ପଠାଯାଏ । କିନ୍ତୁ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ୧୯୩୨ ରେ ସେଇ ବିଦେଶରେ ହିଁ ତାଙ୍କର ମୃତ୍ୟୁ ହୁଏ ।

- ଅମିୟର ଶ୍ୱଶୁର ଘର ଦେଶ -ଡେନମାର୍କ ।

ଚିଠି ନଂ -୯୮

ଓଁ

ମୀରୁ,

ଭୟ ନାହିଁ । ବୁଲୁ ବୁଲୁ ମଝିରେ ଯେମିତି କ୍ଳାନ୍ତି ଆସେ ଏ ବି ସେଇଆ । ଏଠାକାର ଡାକ୍ତର ମାନଙ୍କର ଶାସନ ଭାରୀ କଡା । ସେଥିପାଇଁ ଜୋର କରି ଶୁଆଇ ରଖିଛନ୍ତି । ଦେଶରେ ଥିଲେ ଦେଖନ୍ତୁ ବାଡି ଧରି ଠୁକ ଠୁକ କରି କଙ୍କର କୁଞ୍ଜରେ ବୁଲିବାକୁ ବାହାରି ଥାଆନ୍ତି । 'ଏମନ କି ହୟ' କିମ୍ବା 'ତପତୀ'ରେ ବିକ୍ରମ ସାଜିବା ଲାଗି ଚେଷ୍ଟା କରୁଛି । କ୍ଳାନ୍ତି ତ ମୋର ବହୁକାଳର ସହଚର । ଯାକୃତ କେତେ ଦିନ ଧରି ଛାତିରେ ପିଠିରେ ନେଇ ବୁଲୁଚି । ମୋ ଦେଶର ଲୋକେ ସେଥିରେ କେବେ ଉଦ୍‌ବିଗ୍ନ ହୋଇ ନାହାନ୍ତି ।

ସେ ଯା ହେଉ, ଡାକ୍ତରଙ୍କ ହୁକୁମ ବିନାକେତେ ଚୁପ୍‌ଚାପ ଶୋଇ ରହିବା ପରେ ଦେଶକୁ ଫେରିଯିବା । ଉପଦେଶଟା ଶୁଣିବାକୁ ଭଲ । ଚେଷ୍ଟାର ତ୍ରୁଟି ହେବ ନାହିଁ ।

ନୀତୁର ଚିଠି ପାଇଛି । ଲେଖିଛି ତା ବାପାର ହୁକୁମ ପାଇଛି । ତା ହେଲେ କଥା ହେଲା ମାର୍ଚ୍ଚ ମାସରେ ଯାତ୍ରା ଆରମ୍ଭ କରି ପାରିବ । ଜର୍ମାନୀରେ ତାର ଯତ୍ନ ଓ ସହାୟତାର ତ୍ରୁଟି ହେବ ନାହିଁ । ହେଲେ ଇତି ମଧ୍ୟରେ ସେ ଯେମିତି ଜର୍ମାନ ଭାଷା ଯଥା ସମ୍ଭବ ଅଭ୍ୟାସ କରେ ।

ଲୋକ ଆସିଲେଣି । ଲେଖା ବନ୍ଦ କଲି । । ଇତି ।

(୨୫, ଅକ୍ଟୋବର, ୧୯୩୦) ବାବା

- ଜୋର କରି ଶୁଆଇ ରଖିଛନ୍ତି-ଆମେରିକା ଭ୍ରମଣ କାଳରେ ୧୯ ଅକ୍ଟୋବର ରବୀନ୍ଦ୍ର ନାଥ ହୃଦରୋଗରେ ଆକ୍ରାନ୍ତ ହୋଇଥିଲେ ।

ଚିଠି ନଂ-୯୯

ଓଁ

Lansdowne

କଲ୍ୟାଣୀୟାସୁ,

ମୀରୁ, ଆଜି ତୋର ଚିଠି ପାଇଲି । ମୋ ଦେହ ପାଇଁ ଚିନ୍ତାର କୌଣସି କାରଣ ନାହିଁ । ଡାକ୍ତରଙ୍କ ହୁକୁମ କୌଣସି ପ୍ରକାର ଶେଜ ମାଡି ଶୋଇ ରହିବାକୁ ହେବ । କୌଣସି ଦେହଯନ୍ତ୍ର ବିକଳ ହୋଇନି । କ୍ଳାନ୍ତ ହୋଇଛି ମାତ୍ର । ଯଥେଷ୍ଟ ଦୀର୍ଘ କାଳ ବିଶ୍ରାମ ନେଲେ ପୁଣି ତାଜା ହେଇ

Digitized by srujanika@gmail.com

ଉଠିବ । ଗୋଟିଏ ହିସାବରେ ଏ ଦେଶରେ ବିଶ୍ରାମ କରିବା ସହଜ କାହିଁକି ନା ଡାକ୍ତରଙ୍କ କଥା ଏମାନେ ସମ୍ପୂର୍ଣ୍ଣ ମାନି ନିଅନ୍ତି । ମୋ ଦେଶର ଲୋକେ କୌଣସି ଅବସ୍ଥାରେ ମୋତେ ନିଷ୍କୃତି ଦେବାକୁ ଚାହାନ୍ତି ନାହିଁ । ସେଥିପାଇଁ କାମରେ ଅକାମରେ ଯେ କେହି ଦେଖା କରିବାକୁ ଆସିଲେ ମୋ ବିଛଣା ପାଖରେ ହିଁ ବସେ । କାମ ବି ଚାଲିଛି । ବିଶ୍ରାମ ବି ଚାଲିଛି । ଏମିତି ଅବସ୍ଥାରେ ଏ ଦେଶରେ ଆହୁରି ମାସଟିଏ କଟିଯିବ । ୨୯ ନଭେମ୍ବର ରେ ଗୋଟିଏ ଜାହାଜ ଅଛି । ସେଇ ଜାହାଜରେ ଏଠୁ ରୱାନା ହେବି । ତା ପରେ ଇଉରୋପରୁ ଆଉ ଗୋଟିଏ ଜାହାଜ ଧରି ଦେଶ ଆଡ଼କୁ ଯାତ୍ରା କରିବି । ହୁଏତ ତୋର ଜନ୍ମଦିନ ବେଳକୁ ପହଞ୍ଚି ଯାଇ ପାରେଁ । ହେଲେ ମନେ ହେଉଛି ୭ ପୌଷ ହେଇଯିବ । ରଥୀ ପ୍ରଭୃତି ଯଦିଓ ମୋ ଆଗରୁ ଯାତ୍ରା ଆରମ୍ଭ କରିବେ, ତଥାପି ସେମାନଙ୍କ ଦେଶରେ ପହଞ୍ଚିବାକୁ ଡେରି ହେବ । ରଥୀ ଯେତେ ବେଶିଦିନ ସମୁଦ୍ରରେ ବିତେଇ ପାରେ ତା ପକ୍ଷରେ ସେତେ ଭଲ । ତେଣୁ ସେମାନେ ରେଙ୍ଗୁନ ବୁଲି ଯିବାର ବ୍ୟବସ୍ଥା କରୁଛନ୍ତି । ନାତୁର ଚିଠି ପାଇଛି । ତାକୁ ଉତ୍ତରବି ଦେଇଛି । ବୋମ୍ବାଇରେ ଅନାବଶ୍ୟକ ବାଜେ ଖର୍ଚ୍ଚ କରିବା ଠାରୁ ଶାନ୍ତିନିକେତନରେ ଯଦି ଜର୍ମାନ ଭାଷା ଅଭ୍ୟାସ କରି ପାରନ୍ତା ତେବେ ଭଲ ହୁଅନ୍ତା । ଯା ହେଉ ମାର୍ଚ୍ଚ ମାସରେ ଜର୍ମାନୀ ଯାତ୍ରା କରିବା ଗୋଟିଏ ଦିଗରୁ ଭଲ ହେବ । ନଚେତ ଶୀତ ମଝିରେ ଯାଇ ପଡିବାକୁ ହୁଅନ୍ତା ।

ଅକ୍ଟୋବର ଶେଷ ହେଇ ଆସିଲାଣି । ଏ ଦେଶରେ ଶରତ କାଳ ସାଙ୍ଗ ହେଲା । ଏବେଠାରୁ ଶୀତର ପ୍ରାଦୁର୍ଭାବ । ଏତେ ବେଳକୁ ଇଂଲଣ୍ଡ ଏବେ କଳା କମ୍ବଳ ଘୋଡି ଠକ୍ ଠକ୍ ଥରୁଛି । ଏଠାରେ ଶୀତ ପଡିଛି ହେଲେ ଆକାଶ ସୂର୍ଯ୍ୟକରୋଜ୍ଜ୍ୱଳ ।

ମିସ ଗ୍ରୀନ୍ ଏଇ ସହରରେ ରହନ୍ତି (ଫିଲାଡେଲଫିଆ) ମୋର ଖୁବ୍ ଯତ୍ନ ନେଉଛନ୍ତି । ତାଙ୍କୁ ପାଇ ମୋର ଖୁବ୍ ସୁବିଧା ହୋଇଛି । ଅମିୟ ମୋ ସାଙ୍ଗରେ ଅଛି । ଆରିଅମ ଛବିର ଦାୟିତ୍ୱ ନେଇଛି । ଏକଜିବିସନ ଚାଲିଛି ବସ୍‌ଷ୍ଟାଣ୍ଡରେ । ଶୁଣୁଛି ତ ଲୋକଙ୍କୁ ଭଲ ଲାଗୁଛି ବୋଲି । ଆଜିକାଲି ଚିଠି ଯିବା ଆସିବାରେ ଏତେ ଡେରି ହୁଏ ଯେ, କହି ହେବ ନାହିଁ । ଏ ଚିଠି ତୋ ଠିକଣାରେ କେବେ ଯାଇ ପହଞ୍ଚିବ । ହୁଏତ ନିଜେ ହାତରେ ନେଇ ଗଲେ ଡାକ ଖର୍ଚ୍ଚ ବି ବଞ୍ଚନ୍ତା । ସମୟ ନଷ୍ଟ ବି ହୁଅନ୍ତା ନାହିଁ ।

ଏ ଚିଠି ଯେତେବେଳେ ତୁ ପାଇବୁ ସେତେବେଳେ ହୁଏତ ଛୁଟି ଶେଷ ହେଇ ଯାଇଥିବ ।

। ଇତି ।

୨୮, ଅକ୍ଟୋବର, ୧୯୩୦ । ବାବା

• ରବୀନ୍ଦ୍ର ନାଥ Mrs lucy Bidle Lewis ଙ୍କ ଘରେ (ଲାନ୍ସଡାଉନ, ଫିଲାଡେଲଫିଆ) ବିଶ୍ରାମ କରୁଥିଲେ ।

Digitized by srujanika@gmail.com

- ତୋର ଜନ୍ମଦିନ- ୧୨ ଜାନୁଆରୀ
- ବୋମ୍ବାଇରେ ଅନାବଶ୍ୟକ ବାଜେ ଖର୍ଚ୍ଚ - ନୀତିନ୍ଦ୍ର ନାଥ ଏହି ସମୟରେ ବୋମ୍ବାଇରେ ଟାଇମସ୍ ଅଫ୍ ଇଣ୍ଡିଆ ପ୍ରେସ୍‌ରେ କାମ ଶିଖୁଥିଲେ ।
- ମିସ୍ ଗ୍ରୀନ-ଗ୍ରେଚେନ ଗ୍ରୀନ ଶ୍ରୀ ନିକେତନ ପ୍ରତିଷ୍ଠା ପର୍ବରେ ପଲ୍ଲୀ ସେବା ବିଭାଗରେ କାର୍ଯ୍ୟ କରୁଥିଲେ ।

❑

ଚିଠି ନଂ-୧୦୦

ଓଁ

କଲ୍ୟାଣୀୟାସୁ,

ମୀରୁ ଏଇ ଚିଠିଟା ଡେରି ନ କରି ଆନା ଜେଲିଗକୁ ପଠାଇଦେବୁ । ତାଙ୍କ ଠିକଣା Dr Anna Selig/Deutsch the Akade mische/Universitatsst nasse 3B/ Berlin, Germany

ଖୁବ୍ ବ୍ୟସ୍ତ ଅଛି । ଯେତେଶିଘ୍ର ପାରେଁ ଫେରିବା ପାଇଁ ଚେଷ୍ଟା କରିବି । ଜୋଉରେ ବଂଧା ପଡିଛି । ବୁଝି ପାରୁନି କେବେ ଛୁଟି ପାରିବି । ଭଲ ଲାଗୁ ନାହିଁ ।

(୧୯୩୦) । ଇତି ।

ବା

❑

ଆନା ଜେଲିଗ୍-ରବୀନ୍ଦ୍ର ପ୍ରତିଭାର ଅନୁରାଗିଣୀ ଏଇ ଜର୍ମାନ ମହିଳା ନୀତିନ୍ଦ୍ରନାଥଙ୍କର ଶିକ୍ଷା କ୍ଷେତ୍ରରେ ଅନେକ ସାହାଯ୍ୟ କରିଥିଲେ ।

ଚିଠି ନଂ-୧୦୧

ଓଁ

ମିରୁ,

ଯଥୋଚିତ ଉତ୍ତର ଦେଇଛି, ବର୍ଲିନର ମିସେସ୍ ମେଣ୍ଡେଲଙ୍କୁ ନୀତୁ ସମ୍ବନ୍ଧରେ ଲେଖି ଦେଲି । ସିଏ ବି ତାର ଖବର ଅନ୍ତର ନେଇ ପାରିବେ ।

ମୋର ଅନେଶତର ଧକ୍କାଟା କଟିଗଲା । ପାରଦ ପଞ୍ଚାନବେ ଆଡ଼କୁ ଯାଉ ନାହିଁ ।

ଦିନ ଗୁଡାକ ଭଲ ଚାଲିଛି । ମୁଁ ଆସିବା ପର ଠାରୁ ମେଘ ନାହିଁ । ରଥୀର ଅବସ୍ଥା ଭଲ, ପୁପେର ଗଳା ବଥା । ବଉମାର ଧାଇଁରୋଗ । କମଳର ଅସାଧାରଣ ମଉଜ ମଜଲିସ୍ । ଦିନୁ ଛୋଟ କାଟର ସଚଳ ହିମାଳୟ ପର୍ବତ ।

। ଇତି ।

(୩୦ ମେ, ୧୯୩୧) ବାବା

❑

Digitized by srujanika@gmail.com

- ଯଥୋଚିତ ଉତ୍ତର ଦେଇଛି ମ୍ୟୁନିଖରେ ପହଞ୍ଚି
- ନୀତିନ୍ଦ୍ରନାଥ ୧୨, ମେ, ୧୯୩୧ ରେ ଅଜା ରବୀନ୍ଦ୍ରନାଥଙ୍କୁ ଚିଠି ଲେଖିଥିଲେ। ତା'ରି ଉତ୍ତର ବିଷୟରେ।

ଚିଠି ନଂ - ୧୦୨

ଓଁ

କଲ୍ୟାଣୀୟାସୁ,

ମୀରୁ, ଏଠାରେ ଝିଅମାନଙ୍କର ବେଶି ଦିନ ରହିବାରେ ଅସୁବିଧା ଅଛି। ତାର କାରଣ ଏହାର ପରିସର ଅତ୍ୟନ୍ତ କ୍ଷୁଦ୍ର ଏବଂ ଯେଉଁମାନେ ଏଠି ଅଛନ୍ତି ସେମାନେ ମଧ୍ୟ ସଂକୀର୍ଣ୍ଣମନା। ଏଠାରେ ଲୋକଙ୍କ ସହିତ ସମ୍ପର୍କ ଅଳ୍ପ କେତେଜଣଙ୍କ ମଧ୍ୟରେ ସୀମିତ ଥିବାରୁ ମଣିଷକୁ ବିଚାର କରିବାର କ୍ଷମତା ତଳକୁ ଖସି ଆସେ। ଫଳରେ ସେମାନେ ଲୋକ ଚିହ୍ନି ପାରନ୍ତି ନାହିଁ। କଲିକତାରେ ସମାଜର ଆଦର୍ଶ ଏହାଠାରୁ ଅନେକ ପ୍ରଶସ୍ତ ଏବଂ ଉନ୍ନତ। ଯେଉଁଟା ଶସ୍ତା ଏବଂ Vulgar ଏଠାରେ ରହି ଦେଲେ ଇଟା ଦେହସୁହା ହେଇଯାଏ। ତାହା ଯେ ନିମ୍ନ ସ୍ତରର ସେ କଥା ବୁଝି ହୁଏନା। ଅଳ୍ପ ବୟସର ଝିଅମାନଙ୍କ ପାଇଁ ଏହା ଅନେକ ଅସୁବିଧା ସୃଷ୍ଟି କରେ। ଏଠାରେ କେତେକ ବିଷୟରେ ନିଶ୍ଚୟ ସୁବିଧା ଅବଶ୍ୟ ଅଛି। କିନ୍ତୁ ସାମାଜିକ ଶିକ୍ଷାର ସ୍ଥାନ ଏଇଟା ନୁହେଁ। ତେବେ ଧୋବନାଚାରରେ ସେ ଶିକ୍ଷା ଏକାନ୍ତ ଆବଶ୍ୟକ। ବୁଢ଼ୀକୁ ଯଦି ତୁ ନେଇ ଏଠି ବେଶି ଦିନ ରହିବାକୁ ଯାଉ ତେବେ ସେଥିରେ ବୁଢ଼ୀର ବେଶି କ୍ଷତି ହେବ। ଏ କଥା ବୁଢ଼ୀ ଏବେ ନ ବୁଝିଲେ ବି ପରେ ସେଇଟା ତାର ମନସ୍ତାପରେ କାରଣ ହେବ। କଲିକତାରେ ଆମର ଯେଉଁ ସମାଜ ତା ସହିତ ବୁଢ଼ୀକୁ ମିଶେଇ ଦେବାକୁ ହେବ। ତା ନହେଲେ ସେ ତାର ନିଜର ଓ ବଂଶର ମର୍ଯ୍ୟାଦା ରକ୍ଷା କରି ପାରିବ ନାହିଁ।

ମଝିରେ ଦେହ ଖରାପ ଥିଲା, ସୁସ୍ଥ ହେଇ ଉଠିଲିଣି। ଯିବାକୁ ହେବ ଦୂରକୁ-ବୁଲିବାକୁ ହେବ ବହୁତ। ଫେରିବାକୁ ମାସେ ଖଣ୍ଡେ ଲାଗିବ। ତା ପରେ କଲିକତାରେ ତୁମମାନଙ୍କୁ ଥରେ ଦେଖି ଆସିବି। ମୋ ମାଟି ଘରର ମୃତ୍ତୁଆ ପ୍ରତିଦିନ ବଢ଼ିବାରେ ଲାଗିଚି। ।ଇତି।

୧୮, ଫେବ୍ରୁଆରୀ, ୧୯୩୫ ବାବା

❑

କିଛି ଦିନ ଆଗରୁ ବୁଢ଼ୀକୁ ଗୋଟିଏ ଚିଠି କବିତାରେ ଲେଖିଥିଲି, ସେ ଯେମିତି ସେ କିବିତାର ଉତ୍ତର କବିତାରେ ଲେଖିବାକୁ ଚେଷ୍ଟା ନ କରେ। ଏହା ମୋର ସାନୁନୟ ଅନୁରୋଧ।

- ମୋର ମାଟି ଘରର ମୃତ୍ତୁଆ -ଉତ୍ତରାୟଣରେ ଏହି ସମୟରେ ତିଆରି ହେଉଥିବା 'ଶ୍ୟାମଳୀ'ଗୃହ।

Digitized by srujanika@gmail.com

ଚିଠି ନଂ-୧୦୩

ଓଁ

ଉତ୍ତରାୟଣ
ଶାନ୍ତିନିକେତନ,ବେଙ୍ଗଲ

ମାମୁ,

ବୁଢ଼ୀକୁ କେହି କେଉଁଠାକୁ ନେଇ ଯିବାର ପ୍ରସ୍ତାବ ଦେଇ ଥିଲେ କି ନାହିଁ ସେ କଥା ମୁଁ ଜାଣେନା । ସେ ଦାୟିତ୍ୱ ନେବାର କୌଣସି ବାଧା ଅଛି କି ନା ତାକୁ ନେଇ କାହାର ମୁଣ୍ଡ ଖେଳେଇବାର ଦରକାର ନାହିଁ । ମୁଁ ମଧ କରେନା । ମୁଁ କେବଳ ଗୋଟିଏ କଥା ନେଇ ଅନେକ ଦିନୁ ଚିନ୍ତିତ ତାହା ହେଲା ତୁ ମାନସିକ ଓ ଶାରୀରିକ ଭାବରେ ପୀଡିତ । ଏହାର ପ୍ରତିକାରର ଉପାୟ ଥିଲେ ମୁଁ ଚିନ୍ତା କରି ଦେଖନ୍ତି । ବ୍ୟକ୍ତିଗତ ସଂସାରରେ ମନକୁ ଯଦି ଆବଦ୍ଧ କରି ରଖେଁ ତା ହେଲେ ସେଠାରେ ସୁଖ ନ ମିଳିଲେ ସମସ୍ତ ଜୀବନ ନୀରସ ହେଇଯାଏ । ସେପରି ଅବସ୍ଥାରେ ଆମର ସାଂସାରିକ ସମ୍ପର୍କ ଆଘାତ ପାଏ । ସେ ଆଘାତର ଅଧିକାଂଶ କାରଣ ନିଜର ରୁଗ୍ଣ ମନ ଭିତରେ ବନ୍ଦୀ ହୋଇ ଥାଏ । ତୋର ଦିଦି ବେଲା ସମ୍ପର୍କରେ ମୋର ଏଇ ଅଭିଜ୍ଞତା । ତାର ଜୀବନର ଶେଷ ଦିନ ପର୍ଯ୍ୟନ୍ତ ସେ କେବଳ ଆତ୍ମୀୟତା ସମ୍ପର୍କକୁ ଖରାପ କରିଛି । ମୁଁ ଏଥିରେ ଦୁଃଖ ପାଇଚି କିନ୍ତୁ କାହାକୁ ଦୋଷ ଦେଇନି । କାରଣ ମୁଁ ଜାଣେଁ ଏହା ଅସ୍ୱାସ୍ଥ୍ୟର ଲକ୍ଷଣ । ସେ ଯେ କେବେ ସେ କଥା ବୁଝି ପାରିନି ସେ କଥା ନୁହେଁ । କିନ୍ତୁ ନିଜର ପୀଡ଼ିତ ମନ ଉପରେ ତାର ଦଖଲ ନଥିଲା । ତାର ଦିଦି ରାଣୀର ମଧ ଠିକ ସେଇ ଅବସ୍ଥା ଥିଲା । ତାର ମୃତ୍ୟୁ ଦିନ ପର୍ଯ୍ୟନ୍ତ ସେ ସଂସାରଟାକୁ ସହଜ ଭାବେ ଦେଖିବାକୁ ଚେଷ୍ଟା କରିଛି । କିନ୍ତୁ ସେମାନେ ଦୁଇଜଣ ବରାବର ଏଇ ଧାରଣା ନେଇ ଯାଇଛନ୍ତି ଯେ ସମସ୍ତ ସଂସାରଟା ମୂଳରୁ ଶେଷ ଯାଏ ସେମାନଙ୍କ ପ୍ରତି ଅକାରଣରେ ବିମୁଖ । ଛୋଟ ସଂସାର ଭିତରେ ଏକାନ୍ତ ଭାବରେ ଆସକ୍ତ ହେଇ ରହିଲେ ପ୍ରତିଟି ଛୋଟ ବ୍ୟଥା କଳ୍ପନାରେ ବଡ଼ ହୋଇ ଉଠେ । ଜୀବନରେତ କମ ଦୁଃଖ ପାଇ ନାହିଁ । କିନ୍ତୁ ଜୀବନର ଭୂମିକା ଯଦି ବ୍ୟକ୍ତିଗତ ଭଲ ମନ୍ଦର ପରିଧି ଭିତରେ ସଂକୀର୍ଣ୍ଣ ହୋଇ ରହି ଥାଆନ୍ତା, ତା ହେଲେ କେବଳ ମୋର ଦୁଃଖ ଯେ ବଢ଼ନ୍ତା ତା ନୁହେଁ ମୋ ମନ ମଧ ଅବିଚାର ପରାୟଣ ହେଇ ଉଠନ୍ତା । ମୋର ସାହିତ୍ୟିକ ଜୀବନରେ ଏ ଦୁର୍ଗତି ଘଟିଥିଲା-ଦେଶର ଲୋକଙ୍କ ସମ୍ପର୍କରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି । ଏହି ଅତ୍ୟୁକ୍ତିର ମୂଳ କାରଣ ମୋ ମନର ଅସ୍ୱାସ୍ଥ୍ୟ । ଏଥର ନବ ବର୍ଷରୁ ଚେଷ୍ଟା କରୁଛି ମନକୁ ପ୍ରକୃତିସ୍ଥ କରିବା ପାଇଁ । ବିରାଟ ଏଇ ମାନବ ବିଶ୍ୱ ଅତି ବୃହତ ତାର ସୁଖ ଦୁଃଖରେ, ତାର ଇତିହାସ ବିକ୍ଷୁବ୍ଧ । ମୁଁ ଯଦି ତା ସହିତ ମୋ ନିଜର ଇତିହାସ ମିଶାଇ ନ ପାରେଁ ତା ହେଲେ ଘର କୋଣରେ ବସି ନିଜକୁ କଷ୍ଟ ଦେବା ଓ ଅନ୍ୟମାନଙ୍କ ବିରୁଦ୍ଧରେ ନିଜେ କଣ୍ଟକିତ ହେବା ପରି ଲଜ୍ଜା

Digitized by srujanika@gmail.com

ଆଉ କିଛି ନାହିଁ । କେଇ ଦିନ ପାଇଁ ବା ଜନ୍ମିଛି । ଏଇ କେତୋଟି ଦିନ ଯଦି କେବଳ Sweetness and light ଭିତରେ ନିଜକୁ ଅବରୁଦ୍ଧ କରି ଯାଏଁ ତେବେ ଏ କ୍ଷତି ପୂରଣ ହେବ କେବେ ? ପ୍ରାଣ-ପଣ ସାଧନାରେ ଚେଷ୍ଟା କରିବି ବାକି କେତୋଟି ଦିନ ଜୀବନ ଉପରେ କ୍ଷମା ଓ ଧୈର୍ଯ୍ୟ ବିସ୍ତାର୍ଣ୍ଣ କରି ଯିବା ପାଇଁ । ଇତି ମଧ୍ୟରେ ଯେତେବେଳେ ଅତ୍ୟନ୍ତ ଅସୁସ୍ଥ ଥିଲି ସେତେବେଳେ ସମସ୍ତଙ୍କ ପ୍ରତି ନିଜର ଅକାରଣ ଅଧୈର୍ଯ୍ୟ ଓ ଅବିଚାରରେ ନିଜେ ହିଁ ଉଦ୍‌ବିଗ୍ନ ହୋଇ ଉଠିଥିଲି । ଆଉ ଯେପରି ଏପରି ନ ହୁଏ ତାହା ହିଁ ମୋର କାମନା । ବ୍ୟକ୍ତିଗତ ସଂସାରର ଗଣ୍ଡିରୁ ବାହାରି ଚାଲି ଯିବାକୁ ଚାହେଁ ବିରାଟ ଆଡ଼କୁ ।

। ଇତି ।

୧, ବୈଶାଖ, ୧୩୪୪ — ବାବା

୧୪ ଏପ୍ରିଲ ୧୯୩୭

❑

ଏହି ପତ୍ରର ଶେଷାଂଶର ବିଶ୍ୱ ଭାରତୀ ଚିଠିପତ୍ର ୪ରେ (ପୌଷ ୧୩୫୦/ପୃ-୧୬୧-୬୨) ପ୍ରକାଶିତ ।

ଚିଠି ନଂ-୧୦୪

ଓଁ

Uttarayan ,
Sanntiniketan,Bengal

ମୀରୁ,

ତୁ ପୁରୀ ଯିବା ସ୍ଥିର କରିଛୁ ଶୁଣି ନିଶ୍ଚିନ୍ତ ହେଲି । ଚିନ୍ତା ରହିଲା ଜ୍ୟୋତ୍ସ୍ନା ପାଇଁ । ସେଠି ତା ଦେହ କେମିତି ରହିବ ସେ କଥା ତ କହି ହେବନି । ଅନେକ ଚେଷ୍ଟାରେ ତାକୁ ସୁସ୍ଥ କରି ଆଣିଛି । ଜୀବନ ସହିତ ଭଲ ଭାବରେ ପରାମର୍ଶ କରି ଦେଖିବୁ ।

ଏଠାରୁ ଯିବାର ସମୟ ପାଖେଇ ଆସୁଛି । ମୋତେ ଠା ବଦଳ କରିବାକୁ ଭଲ ଲାଗେନା । ଅନ୍ୟମାନେ ଯଦି ବ୍ୟସ୍ତ ହୋଇ ନ ଉଠନ୍ତେ ତା ହେଲେ ଏହିଠାରେ ହିଁ ରହି ଯାଆନ୍ତେ । ହାୱା ବଦଳ ଠାରୁ ମୋର ବେଶି ଦରକାର ନିଭୃତ ବାସ । । ଇତି ।

୨୩.୪.୩୭ — ବାବା

❑

- ଜ୍ୟୋତ୍ସ୍ନା-ଶାନ୍ତି ନିକେତନର ପ୍ରାକ୍ତନ ଛାତ୍ରୀ
- ଜୀବନ-ଜୀବନମୟ ରାୟ-ଚକିତ୍ସକ । ଶାନ୍ତିନିକେତନର ପ୍ରାକ୍ତନ ଶିକ୍ଷକ ।

Digitized by srujanika@gmail.com

ଚିଠି ନଂ-୧୦୫

ଓଁ

ମୀରୁ,

ତୁମେ ସବୁ କେମିତି ଅଛ ? Silicia-200 ମୁଁ ଆସିବା ସମୟରେ ଦେଇ ଆସିଥିଲି । ସେଥିରେ କିଛି ଫଳ ପାଇଲୁ କି ନାହିଁ ଜାଣିବାକୁ ଚାହେଁ । ଯଦି ନପାଇଥାଉ ତେବେ ଆଉ ଏକ ସପ୍ତାହ ପରେ ପୁଣି ଗୋଟାଏ ଡୋଜ ଖାଇବୁ । Silicia-200 ତୋ ବାକ୍ସରେ ଅଛି କି ନାହିଁ ତା'ବି ବୁଝି ପାରିଲି ନାହିଁ । ମୁଁ କାଲି ଆସି ପହଞ୍ଚିଛି । କଲିକତାରେ ଦେହଭଲ ନଥିଲା । ଦେଖେଁ ଯଦି ଏଠାରେ ରହି ଉନ୍ନତି ହୁଏ ।

ଖୁବ୍ ସଂକ୍ଷେପରେ ତୁମମାନଙ୍କର ଖବର ଦେବୁ । ଦି' ଚାରି କଥାରେ । ଜାଣେଁ ତୁମମାନଙ୍କର ସମୟ ଅଳ୍ପ ।

ରଥିର କୌଣସି ଚିଠି ପାଇଛୁ କି ?

ଈଶ୍ୱର ତୋର ମଂଗଳ କରନ୍ତୁ । ।ଇତି ।

ବାବା

- ଚିଠିଟି ଶିଲାଇଦହ ଅଞ୍ଚଳରୁ ଲେଖା ଯାଇଥାଇ ପାରେ ।

❑

ଚିଠି ନଂ-୧୦୬

ଓଁ

ମୀରୁ,

ଆଜି ଏଇ ଟିକକ ଆଗରୁ ପାଡ଼ିସରରେ ପହଞ୍ଚି ତୋର ଚିଠି ପାଇଲି । କେତେଦିନ ଭିତରେ ଆସିଥିବା ଚିଠି ଗୁଡିକ ଜମା ହେଇ ରହିଛି । ସେ ସବୁର ଉତ୍ତର ଦେବାରେ ଆଜି ଦିନଟା କଟିଯିବ । ଜୋଡାସାଙ୍କୋରେ ତୋ ଶ୍ୱଶୁର ଘରର ସମସ୍ତଙ୍କୁ ଏକାଠି ନେଇ ରହିଚୁ ଶୁଣି ଖୁସି ହେଲି । ରୋଷେଇ ଇତ୍ୟାଦି କରିବାରେ ତୁମ୍ଭମାନଙ୍କର ନିଶ୍ଚୟ ଅସୁବିଧା ହେଉଥିବ । ପ୍ରଥମ ମହଲାରେ ରୋଷେଇ ଘରଟାରେ ମରାମତି କଣ ଆରମ୍ଭ ହେଇ ଯାଇଛି ? ମଝିରେ ମଝିରେ ଦୁଧ ଗରମ ବା ଅଳ୍ପ ସ୍ୱଳ୍ପ ରୋଷେଇ ପାଇଁ ତୁମେମାନେ ତିନି ମହଲାରେ ଥିବା ଉମାଚରଣ ଘରଟା ବ୍ୟବହାର କରି ପାର । କିନ୍ତୁ ସେଠାକୁ ପାଣି ବୋହିବା କଷ୍ଟକର କଥା । ପାଣି ବୋହିବା ପାଇଁ ଯଦି ଗୋଟାଏ ଲୋକ ଥାଏ ତେବେ ସେଠାରେ ରୋଷେଇ କରିବାକୁ ନିହାତି ଅସୁବିଧା ହେବନାହିଁ ।

ବୋଲପୁରରୁ ଖବର ପାଇଛି ତୋର ଦିଦି ସେଠାକାର ପିଲାମାନଙ୍କୁ ନେଇ ଖୁବ୍ କାମରେ ଲାଗି ଯାଇଛି । ଶୁଣି ମୁଁ ଭାରି ଖୁସି ହୋଇଛି । ତୋର ମାମୁଁ ଲେଖିଛନ୍ତି ପକ୍କା ଗୃହିଣୀ ଅପେକ୍ଷା ବେଲା ଅନେକ ସ୍ଥିର ବୁଦ୍ଧି ସହିତ ସେଠାକାର କାମ ତୁଲାଉଛି । ତୋ ଦେହ ସାମାନ୍ୟ ଖରାପ

Digitized by srujanika@gmail.com

ହେଲେ ଅମରନାଥ କୁ ଡକେଇ ଚିକିତ୍ସାର ବ୍ୟବସ୍ଥା କରିବୁ । ହେଳା କରିବୁନି । ଶୁଣୁଛି ସତ୍ୟ ଦିନେ ଦି'ଦିନ ମଧ୍ୟରେ ହିଁ କଲିକତା ଆସିବେ ।

ଈଶ୍ୱର ତୁମ୍ଭମାନଙ୍କର ମଂଗଳ କରନ୍ତୁ । । ଇତି ।

ବାବା

ପୁଣି-ବିଲାତରୁ ମୋ ନାମରେ ଚିଠି ଆସିଲେ ତୁ ପଢ଼ି ବେଲାକୁ ପଠାଇ ଦେବୁ । ଯଦୁ ଚାଟୁଯ୍ୟେ ଙ୍କୁ କହି ରଖିବୁ, ନଚେତ୍ ସେମାନେ ତୋତେ ନ ଦେଇ ବୋଲପୁର ପଠେଇ ଦେବେ ।

❑

- ୧୯୧୦ ମସିହା ପାଖା ପାଖି କୌଣସି ଏକ ସମୟରେ ଚିଠିଟି ଲେଖା । ବଡ଼ ଝିଅ ବେଲା ଏହି ସମୟରେ ଶାନ୍ତି ନିକେତନରେ ଥିଲେ ।

ଚିଠି ନଂ-୧୦୭

ଓଁ

ମୀରୁ,

ଗୋଟିଏ ଝୁଡି ଆମ୍ବ ପଠାଇଲି । ମୋ ଖାସ୍ ବଗିଚାର । ନିଜେ ଖାଇବୁ-କିଛି ପାରୁଲକୁ ଦେବୁ ଏବଂ ମିନିକୁ ଡାକି ଦିନେ ସାଙ୍ଗମାନଙ୍କ ସହିତ ଫଳାହାର କରିବୁ ।

ଗତ କେତେଦିନ ଧରି ପ୍ରାଣାନ୍ତକ ଗରମ । କେଉଁଠି ହେଲେ ଶାନ୍ତି ନାହିଁ । ତୁମମାନଙ୍କର ବରାନଗରର ଆବହାୱା ଏହାଠାରୁ ଭଲ ହେବ ବୋଲି ମନେ ହୁଏନା । ନିଶ୍ଚୟ ଏଠିକା ପରି ।

ଝାଳେଇ ଯାଉଛି ଆଉ 'ଆହା ଉହୁ' କହୁଛି । ସବୁଠାରୁ ଆରାମରେ ଅଛି ବନମାଳୀ । ସେ ଥାଏ ବୋଟ୍‌ର ଛାତ ଉପରେ । । ଇତି ।

ବାବା

❑

- ମୀରାଦେବୀ ବରାନଗରରେ, ରବୀନ୍ଦ୍ରନାଥ ଚନ୍ଦନ ନଗରରେ ଗଙ୍ଗା ନଦୀରେ ବୋଟ୍ ଉପରେ ଥିଲେ । ପାରୁଲ ଦେବୀଙ୍କୁ ଲେଖା ରବୀନ୍ଦ୍ରନାଥଙ୍କର ୯ଜ୍ୟେଷ୍ଠ ୧୩୪୨ (୨୩ମେ ୧୯୩୫) ର ପତ୍ର ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ।
- ପାରୁଲ-ବରାନଗରର ପାରୁଲ ରାୟ (୧୯୧୫-୧୯୮୧) ରଂଜିତ୍ ଲାହିରୀଙ୍କ ବଡ଼ ଭଉଣୀ, ଶରତ ଚନ୍ଦ୍ର ଲାହିଲୀଙ୍କ କନ୍ୟା ଏବଂ ଦୀନେଶ ଚନ୍ଦ୍ର ରାୟଙ୍କ ପତ୍ନୀ ।
- ବନମାଳୀ-ପରିଚାରକ ।

❑❑

Digitized by srujanika@gmail.com

ଚିଠି ନଂ-୧୦୫

ଓଁ

ମୀରୁ,

ତୁମେ ସବୁ କେମିତି ଅଛ ? Silicia-200 ମୁଁ ଆସିବା ସମୟରେ ଦେଇ ଆସିଥିଲି । ସେଥିରେ କିଛି ଫଳ ପାଇଲୁ କି ନାହିଁ ଜାଣିବାକୁ ଚାହେଁ । ଯଦି ନପାଇଥାଉ ତେବେ ଆଉ ଏକ ସପ୍ତାହ ପରେ ପୁଣି ଗୋଟାଏ ଡୋଜ ଖାଇବୁ । Silicia-200 ତୋ ବାକ୍ସରେ ଅଛି କି ନାହିଁ ତା'ବି ବୁଝି ପାରିଲି ନାହିଁ । ମୁଁ କାଲି ଆସି ପହଞ୍ଚିଛି । କଲିକତାରେ ଦେହଭଲ ନଥିଲା । ଦେଖେଁ ଯଦି ଏଠାରେ ରହି ଉନ୍ନତି ହୁଏ ।

ଖୁବ୍ ସଂକ୍ଷେପରେ ତୁମମାନଙ୍କର ଖବର ଦେବୁ । ଦି' ଚାରି କଥାରେ । ଜାଣେଁ ତୁମମାନଙ୍କର ସମୟ ଅଳ୍ପ ।

ରଥିର କୌଣସି ଚିଠି ପାଇଛୁ କି ?

ଈଶ୍ୱର ତୋର ମଂଗଳ କରନ୍ତୁ । ।ଇତି ।

- ଚିଠିଟି ଶିଳାଇଦହ ଅଞ୍ଚଳରୁ ଲେଖା ଯାଇଥାଇ ପାରେ । ବାବା

❑

ଚିଠି ନଂ-୧୦୬

ଓଁ

ମୀରୁ,

ଆଜି ଏଇ ଟିକକ ଆଗରୁ ପାଡିସରରେ ପହଞ୍ଚି ତୋର ଚିଠି ପାଇଲି । କେତେଦିନ ଭିତରେ ଆସିଥିବା ଚିଠି ଗୁଡିକ ଜମା ହେଇ ରହିଛି । ସେ ସବୁର ଉତ୍ତର ଦେବାରେ ଆଜି ଦିନଟା କଟିଯିବ । ଜୋଡାସାଙ୍କୋରେ ତୋ ଶ୍ୱଶୁର ଘରର ସମସ୍ତଙ୍କୁ ଏକାଠି ନେଇ ରହିଚୁ ଶୁଣି ଖୁସି ହେଲି । ରୋଷେଇ ଇତ୍ୟାଦି କରିବାରେ ତୁମ୍ଭମାନଙ୍କର ନିଶ୍ଚୟ ଅସୁବିଧା ହେଉଥିବ । ପ୍ରଥମ ମହଲାରେ ରୋଷେଇ ଘରଟାରେ ମରାମତି କଣ ଆରମ୍ଭ ହେଇ ଯାଇଛି ? ମଝିରେ ମଝିରେ ଦୁଧ ଗରମ ବା ଅଳ୍ପ ସ୍ୱଳ୍ପ ରୋଷେଇ ପାଇଁ ତୁମେମାନେ ତିନି ମହଲାରେ ଥିବା ଉମାଚରଣ ଘରଟା ବ୍ୟବହାର କରି ପାର । କିନ୍ତୁ ସେଠାକୁ ପାଣି ବୋହିବା କଷ୍ଟକର କଥା । ପାଣି ବୋହିବା ପାଇଁ ଯଦି ଗୋଟାଏ ଲୋକ ଥାଏ ତେବେ ସେଠାରେ ରୋଷେଇ କରିବାକୁ ନିହାତି ଅସୁବିଧା ହେବନାହିଁ ।

ବୋଲପୁରରୁ ଖବର ପାଇଛି ତୋର ଦିଦି ସେଠାକାର ପିଲାମାନଙ୍କୁ ନେଇ ଖୁବ୍ କାମରେ ଲାଗି ଯାଇଛି । ଶୁଣି ମୁଁ ଭାରି ଖୁସି ହୋଇଛି । ତୋର ମାମୁଁ ଲେଖିଛନ୍ତି ପକ୍କା ଗୃହିଣୀ ଅପେକ୍ଷା ବେଲା ଅନେକ ସ୍ଥିର ବୁଦ୍ଧି ସହିତ ସେଠାକାର କାମ ତୁଲାଉଛି । ତୋ ଦେହ ସାମାନ୍ୟ ଖରାପ

Digitized by srujanika@gmail.com

ହେଲେ ଅମରନାଥ କୁ ଡକେଇ ଚିକିତ୍ସାର ବ୍ୟବସ୍ଥା କରିବୁ । ହେଳା କରିବୁନି । ଶୁଣୁଛି ସତ୍ୟ ଦିନେ ଦୁ'ଦିନ ମଧ୍ୟରେ ହିଁ କଲିକତା ଆସିବେ ।

ଈଶ୍ୱର ତୁମ୍ଭମାନଙ୍କର ମଂଗଳ କରନ୍ତୁ । ।ଇତି।

ବାବା

ପୁଣି-ବିଲାତରୁ ମୋ ନାମରେ ଚିଠି ଆସିଲେ ତୁ ପଢ଼ି ବେଲାକୁ ପଠାଇ ଦେବୁ । ଯଦୁ ଚାଟୁଯ୍ୟେ କୁ କହି ରଖିବୁ, ନଚେତ୍ ସେମାନେ ତୋତେ ନ ଦେଇ ବୋଲପୁର ପଠେଇ ଦେବେ ।

❑

- ୧୯୧୦ ମସିହା ପାଖା ପାଖି କୌଣସି ଏକ ସମୟରେ ଚିଠିଟି ଲେଖା । ବଡ଼ ଝିଅ ବେଲା ଏହି ସମୟରେ ଶାନ୍ତି ନିକେତନରେ ଥିଲେ ।

ଚିଠି ନଂ-୧୦୭

ଓଁ

ମୀରୁ,

ଗୋଟିଏ ଝୁଡି ଆମ୍ବ ପଠାଇଲି । ମୋ ଖାସ୍ ବଗିଚାର । ନିଜେ ଖାଇବୁ-କିଛି ପାରୁଲକୁ ଦେବୁ ଏବଂ ମିନିକୁ ଡାକି ଦିନେ ସାଙ୍ଗମାନଙ୍କ ସହିତ ଫଳାହାର କରିବୁ ।

ଗତ କେତେଦିନ ଧରି ପ୍ରାଣାନ୍ତକ ଗରମ । କେଉଁଠି ହେଲେ ଶାନ୍ତି ନାହିଁ । ତୁମମାନଙ୍କର ବରାନଗରର ଆବହାୱା ଏହାଠାରୁ ଭଲ ହେବ ବୋଲି ମନେ ହୁଏନା । ନିଶ୍ଚୟ ଏଠିକା ପରି ।

ଝାଳେଇ ଯାଉଛି ଆଉ 'ଆହା ଉହୁ' କହୁଛି । ସବୁଠାରୁ ଆରାମରେ ଅଛି ବନମାଳୀ । ସେ ଥାଏ ବୋଟ୍‌ର ଛାତ ଉପରେ । ।ଇତି।

ବାବା

❑

- ମୀରାଦେବୀ ବରାନଗରରେ, ରବୀନ୍ଦ୍ରନାଥ ଚନ୍ଦନ ନଗରରେ ଗଙ୍ଗା ନଦୀରେ ବୋଟ୍ ଉପରେ ଥିଲେ । ପାରୁଲ ଦେବୀଙ୍କୁ ଲେଖା ରବୀନ୍ଦ୍ରନାଥଙ୍କର ୯ଜ୍ୟେଷ୍ଠ ୧୩୪୨ (୨୩ମେ ୧୯୩୫) ର ପତ୍ର ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ।
- ପାରୁଲ-ବରାନଗରର ପାରୁଲ ରାୟ (୧୯୧୫-୧୯୮୧) ରଂଜିତ୍ ଲାହିରୀଙ୍କ ବଡ଼ ଭଉଣୀ, ଶରତ ଚନ୍ଦ୍ର ଲାହିଡ଼ୀଙ୍କ କନ୍ୟା ଏବଂ ଦୀନେଶ ଚନ୍ଦ୍ର ରାୟଙ୍କ ପତ୍ନୀ ।
- ବନମାଳୀ-ପରିଚାରକ ।

❑❑

Digitized by srujanika@gmail.com